ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮/୨୦୨୩ (୧୮ ପୃଷ୍ଠା) Bhubaneswar, Friday, August 18/2023 Page 18 ₹ 7.00

୪୯ଶ ଭାଗ ୨୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 263 ମୂଲ୍ୟ ₹୭/-

ସୁମାରିୱାଲା ଡବ୍ଲ୍ୟୁଏ ଉପ ସଭାପତି

ଭାରତର ଆଦିଲ ସୁମାରିୱାଲା ୱାର୍ଲ୍ଡ ଆଥଲେଟିକ୍ସ (ଡବ୍ଲ୍ୟୁଏ)ର ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୪

୧୨

ନିର୍ଦ୍ଦେଶନା ଦେବେ ଦିଶା

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ଅଭିନୟ ପରେ ଏବେ ଏକ ମ୍ୟୁଜିକ ଭିଡିଓ 'କ୍ୟୁ କରୁ ଫିକର'ରେ ନିର୍ଦ୍ଦେଶନା ଦେବେ ବୋଲି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

ଡେଙ୍ଗୁ ମୁକାବିଲା ବିଫଳ

ଆକ୍ରାନ୍ତଙ୍କ ସଂଖ୍ୟା ୨୧ଶହ ଟପିଲା

ଭୁବନେଶ୍ୱର,୧୭।୮(ଅଭିଜିତ ଦାସ)

ରାଜ୍ୟରେ କ୍ଷିପ୍ର ବେଗରେ ବ୍ୟାପୁଛି ଡେଙ୍ଗୁ। ହୁହୁ ହୋଇ ବଢ଼ି ଚାଲିଛି ସଂକ୍ରମଣ। ପ୍ରତିବର୍ଷ ପରି ଏବର୍ଷ ଡେଙ୍ଗୁ ମୁକାବିଲା ଲାଗି ମୌସୁମୀ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ସହ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ସବୁକିଛି ବିଫଳ ହୋଇଛି। ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ହଜାର ଟପିଯାଇଥିବାବେଳେ ଖୋର୍ଦ୍ଧା ଜିଲା ପୂର୍ବଭଳି ହଟସ୍ପଟ୍ ପାଲଟିଛି। ଏଠାରେ ରାଜ୍ୟର ସର୍ବାଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଅଗଷ୍ଟ ୧୬ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୩୩ ହଜାର ୭୦୩ ରକ୍ତ ନମୁନା ପରୀକ୍ଷଣ ହୋଇଥିବାବେଳେ ସେଥିରୁ ୨ ହଜାର ୧୧୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ ୧୭ ହଜାର ୩୬୨ ରକ୍ତ ନମୁନାରୁ ୧ହଜାର ୪୪୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ଅର୍ଥାତ୍ ଚଳିତ ବର୍ଷ ୬୭୦ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲାର ସର୍ବାଧିକ ୧୧୫୫ ଡେଙ୍ଗୁ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୧୭୯, ପୁରୀରେ ୧୫୦, କଟକରେ ୧୨୫ ଓ ଗଞ୍ଜାମ ଜିଲାରେ ୧୦୧ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଅନ୍ୟ ୧୪ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ତଳକୁ ରହିଛି। ଶେଷ ୧୦ଦିନ ମଧ୍ୟରେ ୨ ଜିଲାରୁ କୌଣସି ନୂଆ ଆକ୍ରାନ୍ତ ବାହାରିନାହାନ୍ତି। ତେବେ ଉଦ୍‌ବେଗର ବିଷୟ ହେଉଛି, ଖୋର୍ଦ୍ଧା ଜିଲାରେ ଚିହ୍ନଟ ୧୧୫୫ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟରୁ

- ଖୋର୍ଦ୍ଧାରୁ ଚିହ୍ନଟ ୧୧୫୫ ରୋଗୀଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୯୦%
- ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି ତଥ୍ୟରେ ତାଳମେଳ ରହୁନି

ପାଖାପାଖି ୯୦ ପ୍ରତିଶତ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରୁ ବାହାରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ବିଏମ୍‌ସି ପକ୍ଷରୁ ଡେଙ୍ଗୁ ମୁକାବିଲା ଲାଗି ବାରମ୍ବାର ବୈଠକ ବସିବା ସହ ବହୁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ସହରରେ ଡେଙ୍ଗୁ ସଂକ୍ରମଣ କମିବା ବଦଳରେ ବଢ଼ି ଚାଲିଛି। ପୁଣି ଡେଙ୍ଗୁ ତଥ୍ୟରେ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ତାଳମେଳ ରହୁ ନ ଥିବା ଦେଖାଯାଉଛି। ବିଭାଗୀୟ ତଥ୍ୟରେ ଖୋର୍ଦ୍ଧାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫୫ ଥିବାବେଳେ ବିଏମ୍‌ସି ତଥ୍ୟରେ ୧୪୨୭ ଆକ୍ରାନ୍ତ ବୋଲି ଉଲ୍ଲେଖ ରହିଛି। ☞ପୃଷ୍ଠା–୨

ଆନନ୍ଦ ଚନ୍ଦ୍ର ବେହେରା, ଶିବଶଙ୍କର ମିଶ୍ର ହେବେ ହାଇକୋର୍ଟ ବିଚାରପତି



ଆନନ୍ଦ ଚନ୍ଦ୍ର ବେହେରା

ଶିବ ଶଙ୍କର ମିଶ୍ର

କଟକ,୧୭।୮(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟରେ ନୂଆ ବିଚାରପତି ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟ କଲେଜିୟମ୍ ଗୁରୁବାର ୨ ଜଣଙ୍କ ନାମ ସୁପାରିସ କରିଛନ୍ତି। ସେମାନେ ହେଲେ ଆଇନଜୀବୀ ଶିବଶଙ୍କର ମିଶ୍ର ଓ ଜୁଡିସିଆଲ ଅଫିସର ଆନନ୍ଦ ଚନ୍ଦ୍ର ବେହେରା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି. ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୟ କିଶାନ କୌଲ ଏବଂ ସଞ୍ଜୀବ୍ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ଏହି ଦୁଇଜଣଙ୍କ ନାମ ସୁପାରିସ କରିଛନ୍ତି। ଆଇନଜୀବୀ ଶିବଶଙ୍କର ମିଶ୍ର ୧୯୯୧ ଡିସେମ୍ବର ୭ରେ ☞ପୃଷ୍ଠା–୨

ଧର୍ମନିରପେକ୍ଷତା ପ୍ରତି ୟୁସିସି ବିପଦ

ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୦୨ ଗୁଜରାଟ ଦଙ୍ଗା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ମୁସଲିମ୍ ମହିଳା ବିଲ୍‌କିସ୍ ବାନୋ ଗଣବଳାତ୍କାରର ଶିକାର ହୋଇଥିଲେ। ତାଙ୍କୁ ବଳାତ୍କାର କରି ଦୋଷୀ ସାବ୍ୟସ୍ତ ହେବା ପରେ ଜେଲଦଣ୍ଡ ଭୋଗୁଥିବା ୧୧ ଜଣଙ୍କ ଆଗୁଆ ମୁକ୍ତି ପାଇଁ ୨୦୨୨ରେ ମୋଦି ସରକାର ବ୍ୟବସ୍ଥା କରିଥିବା ପ୍ରଧାନମନ୍ତ୍ରୀଙ୍କ ସମାଲୋଚକମାନେ ଅଭିଯୋଗ ଆଣିଛନ୍ତି। ସମାଲୋଚକଙ୍କ ମତରେ ଶାସକ ଭାଜପା ଏକକ ଦେୱାନୀ ସଂହିତା ନାମରେ ମୁସଲମାନ ମହିଳାମାନଙ୍କୁ ନେଇ କୁମ୍ଭୀର କାନ୍ଦଣା କରୁଛି। ଅନ୍ୟପକ୍ଷେ ୟୁସିସିରେ ସମାନତା ରହିଲେ ମୁସଲମାନ ମହିଳାମାନେ ସମ୍ପୂର୍ଣ୍ଣ ଭାବେ ଲିଙ୍ଗଗତ ନ୍ୟାୟ୍ ପାଇପାରିବେ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମତ ଦିଅନ୍ତି।



ନୂଆଦିଲ୍ଲୀ,୧୭।୮

ଭାରତରେ ପରବର୍ତ୍ତୀ ସରକାର ଗଠନ ହେବାର ୧୦ ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ଏକ ଦୀର୍ଘକାଳୀନ ଅଭିଯାନ ଉପରେ ପୁଣି ଜୋର୍ ଦେଇଛି। ବିବିଧତାପୂର୍ଣ୍ଣ ଏହି ଦେଶରେ ସମାନତା ଏକ ବିବାଦୀୟ ପ୍ରସଙ୍ଗ ରହିଆସିଥିବାବେଳେ ନାଗରିକମାନଙ୍କ ବ୍ୟକ୍ତିଗତ ବ୍ୟାପାର ସମ୍ପର୍କିତ ଆଇନ ପ୍ରଣୟନକୁ ନେଇ ବହୁ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତରେ ସଂଖ୍ୟାବହୁଳ ହିନ୍ଦୁ (୯୬୬ ନିୟୁତ) ଏବଂ ସଂଖ୍ୟାଲଘୁ ମୁସଲମାନ (୨୧୩ ନିୟୁତ) ଓ ଖ୍ରୀଷ୍ଟିଆନ (୨୬ ନିୟୁତ) ବସବାସ କରନ୍ତି। ଆଦିବାସୀ ସମ୍ପ୍ରଦାୟର ଜନସଂଖ୍ୟା ହେଉଛି ୧୦୪ ନିୟୁତ। ଏମାନେ ନିଜ ନିଜ ଦେୱାନୀ ଧର୍ମ ଓ ସଂସ୍କୃତି ପ୍ରଭାବିତ ନାଗରିକ ଆଇନ ଦ୍ୱାରା ପରିଚାଳିତ ହେଉଥିଲେ ହେଁ ସମସ୍ତଙ୍କ କ୍ଷେତ୍ରରେ ଗୋଟିଏ ଆପରାଧିକ ଆଇନ ଲାଗୁ ହୋଇଥାଏ।

ଦେଶରେ ଏକକ ଦେୱାନୀ ସଂହିତା (ୟୁସିସି) ଲାଗୁ କରିବାକୁ କିଛି ସପ୍ତାହ ତଳେ ମୋଦି ବ୍ୟକ୍ତିଗତ ଭାବେ ଜୋର୍ ଦେଇଥିଲେ। ୟୁସିସି କାର୍ଯ୍ୟକାରୀ ହେଲେ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର, ପୋଷ୍ୟ, ଅଭିଭାବକତ୍ୱ ଏବଂ ଜମି ଓ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବ୍ୟକ୍ତିଗତ ଆଇନଗୁଡ଼ିକ ସ୍ୱତଃ ଉଚ୍ଛେଦ ହୋଇଯିବ। ଜୁନ୍‌ରେ ମୋଦି ଭାଜପା କର୍ମୀଙ୍କୁ ସମ୍ବୋଧିତ କରି କହିଥିବା କଥାକୁ ୟୁସିସି ସମର୍ଥକମାନେ ଉଦ୍ଧୃତ କରୁଛନ୍ତି। ସେମାନଙ୍କ ମତରେ ଆଧୁନିକ ରାଷ୍ଟ୍ରରେ 'ଦ୍ୱୈତ ଆଇନ' ଅନାବଶ୍ୟକ। ବ୍ୟକ୍ତିଗତ ଆଇନଗୁଡ଼ିକରେ ଲିଙ୍ଗଗତ ବୈଷମ୍ୟକୁ ଶେଷ କରିବା ଦିଗରେ ୟୁସିସି ଏକ ବଳିଷ୍ଠ ପଦକ୍ଷେପ ହେବ। ଭାଜପା ନିର୍ଦ୍ଦିଷ୍ଟ ଭାବେ ଭାରତରେ ମୁସଲିମ୍ ପର୍ସନାଲ ଲ'କୁ ମହିଳା ବିରୋଧୀ ଆଖ୍ୟା ଦେଇଆସିଥିବାବେଳେ ଆକ୍ଟିଭିଷ୍ଟମାନେ ପ୍ରାୟ ସବୁ ସମ୍ପ୍ରଦାୟର ଲୋକେ ଅନୁସରଣ କରୁଥିବା ନାଗରିକ ଆଇନରେ ମହିଳାଙ୍କ ସହ ପକ୍ଷପାତିତା କରାଯାଇଥିବା କୁହନ୍ତି। ୟୁସିସିକୁ ଏହାର ସମର୍ଥକମାନେ ଜାତୀୟ ସଂହତି ପାଇଁ ସହାୟକ ହେବ ବୋଲି କହିଥାନ୍ତି। କିନ୍ତୁ ୟୁସିସିର ରୂପରେଖ କିପରି ହେବ ସେନେଇ ମୋଦି ସରକାର ଏଯାଏ କୌଣସି ଚିଠା ଜାରି କରିନାହାନ୍ତି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସଂଖ୍ୟାଲଘୁଙ୍କୁ ନ୍ୟୂନ କରିବା ପାଇଁ ମୋଦି ସରକାର ୟୁସିସିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ୟୁସିସି ଲାଗୁ ହେଲେ ଧର୍ମୀୟ ସଂଖ୍ୟାଲଘୁ ଓ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସମ୍ବିଧାନ ପ୍ରଦତ୍ତ ଧାର୍ମିକ ତଥା ସାଂସ୍କୃତିକ ଅଧିକାର ହରାଇବା ନେଇ ଆଶଙ୍କା କରୁଛନ୍ତି। କାରଣ ୨୦୧୪ରେ ମୋଦି ସରକାର କ୍ଷମତାସୀନ ହେବା ପରଠୁ ଦେଶର ବିଭିନ୍ନ ଭାଗରେ ଧର୍ମୀୟ ଓ ଜାତିଆଣ ବୈଷମ୍ୟଜନିତ ବିଭାଜନ ବଢ଼ିବାରେ ଲାଗିଥିବାରୁ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଦେଖିବାକୁ ଗଲେ ସଂଖ୍ୟାଲଘୁ ମୁସଲମାନଙ୍କ ଉପରେ ହିନ୍ଦୁଙ୍କ ଆକ୍ରମଣ ଘଟଣା ବଢ଼ିଛି।

କେନ୍ଦ୍ର ସରକାରଙ୍କୁ ଆଇନ ସଂସ୍କାର ଉପରେ ପରାମର୍ଶ ଦେଉଥିବା ଭାରତର ଲ' କମିଶନ ଇତିମଧ୍ୟରେ ଧର୍ମୀୟ ସଙ୍ଗଠନଗୁଡ଼ିକ ସମେତ ବିଭିନ୍ନ ପକ୍ଷଙ୍କଠାରୁ ୟୁସିସି ଉପରେ ୭.୫ ନିୟୁତରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଗ୍ରହଣ କରିଛନ୍ତି। ନିର୍ବାଚନ ପୂର୍ବରୁ ଯାହା ବିତର୍କର ଏକ ପ୍ରମୁଖ ପ୍ରସଙ୍ଗ ହୋଇପାରେ, ତାହା ହେଉଛି ୟୁସିସି ଲାଗୁ ହେଲେ ଭାରତର ଧର୍ମନିରପେକ୍ଷତା ଦୁର୍ବଳ ହୋଇଯିବ କି? ରାଜନୀତି ବିଜ୍ଞାନୀମାନେ ଯୁକ୍ତି ବାଢ଼ନ୍ତି, ବ୍ୟକ୍ତିଗତ ଆଇନଗୁଡ଼ିକରେ ଉନ୍ନତି ଅଣାଯିବାର ଆବଶ୍ୟକତା ରହିଥିବାବେଳେ ୟୁସିସି ପାଇଁ ନିଆଯାଉଥିବା ପଦକ୍ଷେପ ସହମତିଭିତ୍ତିକ ହେବା ଉଚିତ। ଏପରି ନ ହେଲେ ରାଜନୈତିକ ଉଦ୍ଦେଶ୍ୟରେ ଏହି ପ୍ରସ୍ତାବ ଅଣାଯାଇଛି ବୋଲି ଧରାଯିବ ଏବଂ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହାର ପରିଣାମ ବିପଜ୍ଜନକ ହୋଇପାରେ। ଉଦାହରଣ ସ୍ୱରୂପ ଅନ୍ୟ କେତେକ ରାଷ୍ଟ୍ରକୁ ବିଚାରକୁ ନିଆଯାଇପାରେ। ୧୮୦୪ରେ ଫ୍ରାନ୍ସରେ ଅନେକ ଶହ ସ୍ଥାନୀୟ ଆଇନକୁ ଉଚ୍ଛେଦକରି ନାଗରିକମାନଙ୍କ ପାଇଁ ଏକ ଦେୱାନୀ ଆଇନ ପ୍ରଣୟନ କରାଯାଇଥିଲା। ଇଟାଲୀ, ସ୍ପେନ୍, ଜର୍ମାନୀ, ପର୍ତ୍ତୁଗାଲ, ଆୟରଲାଣ୍ଡ, ଇଜିପ୍ଟ ଓ ତୁର୍କୀ ଭଳି ରାଷ୍ଟ୍ରରେ ସାଧାରଣ ବ୍ୟକ୍ତିଗତ ଆଇନ ପ୍ରଚଳିତ। ଆମେରିକାର ବିଭିନ୍ନ ରାଜ୍ୟରେ ସ୍ଥାନୀୟ ଆଇନ ଲାଗୁ କରାଯାଇପାରେ। କିନ୍ତୁ ସୁପ୍ରିମକୋର୍ଟ ୨୦୨୫ରେ ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ କରିବା ଭଳି ଦେଶବ୍ୟାପୀ ଗୋଟିଏ ଆଇନର କାର୍ଯ୍ୟକାରୀ କରାଇପାରନ୍ତି।

ଅତୀତରେ ଭାରତରେ ମଧ୍ୟ ବ୍ୟକ୍ତିଗତ ଆଇନଗୁଡ଼ିକୁ ନେଇ ଅନେକ ବିତର୍କ ହୋଇଛି। ଜାତିଗତ ବୈଷମ୍ୟକୁ ଶେଷ କରିବା ଏବଂ ମହିଳାଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଏକ ଡ୍ରାଫ୍ଟ ହିନ୍ଦୁ କୋଡ୍ ବିଲ୍ ୧୯୪୭ରେ ବ୍ରିଟିଶ ଇଣ୍ଡିଆର ସେଣ୍ଟ୍ରାଲ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିରେ ଆଗତ କରାଯାଇଥିଲା। ପରେ ୧୯୪୮ରେ ସ୍ୱାଧୀନ ଭାରତର ସମ୍ବିଧାନ ସଭାରେ ଏହାକୁ ଆଗତ କରାଯାଇଥିଲା। ବର୍ତ୍ତମାନ ଲିଙ୍ଗଗତ ସମାନତା ପାଇଁ ଓକିଲାତି କରୁଥିବା ଭାଜପାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ନେତୃତ୍ୱରେ ହିନ୍ଦୁ ଜାତୀୟତାବାଦୀମାନେ ୟୁସିସି ସପକ୍ଷରେ ଯୁକ୍ତି ବାଢୁଛନ୍ତି। ସେମାନେ ସେହି ସମୟରେ ହିନ୍ଦୁ କୋଡ୍ ବିଲ୍‌କୁ ହିନ୍ଦୁ ସମାଜ ପାଇଁ 'ଆଟମ୍ ବମ୍' ବା ପରମାଣୁ ବୋମା ଭାବେ ଅଭିହିତ କରି ବିରୋଧ କରିଥିଲେ। ୧୯୮୪ରେ ୟୁସିସି ଉପରେ ସ୍ୱାଧୀନ ଭାରତର ନୂଆ ସମ୍ବିଧାନ ପାଇଁ ଉଦ୍ଦିଷ୍ଟ ଚିଠା କମିଟି ଆଲୋଚନା କରିବା ସମୟରେ ଜଣେ ସଦସ୍ୟ ଯୁକ୍ତି ବାଢ଼ିଥିଲେ ଯେ, ଏହା ଦେଶର ଏକତା ଏବଂ ପ୍ରସ୍ତାବିତ ସମ୍ବିଧାନର ନିରପେକ୍ଷ ବିଶ୍ୱସନୀୟତାକୁ ବଜାୟ ରଖିବ। ମୁସଲମାନ ସଦସ୍ୟମାନେ ସେମାନଙ୍କ ଧର୍ମୀୟ ସ୍ୱାଧୀନତାରେ ହସ୍ତକ୍ଷେପ ହେବା ଆଶଙ୍କା କରି ଏହାକୁ ବିରୋଧ କରିଥିଲେ। କିନ୍ତୁ ବିନା ଏକକ ଦେୱାନୀ ସଂହିତାରେ ମହିଳାମାନଙ୍କ ଅଧିକାର ସୁରକ୍ଷିତ ହୋଇପାରିବ ନାହିଁ ବୋଲି ଯୁକ୍ତି କରାଯିବାରୁ ସେମାନେ ପଛଘୁଞ୍ଚା ଦେଇଥିଲେ। ଶେଷରେ ୟୁସିସି ପ୍ରଣୟନ ପ୍ରସ୍ତାବକୁ ସମ୍ବିଧାନର ଡିରେକ୍ଟିଭ୍ ପ୍ରିନ୍ସିପୁଲ୍ସରେ ସନ୍ନିବେଶିତ କରାଯାଇଥିଲା। ଅର୍ଥାତ୍ ରାଷ୍ଟ୍ର ତତ୍କାଳ ୟୁସିସି ଆଣିବାକୁ ବାଧ୍ୟ ନୁହେଁ ଏବଂ ସବୁ ସମ୍ପ୍ରଦାୟର ସହମତି ଭିତ୍ତିରେ ପରବର୍ତ୍ତୀ ସମୟରେ ୟୁସିସି ଅଣାଯାଇପାରେ ବୋଲି ଏଥିରେ କୁହାଯାଇଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା କ୍ଷମତାକୁ ଆସିଲେ ୟୁସିସି ଆଣିବା ନେଇ ନିଜ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ୨୦୧୮ରେ ଲ' କମିଶନ ୟୁନିଫର୍ମ ସିଭିଲ୍ କୋଡ୍‌କୁ 'ଅଣଜରୁରୀ ଓ ଅବାଞ୍ଛନୀୟ' ଦର୍ଶାଇ କହିଥିଲେ, ଧର୍ମନିରପେକ୍ଷତା ଦେଶରେ ପ୍ରଚଳିତ ବହୁଳବାଦର ବିରୁଦ୍ଧାଚରଣ କରିପାରିବ ନାହିଁ।

(ସୌଜନ୍ୟ: ଅଲ୍‌ଜଜିରା)

ସଂକ୍ଷେପରେ

୨ ଝିଅଙ୍କୁ ବଳାତ୍କାର ବାପାଙ୍କୁ ୭୦୨ ବର୍ଷ ଜେଲ୍

କ୍ୱାଲାଲୁମ୍ପୁର,୧୭।୮: ନିଜର ଦୁଇ ନାବାଳିକା ଝିଅଙ୍କୁ ବଳାତ୍କାର ଅଭିଯୋଗରେ କୋର୍ଟ ଜଣେ ମାଲେସୀୟଙ୍କୁ ୭୦୨ ବର୍ଷ ଜେଲ ସହ ୨୩୪ ବେତ ପାହାର ଦଣ୍ଡାଦେଶ ଶୁଣାଇଛନ୍ତି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ତଥ୍ୟ ଅନୁସାରେ ୫୩ ବର୍ଷୀୟ ଅଭିଯୁକ୍ତ ଜଣଙ୍କ ୨୦୧୮ରୁ ୨୦୨୩ ମଧ୍ୟରେ ଦୁଇ ନାବାଳିକାଙ୍କୁ ୩୦ଥର ବଳାତ୍କାର କରିଥିଲେ। ଜୋହର ସହରର ମୁଆର ଅଞ୍ଚଳରେ ଏଭଳି ଜଘନ୍ୟକାଣ୍ଡ ଘଟିଥିଲା। ଏହି କାରଣରୁ ଦୁଇ ଝିଅଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହୋଇଥିଲେ। ଦୁଇ ନାବାଳିକାଙ୍କ ଉପରେ ଏଭଳି ଅମାନବୀୟ ଅତ୍ୟାଚାର ହୋଇଥିବାଯୋଗୁ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ଲାଗି ପ୍ରତିପକ୍ଷ ଓକିଲ ଯୁକ୍ତି କରିଥିଲେ। ଅପରପକ୍ଷେ ଦଣ୍ଡ କୋହଳ କରିବା ଲାଗି ଅଭିଯୁକ୍ତ ଅପିଲ କରିଥିଲେ ସୁଦ୍ଧା କୋର୍ଟ ତା'କୁ ଅଗ୍ରାହ୍ୟ କରିଦେଇଥିଲେ। ଏଭଳି ଅପରାଧ ଅତ୍ୟନ୍ତ ଗମ୍ଭୀର ବୋଲି କୋର୍ଟ କହିଥିଲେ।

ଡିଆର୍‌ଡିଓର ପୂର୍ବତନ ମୁଖ୍ୟ ଭି.ଏସ୍. ଅରୁଣାଚଳମ୍‌ଙ୍କ ଦେହାନ୍ତ

ନୂଆଦିଲ୍ଲୀ,୧୭।୮: ପ୍ରତିରକ୍ଷା ମନ୍ତ୍ରୀଙ୍କ ପୂର୍ବତନ ବୈଜ୍ଞାନିକ ଉପଦେଷ୍ଟା ତଥା ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡିଆର୍‌ଡିଓ)ର ପୂର୍ବତନ ମହାନିର୍ଦ୍ଦେଶକ ଭି.ଏସ୍. ଅରୁଣାଚଳମ୍‌ଙ୍କର ବୁଧବାର ଆମେରିକାର କାଲିଫର୍ନିଆ ଅନ୍ତର୍ଗତ ବେ ଏରିଆରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ତାଙ୍କର ଦୁଇ ପୁଅ, ଝିଅ ଓ ସ୍ତ୍ରୀ ଅଛନ୍ତି। ଅରୁଣାଚଳମ୍‌ଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକରେ ବୈଜ୍ଞାନିକ ସମ୍ପ୍ରଦାୟ ଏବଂ ରଣନୀତିକ ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେ ଅରୁଣାଚଳମ୍‌ଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

ପୁଅ ବୌଦ୍ଧ ଧର୍ମରେ ବିବାହ କରିବାରୁ ଭାଜପା ନେତା ଦଳରୁ ବହିଷ୍କୃତ

ଲେହ,୧୭।୮: ପୁଅ ବୌଦ୍ଧ ଧର୍ମାବଲମ୍ବୀ ଯୁବତୀଙ୍କୁ ବିବାହ କରିବାରୁ ଜଣେ ବାପାଙ୍କୁ ଭାଜପାରୁ ବହିଷ୍କୃତ ହେବାକୁ ପଡ଼ିଛି। ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଲଦାଖ ଭାଜପା ନେତା ତଥା ରାଜ୍ୟ ଭାଜପା ଉପ ସଭାପତି ନାଜିର ଅହମ୍ମଦ(୭୪)ଙ୍କୁ ଦଳର ପ୍ରାଥମିକ ସଦସ୍ୟରୁ ବହିଷ୍କାର କରାଯାଇଛି। ଏହି ଘଟଣାରେ ନାଜିରଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡ଼ିବା ପରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଲଦାଖ ଭାଜପା ମୁଖ୍ୟ ଫୁଙ୍ଗଚକ୍ ଷ୍ଟାନ୍‌ଜିନ୍ ବୁଧବାର କହିଛନ୍ତି। ଲଦାଖରେ ରହୁଥିବା ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏକତା ରକ୍ଷା କରିବା ଲାଗି ଏଭଳି ପଦକ୍ଷେପ ନିଆଯିବା ଉଚିତ ଥିଲା ବୋଲି ଭାଜପା ଏକ ପ୍ରତିକ୍ରିୟାରେ କହିଛି।

ହିମାଚଳ ବର୍ଷା ବିପାତ ମୃତ୍ୟୁସଂଖ୍ୟା ୭୨

ଶିମ୍‌ଲା,୧୭।୮: ଶିବ ମନ୍ଦିର ଭଗ୍ନାବଶେଷ ତଳୁ ଆଉ ଏକ ମୃତଦେହ ମିଳିବା ପରେ ହିମାଚଳପ୍ରଦେଶ ବର୍ଷା ବିପାତଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୭୨ରେ ପହଞ୍ଚିଛି। ମୃତକ ହେଉଛନ୍ତି ହିମାଚଳପ୍ରଦେଶ ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ପି.ଏଲ୍. ଶର୍ମା। ଗତ ସୋମବାର ଶିବମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିଲା। ଏବେ ବି ୮ ଜଣ ଭଗ୍ନାବଶେଷ ତଳେ ରହିଥିବା ଆଶଙ୍କା କରାଯାଉଛି। ରବିବାରଠାରୁ ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ଜିଲାରେ ଭୂସ୍ଖଳନ ଘଟିଛି।

ଝାଡ଼ଖଣ୍ଡ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ବୁଧବାର ତାଙ୍କ ବନ୍ଧୁ ତଥା ଲୋକପ୍ରିୟ ଅଭିନେତା ରଜନୀକାନ୍ତଙ୍କ ସହ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରଜନୀକାନ୍ତଙ୍କ ରାଞ୍ଚି ଗସ୍ତକୁ ନେଇ ରାଜ୍ୟପାଳ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଟୁଇଟରରେ ଉଭୟଙ୍କ ଖୁସି ମୁହୂର୍ତ୍ତର କିଛି ଫଟୋ ଶେୟାର କରିଥିଲେ। ରଜନୀକାନ୍ତ ଦେଶର ଜଣେ ପ୍ରସିଦ୍ଧ ଅଭିନେତା ବୋଲି ରାଧାକ୍ରିଷ୍ଣନ୍ କହିଥିଲେ।

ସିମ୍ କାର୍ଡ ଡିଲରଙ୍କ ଯାଞ୍ଚ ବାଧ୍ୟତାମୂଳକ

୫୨ ଲକ୍ଷ ମୋବାଇଲ ସଂଯୋଗ ବିଚ୍ଛିନ୍ନ

ନୂଆଦିଲ୍ଲୀ,୧୭।୮

କେନ୍ଦ୍ର ସରକାର ସିମ୍‌କାର୍ଡ ଡିଲରମାନଙ୍କ ପୋଲିସ ଯାଞ୍ଚକୁ ବାଧ୍ୟତାମୂଳକ କରିଛନ୍ତି। ଜାଲିଆତି ରୋକିବା ପାଇଁ ବଲ୍କ ସଂଯୋଗ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। ଜାଲ୍ ତଥ୍ୟ ଦେଇ ନିଆଯାଇଥିବା ୫୨ ଲକ୍ଷ ମୋବାଇଲ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ୬୭,୦୦୦ ଡିଲରଙ୍କୁ କଳା ତାଲିକାଭୁକ୍ତ କରାଯାଇଥିବାବେଳେ ୨୦୨୩ ମେ'ରୁ ସିମ୍ କାର୍ଡ ଡିଲରମାନଙ୍କ ବିରୋଧରେ ୩୦୦ ଏତଲା ଦାଏର ହୋଇଛି। ଜାଲିଆତି କାର୍ଯ୍ୟରେ ସମ୍ପୃକ୍ତ ଥିବା ୬୬,୦୦୦ ଆକାଉଣ୍ଟକୁ ହ୍ୱାଟ୍ସଆପ୍ ବନ୍ଦ କରିଦେଇଛି। ଜାଲିଆତି ରୋକିବାକୁ ସିମ୍ କାର୍ଡର ପୋଲିସ ଯାଞ୍ଚ ଏବେ ବାଧ୍ୟତାମୂଳକ ହୋଇଥିବାବେଳେ ନିୟମ ଉଲ୍ଲଂଘନ କରିଥିବା ଡିଲରଙ୍କ ଉପରେ ୧୦ ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା କରାଯାଇଛି। ଦେଶରେ ୧୦ ଲକ୍ଷ ସିମ୍ କାର୍ଡ ଡିଲର ରହିଛନ୍ତି। ପୋଲିସ ଯାଞ୍ଚ ଲାଗି ସେମାନଙ୍କୁ ଯଥେଷ୍ଟ ସମୟ ଦିଆଯିବ ବୋଲି ବୈଷ୍ଣବ କହିଛନ୍ତି।

ମାଲେସିଆ ରାସ୍ତାରେ ବିମାନ ଦୁର୍ଘଟଣା: ୧୦ ମୃତ

ରାସ୍ତାରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି।

କ୍ୱାଲାଲୁମ୍ପୁର,୧୭।୮

ମାଲେସିଆର ଏକ ୪ ଲେନ୍ ବିଶିଷ୍ଟ ରାସ୍ତାରେ ଗୁରୁବାର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବାରୁ ୮ ବିମାନଯାତ୍ରୀ ଏବଂ ରାସ୍ତାରେ ଯାଉଥିବା ୨ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ହାଲୁକା ବିମାନଟି ରାସ୍ତାକୁ ଧକ୍କାଦେବା ପରେ ବିସ୍ଫୋରଣ ଘଟି ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା। ପରେ

ଦୁର୍ଘଟଣା ବେଳର ଭିଡିଓ ଶୁଟିଂ

ସେଠାରୁ ପ୍ରବଳ ଧୂଆଁ ଉଠିଥିଲା। ସେହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ କାର୍‌ର ଡ୍ୟାସ୍‌କ୍ୟାମେରାରେ ଦୁର୍ଘଟଣା ବେଳର ଭିଡିଓ ଶୁଟିଂ ହୋଇଥିଲା। ମୃତ ବିମାନଯାତ୍ରୀଙ୍କ ମଧ୍ୟରେ କେନ୍ଦ୍ରୀୟ ପହଙ୍ଗ ପ୍ରଦେଶର ବିଧାନସଭା ସଦସ୍ୟ ଜୋହରି ହାରୁନ୍ ରହିଛନ୍ତି। ବିମାନଟି ଲାଙ୍ଗକାୱି ରିସର୍ଟ ଦ୍ୱୀପରୁ ରାଜଧାନୀ କ୍ୱାଲାଲୁମ୍ପୁର ପଶ୍ଚିମ ଭାଗରେ ଥିବା ସୁଲ୍‌ତାନ ଅବଦୁଲ ଅଜିଜ ଶାହ ଏୟାରପୋର୍ଟ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଇଣ୍ଡିଗୋ ବିମାନରେ ପାଇଲଟ୍‌ଙ୍କ ମୃତ୍ୟୁ

ମୁମ୍ବାଇ,୧୭।୮

ନାଗପୁରରୁ ପୁଣେ ଯିବାକୁ ଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଗୁରୁବାର ବୋର୍ଡିଂ ଗେଟ୍‌ଠାରେ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପାଇଲଟ୍‌ଙ୍କ ହଠାତ୍ ମୃତ୍ୟୁ ଘଟିବା ଚଳିତ ସପ୍ତାହରେ ତୃତୀୟ ଘଟଣା। ସେମାନଙ୍କ ମଧ୍ୟରୁ ୨ ଜଣ ଭାରତୀୟ ପାଇଲଟ୍। ବୁଧବାର ଦିଲ୍ଲୀରୁ ଦୋହା କାତାର ଏୟାରୱେଜ୍ ବିମାନରେ ଜଣେ ଯାତ୍ରୀ ଭାବେ ଯାଉଥିବା ବରିଷ୍ଠ ପାଇଲଟ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଓ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ମେଡିକାଲ ଏମର୍ଜେନ୍ସି ପାଇଁ ବିମାନକୁ ଦୁବାଇ ନିଆଯାଇଥିଲା। ସେହିପରି ଗତ ୧୪ ତାରିଖରେ ମିଆମିରୁ ଚିଲିର ସାଣ୍ଟିଆଗୋ ଯାଉଥିବା ଲାଟାମ ବିମାନର ଜଣେ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଥିଲା।

ଏମ୍‌ପି, ଛତିଶଗଡ଼ ନିର୍ବାଚନ: ଭାଜପାର ପ୍ରାର୍ଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮/୨୦୨୩ | Bhubaneswar, Friday, August 18/2023

ଜ୍ୟୋତି ପ୍ରକାଶ ବୋର୍ଡ ସଭାପତି

ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୭।୮(ଅନିଲ ଦାସ)

ରାଜ୍ୟ ସରକାର ଆଇଏଏସ୍ ଅଫିସରସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କଟକରେ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ(ଆଇଜିଆର) ଭାବେ କାର୍ଯ୍ୟରତ ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ଜ୍ୟୋତିପ୍ରକାଶ ଦାସଙ୍କୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେ ଅତିରିକ୍ତ ଭାବେ ଏହି ନୂଆ ଦାୟିତ୍ୱ ତୁଲାଇବେ। ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ତଥା ୨୦୧୦ ବ୍ୟାଚ୍ ଆଇଏଏସ୍ ରାମାଶିଷ ହାଜରାଙ୍କୁ ପଶୁପାଳନ ଓ ପ୍ରାଣୀଧନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ସେଠାରେ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ୟେଦୁଲା ବିଜୟଙ୍କୁ ବିଜ୍ଞାନ ଓ କାରିଗରି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି।

ଆଜିର ସମ୍ପାଦକୀୟ

ଖାଦ୍ୟ ସଙ୍କଟରୁ ଅନୁଚିତ ଲାଭ

ଚନ୍ଦ୍ରୟାନ-୩ରୁ ଅଲଗା ହେଲା ଲ୍ୟାଣ୍ଡର

ବେଙ୍ଗାଲୁରୁ,୧୭।୮(ପି.ଟି.)



ଚନ୍ଦ୍ରୟାନ-୩ ମହାକାଶ ଯାନର ଲ୍ୟାଣ୍ଡର ମଡ୍ୟୁଲ୍ ଗୁରୁବାର ଏହାର ପ୍ରପଲଶନ ମଡ୍ୟୁଲରୁ ସଫଳତାର ସହ ଅଲଗା ହୋଇଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଘୋଷଣା କରିଛି। ଇସ୍ରୋ ପାଇଁ ଏହା ଏକ ବଡ଼ ସଫଳତା। ଏହା ପରେ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡର ବିକ୍ରମ ଅବତରଣ ପ୍ରକ୍ରିୟା ଆରମ୍ଭ ହେବ। ଲ୍ୟାଣ୍ଡର ମଡ୍ୟୁଲରେ ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନ ରହିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟାରେ ଲ୍ୟାଣ୍ଡର ମଡ୍ୟୁଲକୁ ଚନ୍ଦ୍ରପୃଷ୍ଠର ଅଧିକ ନିକଟତର କକ୍ଷକୁ ଖସାଯିବ। ଫଳରେ ଚନ୍ଦ୍ରଠାରୁ ଏହାର ସର୍ବନିମ୍ନ ଦୂରତା ୩୦ କିଲୋମିଟର ଏବଂ ସର୍ବାଧିକ ଦୂରତା ୧୦୦ କିଲୋମିଟର ରହିବ। ଉକ୍ତ କକ୍ଷରୁ ଲ୍ୟାଣ୍ଡରର ସଫ୍ଟଲ୍ୟାଣ୍ଡିଂ ପ୍ରକ୍ରିୟା ଆରମ୍ଭ ହେବ। ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହାକୁ ସଫ୍ଟଲ୍ୟାଣ୍ଡିଂ କରାଇବା ଲାଗି ଇସ୍ରୋ ଯୋଜନା କରିଛି। ଲ୍ୟାଣ୍ଡିଂ ମଡ୍ୟୁଲର ଅଲଗା ହୋଇଯିବା ପରେ ଚନ୍ଦ୍ରୟାନ-୩ର ପ୍ରପଲଶନ ମଡ୍ୟୁଲ୍ ବର୍ତ୍ତମାନର କକ୍ଷପଥରେ ବର୍ଷ ବର୍ଷ ଧରି ଏହାର ଯାତ୍ରା ଜାରି ରଖିବ ବୋଲି ମହାକାଶ ସଂସ୍ଥା ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ଏନ୍‌ଟିଏ ନିଷ୍କ୍ରିୟତା ପାଇଁ ଇଞ୍ଜିନିୟରିଂ ନାମଲେଖାରୁ ବଞ୍ଚିତ ଛାତ୍ର

କଟକ,୧୭।୮(କାର୍ତ୍ତିକ ସାହୁ)

୨୦୨୨ରେ ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ (ଜେଇଇ) ଦେଇଥିବା ଜଣେ ଛାତ୍ର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ନିଷ୍କ୍ରିୟତା ପାଇଁ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖାରୁ ବଞ୍ଚିତ ହୋଇଥିଲେ। ଏନ୍‌ଟିଏ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ସିବିଆଇ ତଦନ୍ତ ନିର୍ଦ୍ଦେଶ ପାଇଁ ରାୟ ପ୍ରଦାନ କରିଛନ୍ତି। ସିବିଆଇ ହାଇକୋର୍ଟଙ୍କ ରାୟର ନକଲ ପାଇବାର ୪ ମାସ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ।

ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ କମିଟିର ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟକୁ ଆସିଥିଲେ ଛାତ୍ର ଅଂଶୁମାନ କାନୁନ୍‌ଗୋ। ସେ ଯୁକ୍ତଦୁଇ ବିଜ୍ଞାନ ପାସ୍ କରିବା ପରେ ଇଞ୍ଜିନିୟରିଂ ପଢ଼ିବା ନିମନ୍ତେ ୨୦୨୨ରେ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇଥିଲେ। ସେ ପ୍ରଥମ ପର୍ଯ୍ୟାୟର ବିଇ/ବି.ଟେକ୍ ପେପର-୧ ପରୀକ୍ଷାରେ ୯୮.୮୮୧୦୮୬୧% ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏ ପକ୍ଷରୁ ଇମେଲ୍ ଯୋଗେ ତାଙ୍କୁ ☞ପୃଷ୍ଠା-୨

ଅନ୍ୟ ବନ୍ଦୀଙ୍କୁ ବି ଆଗୁଆ ଛାଡ଼ୁଛ କି

ନୂଆଦିଲ୍ଲୀ,୧୭।୮

ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲା

ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

୨୦୦୨ ଗୁଜରାଟ ଦଙ୍ଗାବେଳେ ମୁସଲମାନ ମହିଳା ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରି ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କୁ ସମୟ ପୂର୍ବରୁ ଜେଲରୁ ମୁକ୍ତ କରାଯିବା ଉପରେ ଗୁରୁବାର ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଗୁଡ଼ିକ ରେମିସନ୍(ଦୋଷୀଙ୍କୁ କ୍ଷମା ପ୍ରଦାନ ପୂର୍ବକ ଆଗୁଆ ମୁକ୍ତ କରିବା) ପ୍ରଦାନ ସମୟରେ ବାଛବିଚାର କରିବା ଅନୁଚିତ। ଏହି ନିୟମ ପ୍ରତ୍ୟେକ ବନ୍ଦୀଙ୍କ ପାଇଁ ପ୍ରଯୁଜ୍ୟ ହୋଇଥିବାବେଳେ କେବଳ ବିଲ୍‌କିସ୍ ବାନୋଙ୍କ ଦୋଷୀଙ୍କ କ୍ଷେତ୍ରରେ କାହିଁକି ଲାଗୁହେଲା ବୋଲି ସର୍ବୋଚ୍ଚ ଅଦାଲତ ଗୁଜରାଟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି।

ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣା ପରେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍(୨୧) ଓ ତାଙ୍କ ପରିବାରର ☞ପୃଷ୍ଠା-୨

ବିଜେଡି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ନିଲମ୍ବିତ

ମାହାଙ୍ଗା,୧୭।୮(ଯଯାତି ସିଂହ)

ମାହାଙ୍ଗା ନାବାଳିକା ମୃତ୍ୟୁ ଘଟଣା ତଦନ୍ତ ଆରମ୍ଭ

- ନିଜ ଆଡୁ ମାମଲା ରୁଜୁ କଲା ରାଜ୍ୟ ମହିଳା କମିଶନ, ଶିଶୁ କଲ୍ୟାଣ କମିଟି
- ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଶରତ ନାୟକ

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନାବାଳିକା ମୃତ୍ୟୁ ଘଟଣାର ସସପେନ୍ସ ଲାଗି ରହିଥିବାବେଳେ ଅଭିଯୋଗର ଫର୍ଦ୍ଦ ବଢ଼ିବାରେ ଲାଗିଛି। ପ୍ରଥମେ ଘଟଣା ସମ୍ପର୍କରେ ରାଜ୍ୟ ଭାଜପା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯିବା ପରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ରାଜ୍ୟ ମହିଳା କମିଶନ ଓ ଶିଶୁ କଲ୍ୟାଣ କମିଟି ନିଜ ଆଡୁ ମାମଲା ରୁଜୁ କରିଛି। ଏନେଇ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ପୋଲିସର ଏକ ତଦନ୍ତକାରୀ ଟିମ୍ ମାହାଙ୍ଗାରେ ପହଞ୍ଚି ମୃତା ନାବାଳିକାଙ୍କ ଗାଁରେ ତଦନ୍ତ ଆରମ୍ଭ କରିଥିବାବେଳେ ତାଙ୍କ ସହ ପ୍ରେମ ସମ୍ପର୍କ ଘଟଣାରେ ସମ୍ପୃକ୍ତ ଖେଳ ଶିକ୍ଷକଙ୍କୁ ଜଗତ୍‌ସିଂହପୁରସ୍ଥିତ ବାସଭବନରେ ପଚରାଉଚରା କରିଛି। ଅପରପକ୍ଷେ ନାବାଳିକାଙ୍କ ମୃତ୍ୟୁ ଘଟଣାର ପ୍ରମାଣ ନଷ୍ଟ କରିଥିବା ନେଇ ଭାଇରାଲ ଅଡିଓରେ ସ୍ୱୀକାର କରିଥିବା ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶରତ ନାୟକଙ୍କୁ ନେଇ ପୋଲିସ କୌଣସି ତଦନ୍ତ କରି ନ ଥିବା ଜଣାପଡ଼ିଛି। ତେବେ ଏହି ବିବାଦୀୟ ଅଡିଓ ପାଇଁ ମାହାଙ୍ଗା ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ନାୟକଙ୍କୁ ନିଲମ୍ବିତ କରାଯାଇଛି ବୋଲି କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ☞ପୃଷ୍ଠା-୨

ଆଜିର ଗନ୍ତବ୍ୟ

ଆମେ କୌଣସି ଚାପର ବଶବର୍ତ୍ତୀ ହୋଇ କାମ କରୁନୁ। କାମ କରିବାର ଭିନ୍ନ ଶୈଳୀ ଲାଗି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେ, ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ମୁଁ ଏକାଠି ରହିଛୁ।

– ଦେବେନ୍ଦ୍ର ଫଡନବିସ୍, ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଚାଉଳ ଚିକ୍କଣ ମେଘ ଗରଜନ
ଭଲା ସାଜିଥିଲା ତୁମକୁ;
କେଉଁ ନାରୀ ତୁମ ମୁହଁ ବାନ୍ଧିଦେଲା
କଥା ନ କହିଲ ଆମକୁ।

ମନର ମଣିଷ ଯେତେବେଳେ ଦୂରେଇ ଦିଏ, ଆଡ଼ ଆଡ଼ ହୋଇ କଥା ନ କହେ ସେତେବେଳେ ଏହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁ ନ ଥିବା ତରୁଣୀର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଚୋରି କଲା ଲୋକର ଏକ ପାପ,
ଚୋରି ଗଲା ଲୋକର ସହସ୍ରେ ପାପ।

ପର ଦ୍ରବ୍ୟ ହରଣ କରିବା ବା ଚୋରି କରିବା ପାପରେ ଲେଖା ହୋଇଥାଏ। ସେହିପରି ଯାହାର ଚୋରି ହୋଇଥାଏ, ସେ ବହୁ ଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। ଏହା ଫଳରେ ସେ ଅଧିକ ପାପ କରିବସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଲଘୁଚାପ: ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

■ ୧୮ ଜିଲାକୁ ଅରେଞ୍ଜ ୱାର୍ନିଂ ■ ୧୯ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୧୭।୮(ଅନିଲ ଦାସ)

ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ କେତେକ ଜିଲାରେ ୧୮ ଓ ୧୯ ତାରିଖରେ ପ୍ରବଳବର୍ଷା ହୋଇପାରେ। ଗୋଟିଏ ଓ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

୧୮ ତାରିଖରେ ପୁରୀ, କଟକ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୧୦ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଗଜପତି, ଗଞ୍ଜାମ,ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ବରଗଡ଼, ରାୟଗଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେହିପରି ୧୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଗଜପତି, ଗଞ୍ଜାମ, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୮ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଏହି ସମୟରେ ତଳିଆ ଅଞ୍ଚଳରେ ପାଣି ଜମିବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ଓଡ଼ିଶା ଉପକୂଳ ଏବଂ ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ। ୧୯ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ମଧ୍ୟମ ଧରଣର ବର୍ଷା ହେଉଛି।

ରାଜଗାଙ୍ଗପୁରରେ ନିର୍ମାଣ ହେବ ରେଳ ଓଭରବ୍ରିଜ୍

ଲୋକଙ୍କଠାରୁ ସିଧାସଳଖ ଜମି କିଣିବେ ସରକାର

ଭୁବନେଶ୍ୱର,୧୭।୮(ଅନିଲ ଦାସ)

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରଠାରେ ରେଲ ଓଭରବ୍ରିଜ୍(ଆର୍‌ଓବି) ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରା ନ ଯାଇ ସିଧାସଳଖ ଲୋକଙ୍କଠାରୁ ରାଜ୍ୟ ସରକାର ଜମି କିଣିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୧ ଓ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫–ଟି ସଚିବ ଭି.କେ. ପାଣ୍ଡିଆନ ସୁନ୍ଦରଗଡ଼ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ। ଏହି ଗସ୍ତ ସମୟରେ ଜିଲାର ରାଜଗାଙ୍ଗପୁରଠାରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ସମ୍ପର୍କରେ ସେ ଅବଗତ ହୋଇଥିଲେ। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଆର୍‌ଓବି ପାଇଁ ଆବଶ୍ୟକ ଜମିକୁ ସିଧାସଳଖ ରାଜ୍ୟ ସରକାର କିଣି ନେଇ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ରେଳ ଓଭରବ୍ରିଜ୍ ସୁନ୍ଦରଗଡ଼ ଜିଲାର ସୋନାଖାନ୍ ଓ କାଂଶବାହାଲ ଷ୍ଟେଶନ ମଧ୍ୟରେ ରାଜଗାଙ୍ଗପୁର ମୌଜାରେ ନିର୍ମାଣ କରାଯିବ।

ଡେଙ୍ଗୁ ମୁକାବିଲା...

ପ୍ରଥମ ପୃଷ୍ଠାରୁ...

ଏ ନେଇ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି କହିଛନ୍ତି, ଡେଙ୍ଗୁ ଆଉ ଋତୁଭିତ୍ତିକ ରୋଗ ହୋଇ ରହିନାହିଁ। ବର୍ଷର ସବୁ ସମୟରେ ବିଭିନ୍ନ ଜିଲାରୁ ଡେଙ୍ଗୁ ରୋଗୀଙ୍କ ରିପୋର୍ଟ ଆସୁଛି। ସାଧାରଣତଃ ମୌସୁମୀରେ ଅଧିକ ସଂଖ୍ୟକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୪୮ ପ୍ରତିଶତ ଟେଷ୍ଟିଂ ବଢାଯାଇଛି। ସେହିପରି ଗତବର୍ଷ ଟିପିଆର୍(ଟେଷ୍ଟ ପଜିଟିଭ ରେଟ୍) ୮.୩ ପ୍ରତିଶତ ଥିବାବେଳେ ଚଳିତବର୍ଷ ୬.୨ ରହିଛି। ଉଭୟ ବିଏମ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘର ଘର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତା'ସହ ପାର୍କ ଓ ସ୍କୁଲ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ସେହିପରି କ୍ୟାପିଟାଲ ହସ୍ପିଟାଲର ଉପଅଧୀକ୍ଷକ ଡା. ଦିଲ୍ଲୀପ ପଣ୍ଡା କହିଛନ୍ତି, ହସ୍ପିଟାଲରେ ଦୈନିକ ୩୫୦ରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରାଯାଉଥିବାବେଳେ ୧୨ରୁ ୧୪ ଜଣ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ୫୫ ରୋଗୀ ଅଛନ୍ତି। ହସ୍ପିଟାଲ ଉପରେ ଅଧିକ ଚାପ ରହୁଛି। ଅଧିକ ସଂଖ୍ୟକ ଟେଷ୍ଟ କରାଯାଉଥିବାରୁ ଗତ କିଛିଦିନ ମଧ୍ୟରେ ହସ୍ପଟାଲରେ ଥିବା ଡେଙ୍ଗୁ ପରୀକ୍ଷଣ ମେଶିନ ଖରାପ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ୨ଟି ମେଶିନରେ ଟେଷ୍ଟିଂ କରାଯାଉଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ବିଏମ୍‌ସି ପକ୍ଷରୁ ମଶା ଉତ୍ପତ୍ତି ସ୍ଥଳ ନଷ୍ଟ କରିବା, ମଶା ତେଲ ସିଞ୍ଚନ ଓ ମଶା ଧୂଆଁ ଛଡ଼ା ଯାଉଛି। ସେହିଭଳି ଘରକୁ ଘର ବୁଲି ସଚେତନ କରାଯିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅଧିକ ଫୋକସରେ ରଖାଯାଇଛି।

ଆନନ୍ଦ ଚନ୍ଦ୍ର ବେହେରା...

ଓକିଲାତି ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କର ୩୦ ବର୍ଷର ଓକିଲାତି ଅଭିଜ୍ଞତା ରହିଛି। ଏଥିସହ ଦେୱାନୀ ଓ ଫୌଜଦାରି ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ। ଶିବଶଙ୍କର ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ଏବଂ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଅନେକ ମାମଲା ପରିଚାଳନା କରିଆସିଛନ୍ତି। ସେହିପରି ଜିଲା ଜଜ୍ ପାହ୍ୟାର ଜୁଡିସିଆଲ ଅଫିସର ଆନନ୍ଦ ଚନ୍ଦ୍ର ବେହେରା ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଛନ୍ତି। ଆନନ୍ଦ ରାଜ୍ୟର ୧୪ତମ ବରିଷ୍ଠ ଜୁଡିସିଆଲ ଅଫିସର ହୋଇଥିବାରୁ ତାଙ୍କ ନାମ ମଧ୍ୟ ହାଇକୋର୍ଟ ବିଚାରପତି ରୂପେ ନିଯୁକ୍ତି ପାଇଁ ସୁପାରିସ କରାଯାଇଛି।

ଚନ୍ଦ୍ରୟାନ-୩ରୁ...

ସେଥିରେ ଥିବା ଏସ୍‌ଏଚ୍‌ଏପିଇ(ସ୍ପେକ୍ଟ୍ରୋ–ପୋଲାରିମେଟ୍ରି ଅଫ୍ ହାବିଟେବଲ୍ ପ୍ଲାନେଟ୍ ଆର୍ଥ) ପେ'ଲୋଡ୍ ପୃଥିବୀ ବାୟୁମଣ୍ଡଳର ସ୍ପେକ୍ଟ୍ରୋସ୍କୋପିକ୍ ଅଧ୍ୟୟନ ଚଳାଇବ। ଚନ୍ଦ୍ରୟାନ–୩ ଗତ ମାସ ୧୪ରେ ଉତ୍‌କ୍ଷେପଣ ହେବା ପରେ ଅଗଷ୍ଟ ୫ରେ ଏହା ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିଲା। ମହାକାଶ ଯାନରୁ ଲ୍ୟାଣ୍ଡର ମଡ୍ୟୁଲ ଅଲଗା ହେବା ପୂର୍ବରୁ ଅଗଷ୍ଟ ୬, ୯, ୧୪ ଏବଂ ୧୬ ତାରିଖରେ ଏହାର ଘୂର୍ଣ୍ଣନ ପଥ ହ୍ରାସ କରାଯାଇଥିଲା। ଲ୍ୟାଣ୍ଡର ୩୦ କିଲୋମିଟର ଉଚ୍ଚତାରେ ପହଞ୍ଚିବା ପରେ ସେଠାରୁ ତଳକୁ ଖସାଇବା ଓ ବେଗ ହ୍ରାସ କରିବା ସବୁଠୁ ଲ୍ୟାଣ୍ଡିଂର ସବୁଠୁ କଷ୍ଟକର ସମୟ ବୋଲି ନିକଟରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଥିଲେ। ଯୋଜନା ଅନୁଯାୟୀ ଲ୍ୟାଣ୍ଡର ମଡ୍ୟୁଲ୍ ଗୁରୁବାର ମହାକାଶ ଯାନରୁ ଅଲଗା ହୋଇଥିବାରୁ ସୋମନାଥ ଖୁସି ବ୍ୟକ୍ତ କରିଛନ୍ତି।

ବିଜେଡି ପୂର୍ବତନ...

ଜୁନ୍ ୧୮ରେ ମାହାଙ୍ଗା ଥାନା ଅନ୍ତର୍ଗତ ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁର ୨ ମାସ ପରେ ଏକ ଅଡିଓ କ୍ଲିପ୍ ଭାଇରାଲ ହୋଇଛି। ଏଥିରେ ନାୟକ ମୃତ୍ୟୁ ଘଟଣାକୁ ଚପାଇ ଦେବା ପାଇଁ ୭୦ ହଜାର ଟଙ୍କା ଡିଲ୍ କରୁଥିବା ଅଭିଯୋଗ ହୋଇଛି। ଏହାପରେ ଏକ ହାତଲେଖା ଚିଠି ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏହା ନାବାଳିକାଙ୍କ ବୋଲି ସନ୍ଦେହ କରାଯାଉଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବାରୁ ବାପା ବିଷ ଦେଇ ମାରିବାକୁ ଉଦ୍ୟମ କରୁଥିବା ଉଲ୍ଲେଖ ରହିଛି। ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଛି।

ଅନ୍ୟ ବନ୍ଦୀଙ୍କୁ ବି...

କେତେଜଣ ସଦସ୍ୟ ଜୀବନ ବଞ୍ଚାଇବା ପାଇଁ ଏକ ଟ୍ରକ୍‌ରେ ଯାଉଥିଲେ। ଏହି ସମୟରେ ହିନ୍ଦୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରିବା ସହ ତାଙ୍କ ୩ ମାସର ଝିଅ ସମେତ ପରିବାରର ୭ ଜଣଙ୍କୁ ହତ୍ୟା କରିଥିଲେ। ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ୧୧ ଜଣଙ୍କ ଦଣ୍ଡକୁ ପରବର୍ତ୍ତୀ ସମୟରେ ଆଜୀବନ ଜେଲଦଣ୍ଡରେ ପରିବର୍ତ୍ତିତ କରାଯାଇଥିଲା। ୨୦୨୨ ଅଗଷ୍ଟ ୧୫ରେ ସେମାନଙ୍କୁ ଗୋଧ୍ରା ଉପକାରାଗାରରୁ ମୁକ୍ତ କରାଯାଇଥିଲା। ବିଲ୍‌କିସ୍ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥଲେ। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜ୍ୱଲ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଗୁରୁବାର ଏହାର ଶୁଣାଣିବେଳେ ଗୁଜରାଟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏସ୍.ଭି. ରାଜୁ ଯୁକ୍ତି ବଢ଼ିଥିଲେ, ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ମଧ୍ୟ ଆତ୍ମସଂସ୍କାର ପାଇଁ ସୁଯୋଗ ଦିଆଯିବା ଉଚିତ ବୋଲି ଆଇନ କହୁଛି। ୧୧ ଦୋଷୀଙ୍କ ଅପରାଧ ବିରଳରୁ ବିରଳତମ ବର୍ଗରେ ଆସୁନାହିଁ। ତେଣୁ ସେମାନେ ସୁଧୁରିବା ସୁଯୋଗ ପାଇବା ପାଇଁ ଯୋଗ୍ୟ ବୋଲି ରାଜୁ କହିଥିଲେ। ଏହା ଉପରେ ଖଣ୍ଡପୀଠ କହିଥିଲେ, ଜେଲରେ ଥିବା ଅନ୍ୟ କଏଦୀମାନଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି କି? ଦେଶର ଜେଲଗୁଡ଼ିକରେ କଏଦୀମାନଙ୍କ ସଂଖ୍ୟା ଧାରଣ କ୍ଷମତାଠାରୁ କାହିଁକି ଅଧିକ ରହିଛି? ଆଗୁଆ ମୁକ୍ତି ନୀତି କାହିଁକି କେବଳ ନିର୍ଦ୍ଦିଷ୍ଟ କଏଦୀମାନଙ୍କ କ୍ଷେତ୍ରରେ ଲାଗୁ କରାଯାଉଛି? ମୃତ୍ୟୁ ଦଣ୍ଡାଦେଶ ପାଇଥିବା ୧୧ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ୧୪ ବର୍ଷ ଜେଲରେ ରହିବା ପରେ ସେମାନଙ୍କୁ କାହିଁକି ଛଡ଼ାଗଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୪ରେ ହେବ। ପ୍ରକାଶ ଯେ, ବିଲ୍‌କିସ୍‌ଙ୍କ ସହ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର, ସିପିଆଇଏମ୍ ନେତ୍ରୀ ଶୁଭାଷିନୀ ଅଲୀଙ୍କ ସମେତ ଆଉ କେତେଜଣ ଗୁଜରାଟ ସରକାରଙ୍କ ରେମିସନ ପଲିସିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ସିବିଆଇ ତଦନ୍ତ...

୧୧।୭।୨୦୨୨ରେ ଅବଗତ କରାଯାଇଥିଲା। ନିଜ ଦକ୍ଷତାକୁ ପ୍ରମାଣିତ କରିବା ପାଇଁ ସେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଏହି ପରୀକ୍ଷା ଦେଇଥିଲେ। ଏଥର ତାଙ୍କର ୯୮.୯୩୭୪୦୬୭% ନମ୍ବର ରହିଥିଲା। ଏଥର ବି ଏନ୍‌ଟିଏ ପକ୍ଷରୁ ଇମେଲ ଯୋଗେ ତାଙ୍କୁ ସ୍କୋର କାର୍ଡ ଜଣାଇ ଦିଆଯାଇଥିଲା। ଦୁଇଟିଯାକ ପରୀକ୍ଷାରେ ଅଂଶୁମାନ୍ ୯୮%ରୁ ଅଧିକ ନମ୍ବର ରଖିଥିବାରୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭଳି ଉନ୍ନତମାନର ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ସେ ନିଶ୍ଚିତ ହୋଇଯାଇଥିଲେ। ଏଥିସହ ସେ ଅଲ୍ ଇଣ୍ଡିଆ ଜେଇଇ (ଆଡ୍‌ଭାନ୍ସ) ପ୍ରବେଶିକା ପରୀକ୍ଷା ୨୦୨୨ ଦେବାକୁ ଯୋଗ୍ୟ ହୋଇଥିବା ଜାଣିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ପାଖକୁ ନାମ ଲେଖାଇବା ନିମନ୍ତେ କୌଣସି ଇଣ୍ଟିମେଶନ ଲେଟର ଆସି ନ ଥିଲା କି ସେ ଜେଇଇ(ଆଡ୍‌ଭାନ୍ସ) ପରୀକ୍ଷା ଦେବା ପାଇଁ ଯୋଗ୍ୟ ହୋଇ ନ ଥିଲେ। ଏନେଇ ସେ ଏନ୍‌ଟିଏ ୱେବସାଇଟ୍ ଜରିଆରେ ପଚାରିବାରୁ ଜାଣିବାକୁ ପାଇଲେ ଯେ ଏନ୍‌ଟିଏ ତାଙ୍କୁ ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ୧୮.୮୮୧୦୮୬୧% ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୩.୧୩୭୪୦୬୭% ମାର୍କ ପ୍ରଦାନ କରିଛି। ଇଞ୍ଜିନିୟରିଂରେ ଉଚ୍ଚଶିକ୍ଷା ହାସଲ ନିମନ୍ତେ ଅଂଶୁମାନ ତ୍ରୁଟି ସଂଶୋଧନ ପାଇଁ ଏନ୍‌ଟିଏ କର୍ତ୍ତୃପକ୍ଷଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ହେଲେ ୨୦୨୨ ଅଗଷ୍ଟ ୭ରେ ଏନ୍‌ଟିଏ ୱେବସାଇଟ୍‌ରୁ ଭିନ୍ନ ପ୍ରକାର ଫଳ ମିଳିଥିଲା। ଏନ୍‌ଟିଏର ଏଭଳି କାର୍ଯ୍ୟ ପାଇଁ ଅଂଶୁମାନ ରାଉରକେଲା ଏନ୍‌ଆଇଟିରେ ନାମ ଲେଖାରୁ ବଞ୍ଚିତ ହୋଇଥିଲେ। ନକଲି ମାର୍କଶିଟ୍ ଦର୍ଶାଇ ତାଙ୍କୁ ନାମଲେଖା ପାଇଁ ସୁଯୋଗ ଦିଆଯାଇ ନ ଥିଲା। ଆବେଦନକାରୀ ଛାତ୍ର ଏହି ମାମଲାରେ କେନ୍ଦ୍ର ସରକାର, ଜେଇଇ କର୍ତ୍ତୃପକ୍ଷଙ୍କ ସମେତ ୫ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଗତ ୧୪ ତାରିଖରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ ପାଣ୍ଡେ ଓ ସୁବିର ପାଲିତ ମାମଲା ପରିଚାଳନା କରୁଥିଲେ।

ମାତୃଭାଷାରେ ଶିକ୍ଷାଦାନ ଜରୁରୀ: କେନ୍ଦ୍ର ଅର୍ଥମନ୍ତ୍ରୀ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ଦୁଇ ବର୍ଣ୍ଣମାଳା ପୁସ୍ତକ 'ଦେଶିଆ ଭାଷା ଶିକ୍ୟା' ଓ 'କ

ମୈତ୍ରୀ କମ୍ପାନୀକୁ ବିରୋଧ ଯୋଗୁ ଲୋକଙ୍କୁ ପୋଲିସ ଉଠାଉଥିବା ଅଭିଯୋଗ

ଜିଲାପାଳଙ୍କୁ ଗୁହାରି ପରେ ମଧ୍ୟ ଲୋକଙ୍କୁ ଗିରଫ କରାଯାଉଛି: ଅଞ୍ଚଳବାସୀ

ରାୟଗଡ଼ା,୧୭।୮(ଆଶିଷ ରଞ୍ଜନ ପଣ୍ଡା)

ସିଜିମାଳି ଖଣି ଖନନକୁ ନେଇ ଥମୁନି ରାୟଗଡା ଜିଲା କାଶୀପୁର ବ୍ଲକ ସୁଙ୍ଗେର ଅଞ୍ଚଳବାସୀ ଓ ମୈତ୍ରୀ କମ୍ପାନୀ ବିବାଦ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାଦାଗିରି ଓ ପୋଲିସ ପ୍ରଶାସନ ବେଆଇନ ଭାବେ ଅଞ୍ଚଳବାସୀଙ୍କୁ ଗିରଫ କରି ଲୁଚାଇ ରଖିଥିବା ସ୍ଥାନୀୟ ମହିଳା ଅଭିଯୋଗ କରିଛନ୍ତି। ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କୁ ଛାଡ଼ିବା ପାଇଁ ଅଞ୍ଚଳବାସୀ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ମଧ୍ୟ ବୁଧବାର ରାତିରେ ଆଲିଗୁଣା ଗ୍ରାମର ଦାନାରସିଂ ମାଝି, ଗୁନାସିଂ ମାଝି, ଗୋପାଳ ମାଝି, ଧନସିଂ ମାଝି, ବନ୍ତେଜି ଗ୍ରାମର ବିଭୀଷଣ ମାଝି ଓ ଉଦେସିଂ ମାଝିଙ୍କୁ ପୋଲିସ ଉଠାଇ ନେଇଛି ବୋଲି ଅଭିଯୋଗ ହୋଇଛି। ଇତିମଧ୍ୟରେ୧୫ଜଣଙ୍କୁ ପୋଲିସ ଉଠାଇ ନେଇଛି। ତେବେ କେଉଁ କାରଣରୁ ଏମାନଙ୍କୁ ଗିରଫ କରିଛି ତାହା ଜଣାପଡ଼ିନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାର ସତ୍ୟାସତ୍ୟ ପାଇଁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଓ କାଶୀପୁର ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କୁ ଟେଲିଫୋନ କରାଯାଇଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିବାରୁ ସେମାନଙ୍କ ମତାମତ ମିଳିପାରିନାହିଁ।

ରାୟଗଡ଼ା ନିର୍ବାଚନମଣ୍ଡଳୀରେ ଏହି ସମସ୍ୟା ଚାଲିଥିବାରୁ ଏନେଇ ବିଧାୟକ ମକରନ୍ଦ ମୁଦୁଲିଙ୍କୁ ପଚାରିବାରୁ କେତେଜଣ ଲୋକ ଫୋନ୍‌ରେ ମୋତେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ପ୍ରଶାସନ ଓ ପୋଲିସ ସହିତ ଆଲୋଚନା କରି ଅଞ୍ଚଳବାସୀଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି। ଯେଉଁ କମ୍ପାନୀ ଖଣି ଲିଜ୍ ପାଇଛି ସେହି କମ୍ପାନୀ ଆସି ଆଲୋଚନା କରୁ ବୋଲି ଅଞ୍ଚଳବାସୀ କହୁଥିବା ବିଧାୟକ ପ୍ରକାଶ କରିଛନ୍ତି। ପୂର୍ବ ଦିନରେ କାଶୀପୁର ବ୍ଲକରେ ଖଣି ଖନନ ନ ହେବା ପାଇଁ ଆନ୍ଦୋଳନ ଚାଲିଥିଲା। ବର୍ତ୍ତମାନ ଆନ୍ଦୋଳନକାରୀ ବିକ୍ରି ହୋଇ ଯାଇଛନ୍ତି। ଜିଲାରେ ରାଜନେତା ସ୍ଥାଣୁ ପାଲଟିଯାଇଛନ୍ତି। କମ୍ପାନୀକୁ ବିରୋଧ କଲେ ତାଙ୍କ ନାମରେ ପୋଲିସରେ ମିଥ୍ୟା ମାମଲା ରୁଜୁ କରାଯିବାରୁ ଆନ୍ଦୋଳନକାରୀ ଡରୁଛନ୍ତି। ତେବେ ଖଣିରେଜିଂ କାର୍ଯ୍ୟ ଯେଉଁକମ୍ପାନୀ କରୁ କିଛି ଅସୁବିଧା ନାହିଁ। ଲୋକଙ୍କ ଅଧିକାର କ୍ଷୁଣ୍ଣ ନ କରି ସେମାନଙ୍କ ସହମତିରେ ଅଞ୍ଚଳବାସୀଙ୍କ ଉନ୍ନତି ଓ ବିକାଶ ହେଉ ବୋଲି ବିଧାୟକ କହିଛନ୍ତି। ଅଞ୍ଚଳବାସୀ କୌଣସି ବୈଠକ ହୋଇ ନ ଥିବା କହିଥିବାବେଳ କେତେକ ସ୍ଥାନରେ ବୈଠକ ହୋଇଥିବା ବିଧାୟକ କହିଛନ୍ତି। ୧୯୫୬ ଆକ୍ଟକୁ ଦେଖିଲେ ଅନୁସୂଚିତ ଜାତି ଓ ଜନଜାତି ବସବାସ କରୁଥିବା ଅଞ୍ଚଳରେ କୌଣସ କାରଖାନା ହେବା କଥା ନୁହେଁ। ହେଲେ ସରକାର ଆର୍ଥିକ ଅଭିବୃଦ୍ଧି ଦେଖାଇ ନିଜେ ନିଷ୍ପତ୍ତି ନେଉଛନ୍ତି। ବର୍ତ୍ତମାନର ସରକାରରେ ସରପଞ୍ଚ, ୱାର୍ଡମେମ୍ବରଙ୍କ କୌଣସି ମୂଲ୍ୟ ନାହିଁ ବୋଲି ବିଧାୟକ ମୁଦୁଲି କହିଛନ୍ତି।

ସ୍ୱାଧୀନତା ଦିବସରେ ଅଧ୍ୟାପକ ଗାଇଲେ ବୋଲବମ୍ ଗୀତ, ଭିଡିଓ ଭାଇରାଲ

ବେଲପଡ଼ା, ୧୭।୮ (ମନୋଜ କୁମାର ମିଶ୍ର): ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଧୁମାଭଟା ବୀଣାପାଣି କଲେଜରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ ବେଳେ ଜାତୀୟ ସଙ୍ଗୀତ ଗାନ ବଦଳରେ ବୋଲବମ୍ ଗୀତ ଗାଇଥିଲେ ଜଣେ ଅଧ୍ୟାପକ। ଏହି ଭିଡିଓ ଭାଇରାଲ ହେବା ପରେ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏପରି ଲଜ୍ଜାଜନକ ଘଟଣା ଘଟିଥିବା ବେଳେ କଲେଜରେ ଅଧ୍ୟକ୍ଷ ଉପସ୍ଥିତ ଥିବା କୁହାଯାଉଛି। ଅଧ୍ୟକ୍ଷ ଓ ସମ୍ପୃକ୍ତ ଅଧ୍ୟାପକଙ୍କ ନାମରେ ଗୁରୁବାର ବେଲପଡ଼ା ଥାନାରେ ଏତଲା ଦେଇ ଗିରଫ ଦାବି କରିଛି କୋଶଲ ମୁକ୍ତିମୋର୍ଚ୍ଚା। ଅଭିଯୋଗ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଦେବାର୍ଚ୍ଚନ ବାଗଙ୍କୁ ତାଙ୍କ ମୋବାଇଲ ନଂ ୮୬୫୮୨୦୩୯୮୪ରେ ଯୋଗାଯୋଗ କରାଯାଇଥିଲା। ସେ ରିସିଭ୍ କରି ପରେ ଫୋନ କାଟି ଦେଇଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

ଚଣ୍ଡିଖୋଲରୁ ବାଲେଶ୍ୱର ସବୁ ପୋଲ ଯାଞ୍ଚ ଆରମ୍ଭ

ରସୁଲପୁର,୧୭।୮(ରଞ୍ଜିତ ରାଉତ)

- ■ ରସୁଲପୁରଠାରେ ରାଜପଥ ପୋଲ ଭୁଶୁଡ଼ିବା ପରେ ତତ୍ପର ରାଜପଥ କର୍ତ୍ତୃପକ୍ଷ
- ■ ଡିଜାଇନ ପ୍ରସ୍ତୁତକାରୀ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ଯାଜପୁର ଜିଲାଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ରସୁଲପୁର ବ୍ଲକ ଅଫିସ ସମ୍ମୁଖ ପୋଲ ଭୁଶୁଡ଼ିବା ପରେ ସମସ୍ତ ପୁରୁଣା ପୋଲର ସ୍ଥିତି ଯାଞ୍ଚ ପାଇଁ ରାଜପଥ କର୍ତ୍ତୃପକ୍ଷ ତତ୍ପର ହୋଇ ଉଠିଛନ୍ତି। ଏହି କ୍ରମରେ ୨୦୦୭-୦୮ ବର୍ଷରେ ଚଣ୍ଡିଖୋଲଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ସମସ୍ତ ପୁରୁଣା ପୋଲ ସ୍ଥିତି ଯାଞ୍ଚ ଆରମ୍ଭ ହୋଇଛି। ଏକାଧିକ ତଦନ୍ତକାରୀ ଦଳ ସମସ୍ତ ପୁରୁଣା ପୋଲର ସ୍ଥିତି ପରଖି ରିପୋର୍ଟ ପ୍ରଦାନ କରିବେ। ଉକ୍ତ ରିପୋର୍ଟ ଆଧାରରେ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ତେଣେ ରାଜପଥ ପୋଲ ଡିଜାଇନ ପ୍ରସ୍ତୁତରେ ନିୟୋଜିତ ଭାଲେଡେରିଆ ନାମକ ଆମେରିକାନ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ଜୁଲାଇ ୧୮ତାରିଖରେ ପୋଲ ଭୁଶୁଡ଼ିବା ଘଟଣା ରାଜ୍ୟ ଓ ଦେଶରେ ଏକ ପ୍ରମୁଖ ଖବର ପାଲଟିଥିଲା। ପରେ ଦିଲ୍ଲୀରୁ ତଦନ୍ତକାରୀ ଦଳ ଆସି ଦୁର୍ଘଟଣାର କାରଣ ଖୋଜିବା ସହ ଭୁଶୁଡ଼ି ପଡ଼ିଥିବା ପୋଲର ବିଭିନ୍ନ ଦିଗକୁ ଯାଞ୍ଚ କରିଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ଡିଜାଇନରେ ତ୍ରୁଟି ଯୋଗୁ ପୋଲ ଭୁଶୁଡ଼ିଥିବା ଜଣାପଡ଼ିଥିଲା। ୩ ଜଣିଆ ତଦନ୍ତ ଦଳର ରିପୋର୍ଟ ହସ୍ତଗତ ପରେ ଭୁଶୁଡ଼ି ପଡ଼ିଥିବା ପୋଲକୁ ପୁନଃ ନିର୍ମାଣ କରାଯିବା ସହ ସେହି ବେଳର ସମସ୍ତ ପୋଲ ସ୍ଥିତି ଯାଞ୍ଚ ପାଇଁ ନିଷ୍ପତ୍ତି ହୋଇଛି।

ରାଜପଥ ଉପରିସ୍ଥ ପୋଲ ଅଚାନକ ପୋଲ ଭୁଶୁଡ଼ି ପଡ଼ିବା ଦୃଶ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ମନରେ ଏବେ ବି ସତେଜ ରହିଛି। ଯାଜପୁର ରୋଡ୍‌ରୁ କଟକ ଅଭିମୁଖେ ଯାଉଥିବା ମା' ନାମକ ଯାତ୍ରୀବାହୀ ବସ୍ ପୋଲ ଅତିକ୍ରମ କରିବାର କେଇ ମିନିଟ୍ ମଧ୍ୟରେ ପୋଲ ଭୁଶୁଡ଼ି ପଡ଼ିଥିଲା। ପଛରେ ଆସୁଥିବା ସ୍ଥାନୀୟ ଖଣ୍ଡିତର ଅଞ୍ଚଳର ଟ୍ରାକ୍ଟର ଚାଳକ ମୁନା ସାହାଣୀ ଏହି ଦୃଶ୍ୟ ଦେଖିଥିଲେ। ଉପସ୍ଥିତ ବୁଦ୍ଧିକୁ ଉପଯୋଗ କରି ସେ ନିଜକୁ ବଞ୍ଚାଇବା ସହ ଆସୁଥିବା ଅନ୍ୟଗାଡ଼ିଗୁଡ଼ିକୁ ନିଶ୍ଚିତ ଏକ ବଡ଼ଧରଣର ଦୁର୍ଘଟଣାରୁ ଏଡ଼ାଇଦେବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷରେ ବାଲେଶ୍ୱର ଜିଲାର ବାହାନଗାଠାରେ ଜୁନ ୨ରେ ରେଳ ଦୁର୍ଘଟଣା ଘଟିଥିଲା। ଏହି ଘଟଣାର ବିଭୀଷିକା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ରାଜପଥ ପୋଲ ଭୁଶୁଡ଼ିବା ଘଟଣା ଜନସାଧାରଣଙ୍କ ସୁରକ୍ଷିତ ଗମନାଗମନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା।

ଘଟଣାକୁ ରାଜପଥ କର୍ତ୍ତୃପକ୍ଷ ଗୁରୁତର ସହ ନେଇଛନ୍ତି। ଏଭଳି ଘଟଣାର ଯେମିତି ପୁନରାବୃତ୍ତି ନ ଘଟିବ ସେ ନେଇ କେନ୍ଦ୍ର ସଡ଼କ ଓ ପରିବନ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ଏନ୍‌ଏଚ୍‌ଏଆଇ ବାଲେଶ୍ୱର ଶାଖାର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ଜନସାଧାରଣଙ୍କ ସୁରକ୍ଷିତ ଗମନାଗମନକୁ କର୍ତ୍ତୃପକ୍ଷ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି। ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ରିପୋର୍ଟ ଆସିବା କ୍ଷଣି କର୍ତ୍ତୃପକ୍ଷଙ୍କ ତରଫରୁ ତ୍ୱରିତ ପଦକ୍ଷେପ ନିଆଯାଉଛି। ଦୁର୍ଘଟଣାସ୍ଥଳରେ ନୂତନ ପୋଲ ନିର୍ମାଣ ନେଇ ପ୍ରକ୍ରିୟା ଚାଲୁ ରହିଛି। ଏଥିସହିତ ସେହି ସମୟରେ ଚଣ୍ଡିଖୋଲଠାରୁ ବାଲେଶ୍ୱର ମଧ୍ୟରେ ନିର୍ମାଣ ହୋଇଥିବା ସମସ୍ତ ପୁରୁଣା ପୋଲର ସ୍ଥିତି ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ମତ ରଖିଛନ୍ତି।



'ଖରିଫ ତୁଳନାରେ ରବିଋତୁରେ ଉତ୍ପାଦନ କମ୍ ରହୁଛି'

ରବି ଫସଲ ପାଇଁ ଜଳସେଚନ ବୃଦ୍ଧି ସମ୍ପର୍କରେ କର୍ମଶାଳା

ଭୁବନେଶ୍ୱର, ୧୭।୮(ସୁନୀତ୍ ମିଶ୍ର)

ଉପଯୁକ୍ତ ଯୋଜନା ପ୍ରସ୍ତୁତକରି ଜଳସେଚନର ବୃଦ୍ଧି ପୂର୍ବକ ମହାନଦୀ ଡେଲ୍‌ଟା ଷ୍ଟେଜ୍ – ୧ ଓ ଷ୍ଟେଜ୍ – ୨ ଅଧୀନରେ କରାଯାଉଥିବା ରବିଚାଷ ଉତ୍ପାଦନ ବୃଦ୍ଧି କରାଯିବା ସମ୍ପର୍କରେ ଗୁରୁବାର ଏକଦିବସୀୟ କର୍ମଶାଳା କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରିଛନ୍ତି।

ରାଜ୍ୟରେ ଖରିଫ ତୁଳନାରେ ରବିଋତୁରେ ଫସଲ ଉତ୍ପାଦନ ଯେଉଁ ପରିମାଣର ରହିବା କଥା ତାହା କମ୍ ରହୁଛି। କୃଷି କାର୍ଯ୍ୟ ପାଇଁ ଜଳ କିପରି ଆବଶ୍ୟକ ମୁତାବକ ବିନିଯୋଗ କରାଯାଇ ରବିଚାଷ ଉତ୍ପାଦନ ବୃଦ୍ଧି ହେବ ସେଥିଲାଗି ଜଳ ସମ୍ପଦ ଓ କୃଷି ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଏଥିରେ କୃଷକ ଓ ପାଣି ପଞ୍ଚାୟତଗୁଡ଼ିକ ସହଯୋଗ କରିବେ। ଆଗକୁ ରବିଚାଷ ନିମନ୍ତେ ୩ ମାସ ସମୟ ଥିବାରୁ କୃଷି ବିଭାଗ ପକ୍ଷରୁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉଭୟ ବିଭାଗର ଅଧିକାରୀମାନେ ଆୟୋଜିତ କର୍ମଶାଳାରେ ଯୋଗଦେଇଛନ୍ତି। ବିଭିନ୍ନ ବ୍ଲକରେ ରବି ଫସଲ ଲାଗି ଜଳର କେତେ ଆବଶ୍ୟକତା ରହିଛି, ଅଧିକ ଫସଲ କରାଗଲେ କେତେ ଜଳ ଆବଶ୍ୟକ ହେବ ସେନେଇ ପ୍ରତି ବ୍ଲକ୍ ପକ୍ଷରୁ ଆସନ୍ତା ୧୫ ସୁଦ୍ଧା ବିବରଣୀ ପ୍ରସ୍ତୁତ କରାଯିବ। ସେପ୍ଟେମ୍ବର ୩୦ ସୁଦ୍ଧା ବ୍ଲକରୁ ଜିଲାକୁ ବିବରଣୀ ପହଞ୍ଚିବ। ୩୦ ଅକ୍ଟୋବର ସୁଦ୍ଧା ଜିଲାପାଳମାନେ ରାଜ୍ୟସ୍ତରକୁ ତଥ୍ୟ ପ୍ରଦାନ କରିବେ। ପ୍ରସ୍ତୁତ ଯୋଜନା ଅନୁସାରେ ଜିଲାପାଳମାନେ ରବିଚାଷ ପାଇଁ କେଉଁ ବ୍ୟବସ୍ଥା ରହିଛି ସେନେଇ ବ୍ୟାପକ ଆଲୋଚନା କରି ସଚେତନ କରିବେ। ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ପ୍ରସ୍ତୁତ ଯୋଜନା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୭୦ ରୁ ୮୦ ପ୍ରତିଶତ ରବିଚାଷ ବୃଦ୍ଧି ପାଇବା ଆଶା କରାଯାଉଛି ବୋଲି କର୍ମଶାଳାରେ ଅଧିକାରୀମାନେ କାର୍ଯ୍ୟାନ୍ୱୟନ ଅଗ୍ରଗତି ସମ୍ପର୍କରେ ଜିଓ ଟ୍ୟାଗ୍ ବ୍ୟବସ୍ଥାରେ ସୂଚନା ପାଇପାରିବେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ରବିଚାଷ ସମୟରେ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ କରି ଜଳସେଚନ ବ୍ୟବସ୍ଥା ଅଧିକ ବ୍ୟବସ୍ଥିତ କରିବା ଦରକାର। ରବି ଚାଷ ବୃଦ୍ଧି ଦିଗରେ ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ଏକାଠି କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହା ଆଗାମୀ ଦିନରେ ନିଶ୍ଚୟ ଫଳପ୍ରଦ ହେବ ବୋଲି ସେ କହିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆମକୁ ରବିଚାଷକୁ ଅଧିକ ଗୁରୁତ୍ୱ ଦେବାକୁ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଛନ୍ତି।

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍‌ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

ଖାଦ୍ୟ ସଙ୍କଟରୁ ଅନୁଚିତ ଲାଭ

ଜେନିଫର୍ କ୍ଲାପ୍
ଆଇପିଇଏସ୍ ଖାଦ୍ୟ କମିଟି ବିଶେଷଜ୍ଞ ;ପ୍ରାଧ୍ୟାପକ, ୱାଟରଲୁ ୟୁନିଭର୍ସିଟି

ଫିଲ ହୋୱାର୍ଡ
ପ୍ରାଧ୍ୟାପକ, କମ୍ୟୁନିଟି ସଷ୍ଟେନେବିଲିଟି(ମିଚିଗାନ ଷ୍ଟେଟ୍ ୟୁନିଭର୍ସିଟି)

ଗତ କିଛି ବର୍ଷ ହେବ କୋଭିଡ୍–୧୯ ଏବଂ ୟୁକ୍ରେନ୍ ଯୁଦ୍ଧ ଯୋଗୁ ଖାଦ୍ୟଶସ୍ୟ ସାମଗ୍ରୀର ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇଛି। ଏହା ବୈଶ୍ୱିକ ଖାଦ୍ୟ ସୁରକ୍ଷାକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି। ବର୍ତ୍ତମାନ, ବିଶ୍ୱର ଖାଦ୍ୟ ମୂଲ୍ୟ ୧ ବର୍ଷ ପୂର୍ବେ ଥିବା ସର୍ବୋଚ୍ଚ ସ୍ତରରୁ ହ୍ରାସ ପାଇଥିଲେ ବି ଏହାକୁ ନେଇ କେହି ଖୁସି ହେବା ଉଚିତ ନୁହେଁ। କାରଣ ବିଶ୍ୱର ଖାଦ୍ୟ ସଙ୍କଟ ଏବେ ସୁଦ୍ଧା ଶେଷ ହୋଇନାହିଁ। ଅତିରିକ୍ତ ମୂଲ୍ୟର ଅସ୍ଥିରତାର ଅଧିକ ଆଶଙ୍କା ରହିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବ୍ଲାକ୍ ସି ଗ୍ରେନ୍ ଇନିସିଏଟିଭକୁ ରଦ୍ଦ କରିବା ଏବଂ ୟୁକ୍ରେନ୍‌ର ରପ୍ତାନି ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବା ଦ୍ୱାରା ଖାଦ୍ୟଶସ୍ୟ ମୂଲ୍ୟ ପୁନର୍ବାର ଊର୍ଦ୍ଧ୍ୱଗାମୀ ହେବାରେ ଲାଗିଛି। କିନ୍ତୁ ଠିକ୍ ଭାବେ କାମ କରୁ ନ ଥିବା ବା ଖରାପ ଖାଦ୍ୟ ବଜାରଗୁଡ଼ିକ ହେଉଛନ୍ତି ବିଶ୍ୱ ପାଇଁ ଦୀର୍ଘମିଆଦୀ ସଙ୍କଟ। ମହାମାରୀ ପୂର୍ବାପେକ୍ଷା ଗହମ ମୂଲ୍ୟ ୨ଗୁଣରୁ ଅଧିକ ମହଙ୍ଗା ହୋଇଛି। ତଥାପି ଏଯାବତ ଅଧିକାଂଶ ବିକାଶଶୀଳ ଦେଶରେ ଖାଦ୍ୟ–ମୂଲ୍ୟ ମୁଦ୍ରାସ୍ଫୀତି ୫%ରୁ ଅଧିକ ଅଛି। ଏହା ରାଣ୍ଡା ଓ ଇଜିପ୍ଟରେ ୩୦%ରୁ ଅଧିକ। ଏଣୁ ବିଶ୍ୱ ସ୍ତରରେ ଆଉ ଥରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇବା ସମ୍ଭାବନା ରହିଛି। ବାସ୍ତବ ସମସ୍ୟା ହେଉଛି, ପ୍ରମୁଖ କୃଷି ବ୍ୟବସାୟ ସଂସ୍ଥାଗୁଡ଼ିକର ବଜାର ଶକ୍ତି ବୃଦ୍ଧି ହିଁ ବିପଦକୁ ବଢ଼ାଉଛି। ଫଳରେ ଖାଦ୍ୟ ମୂଲ୍ୟରେ ଅତ୍ୟଧିକ ପରିବର୍ତ୍ତନ ହେବା ଅନୁମାନ କରାଯାଉଛି।

ଉର୍ବରକ ବା ସାର କ୍ଷେତ୍ରକୁ ବିଚାରକୁ ନିଆଯାଉ। ୨୦୨୦–୨୧ରେ ସାର ମୂଲ୍ୟ ୩ଗୁଣ ହେବା ଦ୍ୱାରା ଖାଦ୍ୟ ମୂଲ୍ୟ ବଢ଼ିଗଲା। ଯବକ୍ଷାରଜାନ ସାରର ଅଧିକ ମୂଲ୍ୟ ବୃଦ୍ଧି ବି ଏଥିପାଇଁ କିଛି ମାତ୍ରାରେ ଦାୟୀ। ଗ୍ରେଡେଡ୍ ରାଣ୍ଡମ ଆଡପ୍‌ଟିଭ ଇଣ୍ଟରଆକ୍ଟିଭ ନନ୍–ଲିନିୟର (ଜିଆର୍‌ଏଆଇଏନ୍) ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲଚର ଆଣ୍ଡ ଟ୍ରେଡ୍ ପଲିସି(ଆଇଏଟିପି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ, ଅଗ୍ରଣୀ ଫାର୍ମଗୁଡ଼ିକ ବର୍ଦ୍ଧିତ ଉତ୍ପାଦନ ମୂଲ୍ୟକୁ ଭରଣାକରିବା ପାଇଁ ଯାହା ଆବଶ୍ୟକ ଥିଲା ତା' ପରେ ବି ସାର ମୂଲ୍ୟ ବଢ଼ାଇଥିଲେ। ସେମାନଙ୍କ ପରିଚାଳନାଗତ ଲାଭକୁ ୩୬% ପର୍ଯ୍ୟନ୍ତ ବଢ଼ାଇଦେଲେ, ଏପରିକି କମ୍ ଉତ୍ପାଦ ବିକ୍ରିକରି ଏହା କରିପାରିଲେ। ସେମାନେ ଶେଷରେ ଲାଭ କରିଥିବା ଅନୁପାତ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପୂର୍ବାପେକ୍ଷା ୩ଗୁଣ ଅଧିକ। ଏସ୍ ଆଣ୍ଡ୍ ପି କମ୍ପାନୀଗୁଡ଼ିକ ଦ୍ୱାରା ଦର୍ଶାଯାଇଥିବା ହାରାହାରି ୧୩% ଲାଭଠାରୁ ଏହା ଯଥେଷ୍ଟ ଅଧିକ ଥିଲା। ସେହିପରି ବିଶ୍ୱର ଖାଦ୍ୟଶସ୍ୟ ବ୍ୟବସାୟୀମାନେ ବି ସୀମିତ ଯୋଗାଣରୁ ରେକର୍ଡ ସ୍ତରର ଲାଭ କରିପାରିଛନ୍ତି। ବହୁଦେଶୀୟ ଖାଦ୍ୟଶସ୍ୟ କମ୍ପାନୀ ଆର୍ଚର ଡାନିଏଲ୍ସ ମିଡ୍‌ଲ୍ୟାଣ୍ଡ(ଏଡିଏମ୍) ୨୦୨୨ର ମଧ୍ୟଭାଗରେ ସବୁଠୁ ଅଧିକ ତ୍ରୈମାସିକ ଲାଭ କରି ରେକର୍ଡ କରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱୀ କାର୍‌ଗିଲ ମଧ୍ୟ ଅତ୍ୟଧିକ ଲାଭ କରିଥିଲା, ଯାହାର ମୋଟ ରେଭିନ୍ୟୁ ୨୩% ବୃଦ୍ଧି ପାଇଥିଲା।

କେବଳ ଖାଦ୍ୟ ଓ ସାର କ୍ଷେତ୍ରରେ କର୍ପୋରେଟ ଏକାଗ୍ରତା ବଢ଼ିବା ଯୋଗୁ ଖାଦ୍ୟ ସଙ୍କଟ ଭଳି ସ୍ଥିତିରେ ଏଭଳି ଅତ୍ୟଧିକ ଲାଭ ସମ୍ଭବ ହୋଇଛି। ୪ଟି ଏବିସିଡି(ଆଗ୍ରିଲରେଟେଡ୍ ବିଜ୍‌ନେସ୍ କଲେକ୍‌ସନ ଆଣ୍ଡ୍ ଡେଲିଭରି) କମ୍ପାନୀଗୁଡ଼ିକ ମଧ୍ୟରୁ ଏଡିଏମ୍ ଓ କାର୍‌ଗିଲ ସମେତ ବୁଙ୍ଗେ ଓ ଡ୍ରିଫସ୍ ବିଶ୍ୱର ଆନୁମାନିକ ୭୦–୯୦% ଖାଦ୍ୟଶସ୍ୟ ବଜାରକୁ ନିୟନ୍ତ୍ରଣ କରୁଛନ୍ତି। ଆମେରିକାରେ ଯବକ୍ଷାରଜାନ ସାର ଉତ୍ପାଦନର ୭୫% ଏହି ୪ଟି କମ୍ପାନୀ ଦ୍ୱାରା ହେଉଛି ଏବଂ ବିଶ୍ୱରେ ପଟାସ ସାର ବଜାରର ୭୨% ଏମାନଙ୍କ ଅଧୀନରେ ଅଛି। ଅନେକ ଦଶନ୍ଧିର ମିଶ୍ରଣ ଏବଂ ଅଧିଗ୍ରହଣ ମାଧ୍ୟମରେ ଏଭଳି ସଂସ୍ଥାଗୁଡ଼ିକ ଯୋଗାଣ ଶୃଙ୍ଖଳାର ତଳୁ ଉପର ଯାଏ ପ୍ରଭାବ ବିସ୍ତାର କରିବାରେ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ, ବୁଙ୍ଗେ ଏବଂ ବୃହତ୍ କମ୍ପାନୀ ଗ୍ଲେନ୍‌କୋର୍‌ର ଶାଖା ଭିଟେରା ମଧ୍ୟରେ ୩୪ ବିଲିୟନ ଡଲାରର ମିଶ୍ରଣ ହୋଇଛି। ଏଥିରୁ ବୁଝାପଡୁଛି ଯେ, ସେମାନେ ପୁଣି ସୋୟାବିନ ଏବଂ କାନୋଲା ପ୍ରକ୍ରିୟାକରଣ ବଢାଇ ଏବଂ ସମଗ୍ର ଆମେରିକାରେ ବିତରଣ କରିବେ।

ଅଗ୍ରଣୀ କୃଷି ବ୍ୟବସାୟ ସଂସ୍ଥାଗୁଡ଼ିକର ବୃହତ୍ ଯୋଗାଣ–ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣ କ୍ଷମତା ଅଛି, ଯାହା ତୈଳ ବଜାରରେ ଓପିଇସିର ଭୂମିକା ସହିତ ସମାନ। ସେମାନେ ୧୯୭୦ ଦଶକରେ ଏବଂ ୨୦୦୮–୧୧ ମସିହାରେ ବଜାର ଅସ୍ଥିରତାରେ ଏହାକୁ ବ୍ୟବହାର କରିବାକୁ ଭୟକରି ନ ଥିଲେ ଏବଂ ଏହାଦ୍ୱାରା ସାର ଓ ଶସ୍ୟ କାରବାର କ୍ଷେତ୍ରରେ ମଧ୍ୟ ଅଧିକ ଲାଭ କରିଥିଲେ। ବିଶ୍ୱର ଗରିବମାନେ ସେମାନଙ୍କ ଆୟର ୬୦%ରୁ ଅଧିକ ବ୍ୟୟ କରିଥାନ୍ତି। ଏଣୁ ଖାଦ୍ୟ ମୂଲ୍ୟରେ ବୃଦ୍ଧି ହେଉଥିବା ପ୍ରତ୍ୟେକଟି ପ୍ରତିଶତ ସେମାନଙ୍କ ପାଇଁ ବିପର୍ଯ୍ୟୟ ଆଣିପାରେ। ଖାଦ୍ୟ ଏବଂ ସାରର ରପ୍ତାନି ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବା ଅନେକ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ୬୦ ବର୍ଷ ମଧ୍ୟରେ ଏବେ ସାମ୍ନା କରୁଥିବା ସବୁଠୁ ଖରାପ ଋଣ ସଙ୍କଟର ଏକ କାରଣ ମଧ୍ୟ। ଏହି ସମୟରେ, କୃଷକମାନେ ଖାଦ୍ୟ ମୂଲ୍ୟ ବୃଦ୍ଧିରେ ଲାଭ ପାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ। ମୁଖ୍ୟତଃ ବ୍ୟାପକ ବଜାର କ୍ଷମତା ଥିବା ପ୍ରମୁଖ କମ୍ପାନୀଗୁଡ଼ିକ ଦ୍ୱାରା ଇନ୍‌ପୁଟ ମୂଲ୍ୟ ସହିତ ଯୋଗାଇ ଦିଆଯାଉଥିବା ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏଭଳି ଘଟୁଛି। ଏବେ କୃଷକଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ ମୂଲ୍ୟ ହ୍ରାସ ପାଇବା ସହ ଋଣ ବୃଦ୍ଧି ହେତୁ (ସୁଧ ହାରରେ ବୃଦ୍ଧି କାରଣରୁ) ଅନେକ କୃଷକ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି।

ୟୁକ୍ରେନ୍‌ରେ ରୁଷିଆର କାର୍ଯ୍ୟକଳାପ ଭବିଷ୍ୟତରେ ଗହମ ମୂଲ୍ୟ ପୁନର୍ବାର ବୃଦ୍ଧି କରିବାକୁ ପ୍ରେରିତ କରିଛି। ଏହା ସ୍ପଷ୍ଟ ଯେ, ସତର୍କ ନ ରହିଲେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଏହା ନିଃସନ୍ଦେହ ଯେ, ଆହୁରି ଅଧିକ ବାଧା ଆସିବ। ଯଦି ବିଶ୍ୱର ଖାଦ୍ୟ ବ୍ୟବସ୍ଥା ଉପରେ ଅଳ୍ପ କିଛି କମ୍ପାନୀ ଏଭଳି ଅଯଥା କ୍ଷମତା ବଜାୟ ରଖନ୍ତି,ତେବେ ଏହାର ପରିଣାମ ଆହୁରି ଜଟିଳ ହେବା ସମ୍ଭାବନା ଅଛି। ସେଥିପାଇଁ ପରବର୍ତ୍ତୀ ସଙ୍କଟ ଆସିବା ପୂର୍ବରୁ ସରକାର ପ୍ରୋତ୍ସାହନରେ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

କୃଷି ବ୍ୟବସାୟର ଅପ୍ରତ୍ୟାଶିତ ଲାଭ ଏବଂ ଜଳବାୟୁ–ସ୍ଥାୟୀ ଖାଦ୍ୟ ପ୍ରଣାଳୀରେ ପୁନଃ ନିବେଶ କରିବାକୁ ଦୃଢ଼ ତଥା ବାଧ୍ୟତାମୂଳକ ଆହ୍ୱାନ ଦିଆଯାଇଛି। ଅସାଧୁ ଉପାୟରେ ସାର ମୂଲ୍ୟ ବୃଦ୍ଧି ଉପରେ ସରକାରୀ ଯାଞ୍ଚ ପାଇଁ କୃଷକ ସମୁଦାୟ କରୁଥିବା ଦାବି ଉପରେ ବି ପଦକ୍ଷେପ ନେବା ଦରକାର। ଏହାସହ ଅତ୍ୟଧିକ ମିଶ୍ରଣ ଏବଂ ଅଧିଗ୍ରହଣ ପ୍ରକ୍ରିୟାକୁ ପ୍ରତିହତ କରିବା ଲାଗି ପ୍ରତିଯୋଗିତା ନିୟମକୁ ଅଧିକ ଦୃଢ କରିବା ଆବଶ୍ୟକ। ଅନେକ ଦଶନ୍ଧି ହେଲା ଯାହା ସରକାରଗୁଡ଼ିକ କରିବାକୁ ଅନିଚ୍ଛୁକ ରହିଆସିଛନ୍ତି ତା' ଉପରେ ବିଚାରକରିବା ଦରକାର ଏବଂ ଏକଚାଟିଆ ମନୋଭାବକୁ ଭାଙ୍ଗିବା ଲାଗି ପଦକ୍ଷେପ ଲୋଡ଼ା। ଜନସାଧାରଣଙ୍କ ସ୍ୱାର୍ଥରେ କେଉଁ ପ୍ରକାରର ଏକୀକରଣ ହେଉଛି ତାହା ଆକଳନ କରିବା ଏବଂ ଏକ ସ୍ପଷ୍ଟ ବାର୍ତ୍ତା ଦେବା ସକାଶେ ବୁଙ୍ଗେ–ଭିଟେରା କମ୍ପାନୀର ମିଶ୍ରଣ ଏକ ସୁଯୋଗ ଆଣିଛି। ତେବେ ମୋଟ ଉପରେ ଖାଦ୍ୟ ସଙ୍କଟରୁ ଅନୁଚିତ ବା ବେଆଇନ ଲାଭ ପାଇବା ପ୍ରକ୍ରିୟାକୁ ଆଉ ସହ୍ୟ କରାଯିବ ନାହିଁ।

ସିଂହ ଲାଙ୍ଗୁଡ଼, ଶୃଗାଳ ମୁଣ୍ଡ

ରାକେଶ ପଣ୍ଡା

ଜୀବନର ଧାଁ ଦୌଡ଼ ମଧ୍ୟରେ ପ୍ରତିଟି ବ୍ୟକ୍ତିର ଗୋଟିଏ ସାଧାରଣ ଲକ୍ଷ୍ୟ ରହିଥାଏ। ତାହା ହେଉଛି ଅର୍ଥ ରୋଜଗାର। ଅର୍ଥ ରୋଜଗାରର ସାଧାରଣତଃ ଦୁଇଟି ମାର୍ଗ ଅଛି। ଗୋଟିଏ ହେଉଛି 'ଆତ୍ମନିର୍ଭରଶୀଳତା' ଏବଂ ଅନ୍ୟଟି 'ନିଯୁକ୍ତି ବା ଚାକିରି। ତେବେ ପ୍ରଥମ ମାର୍ଗଟିରେ ଜଣେ ବ୍ୟକ୍ତି ନିଜସ୍ୱ କିଛି ଅର୍ଥ ବିନିଯୋଗ କରି ବ୍ୟବସାୟ ଜରିଆରେ ରୋଜଗାର କରିଥାନ୍ତି ଏବଂ ଆତ୍ମନିର୍ଭରଶୀଳ ହୋଇଥାନ୍ତି। ଏଥିସହ,କିଛି ଯୋଗ୍ୟ ଓ ଦକ୍ଷ ବ୍ୟକ୍ତିମାନଙ୍କ ନିମନ୍ତେ ନୂତନ ନିଯୁକ୍ତି ସୃଷ୍ଟି କରିଥାନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଥାନ୍ତି। ଏମାନଙ୍କ ସଂଖ୍ୟା ସମାଜରେ କମ୍। ଅନ୍ୟପକ୍ଷରେ ଦ୍ୱିତୀୟ ମାର୍ଗକୁ ଆପଣେଇଥିବା ବ୍ୟକ୍ତିବିଶେଷ ନିଯୁକ୍ତି ଓ ରୋଜଗାରର ଏକ ସୁରକ୍ଷିତ ବଳୟ ମଧ୍ୟରେ ନିଜକୁ ଅବସ୍ଥାପିତ କରିବା ଉଦ୍ଦେଶ୍ୟରେ ଚାକିରି ପଛରେ ଧାଇଁଥାନ୍ତି! ସେଥି ନିମନ୍ତେ, ନିଜକୁ ଅନ୍ୟର ଛାୟା ତଳେ ଓ ନିୟନ୍ତ୍ରଣରେ ତାଙ୍କର ଆଜ୍ଞାଧୀନ ହୋଇ ରହିବାକୁ ମଧ୍ୟ ପସନ୍ଦ କରନ୍ତି । ଆଜିର ତାରିଖରେ ସେପରି ମାନସିକତା ଧାରଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ ଅଧିକ।

ଅଧିକାଂଶ ପିତାମାତା, ନିଜ ସନ୍ତାନସନ୍ତତିଙ୍କର ଜୀବନର ଲକ୍ଷ୍ୟଭାବରେ'ଚାକିରି'ର ମାର୍ଗକୁ ସେମାନଙ୍କ ଜନ୍ମସମୟରୁ ହିଁ ନିର୍ଦ୍ଧାରଣ କରିଥାନ୍ତି! ସେମାନେ ଆଗାମୀ ଦିନରେ ନିଜର ପିଲାକୁ ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ, କୌଣସି ଏକ ସରକାରୀ ଚାକିରିଆ ତଥା କମ୍ପାନୀମାନଙ୍କରେ ବଡ଼ଅଧିକାରୀ ଭାବରେ ଦେଖିବାକୁ ଚାହାନ୍ତି। ଯେଉଁ ଲକ୍ଷ୍ୟକୁ ପୂରଣ କରିବାକୁ ସେମାନେ ପିଲାର ପ୍ରାଥମିକ ଶିକ୍ଷା ତଥା ବିଦ୍ୟାଳୟ ସମୟରୁ ହିଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରିଥାନ୍ତି। କିନ୍ତୁ,କେବେହେଲେ ପିଲାଟିର ମନରକଥା, ଇଚ୍ଛା ଓ ଅଭିଳାଷ ତଥା ଭବିଷ୍ୟତର କାର୍ଯ୍ୟପନ୍ଥା ଗଢିବା ନିମନ୍ତେ ତା'ର କେଉଁକ୍ଷେତ୍ରରେ ଆଗ୍ରହ ଓ ଦକ୍ଷତା ଅଛି ତାହା ଜାଣିବାକୁ ଚେଷ୍ଟାକରନ୍ତି ନାହିଁ କି ସନ୍ତାନକୁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ପ୍ରେରିତ କରନ୍ତି ନାହିଁ। ଫଳରେ ଜୀବନର ପ୍ରାରମ୍ଭରୁ ହିଁ ଗୋଟିଏ ପିଲାର ମନସ୍ତତ୍ତ୍ୱ ଅନ୍ୟର ଅଧୀନରେ ରହି କାର୍ଯ୍ୟସମ୍ପାଦନ କରିବା ପରି ହୋଇଯାଇଥାଏ। ପରବର୍ତ୍ତୀ ସମୟରେ ଯେଉଁ ଚିନ୍ତାଧାରାକୁ ପରିବର୍ତ୍ତନ କରିବା କଷ୍ଟକର ହୋଇପଡ଼େ। ଆଜି ପରିସ୍ଥିତି ଏପରି ଉପୁଜିଛି, ନିଯୁକ୍ତି ଦେବା ମଣିଷଙ୍କ ସଂଖ୍ୟା ତୁଳନାରେ ନିଯୁକ୍ତି ପାଇବାର ଆଶାୟୀଙ୍କ ଭିଡ଼ ଅନେକ ଗୁଣ ଅଧିକ। ସମାଜରେ ନିଯୁକ୍ତି ଦେବା ଓ ନିଯୁକ୍ତି ପାଇବା ମଧ୍ୟରେ ଅନେକ ଅସମାନତା ପରିଲକ୍ଷିତ ହେଉଛି। ଆତ୍ମନିର୍ଭରଶୀଳ ହେବା ନିମନ୍ତେ ସରକାରଙ୍କ ଦ୍ୱାରା ଅନେକ ପ୍ରୋତ୍ସାହନ ଏବଂ ସୁବିଧା ଓ ସୁଯୋଗ ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ କୌଣସିନା କୌଣସି କ୍ଷେତ୍ରରେ ତାହା ଆଶାନୁରୂପ ସଫଳ ହୋଇପାରୁ ନାହିଁ। ଫଳସ୍ୱରୂପ ଆଗାମୀ ସମୟରେ ଭାରତକୁ ବେକାରି ସ୍ତରରେ ଏକ ବଡ ବିସ୍ଫୋରଣ ଆଡକୁ ବାଟ କଢେଇ ନେଉଛି।

ଅତୀତରେ ଅଧିକାଂଶ ବ୍ୟକ୍ତି ଓ ପରିବାର କୌଳିକ ବୃତ୍ତିକୁ ଆପଣେଇ ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ସେସବୁ ଅସ୍ତିତ୍ୱ ହରାଇ ବସିଲାଣି। ପାରିବାରିକ ତଥା କୌଳିକ ବ୍ୟବସାୟ ଓ ବୃତ୍ତିକୁ ଆପଣେଇବା ତଥା ରୋଜଗାରର ଏକ ପନ୍ଥା ଭାବରେ ଗ୍ରହଣ କରିବା ନିମନ୍ତେ ଉଭୟ ଉଚ୍ଚଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତଙ୍କର ଆଗ୍ରହ ନାହିଁ । ଏହି ପରିପ୍ରେକ୍ଷୀରେ,ସରକାରୀ ସ୍ତରରେ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନକୁ ତ୍ୱରାନ୍ୱିତ କରିବା ପୂର୍ବକ ତୃଣମୂଳ ସ୍ତରରେ ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିବା ବିଧେୟ। ଏଥିସହ, କ୍ଷୁଦ୍ର ବ୍ୟବସାୟ କରି ଲାଭ ଓ ସଫଳତା ପାଇବା ନିମନ୍ତେ ଯୁବପିଢ଼ିଙ୍କ ମନରେ ଦୃଢ଼ବିଶ୍ୱାସ ଜାଗ୍ରତ କରିବା ଉଚିତ। ଅନ୍ୟପକ୍ଷରେ, ପ୍ରତିଟି ମଣିଷ ବିଶେଷ କରି ଆଜିର ଯୁବ ପିଢି ଚାକିରି ପଛରେ ନ ଦୌଡି ଆତ୍ମନିର୍ଭରଶୀଳ ହେବା ଉଦ୍ଦେଶ୍ୟରେ ନିଜେ କିଛି କରିବାର ମାନସିକତାକୁ ଉଜାଗର କରିବାକୁ ହେବ। ସ୍ୱଳ୍ପ ଅର୍ଥ ବିନିଯୋଗ କରି ଛୋଟ ବ୍ୟବସାୟରୁ ରୋଜଗାର ଜୀବନ ଯାତ୍ରା ଆରମ୍ଭ କରିହେବ। ତେବେ ବଡ଼ ଓ ଶକ୍ତିଶାଳୀ ଜୀବ ସିଂହର ଲାଙ୍ଗୁଡ ହୋଇ ନିଜକୁ ଅନ୍ୟର ଆଦେଶ ଓ ଅଧୀନରେ ରଖି କାର୍ଯ୍ୟ କରିବା ମାନସିକତା ମଧ୍ୟରୁ ନିଜକୁ ମୁକ୍ତ କରି ଛୋଟ ଜୀବ ଶୃଗାଳର ମୁଣ୍ଡ ହୋଇ ଶରୀରରେ ଥିବା ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ନିଜର ନିୟନ୍ତ୍ରଣକୁ ଆଣି ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବାର ଅନୁଭବ ଭିନ୍ନ।

ବନ୍ଦାଳୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

ଏଇ ଭାରତରେ

ଏହେଉଛି ନୂତନ ଭାରତ, ଯେଉଁଠି ଲୋକେ ଏବେ ବି ହାତରେ ମଳ ସଫା କରୁଛନ୍ତି, ଜାତି ବ୍ୟବସ୍ଥାରେ ସମାନତାରୁ ବଞ୍ଚିତ ହେଉଛନ୍ତି। ଏଭଳି ସମସ୍ୟା ବ୍ୟଥିତ କରିଛି ବିହାରର ରାମପୁରରେ ଜନ୍ମିତ ବିନ୍ଦେଶ୍ୱର ପାଠକଙ୍କୁ। ସେ ସମାନତା ଲାଗି ଲଢେଇ କରୁଛନ୍ତି, ହାତରେ ମଳ ସଫା କରିବା ପଦ୍ଧତିକୁ ଶେଷ କରିବା ଲାଗି ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ବିନ୍ଦେଶ୍ୱର ସୁଲଭ ସାନିଟେଶନ ମୁଭମେଣ୍ଟ ଆରମ୍ଭ କରିବା ସହ ସୁଲଭ ଇଣ୍ଟରନ୍ୟାଶନାଲ ସୋସିଆଲ ସର୍ଭିସ ଅର୍ଗାନାଇଜେଶନ ପ୍ରତିଷ୍ଠା କରିଛନ୍ତି। ପ୍ରାୟ ୫ ଦଶନ୍ଧି ପୂର୍ବରୁ ସେ ହାତରେ ମଳ ସଫା କରିବା ପ୍ରକ୍ରିୟାକୁ ଶେଷ କରିବା ଲାଗି ସୁଲଭ ସାନିଟେଶନ ମୁଭମେଣ୍ଟ ଆରମ୍ଭ କରିଥିଲେ। ସରକାର ପ୍ରତିଘରକୁ ପାଇଖାନା ଯୋଗାଇ ଦେବା ଯୋଜନା କରିବା ପୂର୍ବରୁ ସେ ଭାରତରେ ଲୋକଙ୍କ ଘରେ ପାଇଖାନା ନିର୍ମାଣ କରିବା ଆରମ୍ଭ କରିସାରିଥିଲେ। ୨୦୨୧ ସୁଦ୍ଧା ସେ ତାଙ୍କ ସଂସ୍ଥା ମାଧ୍ୟମରେ ୧.୫ ମିଲିୟନ ପରିବାରରେ ପାଇଖାନା ତିଆରି କରିସାରିଛନ୍ତି। କେବଳ ଏତିକି ନୁହେଁ, ଏହି ଅଭିଯାନରେ ସେ ବଞ୍ଚିତ ତଥା ହାତରେ ମଳ ସଫା କରୁଥିବା ସମୁଦାୟ ୫୦,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇପାରିଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୮

- ବାଜପେୟୀ ସରକାରକୁ କ୍ଷମତାଚ୍ୟୁତ କରିବା ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ଜନତା ପାର୍ଟି ନେତା ଶଙ୍କର ସିଂ ବାଘେଲାଙ୍କ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ମୋର୍ଚ୍ଚାରେ ଯୋଗଦାନ।
- କାବେରୀ ଜଳବଣ୍ଟନ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ସଂଶୋଧିତ ଚିଠା ଯୋଜନାକୁ ସୁପ୍ରିମ୍‌କୋର୍ଟଙ୍କ ଅନୁମୋଦନ।
- ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ଭାବେ ବିଲ୍ କ୍ଲିଣ୍ଟନ ଯୌନ ଅପରାଧ ମାମଲାରେ ସଂଘୀୟ ଅଦାଲତର ବିଚାରମଣ୍ଡଳୀ ସମ୍ମୁଖରେ ହାଜର।

ଭିନ୍ନ ସ୍ୱର: ଭିନ୍ନ ଯନ୍ତ୍ରଣା

ଡ. ନିର୍ମଳ ଚନ୍ଦ୍ର ଶୁରଦେଓ

ବର୍ତ୍ତମାନ ଆମେ ଆଉ ଆମର ହୋଇ ରହିନାହୁଁ। ପରିବେଶ, ପରିସ୍ଥିତି ଓ ସାମାଜିକ ବ୍ୟବସ୍ଥା ଆମକୁ ଧୀରେ ଧୀରେ ଗ୍ରାସ କରି ସାରିଲାଣି। ଆମେ ଏହାରି ସ୍ଥିତିରେ ହିଁ ଗତି କ

ସୁରକ୍ଷା କର୍ମୀଙ୍କ ବନ୍ଧୁକରୁ ଗୁଳିଫୁଟି ୩ ଆହତ

ସୁନ୍ଦରଗଡ଼/ ରାଜଗାଙ୍ଗପୁର,୧୭।୮ (ଜୟ ନାରାୟଣ ମେଣ୍ଢୁଳି/ ଅଶୋକ ପାଣି)

କ୍ୟାଶ୍ ଭ୍ୟାନ୍‌ରେ ଟଙ୍କା ଲୋଡ୍ ବେଳେ ଅଘଟଣ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବସଷ୍ଟାଣ୍ଡ ତେଲି ମାର୍କେଟଠାରେ ଥିବା ଆଇସିଆଇସିଆଇ ବ୍ୟାଙ୍କରୁ ଗୁରୁବାର କ୍ୟାଶ୍ ଭ୍ୟାନ୍‌ରେ ଟଙ୍କା ଲୋଡ୍ କରୁଥିବା ବେଳେ ଅଘଟଣ ଘଟିଛି। ସୁରକ୍ଷା କର୍ମୀଙ୍କ ଅସାବଧାନତା ଯୋଗୁ ବନ୍ଧୁକରୁ ଗୁଳି ଫୁଟି ୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ରାଜଗାଙ୍ଗପୁର ଶାନ୍ତି ନଗରର ଅନୁରାଗ ତନ୍ତୀ, ଜାମପାଲିର ସୀତା ଲାକ୍ରା ଏବଂ ଏମଡି ଇଲିଆସ। ସେମାନଙ୍କୁ ପ୍ରଥମେ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଅତ୍ୟଧିକ ରକ୍ତ ସ୍ରାବ ହେଉଥିବାରୁ ଆର୍‌ଜିଏଚ୍‌କୁ ପଠାଇ ଦିଆଯାଇଛି। ଖବର ପାଇ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଏବଂ ଅନ୍ୟମାନେ ଓ ସୁନ୍ଦରଗଡ଼ର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଙ୍କ ସୁରକ୍ଷା କର୍ମୀ ରଞ୍ଜିତ ସିଂଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ଡବଲ ବ୍ୟାରେଲ ବନ୍ଧୁକ ଜବତ କରିଛି। ସୂଚନାଯୋଗ୍ୟ, ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଉକ୍ତ ବ୍ୟାଙ୍କରୁ କ୍ୟାଶ ଭ୍ୟାନ୍‌ରେ ଟଙ୍କା ଲୋଡ୍ ହୋଇ ରାଉରକେଲା ଯିବାକୁ ଥିଲା। ଏହି ସମୟରେ ସୁରକ୍ଷାକର୍ମୀ ରଞ୍ଜିତଙ୍କ ଡବଲ ବ୍ୟାରେଲ ବନ୍ଧୁକର ଟ୍ରଗିର ଅସାବଧାନତା ଯୋଗୁ ଚିପି ହୋଇଯିବାରୁ ଗୁଳି ଫୁଟିଥିବା ସୁରକ୍ଷା କର୍ମୀ ସହଯୋଗୀ ପ୍ରକାଶ କରିଛନ୍ତି।

ଅଭିନୟରେ ଗ୍ରାମ ଦୁଃଖ ଜଣାଇଲେ କୁନି କଳାକାର

କୋରାପୁଟ,୧୭।୮ (ଅମିତାଭ ବେହେରା)

ଅଭିନୟ ମାଧ୍ୟମରେ ଅତିଥିମାନଙ୍କୁ ନିଜ ଗ୍ରାମ ସମସ୍ୟା ଜଣାଉଛନ୍ତି ସୋନାଲି।

କୋରାପୁଟ ପୋଲିସ ପଡିଆଠାରେ ଆୟୋଜିତ ୭୭ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଫ୍ୟାନ୍‌ସି ଡ୍ରେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଖୁଣ ଅଭିନୟ ମାଧ୍ୟମରେ ନିଜ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଜଣାଇଛନ୍ତି ଜଣେ କୁନି ଝିଅ। ସେ ହେଲେ ପଦୁଗୁଡା ଗ୍ରାମର ଦେବୀ ପ୍ରସାଦ ଦାସଙ୍କ ୪ ବର୍ଷର ଝିଅ ସୋନାଲି ଦାସ। ସେ କୋରାପୁଟରେ ନର୍ସରିରେ ପଢୁଥିବା ଜଣାପଡିଛି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ପଦୁଗୁଡା ଗ୍ରାମର ଗ୍ରାମବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହି ଆସୁଛନ୍ତି। ଗ୍ରାମଟି ପଞ୍ଚାୟତ କାର୍ଯ୍ୟାଳୟଠାରୁ ୩ କି.ମି.ଦୂର ହୋଇଥିଲେ ମଧ୍ୟ ଗ୍ରାମକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଗ୍ରାମବାସୀ ୨ଟି ପାହାଡ଼ର ପାଦଚଲା ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଯଦି କୌଣସି ଗୁରୁତର ରୋଗୀଙ୍କୁ ମେଡିକାଲ ନେବାକୁ ହୁଏ ତେବେ ଖଟିଆ ହିଁ ଭରସା। ରୋଗୀଙ୍କୁ ଖଟିଆରେ ୩ କି.ମି. ଲୁଲା ପଞ୍ଚାୟତକୁ ଆଣିବା ପରେ ଡାକ୍ତରଖାନା ନିଆଯାଏ। ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି। ନଳକୂପ ନ ଥିବା ଯୋଗୁ ଗ୍ରାମବାସୀ ଚୁଆ ପାଣି ବ୍ୟବହାର କରୁଛନ୍ତି। ଗ୍ରାମର ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନ, ବ୍ଲକ ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଗ୍ରାମରେ ଲାଗି ରହିଥିବା ସମସ୍ୟାକୁ ନିଜେ ଉପଲବ୍ଧି କରି ସୋନାଲି ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା କୃଷି,କୃଷକ ସଶକ୍ତୀକରଣ ଓ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ନିଜ ନିଖୁଣ ଅଭିନୟ ମାଧ୍ୟମରେ ଗ୍ରାମର ଦୁଃଖ ଜଣାଇଥିଲେ। ସେହି ମଞ୍ଚରେ ମନ୍ତ୍ରୀଙ୍କ ସମେତ ଜିଲାପାଳ, ଡିଆଇଜି, ଏସ୍‌ପି, ବିଧାୟକ, ଦଳୀୟ କର୍ମୀଙ୍କ ସହ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜ ଗ୍ରାମର ସମସ୍ୟାକୁ ଅଭିନୟ ମାଧ୍ୟମରେ ସର୍ବ ସମ୍ମୁଖକୁ ଆଣିଥିବାରୁ କୁନି ଝିଅ ସୋନାଲି ସମସ୍ତଙ୍କ ପ୍ରଶଂସାର ପାତ୍ର ପାଲଟିଛନ୍ତି।

ଫାଇଲେରିଆ ଔଷଧ ଖାଇ ୮ ଛାତ୍ରୀଛାତ୍ର ଅସୁସ୍ଥ

ଆନନ୍ଦପୁର,୧୭।୮ (ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ପାଇକଚାଟରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଫାଇଲେରିଆ ଔଷଧ ସେବନ କରି ୮ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଏନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନଙ୍କୁ କୌଣସି ଔଷଧ ଖାଇବାକୁ ଦେବା ପୂର୍ବରୁ ସୂଚନା ଦେବା ଆବଶ୍ୟକ ବୋଲି ଅଭିଭାବକ ମାୟାଧର ବାରିକ, ରୂପାଲି ମାଝୀ କହିଛନ୍ତି। ସୂଚନା ଅନୁଯାୟୀ, ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅନୁମତି କ୍ରମେ ସ୍ଥାନୀୟ ଆଶାକର୍ମୀ ଛାତ୍ରୀଛାତ୍ରମାନଙ୍କୁ ଫାଇଲେରିଆ ଔଷଧ ଖାଇବାକୁ ଦେଇଥିଲେ। ପିଲାମାନଙ୍କୁ ୭ଟା ଲେଖାଏ ବଟିକା ଖାଇବାକୁ ଦିଆଯାଇଥିଲା। ତେବେ ଔଷଧ ସେବନ ପରେ ୮ ଛାତ୍ରୀଛାତ୍ର ଅଚେତ ହୋଇପଡ଼ିଥିଲେ। ଖବର ପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଅସୁସ୍ଥ ପିଲାମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସିତ ପିଲାମାନଙ୍କ ଭଲମନ୍ଦ ବୁଝାଶୁଝା କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିରଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ଦ.ପୂ. ରେଳପଥ - ଟେଣ୍ଡର

ଟେଣ୍ଡରବିଜ୍ଞପ୍ତିନଂ.:ଏମ୍‌ଇସିଏଚ୍‌ସିକେପି-୨୩-୨୪-୨୧, ତାରିଖ: ୧୬।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** କୋଚିଂ ଡିପୋ ରାଉରକେଲାର ୨୫୦ କେଭିଏ ଜ୍ୟାକ୍‌ସନ ମେକ୍ (ଇଞ୍ଜିନ-କମ୍ପିଉ) ଚିକିତ୍ସା ମରାମତି । **ଟେଣ୍ଡର ମୂଲ୍ୟ:** ₹୫,୧୮,୦୪୦.୪୮; **ବିଡ୍ ଅମାନତ:** ₹୧୦,୪୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ୍ୟ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୦୫।୦୯।୨୦୨୩ ୧୫.୦୦ ଘଣ୍ଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବା ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-520)

ଆଜି ପ୍ରଦର୍ଶନ ହେବ କୁମୁଦ ମିଶ୍ରାଙ୍କ 'ଧୂମ୍ରପାନ'

ଭୁବନେଶ୍ୱର,୧୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଅଟିଜିମ୍ ପୀଡିତଙ୍କ ପାଇଁ ଜେନ୍ ଫାଉଣ୍ଡେଶନ୍‌ର ପାଣ୍ଠି ଯୋଗାଡ଼ ପ୍ରୟାସ

ଅଟିଜିମ୍ ରୋଗରେ ପୀଡିତଙ୍କୁ ସହାୟତା ଉଦ୍ଦେଶ୍ୟରେ ପାଣ୍ଠି ଯୋଗାଡ଼ ଲାଗି ପ୍ରୟାସ ଜାରି ରଖିଛି ଜେନ୍ ଫାଉଣ୍ଡେଶନ। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଦ୍ୱିଭାଷୀ ନାଟକ 'ଧୂମ୍ରପାନ' ରବୀନ୍ଦ୍ର ମଣ୍ଡପଠାରେ ପ୍ରଦର୍ଶନ ହେବ। ବିଶିଷ୍ଟ ହିନ୍ଦୀ ଫିଲ୍ମ ତଥା ନାଟ୍ୟ ଅଭିନେତା କୁମୁଦ ମିଶ୍ରା ଓ ତାଙ୍କ ସାଥୀ

ହିନ୍ଦୀ ଓ ଇଂରାଜୀ ଭାଷାରେ ଏହାକୁ ପରିବେଷଣ କରିବେ। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରଜ୍ୟୋତି ବରାଟ୍, ଘନଶ୍ୟାମ ଲାଲ୍‌ଶା, ସିଦ୍ଧାର୍ଥ କୁମାର, ତାରୁକ୍ ରାଇନା, ସାର୍ଥକ୍ କାକ୍‌ର, ଅସ୍ମିତା ମେଘ୍ରାଜାନି ପ୍ରମୁଖ ଏଥିରେ ଅଭିନୟ କରିବେ। ନାଟକ ରଚନା ଅଧୀର ଭଙ୍ଗ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅକର୍ଷ ଖୁରାନା। ଏକ ଅଫିସ୍‌ର କେତେଜଣ କର୍ମଚାରୀ ସ୍ନୋକିଙ୍ଗ ଜୋନ୍‌ରେ ରହି ରାଜନୀତି, ସମ୍ପର୍କ ଆଦିର ମୂଲ୍ୟ ନିରୂପଣ କରୁଛନ୍ତି। ବିଶେଷକରି ବର୍ତ୍ତମାନ ସମାଜରେ ଆମେମାନେ କିଭଳି ଚିନ୍ତା, ଭୟକୁ ଧରି ଦୌଡ଼ି ଚାଲିଛନ୍ତି ସେ ସମ୍ପର୍କରେ ନାଟକଟି ପ୍ରସ୍ତୁତ ହୋଇଛି। ଉଲ୍ଲେଖଯୋଗ୍ୟ, ସାରା ବିଶ୍ୱରେ ପ୍ରାୟ ୧:୩୬ ଅନୁପାତରେ ଅଟିଜିମ୍ ରୋଗୀ ଦେଖିବାକୁ ମିଳିଥାନ୍ତି। ଏମାନେ ଯୋଗାଯୋଗ, ସାମାଜିକ, କିଛି ଭାବିବା ଭଳି ଅନୁଭବରୁ ନିବୃତ୍ତ ରହିଥାନ୍ତି। ସେମାନଙ୍କୁ ସ୍ନେହ ଓ ଭଲପାଇବା ମାଧ୍ୟମରେ ସମ୍ମାନ ଦେଇ ସମାଜରେ ଆଗକୁ ବଢ଼ିବାର ବିଭିନ୍ନ ଚେଷ୍ଟା ଚଳାଇଛି ଫାଉଣ୍ଡେଶନ। ଅଟିଜିମ୍ ପୀଡିତଙ୍କୁ ସହଯୋଗ ନିମନ୍ତେ ୨୦୧୫ରୁ ଫାଉଣ୍ଡେଶନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ୱାର୍କଶପ୍, ରାଲି, ଚିତ୍ରକଳା ପ୍ରଦର୍ଶନୀ, କ୍ରୀଡ଼ା ଆଦି ଆୟୋଜନ କରାଯାଉଛି। ୨୦୧୫ରେ କୈଫି ଅର୍ ମେଁ, ୨୦୧୬ରେ ଆଇନ୍‌ଷ୍ଟାଇନ୍, ୨୦୧୭ରେ ସିଦ୍ଧୁଜ୍ ଅଫ୍ ଅପର୍ କୁଣ୍ଡୁ, ୨୦୧୮ରେ ଟୁ ଆଡୋରେବଲ୍ ଲୁଜର୍ସ, ୨୦୨୧ରେ କିଙ୍ଗ ଲିୟର୍ ଓ ଗତବର୍ଷ ୱାନ୍ ଅନ୍ ୱାନ୍ ଭଳି ନାଟକ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି।

ଲଣ୍ଡା ପାହାଡ଼ରେ ସବୁଜିମା

ରକି ହିଲ୍‌ରେ ବୃକ୍ଷରୋପଣ କରାଯାଉଛି।

ସମ୍ବଲପୁରରେ ରକି ହିଲ୍ ଯୋଜନା

ସମ୍ବଲପୁର,୧୭।୮ (ଶୁଭାଶିଷ ପାଢ଼ୀ)

ସହର ଉପକଣ୍ଠରେ ସବୁଜ ବନାନୀ ସୃଷ୍ଟି କରିବା ପାଇଁ ସମ୍ବଲପୁର ବନଖଣ୍ଡ ପକ୍ଷରୁ ବିଭିନ୍ନ ଯୋଜନାରେ ବୃକ୍ଷ ରୋପଣ କରାଯାଉଛି। ଲଣ୍ଡା ପାହାଡ଼କୁ ସବୁଜ ସୁନ୍ଦର କରିବା ସହ ପୁନରୁଦ୍ଧାର କରାଯାଉଛି। ତଥ୍ୟ ଅନୁଯାୟୀ ୩ବର୍ଷ ଭିତରେ ପ୍ରାୟ ୪୦୦୦ ହେକ୍ଟର ଜମିରେ ଚାରାରୋପଣ ଓ ପୁନରୁଦ୍ଧାର କରାଯାଇଛି। ଏବେ ପାହାଡିଆ ଅଞ୍ଚଳରେ ପଥର ପାହାଡ଼ (ରକି ହିଲ୍) ନାମକ ଏକ ଅଭିନବ ଯୋଜନାରେ ବୃକ୍ଷ ରୋପଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଡିଭିଜନରେ ବୃକ୍ଷରୋପଣ ପାଇଁ ପରୀକ୍ଷଣ ପ୍ରକ୍ରିୟା ଚାଲୁରହିଛି। ଏହି ଅଭିନବ କାର୍ଯ୍ୟ ସଫଳ ହେବା ନେଇ ଆଶା ରହିଛି। ଆଗକୁ ଏହାର ପରିମାଣ ବୃଦ୍ଧି ପାଇବ ବୋଲି ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରନ କହିଛନ୍ତି। ଡିଏଫ୍‌ଓ ଆହୁରି କହିଛନ୍ତି, ଜଙ୍ଗଲ ବିଭାଗ ବୃକ୍ଷରୋପଣର ବିଭିନ୍ନ କୌଶଳ ଉପରେ ପରୀକ୍ଷଣ କରୁଛି। ଜଙ୍ଗଲ ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କୁ ମଧ୍ୟ ସାମିଲ କରାଯାଇଛି। ମିୟାୱାକି ବୃକ୍ଷର ସଫଳତା ପରେ ସେମାନେ ବର୍ତ୍ତମାନ ପ୍ରଥମଥର ପାଇଁ ପଥର ଜମିରେ ବୃକ୍ଷରୋପଣ ପରୀକ୍ଷା ଆରମ୍ଭ କରିଛନ୍ତି। ଦେଶର ଅଭିଜ୍ଞ ପରିବେଶବିତ୍‌ଙ୍କ ସହିତ ଆଲୋଚନା ଓ ପରାମର୍ଶ ନେବା ପରେ ଏହି ନୂତନ ପରୀକ୍ଷଣ କରାଯାଉଛି। ପୁନରୁଦ୍ଧାର ତଥା ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରାଯାଇ ସଚେତନ କରାଯାଉଛି। ସମ୍ବଲପୁର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ପ୍ରାୟ ୬୦୦ରୁ ୭୦୦ ହେକ୍ଟର ଟାଙ୍ଗରା ପାହାଡ଼ ରହିଛି। ସେଠାରେ ମାଟି ପ୍ରାୟ ନ ଥିବା ସହିତ ସମାନ। ଏହିପରି ପଥର ଜମିରେ ବୃକ୍ଷରୋପଣ କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ଏହି ଅଭିନବ ଯୋଜନା ପାଇଁ ଜିଲା ଖଣିଜ ପାଣ୍ଠିରୁ ପ୍ରତି ହେକ୍ଟର ପିଛା ୧୦ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଏଥିରେ ବିଭିନ୍ନ କିସମର ୧୬ଶହ ଚାରା ରୋପଣ କରାଯାଇ ୩ବର୍ଷ ପାଇଁ ରକ୍ଷଣାବେକ୍ଷଣ କରାଯବ। ଠିକ୍ ପଦ୍ଧତି ଅନୁସରଣ କରି ଏପରି ପଥର ଅଞ୍ଚଳରେ କେତେକ ପ୍ରଜାତି ଚାଷ କରାଯାଇପାରିବ। ନୂତନ ଯୋଜନାରେ କିଲାସମା ସଂରକ୍ଷିତ ଜଙ୍ଗଲ, ଭାଲୁବାହାଲ, ରେଙ୍ଗାଲି ରେଞ୍ଜରେ ବୃକ୍ଷରୋପଣ କରାଯାଇଛି। ଏହି ଯୋଜନାକୁ ନେଇ ପ୍ରଥମେ ମୃତ୍ତିକା କିମ୍ବା ପଥରଖଣ୍ଡ ନ ଥିବାରୁ କ୍ଷେତ୍ର କର୍ମଚାରୀ ବୃକ୍ଷରୋପଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ପରେ ସମାନ ସମସ୍ୟାକୁ ନେଇ ବିଶ୍ଳେଷଣ କରାଯାଇଥିଲା। ସମଗ୍ର ଡିଭିଜନରେ ଅନୁଧ୍ୟାନ କରାଯିବା ପରେ ପ୍ରାୟ ୭୦୦ ହେକ୍ଟର ଜମି ମିଳିଥିଲା, ଯେଉଁଠାରେ କମ୍ ବୃକ୍ଷରୋପଣ ସହିତ ପଥର ରହିଛି। ଗୋଟିଏ ହେକ୍ଟର କ୍ଷେତ୍ରକୁ ନେଇ ପରୀକ୍ଷା କରାଯାଇଛି। ଏକ ହେକ୍ଟରରେ ପ୍ରାୟ ୧୬ଶହ ଚାରା ରୋପଣ କରାଯାଇଛି। ଗେଣ୍ଡୁଲି, ବରଗଛ, ଅଁଳା, ବାହାଡ଼ା, ଅଗସ୍ତି, ମହୁଲ, କେନ୍ଦୁ ଇତ୍ୟାଦି ପ୍ରଜାତି ସହିତ ପରୀକ୍ଷା କରାଯିବ। ବୃକ୍ଷରୋପଣ ଦୁଇବର୍ଷ ପାଇଁ ମୂଲ୍ୟାଙ୍କନ ହେବ। ସମସ୍ତ ପର୍ଯ୍ୟବେକ୍ଷଣ ରେକର୍ଡ କରାଯାଇ ବିଶ୍ଳେଷଣ କରାଯିବ। ଏହା ଦ୍ୱାରା ଯେଉଁଠାରେ ଗଛ ମରିଯାଉଛି ତାହାର କାରଣ ଜଣାପଡିବ। ସ୍ଥାନୀୟ ପରିବର୍ତ୍ତନ ସହିତ ଚାରାଗୁଡିକରେ ମଧ୍ୟ ପରିବର୍ତ୍ତନ କରାଯିବ। ପଥର ଚଟାଣ ଓ କମ ମାଟି ଥିବା ସ୍ଥାନରେ ଦୁଇଫୁଟ୍ ଉଚ୍ଚତା ଓ ଦୁଇଫୁଟ୍ ଦୈର୍ଘ୍ୟର ପଥର କାନ୍ଥ କରାଯିବ। ସେଥିରେ ମାଟି ପକାଇ ଚାରା ରୋପଣ କରାଯିବ। ଚାରିପଟେ ପଥର ଥିବାରୁ ବର୍ଷା ହେଲେ ମଧ୍ୟ ମାଟି ଧୋଇବ ନାହିଁ। ଚାରାରୋପଣ କରିବା ପରେ ଭର୍ମିକମ୍ପୋଷ୍ଟ, ଜିଭାମୃତ୍ର ବ୍ୟବହାର କରାଯିବ। କମ୍ ବର୍ଷରେ ଗଛଗୁଡିକ କିଭଳି ବଡ ହୋଇ ସବୁଜ ପାହାଡ ହେବ ସେ ନେଇ ଚେଷ୍ଟା କରାଯିବ। ଏଥିପାଇଁ ବନ ବିଭାଗ କର୍ମଚାରୀ ନିୟୋଜିତ ରହି ରକ୍ଷଣାବେକ୍ଷଣ କରିବେ। ଏହି ଯୋଜନା ପାଇଁ ସ୍ଥାନୀୟ ବନ ସୁରକ୍ଷା ସମିତିର ସହଯୋଗ ନିଆଯାଇଛି। ସେମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଯୋଜନା ସଫଳ ହେଲେ ଆଗକୁ ସମ୍ବଲପୁର ଜିଲାରେ ଥିବା ଲଣ୍ଡା ପାହାଡ଼, ପଥୁରିଆ ଅଞ୍ଚଳରେ ସବୁଜ ବନାନୀ ସୃଷ୍ଟି ହେବ ବୋଲି ଡିଏଫ୍‌ଓ ନୀଳାମ୍ବରନ କହିଥିଲେ।

ଶକ୍ତି ଦକ୍ଷତା ବ୍ୟୁରୋ
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ବୈଧାନିକ ନିକାଶ)
୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍ : www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦

ଉର୍ଜା ମିତ୍ରଙ୍କ ତାଲିକାଭୁକ୍ତୀକରଣ

ଶକ୍ତି ଦକ୍ଷତା ବ୍ୟୁରୋ (ବିଇଏ) ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ବୈଷୟିକ ସହାୟତା ଏବଂ ପରାମର୍ଶ ସେବା ଯୋଗାଇବା ପାଇଁ ବଛା ବଛା ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟରରେ 'ଉର୍ଜା ମିତ୍ର' ଭାବେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇବା ପାଇଁ ଅଭିଜ୍ଞତାସମ୍ପନ୍ନ ପ୍ରମାଣିତ ଶକ୍ତି ସମୀକ୍ଷକ (ସିଇଏ)ଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି । ତାଲିକାଭୁକ୍ତୀକରଣ ଏକବର୍ଷ ଅବଧି ପାଇଁ ହେବ ଏବଂ ସର୍ବାଧିକ ଦୁଇ ବର୍ଷ ଅବଧି ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରିବ, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କର ମୁଖ୍ୟ କାର୍ଯ୍ୟପ୍ରଦର୍ଶନ ସୂଚକାଙ୍କ (କେପିଆଇ)ରେ ସନ୍ତୋଷଜନକ କାର୍ଯ୍ୟପ୍ରଦର୍ଶନ ଏବଂ ପ୍ରକଳ୍ପର ଭବିଷ୍ୟତ ଆବଶ୍ୟକତା ଉପରେ ନିର୍ଭର କରିବ ।
ତାଲିକାଭୁକ୍ତୀକରଣର ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ବୟସ ଏବଂ ଅଭିଜ୍ଞତା ଇତ୍ୟାଦି ଶକ୍ତି ଦକ୍ଷତା ବ୍ୟୁରୋ ୱେବ୍‌ସାଇଟ୍ **www.beeindia.gov.in**ରୁ ଡାଉନ୍‌ଲୋଡ୍ କରାଯାଇପାରିବ ।
ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଗ୍ରହୀ ଆବେଦନକାରୀମାନେ ନିଜର ଆମ୍ ବିବରଣୀ, ୨ଟି ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍, ପ୍ରମାଣପତ୍ର/ମାର୍କଶିଟ୍‌ର ସେଲ୍‌ଫ-ଆଟେଷ୍ଟେଡ୍ ନକଲ ତଥା ସେମାନଙ୍କର ଯୋଗ୍ୟତା ଓ ଅଭିଜ୍ଞତା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ସହିତ ଦୁଇଟି ରେଫରେନ୍ସ ଅଗ୍ରଣୀ ଖବରକାଗଜରେ ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସଚିବ, ଶକ୍ତିଦକ୍ଷତା ବ୍ୟୁରୋ, ୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ସେକ୍ଟର-I, ନୂଆଦିଲ୍ଲୀ-୧୧୦୦୬୬ଙ୍କ ନିକଟ

୧୭।୮।୨୦୨୩

୫,୮୨,୯୭୭ ଟଙ୍କା	
ସୁନା	୫.୬୦୦ ଗ୍ରାମ୍
ରୁପା	୧୮.୬୦୦ ଗ୍ରାମ୍

ସଂକ୍ଷେପରେ

ବଜ୍ରପାତରେ କୃଷକଙ୍କ ମୃତ୍ୟୁ

କଣାସ, ୧୭।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ସିରେଇ ପଞ୍ଚାୟତର ପଶିଆପଡ଼ା ଗ୍ରାମରେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାମଦେବ ଭୋଇ (୩୦)। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ଭୋଇ ଓ ତାଙ୍କ ପୁଅ କାମଦେବ ଜମିରେ ସାର ପକାଇବାକୁ ଯାଇଥିଲେ। ସେହି ସମୟରେ ବଜ୍ରପାତ ଘଟିବାରୁ କାମଦେବ ସେଠାରେ ଥିବା ଏକ ଗଛମୂଳକୁ ଚାଲି ଯାଇଥିଲେ। କୃଷ୍ଣଚନ୍ଦ୍ର ଜମିରେ ଥିଲେ। ବଜ୍ରପାତ ଫଳରେ କାମଦେବ ସେଠାରେ ଢଳି ପଡ଼ିଥିଲେ। ଚିକିତ୍ସା ପାଇଁ କୃଷ୍ଣଚନ୍ଦ୍ର ଏବଂ ଗ୍ରାମବାସୀ ସଙ୍ଗେ ସଙ୍ଗେ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ପରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଭୁବନେଶ୍ୱର କିମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାର ତାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। କାମଦେବ ବିବାହିତ ଥିବାବେଳେ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସାପ କାମୁଡ଼ାରେ ଯୁବକ ମୃତ

ଡେଲାଙ୍ଗ, ୧୭।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅରିସଲ ପଞ୍ଚାୟତରେ ଗୁରୁବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ଖଣ୍ଡିମଙ୍ଗଳପୁର ଗ୍ରାମର ରଘୁନାଥ ପ୍ରଧାନଙ୍କ ବଡ଼ପୁଅ ବିରଞ୍ଚି ପ୍ରଧାନ(୨୫)। ପ୍ରକାଶ ଯେ, ବିରଞ୍ଚି ପୂର୍ବାହ୍ନରେ ଘର ନିକଟ ଏକ ବିଲରେ କାମ କରୁଥିବା ବେଳେ ଏକ ବିଷଧର ସାପ ଦଂଶନ କରିବାରୁ ସେ ଅସୁସ୍ଥ ହୋଇପଡିଥିଲେ। ଖବରପାଇ ପରିବାର ଲୋକ ପହଞ୍ଚି ତାଙ୍କୁ ନିକଟସ୍ଥ ପିପିଲି ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ସମିତି ସଭ୍ୟା ରିତାଞ୍ଜଳି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସମବେଦନା ଜଣାଇବା ସହିତ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୃତକ ପରିବାରକୁ ତୁରନ୍ତ ସରକାରୀ ସହାୟତା ପାଇଁ ସମିତିସଭ୍ୟା ପ୍ରଧାନ ଦାବି କରିଛନ୍ତି। ଗତ ୭ ମାସ ହେବ ବିରଞ୍ଚି ବିବାହ କରିଥିଲେ ।

ପୁରୀରେ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ

ପୁରୀ, ୧୭।୮ (ଅଜିତ ମହାନ୍ତି)

ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ଅମର ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୯ରୁ 'ମେରି ମାଟି ମେରା ଦେଶ' ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୁରୀ ପେଣ୍ଡକଟାସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଆୟୋଜିତ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୀତାରାମନ ଶହୀଦଙ୍କ ପରିବାରକୁ ସମ୍ମାନ ଜଣାଇବା ସମୟରେ ଭାବୁକ ହୋଇପଡ଼ିଥିଲେ। ସେ ଜଣେ ଶହୀଦଙ୍କ ବୃଦ୍ଧା ମା'ଙ୍କ ପାଦ ଧରି ନତମସ୍ତକ ହେବା ସହ ତାଙ୍କୁ ଆଲିଙ୍ଗନ କରିଥିଲେ। ସେ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷପୂଜନ, ଚାରା ରୋପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ପଞ୍ଚପ୍ରାଣ ମନ୍ତ୍ର ଶପଥ କରାଇଥିଲେ। ୨୦୪୭ ସୁଦ୍ଧା ଭାରତକୁ ଏକ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିବା, ଦାସତ୍ୱ ମାନସିକତାକୁ ସମୂଳେ ନିପାତ କରିବା, ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବା, ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା, ନାଗରିକ ଭାବେ ଦେଶ ପ୍ରତି ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କରିବା ଏବଂ ଦେଶ ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଦେବା ନେଇ ସୀତାରାମନ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମିତ ପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଆତ୍ମନିର୍ଭରଶୀଳ କରିବା ସହ ଔପନିବେଶବାଦ ମାନସିକତାରୁ ମୁକୁଳି ଆସିବାକୁ ଜନସାଧାରଣଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଆମର ଐତିହ୍ୟ, ପରମ୍ପରାକୁ ନେଇ ଉତ୍ସବ ମନାଇବା ଓ ଦେଶର ସୁରକ୍ଷା ପାଇଁ ଏକତାକୁ ଦୃଢ଼ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ କ୍ରମେ ଦେଶ ପାଇଁ ବଳିଦାନ ଦେଇଥିବା 'ବୀର'ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଓଡ଼ିଶା ସମେତ ଦେଶବ୍ୟାପୀ 'ମେରି ମିଟି ମେରା ଦେଶ' ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ତଥା ସାହସୀ ବ୍ୟକ୍ତିଙ୍କୁ ସମ୍ମାନିତ କରିବା ଏହି ଅଭିଯାନର ଲକ୍ଷ୍ୟ। ଭାରତକୁ ଏକ ବିକଶିତ ଦେଶ କରିବା ସହ ଦାସତ୍ୱର ମାନସିକତାକୁ ମୂଳପୋଛ କରିବା ପାଇଁ ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଛାତ୍ରୀଛାତ୍ରଙ୍କ ସହ ମଶି ଚାରାରୋପଣ କରିଥିଲେ। ଏହି ଅବସରରେ ସମବେତ ଶତାଧିକ ଛାତ୍ରୀଛାତ୍ର ମାନବଶୃଙ୍ଖଳ ପରି ଭାରତ ମାନଚିତ୍ର ପ୍ରଦର୍ଶିତ କରିଥିଲେ, ଯାହାକୁ ଦେଖି କେନ୍ଦ୍ର ମନ୍ତ୍ରୀ ଖୁସିହେବା ସହ ପ୍ରସଂଶା କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲାର ବୀର ସଂଗ୍ରାମୀ ଶହୀଦ ବିଜୟ କୁମାର ଭୋଇ, ପୀତବାସ ବାରିକ, ଜିତେନ୍ଦ୍ର କୁମାର ପ୍ରଧାନ, ଉପେନ୍ଦ୍ର କୁମାର ଭୋଇ, ସୁଦାମ ଚରଣ ଦାସ, ଶହୀଦ ମନୋରଞ୍ଜନ ଲେଙ୍କା, ଦେବାଶିଷ ବିଶ୍ୱାଳ, ସାରଥି ପ୍ରଧାନ, ଶ୍ୟାମ ସୁନ୍ଦର ବାରିକ ଏବଂ ଦିଲୀପ କୁମାର ବଳିଆରସିଂହଙ୍କ ପରିବାର ବର୍ଗଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଶହୀଦ ସ୍ମୃତି ଫଳକକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉଦ୍‌ଘାଟନ କରୁଛନ୍ତି ।

ସାମିଲ ହେଲେ କେନ୍ଦ୍ର ଅର୍ଥମନ୍ତ୍ରୀ

- ସମ୍ବର୍ଦ୍ଧନା ଅବସରରେ ଶହୀଦଙ୍କ ବୃଦ୍ଧା ମା'ଙ୍କୁ ପ୍ରଣାମ କଲେ
- ଛାତ୍ରୀଛାତ୍ରଙ୍କୁ ପଞ୍ଚପ୍ରାଣର ଶପଥପାଠ କରାଇଲେ

ମୁଖ୍ୟ ଶାସନ ସଚିବ, ଉଚ୍ଚ ଶିକ୍ଷା ସଚିବଙ୍କ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଅସ୍ଥାୟୀ ଛାତ୍ରାବାସ ନିମନ୍ତେ ମୁଖ୍ୟ ଶାସନ ସଚିବ ଓ ଉଚ୍ଚ ଶିକ୍ଷା ସଚିବ ଅନୁଧ୍ୟାନ କରୁଛନ୍ତି।

ସାକ୍ଷୀଗୋପାଳ, ୧୭। ୮ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଉଚ୍ଚ ଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଗୁରୁବାର ସତ୍ୟବାଦୀ ଗସ୍ତରେ ଆସିଥିଲେ। ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ପରିଦର୍ଶନ ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ସାକ୍ଷୀଗୋପାଳ ପାନ୍ଥଶାଳା ପରିଦର୍ଶନ କରି ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ଦେଖି ତାହାର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦେଇଥିଲେ। ଏହାପରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଯାଇ ଛାତ୍ରାବାସ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ଏହି ଛାତ୍ରାବାସ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଛାତ୍ରାବାସ ହେବ। ଏହି ଛାତ୍ରାବାସର ମରାମତି ନିମନ୍ତେ ୧୦ ଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଅଡିଟୋରିୟମ ସମ୍ପୂର୍ଣ୍ଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏହି ଅଡିଟୋରିୟମକୁ ଏକ ବ୍ୟାଡ୍‌ମିଣ୍ଟନ ଓ ଟେନିସ୍ ଖେଳପଡ଼ିଆରେ ପରିଣତ କରିବା ନିମନ୍ତେ ଆବଶ୍ୟକ ଅନୁଦାନ ପ୍ରଦାନ ନିମନ୍ତେ ପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟରେ ନୂତନ ଭାବେ ନିଯୁକ୍ତି ହୋଇଥିବା ରେଜିଷ୍ଟ୍ରାର ରଶ୍ମିରେଖା ଦାସ, ଅସ୍ଥାୟୀ କାର୍ଯ୍ୟାଳୟର ସୀତାଂଶୁ ମହାପାତ୍ର ପ୍ରମୁଖଙ୍କ ସହ ଉପଜିଲାପାଳ ଭବତାରଣ ସାହୁ, ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ବିଡିଓ ଲୋଚନ ଦାସ, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଓ ଓଡ଼ିଶା ସେତୁ ନିର୍ମାଣ ନିଗମର ଅଧିକାରୀମାନେ ଉପସ୍ଥିତ ଥିଲେ।

ପୁରୀ ୟୁଥ୍ ହଷ୍ଟେଲ ସଭାଗୃହରେ ଜୁଡୋ ସ୍କୁଲ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଜୁଡୋକାମାନେ ।

ଜୁଡୋ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ପୁରୀ, ୧୭।୮ (ଅଜିତ ମହାନ୍ତି)

ସ୍ୱର୍ଣ୍ଣପଦକ ହାସଲ ସହ ଜାତୀୟ ସ୍ତରକୁ ୪ ମନୋନୀତ

ଓଡ଼ିଶା ଜୁଡ଼ୋ ଆସୋସିଏଶନ ଆନୁକୂଲ୍ୟରେ ପାରାଦୀପ ପୌରସଦନରେ ରାଜ୍ୟସ୍ତରୀୟ ଜୁଡ଼ୋ-୨୦୨୩ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାରୁ ୧୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ ଜଣ ପଦକ ଜିତିଛନ୍ତି। ୪ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ ସହ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ସମ୍ପୃକ୍ତ ଖେଳାଳିମାନେ ହେଲେ ଜୁନିୟର ବର୍ଗରେ ସୁଦର୍ଶନ ଜାଲି ଓ ରୁଦ୍ରପ୍ରସାଦ ପଣ୍ଡା, ସବ୍‌ଜୁନିୟର ବର୍ଗରେ ଏସ୍.କିରଣ ରେଡ୍ଡୀ ଓ ଧରିତ୍ରୀ ମହାପାତ୍ର। ସେହିପରି ରୌପ୍ୟ ପଦକ ହାସଲ କରିଥିବା ଜୁଡୋକାମାନେ ହେଲେ ଶୁଭଲକ୍ଷ୍ମୀ ବିଶ୍ୱାଳ, କେ.ଶିବା, ରଶ୍ମିରଞ୍ଜନ ଦାସ, ସତ୍ୟନାରାୟଣ ପାଢ଼ୀ। କାଂସ୍ୟ ପଦକ ହାସଲ କରିଥିବା ଜୁଡ଼ୋକା ହେଲେ କରନ ଖାନ୍, ନିଖିଲ କୁମାର ସାହୁ, ରୋନାଲି ଗିରି, ରୋଜାଲିନ ଜାଲି, ମଧୁସ୍ମିତା ବିଶ୍ୱାଳ ଏବଂ ଲିକୁନା ଦାସ। ଏହି କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ ଏବଂ ଅନ୍ୟ ଖେଳାଳିଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଗୁରୁବାର ପୁରୀ ୟୁଥ୍ ହଷ୍ଟେଲ ସଭାଗୃହରେ ଜୁଡ଼ୋ ସ୍କୁଲ ତରଫରୁ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇ ସମସ୍ତ ସ୍କୁଲରେ ଜୁଡ଼ୋକୁ ପ୍ରାଧାନ୍ୟ ଦେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ସ୍କୁଲ ଅଭିଭାବକ ସଂଘ ସଭାପତି ଆଡଭୋକେଟ ସୁଧାଂଶୁ ଶେଖର ରାଏ ଯୋଗଦେଇ ବିଦ୍ୟାଳୟ ସ୍ତରରେ ଜୁଡୋକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। କ୍ରୀଡ଼ା ଶିକ୍ଷକ ରଞ୍ଜନ ରେଡ୍ଡୀ, ପୂର୍ବତନ କ୍ରୀଡ଼ା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡା, ନୀତା ଫୁଟବଲ ଏକାଡେମୀର ହ୍ୟାଣ୍ଡବଲ କୋଚ୍ ଅଭିମନ୍ୟୁ ଶତପଥି ଓ ସମ୍ପାଦକ ସତ୍ୟବ୍ରତ ଷଡଙ୍ଗୀ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ନାୟକ, ଜୁଡ଼ୋ କୋଚ୍ ସବିତା ନନ୍ଦ, ଲକ୍ଷ୍ମଣ, ସତ୍ୟ ନାରାୟଣ ପାଢ଼ୀ ପ୍ରମୁଖ ପ୍ରତିଯୋଗୀଙ୍କ ଶୁଭକାମନା କରିଥିଲେ। ସହଯୋଗ ଯୋଗାଇଆସୁଥିବା ପୁରୀ ଜିଲା ସ୍କୁଲ ଏବଂ ବେଟ୍ରିକ୍ସ ସ୍କୁଲ ପ୍ରତି କୃତଜ୍ଞତା ଜ୍ଞାପନ ସହିତ ବଡ଼ଦାଣ୍ଡ ସେବା ସଂଗଠନର ମନୋଜ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ବଳଙ୍ଗା କଲେଜରୁ ଚୋରି

ବଳଙ୍ଗା, ୧୭।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା କଲେଜରୁ ଚୋରି ହୋଇଥିବା ନେଇ ଗୁରୁବାର ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବୁଧବାର ବିଳମ୍ବିତ ରାତିରେ କଲେଜର ସାମ୍‌ସ ଲାବରେଟୋରି ଗୃହର ତାଲା ଭାଙ୍ଗି ଏଲ୍‌ଇଡି ଟିଭିକୁ ନେଇଯାଇଛନ୍ତି। ଶ୍ରେଣୀଗୃହର କମ୍ପ୍ୟୁଟରରେ ପାଣି ଢାଳିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଚିରାଚିରି କରି ଦେଇଛନ୍ତି। କଲେଜ ଶ୍ରେଣୀଗୃହର କାନ୍ଥରେ ଛାତ୍ରୀଙ୍କ ନାମରେ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ଲେଖାଥିବା ଘଟଣା ଜଣାପଡ଼ିବା ପରେ ଅସନ୍ତୋଷ ଦେଖାଦେଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ହୋଇଛି। ସୂଚନା ମୁତାବକ, କଲେଜ ଅଧ୍ୟକ୍ଷ ପ୍ରଭାତ ସାହୁଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ସାମ୍‌ସ ଘର ବାହାରେ ଲାଗିଥିବା ୪ ସିସିଟିଭି କ୍ୟାମେରାକୁ ଖୋଲି ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଭିତରେ ୨ କମ୍ପ୍ୟୁଟରରେ ପାଣି ଢାଳିବା ସହ ଗୋଦ୍‌ରେଜର କାଚ ଭାଙ୍ଗି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଚିରାଚିରି କରିଥିବା ଗୁରୁବାର ସକାଳେ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତଙ୍କ କାରନାମା ଅନ୍ୟ ଏକ ସିସିଟିଭିରେ କଏଦ ହୋଇଛି। ୩ରୁ ୪ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ୧୧ଟା ରାତିରେ ମଦ୍ୟପାନ କରିବା ପରେ ଏଭଳି କାଣ୍ଡ କରିଥିବା ଅନୁମାନ କରାଯାଉଛି। ତେବେ କଲେଜରେ ରାତ୍ର ଜଗୁଆଳି ଥିଲେ ମଧ୍ୟ ଏଭଳି ଘଟଣାର ସାମାନ୍ୟତମ ସୁରାକ କିଭଳି ଜାଣିପାରିଲେନି, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

ପୋଲିସ ଭ୍ୟାନ୍ ଧକ୍କାରେ ଦମ୍ପତି ଗୁରୁତର

ଗୋପ, ୧୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ବାଲିଘାଇ ରାସ୍ତାର ଗଣେଶ୍ୱରପୁର ଛକଠାରେ ଗୁରୁବାର ଗୋପ ପୋଲିସ ଭ୍ୟାନ ଧକ୍କାରେ ଏକ ଦମ୍ପତି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଗୋପ ଡାକ୍ତରଖାନା ପକ୍ଷରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ୬ ନଂ. ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଦମ୍ପତି ହେଉଛନ୍ତି ସାକ୍ଷୀଗୋପାଳ ଥାନା ଅଧୀନ ଓଟରକେରା ଗ୍ରାମର ପ୍ରକାଶ କୁମାର ପଣ୍ଡା(୫୨) ଓ ଛବିରାଣୀ ପଣ୍ଡା(୪୭)।

ସୂଚନା ମୁତାବକ, ଏହି ଦମ୍ପତି ତାଙ୍କ ଝିଅ ସାପ କାମୁଡ଼ାରେ ଆରୋଗ୍ୟ ଲାଭ କରିବା ପରେ ପୋଇତରା ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିରକୁ ପୂଜାର୍ଚ୍ଚନା କରି ଫେରୁଥିଲେ। ସେହି ସମୟରେ ଅପରପଟୁ ଆସୁଥିବା ଗୋପ ପୋଲିସ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା। ପ୍ରକାଶ ସାମାନ୍ୟ ଆହତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଛବିରାଣିଙ୍କ ମୁଣ୍ଡରେ ପ୍ରବଳ ଆଘାତ ଲାଗିଛି। ଛବିରାଣିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ପଠାଯାଇଥିଲା। ଘଟଣାସ୍ଥଳରେ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ, ଏସ୍‌ଆଇ ଭାସ୍କର ମାଣିଆ, ଏଏସ୍‌ଆଇ ଜହୁର୍ ଖାନ୍ ତଦନ୍ତ କରିବା ସହିତ ଡାକ୍ତରଖାନାରେ ପହଞ୍ଚି ଦମ୍ପତିଙ୍କ ସହ କଥା ହୋଇଥିଲେ। ଦମ୍ପତିଙ୍କ ଭୁଲ୍ ଯୋଗୁ ଏହି ଦୁର୍ଘଟଣା ଘଟଥିବା ସ୍ଥାନୀୟ ଲୋକେ କହିଥିବାବେଳେ ପୋଲିସର ଉଦ୍ଧାର କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି। ଏଥିସହ ଥାନା ଗାଡ଼ି ଚାଳକଙ୍କ ଉପସ୍ଥିତ ବୃଦ୍ଧି ଯୋଗୁ ଦମ୍ପତି ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚି ଯାଇଥିବା ମଧ୍ୟ କହିଛନ୍ତି।

ବିଜେଡିର ସାଙ୍ଗଠନିକ ବୈଠକ

ଅସ୍ତରଙ୍ଗ, ୧୭।୮ (ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତର ବିଜେଡି କାର୍ଯ୍ୟାଳୟରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ଏବଂ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ପର

ସଂକ୍ଷେପରେ

ଦେଢ଼ବର୍ଷ ପରେ ଫେରାର ମଦ ବେପାରୀଙ୍କୁ ଧରିଲା ପୋଲିସ

ବାରଙ୍ଗ,୧୭।୮(ଲିଙ୍ଗରାଜ ରାଉତ): ଚୋରା ମଦ ଚାଲାଣ ଅଭିଯୋଗରେ ଦେଢ଼ବର୍ଷ ଧରି ଫେରାର ଥିବା ଜଣେ ମଦ ବେପାରୀଙ୍କୁ ଗୋଡ଼ିସାହି ଫାଣ୍ଡି ପୋଲିସ୍ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ସାନମୁଣ୍ଡଳୀ ଗ୍ରାମର ଦୁଷ୍ମନ୍ତ ଲେଙ୍କା (୩୧)। ସୂଚନା ମୁତାବକ, ଗତବର୍ଷ ମାର୍ଚ୍ଚ ୪ ସନ୍ଧ୍ୟା ସମୟରେ ଦୁଷ୍ମନ୍ତ ଏକ ନମ୍ବରବିହୀନ କାରରେ ଦେଶୀମଦ ଚୋରା ଚାଲାଣ କରିଥିଲେ। ଗୋଡ଼ିସାହି ପୁରୀ କେନାଲ ବ୍ରିଜ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ସେ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ତଲାସି ନେବାରେ ସେଥିରୁ ୧୮ଟି ବ୍ଲାଡରରେ ୩୫୦ ଲିଟର ଦେଶୀମଦ ଜବତ କରିଥିଲା। ଏନେଇ ଫାଣ୍ଡି ପୋଲିସ ୬୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଦୁଷ୍ମନ୍ତ ନରାଜ ମାର୍ଥାପୁରସ୍ଥିତ କାନାରା ବ୍ୟାଙ୍କରେ ଥିବା ବିଶେଷସୂତ୍ରରୁ ଖବରପାଇ ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳ ଚଢ଼ାଉ କରି ତାଙ୍କ କାବୁ କରିଥିଲେ।

କବିତା ସଙ୍କଳନ 'ଶିଶୁ ହସିଲେ ହସେ ଆମରି ଗାଁ' ଉନ୍ମୋଚିତ

ଭୁବନେଶ୍ୱର,୧୭।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଲେଖିକା ସୁଷମା ଲେଙ୍କାଙ୍କ ଶିଶୁ କବିତା ସଙ୍କଳନ 'ଶିଶୁ ହସିଲେ ହସେ ଆମରି ଗାଁ' ପୁସ୍ତକ ଗୁରୁବାର ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ୬୪ଟି ସ୍ୱରଚିତ ଶିଶୁ କବିତା ସ୍ଥାନ ପାଇଛି। ପୁସ୍ତକଟି ଲେଖିକାଙ୍କର ପଞ୍ଚମ ପୁସ୍ତକ ଏବଂ ପ୍ରଥମ ଶିଶୁ କବିତା ସଙ୍କଳନ। ପୁସ୍ତକ ଉନ୍ମୋଚନ ସମୟରେ ଅବସରପ୍ରାପ୍ତ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ଲେଙ୍କା, ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ବିଶ୍ୱଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଲେଖିକା ଆଶା କରିଛନ୍ତି।

ରାସ୍ତା ଉପରେ ଯୁବକଙ୍କୁ ଛୁରାମାଡ଼

ଭୁବନେଶ୍ୱର,୧୭।୮(ସୂର୍ଯ୍ୟକାନ୍ତ ବେହେରା): ମଞ୍ଚେଶ୍ୱର ଥାନା ପଟିଆ ଷ୍ଟେଶନ ପଦ୍ମକେଶରୀପୁର ଇଞ୍ଜିଣା ରୋଡ୍‌ରେ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି। ତେବେ ଛୁରା ମାଡ଼ରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ହାତ ଓ ଶରୀରର ଅନ୍ୟ ଅଙ୍ଗରେ ଆଘାତ ଲାଗିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣ ପଛର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଲୁଟ ପାଇଁ କେହି ଦୁର୍ବୃତ୍ତ ଏଭଳି କରିଥିବା ଆଶଙ୍କା କରାଯାଉଛି।

'ପେନ୍‌ସନ ନ ଦେଲେ ଟେନ୍‌ସନ ଦେବୁ'

ଓଷ୍ଟା ପକ୍ଷରୁ ଅହୋରାତ୍ର ଧାରଣା ଜାରି

ଲୋୟର୍ ପିଏମ୍‌ଜିରେ ଶିକ୍ଷୟିତ୍ରୀଶିକ୍ଷକମାନେ ବର୍ଷାରେ ଭିଜି ଧାରଣା ଦେଉଛନ୍ତି।

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ସମାନ କାମକୁ ସମାନ ଦରମା ସହ ୧୦ଦଫା ଦାବି ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଅହୋରାତ୍ର ଧାରଣା ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିନରେ ପ୍ରତିବାଦ ତୀବ୍ରତର ହୋଇଛି। 'ପେନସନ୍ ନ ଦେଲେ ଟେନସନ୍ ଦେବୁ' ନାରାରେ କମ୍ପିଛି ଗାନ୍ଧୀମାର୍ଗ। ହଜାର ହଜାର ଶିକ୍ଷକ ୨ଦିନ ହେଲା ରାଜରାସ୍ତାରେ ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନ ଚଳାଇଛନ୍ତି। ଏହି ଦୁଃଖଦ ଦୃଶ୍ୟ ଦେଖି ମଧ୍ୟ ସରକାର ଚୁପ୍ ରହି ସମ୍ବେଦନହୀନତାର ସମସ୍ତ ସୀମା ଅତିକ୍ରମ କରି ଯାଇଛନ୍ତି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କ୍ଷୋଭର ସହ କହିଛନ୍ତି। ଗୋଟିଏ ଗଣତାନ୍ତ୍ରିକ ଆନ୍ଦୋଳନକୁ ସରକାର ଅଣଦେଖା କରୁଛନ୍ତି। ଆଲୋଚନା ନ କରି ଗଣମାଧ୍ୟମକୁ ଆଲୋଚନା ହୋଇଥିବା ନେଇ ମିଥ୍ୟା ବିବୃତି ଦେଇ ଜନସାଧାରଣଙ୍କ ଭିତରେ ଶିକ୍ଷକଙ୍କ ପ୍ରତି ଖରାପ ମନୋଭାବ ସୃଷ୍ଟି କରିବାକୁ ଚାହୁଁଥିବା ସେ କହିଛନ୍ତି। ଅନ୍ୟପଟେ ପଚିଶ ତିରିଶ ବର୍ଷ ଧରି ଶିକ୍ଷକଙ୍କୁ କୌଣସି ଅନୁଦାନ ନ ଦେବା, ଅବସରକାଳୀନ ସୁବିଧା ସୁଯୋଗ ଲାଗୁ ନ କରି ରିକ୍ତ ହସ୍ତରେ ଶିକ୍ଷକଙ୍କୁ ଘରକୁ ବିଦା କରିବା ମୁଖ୍ୟମନ୍ତ୍ରୀଙ୍କ କେଉଁ ଲୋକପ୍ରିୟତାର ନମୁନା ବୋଲି ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ପ୍ରଶ୍ନ କରିଛନ୍ତି। ଗାନ୍ଧୀମାର୍ଗରେ ଆୟୋଜିତ ପ୍ରତିବାଦ ସଭାରେ ଓଷ୍ଟାର ଦାବିକୁ ସମର୍ଥନ ଜଣାଇ ବହୁ ଗଣସଂଗଠନ ତଥା ରାଜନୈତିକ ଦଳର ନେତୃବୃନ୍ଦ ସାମିଲ ହୋଇଛନ୍ତି। କଂଗ୍ରେସ ଦଳର ଶିବାନନ୍ଦ ରାୟ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଭାଜପାର ତେଜେଶ୍ୱର ପରିଡ଼ା, ସିପିଏମ୍ ତରଫରୁ ସନ୍ତୋଷ ଦାସ, ସିପିଆଇର ଅଭୟ ସାହୁ, ଆମ୍ ଆଦ୍‌ମୀ ପାର୍ଟିର ନିଶିକାନ୍ତ ସାହୁ, ସମାଜବାଦୀ ପାର୍ଟିର ରବି ବେହେରା, ସମୃଦ୍ଧ ଓଡ଼ିଶା ଦଳର ଜ୍ୟୋତିଷ ମହାନ୍ତି, ଅଭିଭାବକ ମଞ୍ଚର ବାସୁଦେବ ଭଟ୍ଟ, ସାମାଜିକ କର୍ମୀ ପ୍ରଦୀପ୍ତ ନାୟକ, ଓଲ୍‌ଷ୍ଟାର ସଭାପତି ବିକ୍ରମ ଦାଶ, ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ଛାତ୍ରନେତା ଷ୍ଟାଲିନ୍ ଲେଙ୍କା, ବିଶ୍ୱ ଶିକ୍ଷକ ସଂଗଠନର ନେତା ଡକ୍ଟର ଅମିୟ ମହାନ୍ତି ପ୍ରମୁଖ ଯୋଗଦେଇ ଓଷ୍ଟାର ଦାବିକୁ ସମର୍ଥନ କରିଥିଲେ।

କେନ୍ଦ୍ରୀୟ ମତ୍ସ୍ୟ ସଚିବଙ୍କ ଆଇସିଏଆର ସିଫା ପରିଦର୍ଶନ

କ୍ଷେତ୍ର ପରିଦର୍ଶନ ଅବସରରେ ମତ୍ସ୍ୟ ବିଭାଗ ସଚିବ ଡ. ଅଭିଲକ୍ଷ୍ୟ ଲିଖି ଓ ଅନ୍ୟମାନେ।

ବାଲକାଟୀ,୧୭।୮ (ମନୋଜ ମଣ୍ଡଳ)

କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ସଂସ୍ଥା ସିଫା କୌଶଲ୍ୟାଗଙ୍ଗକୁ ଗତ ବୁଧବାର ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ସଚିବ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ଅଭିଲକ୍ଷ୍ୟ ଲିଖି ପରିଦର୍ଶନ କରିଥିଲେ। ଏହି ଅବସରରେ ଜଳ କୃଷି କ୍ଷେତ୍ରର ହିତାଧିକାରୀଙ୍କ ସହ ଏକ ବୈଠକ ଆୟୋଜିତ ହୋଇଥିଲା। ସିଫାର ନିର୍ଦ୍ଦେଶକ ଡ. ପି.କେ. ସାହୁ ସିଫାର ପ୍ରଯୁକ୍ତି ଉନ୍ନୟନ ଓ ବାଣିଜ୍ୟକରଣ ସମ୍ପର୍କରେ ଆଲୋକପାତ କରି ପ୍ରୟୋଗ ବିଜ୍ଞାନର କ୍ଷେତ୍ର ପ୍ରଦର୍ଶନ କରି ସିଫା ସଫଳତା ହାସଲ କରିଥିବା କହିଥିଲେ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସାଦିକ ଆଲାମ ଓଡ଼ିଶାରେ ଜଳ କୃଷି ଓ ମତ୍ସ୍ୟଚାଷର ସ୍ଥିତି ଉପରେ ଆଲୋଚନା କରିଥିଲେ। କୌଶଲ୍ୟାଗଙ୍ଗସ୍ଥିତ ଜାତୀୟ ମତ୍ସ୍ୟଚାଷ ଉନ୍ନୟନ ପରିଷଦର ବରିଷ୍ଠ କାର୍ଯ୍ୟନିର୍ବାହୀ ଡ. ଏମ୍.କେ. ସିହ୍ନା ଏନ୍‌ଏଫ୍‌ଡି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଡ. ଲିଖି ସିଫାର କ୍ଷେତ୍ର ପରିଦର୍ଶନ କରିବା ସହ କ୍ୟାଟ୍ ଫିଶ୍ ଚାଷ ନିମନ୍ତେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଫାର ପ୍ରଧାନ ବୈଜ୍ଞାନିକ ଡ. ଜେ.କେ. ସୁନ୍ଦରାୟ ସଂଯୋଜନା କରିଥିଲେ।

'୩ ଗୁରୁଙ୍କୁ ମହ୍ଲାର ସମ୍ମାନ'

ଅତିଥିଙ୍କ ଗହଣରେ 'ମହ୍ଲାର ସମ୍ମାନ' ପାଇଥିବା ୩ ଗୁରୁ।

ମହ୍ଲାର ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଅନୁଷ୍ଠାନ ନୂପୁର ତରଫରୁ ରବୀନ୍ଦ୍ର ମଣ୍ଡପରେ ୨ଦିନ ଧରି ଚାଲିଥିବା ମହ୍ଲାର ମହୋତ୍ସବ – ୨୦୨୩ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ ସଭାପତି ମନ୍ମଥ ଶତପଥୀ, ବିଧାୟକ ଅନନ୍ତ ନାରାୟଣ ଜେନା ଓ ୟୁନିଟ–୯ ଭୁବନେଶ୍ୱରର କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୩ଜଣ ବିଶିଷ୍ଟ ଗୁରୁ ପ୍ରସ୍ତର ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଗୁରୁ ଡ. ଇଲିଆନା ଚିତାରିଷ୍ଟି ଓ ତବଲା ବାଦକ ଗୁରୁକୁଳମଣି ସାହୁଙ୍କୁ ମହ୍ଲାର ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏକ ନିଆରା ଦଳଗତ ଓଡ଼ିଶୀ ନୃତ୍ୟରୁ ସନ୍ଧ୍ୟା ଆରମ୍ଭ ହୋଇଥିଲା। 'ଗୁରୁ କୃପାହି କେବଳଂ ... ନୃତ୍ୟ ପରିବେଷଣ ହୋଇଥିଲା। ନୃତ୍ୟ ମାଧ୍ୟମରେ ଶିଳ୍ପୀ ସ୍ୱୀକାର କରୁଥିଲେ ଯେ, ବିଦ୍ୟାରମ୍ଭରେ ଗୁରୁ ଶ୍ରେଷ୍ଠ ଏବଂ ନୃତ୍ୟ ପାଇଁ ଗୀତ ଓ ବାଦ୍ୟ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାର ରଚନା ଓ ପରିକଳ୍ପନା କରିଥିଲେ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ, ସଙ୍ଗୀତ ଦେଇଥିଲେ ଗୁରୁ ରାମହରି ଦାସ, ବାଦ୍ୟ ପ୍ରୟୋଗ କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟ ରଚନା କରିଥିଲେ ଗୁରୁ ନିରଞ୍ଜନ ରାଉତ। ଯାହା ଦର୍ଶକମାନଙ୍କୁ ଏକ ଭିନ୍ନ ଅନୁଭବ ପ୍ରଦାନ କରିଥିଲା ଏବଂ ନୂପୁରର ଶିଳ୍ପୀମାନେ ଦର୍ଶକୀୟ ଆଦୃତି ସାଉଁଟି ଥିଲେ। ଏହି ଅବସରରେ ବେଙ୍ଗାଲୁରୁରୁ ଆସିଥିବା ଗୁରୁ ସରିତା ମିଶ୍ର ଏକକ ଓଡ଼ିଶୀ ନୃତ୍ୟ 'ସୂର୍ପଣ୍ଣଖା' ଶୀର୍ଷକର ଅଭିନୟ ପରିବେଷଣ କରିଥିଲେ। ସେହିପରି ଦିଲ୍ଲୀରୁ ଆସିଥିବା ପ୍ରଖ୍ୟାତ କଥକ ଶିଳ୍ପୀ ରୁପାରାଣୀ ଦାସ ବୋରାହାଙ୍କ ଦ୍ୱାରା ଏକକ କଥକ ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ ପଦ୍ମଶ୍ରୀ ଗୁରୁ ଡ. ଚିତାରିଷ୍ଟିଙ୍କ ତତ୍ତ୍ୱାବଧାନରେ ଆର୍ଟ ଭିଜନର ଶିଳ୍ପୀଙ୍କ ଦ୍ୱାରା 'ଦୁଆର ପକା ନାଟ' ବା 'ଲକ୍ଷ୍ମୀ ନାରାୟଣ ବଟନିକା' ନୃତ୍ୟାଭିନୟ ହୋଇଥିଲା। ଗୁରୁ ନିରଞ୍ଜନ ରାଉତଙ୍କ ନୃତ୍ୟ ସଂଯୋଜନା ଓ ନିର୍ଦ୍ଦେଶନାରେ କବି ମଙ୍ଗଳା ପ୍ରସାଦ ପ୍ରଧାନଙ୍କ ଧାରା – ଶ୍ରୀରାଧା କାବ୍ୟ ଅନ୍ତର୍ଗତ 'ବର୍ଷା' ଶୀର୍ଷକର ନୃତ୍ୟାଭିନୟ ପରିବେଷିତ ହୋଇଥିଲା।

'ପ୍ରକୃତି ସହ ସଂଯୋଗ' ଯୋଜନାରେ ଚାରାରୋପଣ

ଭୁବନେଶ୍ୱର,୧୭।୮ (ବନ୍ଦନା ସେଠୀ)

ମହାନ୍ ନଲେଜ୍ ଆଣ୍ଡ୍ ଚାରିଟେବୁଲ ଫାଉଣ୍ଡେଶନ (ଏମ୍‌କେସିଏଫ୍) ସାଲେପୁର କଟକ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ ପାଳନ କରି ଏହାକୁ ପ୍ରକୃତି ସହିତ ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶ ଭାବେ ଅଙ୍ଗନୱାଡି କ୍ୟାମ୍ପସରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଜଳବାୟୁରେ ଅନେକ ପରିବର୍ତ୍ତନ ବିଶ୍ୱ ପାଇଁ ମହାସଙ୍କଟ ଭାବେ ଉଭା ହୋଇଥିବାବେଳେ ଏଭଳି କାର୍ଯ୍ୟକ୍ରମ ସଚେତନତା ଆଣିବା ସହ ପରିବେଶ ଚେତନାକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି। ଫାଉଣ୍ଡେଶନ ଦ୍ୱାରା 'ପ୍ରତ୍ୟେକ ବ୍ୟକ୍ତି: ପ୍ଲାଣ୍ଟ ୱାନ୍' ସ୍ଲୋଗାନ ସହିତ ଯୁବତୀଯୁବକଙ୍କ ମନରେ ସାମାଜିକ ଦାୟିତ୍ୱବୋଧର ଆତ୍ମବିଶ୍ୱାସକୁ ପ୍ରୟୋଗ କରିବାକୁ ଚେଷ୍ଟା କରିବା ଏବଂ ପ୍ରକୃତି ପାଇଁ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଜ୍ଞାନେନ୍ଦ୍ର ଦାଶ, ସହପ୍ରତିଷ୍ଠାତା ପୁଷ୍ପଲତା କର, ପ୍ରଦୀପ୍ତ ଦ୍ୱିବେଦୀ, ବିଶ୍ୱଜିତ୍ ନାୟକ ଏବଂ ଅନ୍ୟମାନେ ଯୋଗଦେଇ ଥିଲେ।

ଓୟୁଏଟିରେ ଗାଜର ଘାସ ନିରାକରଣ ସଚେତନତା ଶିବିର

ଶିବିରରେ ଅତିଥିମାନେ ଗାଜର ଘାସ ସମ୍ବନ୍ଧିତ ୩ଟି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ସର୍ବଭାରତୀୟ ସମନ୍ୱିତ ତୃଣକ ଦମନ ଗବେଷଣା ପ୍ରକଳ୍ପ ପ୍ରାୟୋଜନରେ ପରିବେଶ କ୍ଷତିକାରକ ଗାଜର ଘାସର ନିରାକରଣ ସମ୍ପର୍କରେ ଏକ ସଚେତନତା ସପ୍ତାହର ଶୁଭାରମ୍ଭ ହୋଇଛି। ଏଥିରେ କୁଳପତି ପ୍ରଫେସର ପ୍ରଭାତ ରାଉଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପରିବେଶ ପ୍ରଦୂଷକ ଏହି ଗାଜର ଘାସର କ୍ଷତିକାରକ ଗୁଣ ସମ୍ପର୍କରେ ସମାଜର ସବୁ ସ୍ତରର ଲୋକ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଭିନ୍ନ ଉପାୟ ଅବଲମ୍ବନ ପୂର୍ବକ ଏହାର ନିରାକରଣ ପାଇଁ କୃଷି ବିଜ୍ଞାନୀମାନଙ୍କର ଯଥେଷ୍ଟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଗବେଷଣା ଅଧ୍ୟକ୍ଷ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ତୃଣକ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଡ. ରବିରତ୍ନ ଦାଶ ସଚେତନତା ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମଧ୍ୟପ୍ରଦେଶର ଜବଲପୁରସ୍ଥିତ ତୃଣକ ଗବେଷଣାର ନିର୍ଦ୍ଦେଶକ ଡ. ଜେ.ଏସ. ମିଶ୍ର ଅନଲାଇନରେ ଉପସ୍ଥିତ ରହି ଗାଜର ଘାସ ନିରାକରଣ ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସଭାରେ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସନ୍ନଜିତ ମିଶ୍ର ଗାଜର ଘାସ ସମ୍ପର୍କରେ ମତ ରଖିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ କୁଳପତି ପ୍ରଫେସର ପ୍ରଭାତ ରାଉଳ ଓ ଅତିଥିମାନେ ଗାଜର ଘାସ ସମ୍ବନ୍ଧିତ ୩ଟି ପୁସ୍ତିକା ଉନ୍ମୋଚନ କରିଥିଲେ। ଶେଷରେ ଡ. ମହମ୍ମଦ ଅବଦୁଲ ଅଲିମ ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ ଶିକ୍ଷକ, ବୈଜ୍ଞାନିକ, ବୁଦ୍ଧିଜୀବୀ ଓ ଖବରଦାତା ଉପସ୍ଥିତ ଥିଲେ ବୋଲି ଡ. ଦେବପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି।

ସରକାରୀ ଅନୁଦାନ ଦାବିରେ ୧୯ରେ ମହାସମାବେଶ

ଅଧ୍ୟାପିକା ଅଧ୍ୟାପକଙ୍କ ଦାବି ପୂରଣ ହେଲାନି

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ଓଡିଶାର ସମସ୍ତ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ (ଯୁକ୍ତ୨ ଓ ଯୁକ୍ତ୩) ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡିକରେ ପରିଚାଳନା କମିଟିଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପ୍ରାୟ ଏକମାସ ଧରି ଆନ୍ଦୋଳନ ଚଳାଇଛନ୍ତି। ସରକାରୀ ଅନୁଦାନ ପ୍ରଦାନ କରିବା ଏକମାତ୍ର ଦାବି ରହିଛି। ତେବେ ଏପର୍ଯ୍ୟନ୍ତ ଦାବି ପୂରଣ ହେଉ ନ ଥିବାରୁ ଆସନ୍ତା ୧୯ ତାରିଖ ଶନିବାର ଦିନ ବିଶାଳ ରାଲି ସହିତ ମହାସମାବେଶ କରିବା ପାଇଁ ଡାକରା ଦିଆଯାଇଛି। ସୂଚନାଥାଉ କି, ସଂଘର ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ରଙ୍କ ଆହ୍ୱାନରେ ପ୍ରାୟ ୩୫୦୦ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ସାମିଲ ହୋଇଛନ୍ତି। ତେବେ ସରକାର ଆନ୍ଦୋଳନକାରୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିବା ଫଳରେ ସେମାନେ ମାନସିକ ଚାପରେ ରହୁଥିବା କହିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରଭାବିତ ହେଉଥିବାବେଳେ ଏକମାତ୍ର ଦାବି ପୂରଣ କରିବାରେ ସରକାର କାହିଁକି ଅବହେଳା କରୁଛନ୍ତି ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି। ଗତ ଜୁନ୍ ୨୪ ରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ଏକ ନୂତନ ଅନୁଦାନ ନୀତିର ପ୍ରକ୍ରିୟାକରଣ ପାଇଁ ଚିଠି ପ୍ରକାଶ ପାଇଲାପରେ ପୁଣି ୨୮ ତାରିଖରେ ମନ୍ତ୍ରୀସ୍ତରୀୟ କମିଟିରେ ବିଚାରଧୀନ ରହିଛି ଦର୍ଶାଇ ଉକ୍ତ ଚିଠିଟିକୁ ପ୍ରତ୍ୟାହାର କରିନିଆଗଲା। ୪ଥର ମନ୍ତ୍ରୀସ୍ତରୀୟ କମିଟି ବସିଥିଲେ ମଧ୍ୟ କୌଣସି ନିର୍ଯାସ ବାହାରିପାରି ନ ଥିବାରୁ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।

ନିୟମଗିରି ସମେତ ସମସ୍ତ ଜନ ଆନ୍ଦୋଳନ ଉପରେ ରାଷ୍ଟ୍ର ଦମନ ବିରୋଧରେ ବିଭିନ୍ନ ଜନ ଆନ୍ଦ

ଗହଣ୍ଡା ଗ୍ରାମରୁ ଅହିରାଜ ଉଦ୍ଧାର

ଚୌହ୍ନାର,(ଆଶୁତୋଷ ଦାସ): ଚୌହ୍ନାର ଥାନା ଅନ୍ତର୍ଗତ ଗହଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ପ୍ରାୟ ୧୨ ଫୁଟ ଲମ୍ବର ଏକ ଅହିରାଜ ସାପକୁ ଉଦ୍ଧାର କରାଯାଇଛି। ସାପଟି ଖାଦ୍ୟ ଅନ୍ୱେଷଣରେ ଯାଇ ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପଶିଯାଇଥିଲା। ଖବରପାଇ ମଙ୍ଗରାଜପୁର ବନପାଳ ସାପ ଉଦ୍ଧାରକାରୀ ଦଳର ସଦସ୍ୟ ଶୁଭେନ୍ଦୁ ସାମଲଙ୍କୁ ଖବର ଦେଇଥିଲେ। ଶୁଭେନ୍ଦୁ ଘଟଣାସ୍ଥଳରେ ପହଞ୍ଚି ଅହିରାଜକୁ ଉଦ୍ଧାର କରିବା ପରେ ଡମଣୀ ଓ କପିଳାସ ଜଙ୍ଗଲର ମଧ୍ୟସ୍ଥଳ ଜଙ୍ଗଲରେ ଛାଡ଼ି ଦେଇଥିବା ବୈରୀ ରେଞ୍ଜର ଅଭିରାମ ଜେନା ସୂଚନା ଦେଇଛନ୍ତି।

ସଂକ୍ଷେପରେ

ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପ୍ରସ୍ତୁତି ବୈଠକ

୨୦ରେ ଉଦ୍‌ଘାଟନୀ ଉତ୍ସବ

କଟକ,୧୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଉଦ୍ଭିଦ ବିଜ୍ଞାନୀ ତଥା ଶିକ୍ଷାବିତ୍ ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ବର୍ଷେବ୍ୟାପୀ ଜନ୍ମ ଶତବାର୍ଷିକୀ ପାଳନ କରାଯିବ। ଏହି ଉପଲକ୍ଷେ କଟକ ବଙ୍ଗାଳୀସାହିସ୍ଥିତ ରାମକୃଷ୍ଣକୁଟୀର ପରିସରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ୍ ବିମଳ ପ୍ରସାଦ ଦାସ ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ହୋଇଥିବାବେଳେ ବିଶିଷ୍ଟ ପରିବେଶବିତ୍ ଡ. ଆଶୁତୋଷ ଦେବତା ଉପ ସଭାପତି ଅଛନ୍ତି। ସେହିଭଳି ଡ. ସତ୍ୟ ରାୟ ସମ୍ପାଦକ ଓ ଦିଲୀପ କୁମାର ଦାସ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟକରୁଛନ୍ତି। ଆସନ୍ତା ୨୦ ତାରିଖରେ କଟକ ସାରଳା ଭବନରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରଫେସର ଡ. ଦୀନବନ୍ଧୁ ମିଶ୍ର ଓ ଚିକିତ୍ସା ବିଜ୍ଞାନୀ ଡା. ଜ୍ଞାନେନ୍ଦ୍ର ନାଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ବୈଠକରେ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ସାହୁ, ପ୍ରିୟରଞ୍ଜନ ମହାପାତ୍ର, ଭୁବନାନନ୍ଦ ମହାନ୍ତି, ଡ. ଓଁକାର ରାଉତ, ସଞ୍ଜିତ କୁମାର ପଟ୍ଟନାୟକ, ମିଲନ କୁମାର ବଡୁ ପ୍ରମୁଖ ଯୋଗଦେଇଥିଲେ।

ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ

କଟକ ସଦର,୧୭।୮ (ସୁଶାନ୍ତ କୁମାର ଜେନା)

ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ କନ୍ଦରପୁର ପୋଲିସ ଗୁରୁବାର ପ୍ରିୟବ୍ରତ ମହାପାତ୍ର(୪୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଗୋବିନ୍ଦପୁର ଥାନା ଅନ୍ତର୍ଗତ ଭୋଦଳ ଗ୍ରାମରେ ହୋଇଥିବାବେଳେ ସେ କନ୍ଦରପୁର କଲେଜ ରୋଡ଼ରେ ଘରକରି ରହିଛନ୍ତି। ଏବେ ସେ କଣ୍ଟାପଡ଼ା ଜଳସେଚନ ସେକ୍ସନରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ୧୬ ତାରିଖ ସକାଳେ ସ୍ତ୍ରୀ ଲକ୍ଷ୍ମୀପ୍ରିୟା କରଙ୍କୁ କୌଣସି କାରଣକୁ ନେଇ ପ୍ରିୟବ୍ରତ ନିସ୍ତୁକ ମାଡ଼ ମାରି ଆହତ କରିଥିଲେ। ଏନେଇ ଲକ୍ଷ୍ମୀପ୍ରିୟା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୧/୨୩) ରୁଜୁ କରିଛି। ବର୍ତ୍ତମାନ ମହିଳା ଜଣଙ୍କ ଜଗତ୍‌ସିଂହପୁର ସଦର ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି।

ଚୋରି ପାଇପ ଜବତ,୨ ଗିରଫ

ଖୁଣ୍ଟୁଣୀ, ୧୭।୮ (ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଖାଟିଆ ଥାନା ଅଧୀନ ନୂଆଡିହିରୁ ଚୋରି ହୋଇଥିବା କାଷ୍ଟ ଆଇରନ ପାଇପ ପୋଲିସ ଟାଙ୍ଗୀ ନିକଟରୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଦୁଇଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହାରାଷ୍ଟ୍ର ମୁର୍ଜାବାଦର ସୋୟାବ ଇନ୍‌ସାନ୍ ଓ ହୋସେନ ହାରୁନ। ଏଥିସହ ଏକ ଟ୍ରକ୍ ଜବତ କରାଯାଇଛି। ନୂଆଡ଼ିହିଠାରେ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପାଇଁ ରଖାଯାଇଥିବା ଲୁହା ପାଇପକୁ ଗତ ୧୨ ତାରିଖ ରାତିରେ ୨ ଜଣ ଅଭିଯୁକ୍ତ ସ୍ଥାନୀୟ କେତେଜଣ ଲୋକଙ୍କ ସହାୟତାରେ ଏକ ଟ୍ରକ୍‌ରେ ଚୋରି କରି ନେଇ ଟାଙ୍ଗୀ ଥାନା ଅଧୀନ ବିଲକେରୁଆ ହାଇଲେଭଲ କେନାଲ ପାଖରେ ରଖିଥିଲେ। ଏ ନେଇ ପ୍ରୋଜେକ୍ଟ ମ୍ୟାନେଜର ସତ୍ୟଜିତ୍ ମାନସିଂହ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୪/୨୩) ରୁଜୁ କରିଥିଲା। ତଦନ୍ତବେଳେ ଏସ୍‌ଆଇ ସଂଯୁକ୍ତା ଖିଲାର ବିଲକେରୁଆ ନିକଟରେ ଚୋରି ପାଇପ ରଖାଯାଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ସେ ଏକ ଟିମ୍ ସହାୟତାରେ ସେଠାରେ ଚଢାଉ କରି ଚୋରି ପାଇପ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ।

୫ ଶ୍ରେଣୀ ପାଇଁ ଜଣେ ଶିକ୍ଷକ

ନିଶ୍ଚିନ୍ତକୋଇଲି,୧୭।୮ (ଅଶୋକ କୁମାର ମହାପାତ୍ର)

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ଓ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନ କଟିକଟା ପଞ୍ଚାୟତର ପାରସାଇଲୋ ସରକାରୀ ଉର୍ଦ୍ଦୁ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ସ୍କୁଲର ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଥିବାବେଳେ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ତୁରନ୍ତ ଏ ଦିଗରେ ସରକାର ଦୃଷ୍ଟି ଦେବା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଦାବି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ୧୯୪୯ ମସିହାରେ ଏହି ସ୍କୁଲ ସ୍ଥାପନ କରାଯାଇଥିଲା। ଏବେ ଏଠାରେ ୫ଟି ଶ୍ରେଣୀରେ ୬୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲ କାର୍ଯ୍ୟରେ ବ୍ୟସ୍ତ ରହୁଥିବାବେଳେ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ପାଇଁ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଏଥିଯୋଗୁ ପାଠପଢା ବ୍ୟାହତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍କୁଲର ଉପର ଭାଗରେ ରଙ୍ଗ ଦିଆଯାଇଥିବାବେଳେ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଏପରି କି ଛାତରୁ କଂକ୍ରିଟ୍‌ଖଣ୍ଡ ଖସି ଲୁହାରଡ଼ ଦେଖାଗଲାଣି। ପୂର୍ବରୁ ଅନେକ ଥର ଛାତରୁ କଂକ୍ରିଟ୍ ଖଣ୍ଡ ଖସିବା ଦ୍ୱାରା ଛାତ୍ରୀଛାତ୍ର ଆହତ ହୋଇଥିବା ନଜିର ରହିଛି। ଏବେ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ବସି ମଧ୍ୟାହ୍ନଭୋଜନ ଖାଉଛନ୍ତି। କେତେବେଳେ ଯେ ବଡ କଂକ୍ରିଟ୍ ଖଣ୍ଡ ଖସି ଜୀବନହାନି ଘଟିବ ତାହା କହିହେବ ନାହିଁ।

ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି।

ଅପରପକ୍ଷରେ ଏହି ବିଦ୍ୟାଳୟରେ ପାରସାଇଲୋ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଏହି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରାଯାଇନାହିଁ। ତେଣୁ ଏହି କେନ୍ଦ୍ରର ୩୪ଜଣ ଛାତ୍ରୀଛାତ୍ର ଉକ୍ତ ସ୍କୁଲଗୃହରେ

ପାରସାଇଲୋ ସରକାରୀ ଉର୍ଦ୍ଦୁ ବିଦ୍ୟାଳୟ

- ଛାତରୁ କଂକ୍ରିଟ୍ ଖସୁଛି, ପାଣି ଗଳୁଛି
- ବିଦପସଙ୍କୁଳ ଅବସ୍ଥାରେ ମଧ୍ୟାହ୍ନଭୋଜନ ଖାଉଛନ୍ତି ଛାତ୍ରୀଛାତ୍ର
- ସ୍କୁଲ ଘରେ ଚାଲୁଛି ଅଙ୍ଗନୱାଡି କେନ୍ଦ୍ର

ପାଠ ପଢୁଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଗୋଟିଏ ଛାତ ତଳେ ପ୍ରାୟ ୧୦୦ ଛାତ୍ରୀଛାତ୍ର ବିପଦସଙ୍କୁଳ ଭାବେ ପଢିବା ସହ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାଥଶର୍ମା ନିଶ୍ଚିନ୍ତକୋଇଲି ବିଡିଓ ଏବଂ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଲିଖିତ ଆକାରରେ ଜଣାଇବା ସହ ତୁରନ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏନେଇ ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା କହିଛନ୍ତି, ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ପଦୋନ୍ନତି ହେବା ପରେ ଏବେ ଜଣେ ଶିକ୍ଷକ ଅଛନ୍ତି। ସେଠାକୁ ଅନ୍ୟଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଛି। ବିପଦସଙ୍କୁଳ ଗୃହ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି।

'ଅମୃତଭଣ୍ଡା ପତ୍ର ରସରୁ ଡେଙ୍ଗୁ ଜ୍ୱର ଉପଶମ ହୋଇପାରିବ'

ଡେଙ୍ଗୁ ସଚେତନତା କର୍ମଶାଳାରେ ଡା. ଦୀନବନ୍ଧୁ ମହାରଣା ବକ୍ତବ୍ୟ ଦେଉଛନ୍ତି।

ଡେଙ୍ଗୁ ସଚେତନତା କର୍ମଶାଳା

କଟକ,୧୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଡେଙ୍ଗୁ ଲକ୍ଷଣ ଦେଖାଦେଲେ ଅମୃତଭଣ୍ଡା ପତ୍ରର ବଟା ରସକୁ ସକାଳ ଓ ସନ୍ଧ୍ୟାରେ ପିଇବା ଦରକାର। ୧୫ ଦିନ ଏଭଳି ପିଇଲେ ପ୍ରାଥମିକ ଅବସ୍ଥାରେ ଦେଖାଦେଉଥିବା ଡେଙ୍ଗୁ ଜ୍ୱର ଉପଶମ ହୋଇପାରିବ। ଏହି ଜ୍ୱର ସମୟରେ ସିଝାପାଣି ପିଇବା ସହିତ ଜନ୍ତା ରୁଟି ଓ ଅମୃତଭଣ୍ଡାକୁ ଅଳ୍ପ ସିଝାଇ ଖାଇବା ପାଇଁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଡେଙ୍ଗୁ ଜ୍ୱରରୁ ଉପଶମ ପାଇବା ପାଇଁ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦ ଔଷଧ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକଙ୍କ ସହ ପରାମର୍ଶ କରି ସେବନ କରିବାକୁ ପରାମର୍ଶ ଦେଇଛନ୍ତି ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଡି.ଲିଟ୍‌ପ୍ରାପ୍ତ ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣା। କଟକ ରାଣୀହାଟ ସରକାରୀ ହାଇସ୍କୁଲ ପରିସରରେ ରାଜ୍ୟସ୍ତରୀୟ ଡେଙ୍ଗୁ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ଦୀନବନ୍ଧୁ ମହାରଣା ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସମ୍ପ୍ରତି ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଜିଲାରେ ଡେଙ୍ଗୁ ରୋଗ ବ୍ୟାପିବାରେ ଲାଗିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପଲ୍ଲବୀ ମହାଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଜାମିନି ପରିଡା, ଅଭିମ୍ନାର ଅନୁଷ୍ଠାନର ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ଶିକ୍ଷାବିତ୍ ଶିବପ୍ରସାଦ ତ୍ରିପାଠୀ, ସ୍ୱାସ୍ଥ୍ୟ ସଙ୍ଗଠକ ସୁଲତା ପଣ୍ଡା ପ୍ରମୁଖ ଯୋଗଦେଇ ଡେଙ୍ଗୁର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ପୁସ୍ତକ ବିତରଣ କରାଯାଇଥିଲା। ଏହି ଅବସରରେ ଡେଙ୍ଗୁ ରୋଗ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଶୁଭମ୍ ପ୍ରସାଦ ବେହେରା, ସିମ୍‌ରନ୍ ବେହେରା ଓ ଶୁଭଲକ୍ଷ୍ମୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

ସରକାର ପଦକ୍ଷେପ ନ ନେଲେ ରାସ୍ତାରୋକୋ ହେବ

ବିଭିନ୍ନ ଦାବି ନେଇ ସିପିଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଟକ,୧୭।୮ (କାର୍ତ୍ତିକ ସାହୁ)

ସହରରେ ବ୍ୟାପୁଥିବା ଡେଙ୍ଗୁ, ମ୍ୟାଲେରିଆର ପ୍ରତିକାର ବ୍ୟବସ୍ଥା ସହ ବିଭିନ୍ନ ଦାବି ପୂରଣ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ଶାଖା ପକ୍ଷରୁ ଜିଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିୟମିତ ମଶାତେଲ ସିଞ୍ଚନ କରିବା, ଡେଙ୍ଗୁ ଓ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ସମସ୍ତ ପ୍ରକାର ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇବା, ନାଳ ନର୍ଦ୍ଦମା ଓ ସ୍ୱରେଜଗୁଡ଼ିକରେ ପୋକମରା ଔଷଧ ପକାଇବା, ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ଜଳକର ଛାଡ଼ କରିବା ଓ ସାହି ବସ୍ତିରେ ଅନେକ ଦିନ ପଡ଼ି ରହୁଥିବା ଆବର୍ଜନା ଉଠାଇବା ଆଦି ଦାବି କରାଯାଇଛି। ଦଳୀୟ କର୍ମୀମାନେ କଚେରୀ ଗଡ଼ାଠାରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ କରିଥିଲେ। ଜିଲା ସମ୍ପାଦକ ବିନୋଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସହ ସମ୍ପାଦକ ଉଦୟ କେଶରୀ ବର୍ମା, ଅମରେନ୍ଦୁ ମହାନ୍ତି, ରାମଚନ୍ଦ୍ର ବେହେରା, ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରକାର ପଦକ୍ଷେପ ନ ନେଲେ ପାର୍ଟି ପକ୍ଷରୁ ରାସ୍ତାରୋକୋ କରାଯିବ ବୋଲି ଘୋଷଣା କରାଯାଇଛି।

ଜିଲାପାଳଙ୍କୁ ଦାବିପତ୍ର

- ଡେଙ୍ଗୁ, ମ୍ୟାଲେରିଆ ପାଇଁ ପ୍ରତିକାର ବ୍ୟବସ୍ଥା ହେଉ

କୈବର୍ତ୍ତ ସମାଜସେବୀ ସଂଘର କର୍ମକର୍ତ୍ତା ମନୋନୀତ

କଟକ ସଦର,୧୭।୮ (ସୁଶାନ୍ତ କୁମାର ଜେନା)

କୈବର୍ତ୍ତ ସମାଜ ସେବୀ ସଂଘର ବୈଠକ କଟକସ୍ଥିତ ଶ୍ରୀରାମ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ରବୀନ୍ଦ୍ରନାଥ ବେହେରା, ଉପ ସଭାପତି ପ୍ରଦୀପ୍ତ କୁମାର ମହାଳି, ସମ୍ପାଦକ ବିଜୟ କୁମାର ମହାଳି, ସହ ସମ୍ପାଦକ ଗୋଲେଖ ଚନ୍ଦ୍ର ବେହେରା, ଗଣେଶ ବେହେରା, ପ୍ରଭାକର ବେହେରା ଓ କୁମର ଚନ୍ଦ୍ର ବେହେରା ମନୋନୀତ ହୋଇଥିଲେ। ସେହିପରି ସଙ୍ଗଠନ ସମ୍ପାଦକ ଭାବେ ଦେବକୀ ବେହେରା, ଚିତ୍ତରଞ୍ଜନ ବେହେରା, ଅକ୍ଷୟ କୁମାର ମାଦେଳି, ମଥୁରାନନ୍ଦ ତରାଇ, ସୁରେନ୍ଦ୍ର ମାଝି, ରମଜାନ ମାଝି, ବନମାଳି ବିହାରୀ, ତ୍ରିଲୋଚନ ବେହେରା, ସନ୍ତୋଷ ଦଳାଇ, ଗୋପୀନାଥ ବେହେରା ଓ କୋଷାଧ୍ୟକ୍ଷ ମୋହନ ବେହେରା, ଡିଜିଟାଲ ଅର୍ଗାନାଇଜର ସୁଶାନ୍ତ ତରାଇ ମନୋନିତ ହୋଇଛନ୍ତି।

ଗଣ୍ଡରପୁର ରାସ୍ତା ବିପର୍ଯ୍ୟସ୍ତ

ଚାଉଳିଆଗଞ୍ଜ ଥାନାଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମୀମାନେ।

ଚାଉଳିଆଗଞ୍ଜ ଥାନାଧିକାରୀଙ୍କୁ ଦାବିପତ୍ର

କଟକ,୧୭।୮ (କାର୍ତ୍ତିକ ସାହୁ)

ଗଣ୍ଡରପୁର ଅଞ୍ଚଳରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ କଂଗ୍ରେସ ନେତା ଅଜୟ ଗୋଚ୍ଛାୟତଙ୍କ ନେତୃତ୍ୱରେ କର୍ମୀମାନେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଚାଉଳିଆଗଞ୍ଜ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗଣ୍ଡରପୁରସ୍ଥିତ ଓଡ଼ିଶା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ନିକଟରୁ ଶିଖରପୁର ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଏହାଦ୍ୱାରା ପ୍ରତିଦିନ ଦୁର୍ଘଟଣା ଘଟୁଛି। କାର୍ଯ୍ୟ କରୁଥିବା ଠିକା ସଂସ୍ଥା ସ୍ଥାୟୀ ରାସ୍ତା ନିର୍ମାଣ ଓ ରାସ୍ତା ନିର୍ମାଣ ପର୍ଯ୍ୟନ୍ତ ଦିନକୁ ଦୁଇ ଥର ଜଳ ସିଞ୍ଚନ ବ୍ୟବସ୍ଥା କରିବାକୁ କୁହାଯାଇଛି। ଗୁଣ୍ଡ ପକାଇ ଖାଲ ପୋତି ଅସ୍ଥାୟୀ ମରାମତି କରିବା ଦ୍ୱାରା ଗାଡ଼ି ଚଳାଚଳବେଳେ ରାସ୍ତାରୁ ଗୁଣ୍ଡ ଉଡ଼ି ଧୂଳିମୟ ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ ବାସିନ୍ଦା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଚଳପ୍ରଚଳ କରୁଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନବେଳେ ପ୍ରତାପ ପରିଡ଼ା, ଦିଲୀପ ଦଳାଇ, ସନ୍ତୋଷ ଭୋଳ, ଦିଲୀପ କୁମାର ନାୟକ, ସୁରଜିତ୍ ସାହୁ, ବିମଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଗାୟତ୍ରୀ ସରାଫ ପାଇବେ ସରଳା ଦେବୀ ସ୍ମୃତି ସମ୍ମାନ

କଟକ,୧୭।୮ (କାର୍ତ୍ତିକ ସାହୁ)

ଓଡ଼ିଆ ଲେଖିକା ଗାୟତ୍ରୀ ସରାଫଙ୍କୁ ଚଳିତ ବର୍ଷର ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏଥିସହ ପଦ୍ମଶ୍ରୀ ସାବରମତୀ ଓ ନାରୀନେତ୍ରୀ ସ୍ମୃତି ପଟ୍ଟନାୟକଙ୍କୁ ସରଳା ଦେବୀ ସେବା ସମ୍ମାନ ପ୍ରଦାନ କରାଯିବ। ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ

ସଂକ୍ଷେପରେ

୪ ଗୋରୁ ଜୀବନ୍ତ ଦଗ୍ଧ

ବେଗୁନିଆ, ୧୭।୮ (ହର ପ୍ରସନ୍ନ ପଣ୍ଡା): ବେଗୁନିଆ ତହସିଲ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମରେ ବୁଧବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୪ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ମୁତାବକ, ଗ୍ରାମର ଚନ୍ଦ୍ରଶେଖର ପାଇକରାୟ ଜଣେ ଗୋ-ପାଳକ। ତାଙ୍କ ଗୁହାଳ ଘରେ ୪ଟି ଗୋରୁ ଥିଲେ। ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ଗୁହାଳ ଜଳୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ନିଆଁକୁ ଆୟତ୍ତ କରିବା ପୂର୍ବରୁ ଗୁହାଳ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଗୁହାଳେ ଥିବା ୪ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବିପନ୍ନଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ବ୍ରତତୀ ମିଶ୍ର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା

ନିରାକାରପୁର, ୧୭।୮ (ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅଧୀନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ରସାୟନ ବିଭାଗ ପ୍ରାଧ୍ୟାପିକା ବ୍ରତତୀ ମିଶ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେଜର ସର୍ବାଙ୍ଗୀନ ବିକାଶ ସହିତ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଅଧ୍ୟକ୍ଷା ମିଶ୍ର ଦାୟିତ୍ୱ ନେବା ପରେ ସ୍ଥାନୀୟବାସିନ୍ଦାଙ୍କ ସମେତ ନିରାକାରପୁର ସାମାଜିକ ସଂଘର ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସଭ୍ୟ ସଂଗ୍ରାମ କେଶରୀ ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସ୍ୱାଗତ କରିଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୩୧ରେ କଲେଜର ପୂର୍ବତନ ଅଧ୍ୟକ୍ଷା ଡ. ପ୍ରତିଭାମୟୀ ମିତ୍ର ପଦବୀରୁ ଅବସର ନେବା ପରେ ଫିଜିକ୍ସ ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା କାର୍ଯ୍ୟଭାର ତୁଲାଉଥିଲେ। ତେବେ ବରିଷ୍ଠତା ଭିତ୍ତିରେ ଉଚ୍ଚଶିକ୍ଷା ବିଭାଗ ଚିଠି ନଂ. ୩୪୫୨୪/୨୩ ଅନୁଯାୟୀ ପ୍ରାଧ୍ୟାପିକା ମିଶ୍ରଙ୍କୁ ଏହି ଦାୟିତ୍ୱ ମିଳିଛି।

୨୦ରୁ କାଳୁପଡ଼ାଘାଟ ଷ୍ଟେଶନରେ ପ୍ରଶାନ୍ତି ଏକ୍ସପ୍ରେସ ରହଣୀ

ଟାଙ୍ଗୀ, ୧୭।୮ (ରଘୁନାଥ ସାହୁ): ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅନ୍ତର୍ଗତ କାଳୁପଡାଘାଟ ରେଳ ଷ୍ଟେଶନରେ ଆସନ୍ତା ୨୦ ତାରିଖରୁ ଭୁବନେଶ୍ୱର- ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ ରହଣି ହେବ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଖୁସିର ବାତାବରଣ ଖେଳିଯାଇଛି। ଟ୍ରେନକୁ ସ୍ୱାଗତ କରାଯିବା ସହ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମିତ ପାତ୍ର, ରାଜ୍ୟ ଭାଜପା ପୂର୍ବତନ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ରେଳ ୟୁଜର୍ସ କମିଟିସଭାପତିଡ.ଚନ୍ଦ୍ରକାନ୍ତ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ପ୍ରଧାନ, ତ୍ରିଲୋଚନ ସାହୁ, ପ୍ରଭାକର ପ୍ରଧାନ, ନରେନ୍ଦ୍ର ବିଶ୍ୱାଳ, ବୁବୁନା ପଟ୍ଟନାୟକ, ସାରଙ୍ଗଧର ବିଶ୍ୱାଳ, ରଘୁନାଥ ସାହୁ, ଚନ୍ଦ୍ରଶେଖର ମିଶ୍ର, ଦିଲୀପ କୁମାର ନାଥ, ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

ଅସ୍ତିତ୍ୱ ଖୋଜୁଛି ଖୋର୍ଦ୍ଧାଗଡ଼

ଖୋର୍ଦ୍ଧା, ୧୭।୮ (ପ୍ରଭାତ ପାଣିଗ୍ରାହୀ)



- ■ ଅତୀତର ସ୍ମୃତି, ଅସ୍ମିତାକୁ ନେଇ ଦଣ୍ଡାୟମାନ
- ■ ପାଇକ ବିଦ୍ରୋହର ଅନ୍ତୁଡିଶାଳ ଜରାଜୀର୍ଣ୍ଣ
- ■ ନାମଫଳକ ଲଗାଇ ଦାୟିତ୍ୱ ଭୁଲିଗଲା ଏଏସ୍ଆଇ

ଐତିହ୍ୟ, ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହା ଲୁପ୍ତ ହୋଇଗଲେ, ସେହି ଜାତିର ଅସ୍ତିତ୍ୱ ହଜିଯାଏ। ଏହିକ୍ରମରେ ଗରିମାମୟ ଐତିହ୍ୟକୁ ନିଜ ବକ୍ଷରେ ଜାବୁଡି ଧରି ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ଼। ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଏହି ଗଡ଼ ଏବେ ବିଲୁପ୍ତ ଓ ଭଗ୍ନ ଅବସ୍ଥାରେ ରହିଛି। ଯେଉଁଠାରୁ ଦିନେ ପାଇକ ବୀରମାନେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ, ସେହି ଗଡ଼ ଆଜି ନିଜ ପରିଚୟ ଖୋଜୁଛି। ସରକାରଙ୍କ ଅବହେଳା ଯୋଗୁ ଏହି ଗଡ଼ ଲୁପ୍ତ ହେବାକୁ ବସିଛି। ଏହି ଦୁର୍ଗ ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧା ଦୁର୍ଗର ଉନ୍ନତି ହାତକୁ ନେଇଥିଲା। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ହେଲେ ଏହି ଗଡ଼ ଜରାଜୀର୍ଣ୍ଣକାରଣରୁଏଠାରେ ପର୍ଯ୍ୟଟକଙ୍କ ପାଦ ପଡୁ ନ ଥିବା ଜଣାପଡିଛି।

ପାଇକ ବିଦ୍ରୋହ ଓଡ଼ିଆ ଜାତିର ସ୍ୱାଭିମାନ। ଏ ମାଟି ପାଇକମାନଙ୍କ ଅସୀମ ବୀରତ୍ୱ ପାଇଁ ଗର୍ବ କରେ। ତେବେ ଏହି ପାଇକଙ୍କ ଅନ୍ତୁଡ଼ିଶାଳ ଖୋର୍ଦ୍ଧାଗଡ଼। ଯାହାକି ଲାଲମାଟିର ଗଡ଼ ବୋଲି କୁହାଯାଏ। ପ୍ରଥମେ ଏହି ମାଟିରୁ ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ ଡାକରା ଦିଆଯାଇଥିଲା। ମାଟିର ସୁରକ୍ଷା ପାଇଁ ଅନେକ ପାଇକବୀରଙ୍କୁ ଜନ୍ମ ଦେଇଥିବା ଏହି ଗଡ଼ ନଷ୍ଟ ହେବାକୁ ବସିଛି। ଚାରିଆଡେ ଅନାବନା ଗଛଲତା ମାଡି ଲୁଚିଗଲାଣି। ସରକାର ଗତ ବର୍ଷ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ ବିଧାନସଭାରେ ଶ୍ୱେତପତ୍ର ଜାରି କରିଥିବା ବେଳେ ଏହାର ଅସ୍ତିତ୍ୱ ସହ ଜଡିତ ଖୋର୍ଦ୍ଧାଗଡର ବିକାଶକୁ ଅଣଦେଖା କରୁଛନ୍ତି। ଏପରିକି ସ୍ଥାନୀୟ ଜିଲା ପ୍ରଶାସନର ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଗଡର ପୁନରୁଦ୍ଧାର ହୋଇପାରୁନଥିବା ବୁଦ୍ଧିଜୀବୀ, ଗବେଷକମାନେ କହିଛନ୍ତି। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ ୧୫୬୮ ମସିହାରେ ଗଜପତି ମୁକୁନ୍ଦଦେବ ନିହତ ପରେ ରାଜ୍ୟରେ ଅରାଜକତା ଦେଖାଯାଇଥିଲା। କଳାପାହଡ଼ ଉତ୍କଳରେ ଧ୍ୱଂସ ତାଣ୍ଡବ ରଚିବା ଆରମ୍ଭ କରିଥିଲା। ଅନେକ ମଠ, ମନ୍ଦିର ଧ୍ୱଂସ ପାଇଲା। ରମେଇ ରାଉତରାୟ ବରୁଣେଇ ପାଦଦେଶରେ ଜଗନ୍ନାଥପୁର-କଟକ ନାମରେ ୧୫୬୮ରେ ଏକ ନୂତନ ଗଡ଼ ନିର୍ମାଣ କରିଥିଲେ। ରମେଇ ରାଉତରାୟ ଗଜପତି ରାମଚନ୍ଦ୍ର ଦେବ ଭାବେ ପରିଚିତ ହେଲେ। ଗଡ଼ର ପୂର୍ବ ଦିଗରେ ଥିବା ବର୍ତ୍ତମାନର ବଡ଼ତୋଟା ହାଇସ୍କୁଲ ରାଜାଙ୍କର ଅସ୍ତ୍ରାଗାର ବୋଲି ଅନୁମାନ କରାଯାଉଥିବା ଐତିହାସିକମାନେ କୁହନ୍ତି । ଗଡ଼ ମଧ୍ୟରେ ୧୫ଏକର ପରିମିତ ସ୍ଥାନରେ ରହିଥିବା ରାଣୀ ପୋଖରୀ ରହିଛି। ଏଥିସହିତ ଗଡ ମଧ୍ୟରେ ହନ୍ତେଶ୍ୱରୀ ମନ୍ଦିର ରହିଥିଲା। ଯାହା ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି। କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ଏହି ଗଡ଼ର ପୁନରୁଦ୍ଧାର କରାଗଲେ, ସାରା ଦେଶରେ ଏହାର ଗୌରବ ବଢିବ। ପାଇକ ବୀର ଏବଂ ଏହି ଗଡର ଐତିହ୍ୟ ସମ୍ପର୍କରେ ସାରା ସମାଜ ଜାଣିପାରିବ। ସେହିପରି ଗବେଷକ ପ୍ରଫେସର ନାରାୟଣ ରାଓ କହିଛନ୍ତି, ଖୋର୍ଦ୍ଧାଗଡ଼ର ଏକ ଗରିମାମୟ ଐତିହ୍ୟ ରହିଛି। ଏହି ଗଡରେ ବହୁ ଐତିହ୍ୟ କୀର୍ତ୍ତିରାଜି କାଳଖଣ୍ଡରେ ବିଲୁପ୍ତ ଅବସ୍ଥାରେ ରହିଛି। ଗଡ଼ ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜି ସଂରକ୍ଷଣ ହୋଇପାରିବ। ଏହା ଓଡ଼ିଆ ଜାତିର ଗୌରବକୁ ବୃଦ୍ଧି ସହ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏହାର ସମ୍ମାନ ବଢିପାରିବ। ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସମ୍ପାଦକ ଡ.ଦିଲୀପ ଶ୍ରୀଚନ୍ଦନ କୁହନ୍ତି, ଏହି ଗଡ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନ। ଏହି ଗଡ ସହିତ ଓଡ଼ିଆ ପାଇକ ବୀରଙ୍କ ବୀରତ୍ୱର ଗାଥା ଜଡିତ ରହିଛି। ଏହାର ପୁନରୁଦ୍ଧାର କରାଗଲେ କେବଳ ଖୋର୍ଦ୍ଧା ନୁହଁ ବରଂ ଓଡ଼ିଶାର ଗୌରବ ବଢିପାରିବ। ଖୋର୍ଦ୍ଧା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୁଷ୍ଟି କୁହନ୍ତି, ଏହି ଗଡ଼ର ପୁନରୁଦ୍ଧାର ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ପାଇକବୀରଙ୍କ ପାଇଁ ଉପଯୁକ୍ତ ସମ୍ମାନ ହେବ। ଗବେଷକ ସତ୍ୟବାଦୀ ବଳିୟାରସିଂ କହିଛନ୍ତି, ପାଇକ ବିଦ୍ରୋହ ସହ ଖୋର୍ଦ୍ଧାଗଡ ଅଙ୍ଗାଙ୍ଗୀ ଭାବେ ଜଡିତ। ଏହାର ପୁନରୁଦ୍ଧାର କରାଗଲେ, ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମକୁ ଆଗାମୀ ପିଢି ଜାଣିବାର ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ପାଇକ ବିଦ୍ରୋହର ସ୍ମୃତି ସ୍ୱରୂପ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ୨୦୧୯ ମସିହାରେ ବରୁଣେଇ ପାଦଦେଶରେ ଶିଳାନ୍ୟାସ କରିଥିଲେ। ତେବେ ସ୍ମାରକୀ ସହ ଖୋର୍ଦ୍ଧାଗଡର ପୁନରୁଦ୍ଧାର ଜରୁରୀ। ଏହି ଗଡରୁ ପାଇକ ବୀରମାନେ ଯୁଦ୍ଧ ରଣକୌଶଳ ବିଷୟରେ ଆଲୋଚନା କରି ପରବର୍ତ୍ତୀ ସମୟରେ ସଂଗ୍ରାମରେ ଯାଶ ଦେଇଥିଲେ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ ସହ ଜଡିତ। ଏହାର ପୁନରୁଦ୍ଧାର ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ତ୍ରୁଟି ସଂଶୋଧନ

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ୭୭ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳିତ ହୋଇଥିଲା। ଏଥିରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ସହଧର୍ମିଣୀ ଲକ୍ଷ୍ମୀ ଦିବ୍ୟାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଭୁଲବଶତଃ ସ୍ୱାଧୀନତା ସଂଗ୍ରାମୀ ନାରାୟଣଙ୍କ ନାମ ନୀଳକଣ୍ଠ ବୋଲି ପ୍ରକାଶିତ ହୋଇଥିଲା। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ। ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି।

କାର୍ ଓଲଟି ୪ ଆହତ

ଭୁବନେଶ୍ୱର, ୧୭।୮ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ଜୟଦେବ ବାଟିକା ନିକଟରେ ଏକ କାର୍ ଭାରସାମ୍ୟ ହରାଇ ଏକ ଆଶ୍ରମର ପାଚେରିକୁ ଧକ୍କା ଦେଇ ଓଲଟି ପଡିବାରୁ ୪ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଆହତଙ୍କ ମଧ୍ୟରେ ଜଣେ ଏକ ଘରୋଇ ସଂସ୍ଥାର ମୁଖ୍ୟ(ସିଇଓ) ସିଦ୍ଧାର୍ଥ ପାତ୍ର ଥିବାବେଳେ ଅନ୍ୟମାନଙ୍କର ପରିଚୟ ଜଣାପଡ଼ିନାହିଁ। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ଏକ କାର୍ (ଓଡି୦୨-ବିଓ- ୮୦୪୮) ଦ୍ରୁତ ଗତିରେ ଯାଉଥିବା ବେଳେ ଜୟଦେବ ବାଟିକା ନିକଟରେ ଭାରସାମ୍ୟ ହରାଇ ସ୍ଥାନୀୟ ଏକ ଆଶ୍ରମର ପାଚେରି ଭାଙ୍ଗି ଭିତରେ ଓଲଟି ପଡ଼ିଥିଲା। ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ଉଦ୍ଧାର କରିଥିଲେ।

ବେଗୁନିଆ: ବରମୂଳେଇଙ୍କ ପୀଠରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

୧୨୪ ନିର୍ମାଣ ଶ୍ରମିକ ପାଇଲେ କଲ୍ୟାଣ ସହାୟତା

ବେଗୁନିଆ, ୧୭।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ମା' ବରମୂଳେଇଙ୍କ ପୀଠ ପରିସରରେ ଗୁରୁବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତ ଭୁବନେଶ୍ୱର ଦ୍ୱାରା ପରିଚାଳିତ ଏହି ବଣ୍ଟନ ଶିବିରରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ବକ୍ତା, ଭୁବନେଶ୍ୱର ଡିଭିଜନ ଲେବର କମିଶନର ପ୍ରଣବ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ସଭ୍ୟ ପ୍ରକାଶ ସାହୁ, ବିଡିଓ ଲକ୍ଷ୍ମୀଧର ସାହୁ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ନିର୍ମାଣାଧୀନ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଥିବା ୧୨୪ ଜଣ ଶ୍ରମିକଙ୍କୁ ମୋଟ୍ ୫୫ଲକ୍ଷ ୬୨ ହଜାର ୪ଶହ ଟଙ୍କା ବଣ୍ଟନ କରାଯାଇଥିଲା। ଏଥିରେ ଶିକ୍ଷାବୃତ୍ତି ସହାୟତା ୫୪ ଜଣଙ୍କୁ ୨ଲକ୍ଷ ୨୨ହଜାର ୪ଶହ ଟଙ୍କା, ବିବାହକାଳୀନ ସହାୟତା ୩୦ଜଣଙ୍କୁ ୧୪ଲକ୍ଷ ୨୫ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ୧୯ଜଣଙ୍କୁ ୩୮ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ବାବଦରେ ୨୧ ଜଣଙ୍କୁ ୧ ଲକ୍ଷ ୧୫ ହଜାର ଟଙ୍କା ବଣ୍ଟନ କରାଯାଇଛି। ଖୋର୍ଦ୍ଧା ଆସିଷ୍ଟାଣ୍ଟ ଲେବର ଅଫିସର ବିକାଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଜ୍ଞା ପରମିତା ସାହୁ ଧନ୍ୟବାଦ ଦେଇଥିଲେ।

ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ବେଗୁନିଆ, ୧୭।୮ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଶିଶୁ ବିକାଶ ସମିତି ଖୋର୍ଦ୍ଧା ଜିଲା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଦେଇଥିଲେ। ଖୋର୍ଦ୍ଧା ଜିଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ମୁଖ୍ୟବକ୍ତା, ବିଶିଆପଡା ଶିଶୁ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଗୋରାଚାନ୍ଦ ରାୟ, ଅନୁଷ୍ଠାନର ଉପସଭାପତି ରାଜଶ୍ରୀ ପଣ୍ଡା, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଶିଶୁମାନଙ୍କର ଶିକ୍ଷା କ୍ଷେତ୍ରରେ ମା' ମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରମାନେ ନିୟମିତ ଭାବେ ବିଦ୍ୟାଳୟକୁ ଆସିବା, ପାଠପଢା ପ୍ରତି ଗୁରୁତ୍ୱ ଦେବା ଓ ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିଚାର କରି ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆଦି ମା' ମାନଙ୍କର ଗୁରୁ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିସ୍ତୃତ ପରିଷଦ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ସଭ୍ୟ ସରୋଜ ମହାପାତ୍ରଙ୍କ ସମେତ ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିଥିଲେ। ଶେଷରେ ବିସ୍ତୃତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ, ୧୭।୮ (ସଂଗ୍ରାମ ପାଇକରାୟ)

ସୋଲରୀ ରେଳଷ୍ଟେଶନ ନିକଟ ରେଳଧାରଣାରୁ ଗୁରୁବାର ରେଲୱେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବାଣପୁର ଥାନା ଅଧୀନ ପଲଟଣ ପଡ଼ିଆ ନିକଟ କରଞ୍ଜସାହିର ଚିରଞ୍ଜୀବୀ ପରିମାଣିକ(୨୬)। ସୂଚନା ମୁତାବକ, ଦୁଇଦିନ ପୂର୍ବେ ଚିରଞ୍ଜୀବୀ କୌଣସି କାର୍ଯ୍ୟ ପାଇଁଘରୁ ବାହାରି କେଉଁଆଡ଼େ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଦୁଇଦିନ ଧରି ଖୋଜାଖୋଜି କରିବା ପରେ ଗୁରୁବାର ପୂର୍ବାହ୍ନରେ ସୋଲରୀ ଷ୍ଟେଶନ ରେଳଧାରଣାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଖବରପାଇ ପରିବାର ଲୋକେ ପହଞ୍ଚିଥିଲେ। ସେଠାରେ ଚିରଞ୍ଜୀବୀଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ପରେ ରେଲୱେ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୩) ରୁଜୁ ହୋଇଛି।

ରେଳଧାରଣାରୁ ଆହତ ଗାଡ଼ଭାଲୁ ଉଦ୍ଧାର

ବାଲୁଗାଁ, ୧୭।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଳ ଷ୍ଟେଶନର ଉତ୍ତର ପାର୍ଶ୍ୱ ନିକଟ ସରଳାପଦର ଗ୍ରାମ ରେଳଧାରଣାରୁ ଏକ ଆହତ ଗାଡ଼ଭାଲୁକୁ ବାଲୁଗାଁ ବନ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି । ଗାଡ଼ଭାଲୁଟି ୫ରୁ ୬ମାସ ମଧ୍ୟରେ ହୋଇଥିବା ବେ

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଡେରାବିଶ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ଯୁବପିଢ଼ି ହିଁ ବଡ଼ଧରଣର ସମାଧାନ କରିପାରିବେ

ଡେରାବିଶ ମହାବିଦ୍ୟାଳୟରେ ଗୁରୁବାର ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିମାନେ।

ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର, ବିଚାରକ, ଅଧ୍ୟାପିକା ଅଧ୍ୟାପକ ଓ ବିଶିଷ୍ଟ ବ୍ୟକ୍ତିମାନେ।

କେନ୍ଦ୍ରାପଡ଼ା/ଡେରାବିଶ, ୧୭।୮ (ଜଗନ୍ନାଥ ଧଳ/ବେବର୍ତ୍ତା ଅଜୟ ଦାସ)

ଆମମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରିବାର ମାନସିକତା ପିଲାବେଳେ ଦେଖାଦେଇଥାଏ। ପିଲାମାନେ ପଚାରି ପଚାରି ସବୁକଥା ଜାଣିବାକୁ ପାଇଥାନ୍ତି। ପରବର୍ତ୍ତୀ ସମୟରେ ଆମେ ଯେତେବେଳେ ସମାଜ ଭିତରକୁ ପ୍ରବେଶ କରୁ, ଶିକ୍ଷାନୁଷ୍ଠାନ ଯାଉ ଏବଂ ବୟସ୍କ ଲୋକଙ୍କ ସହ ଭେଟୁ ସେତେବେଳେ ଆମ ପ୍ରଶ୍ନ ପଚାରିବାର ଶକ୍ତିକୁ କଳେବଳେ କୌଶଳେ ମାରି ଦିଆଯାଏ। ତାହା ସମାଜ କରୁ କି ସରକାର କରୁ କିମ୍ବା ଅଧ୍ୟାପିକା, ଅଧ୍ୟାପକ କରନ୍ତୁ, କ୍ରମଶଃ ଆମର ସେହି ପ୍ରଶ୍ନ କରିବାର ଶକ୍ତିକୁ ହ୍ରାସ କରି ଦିଆଯାଏ। ଯାହାଫଳରେ ଯାହା ଆମ ଆଖିଆଗକୁ ଆସିଲା, ତାହାକୁ 'କାନ୍ଦୁଥିବେ, ଯାହା ପାଉଥିବେ ବାନ୍ଧୁଥିବେ' ଚରିତ୍ରରେ ଗ୍ରହଣ କରି ଆମେ ସମସ୍ତେ ପ୍ରାୟ ବଢ଼ିବାକୁ ପସନ୍ଦ କରିଥାଉ। ଓଡ଼ିଶାରେ ପିଲାମାନଙ୍କର ପ୍ରଶ୍ନ କରିବାର ଇଚ୍ଛା ଅଛି, କିନ୍ତୁ ତାହା ଦବି ଯାଉଛି। ତାହାକୁ ଜାଗ୍ରତ କରିବାକୁ ହେଲେ ବୌଦ୍ଧିକ ବିକାଶ ଜରୁରୀ ଏବଂ କଥା କହିବାର କୌଶଳ ଶିଖିବାକୁ ହେବ। ସବୁ କିଛି ଯେ ଶାସନ ବ୍ୟବସ୍ଥା, ସରକାର, ରାଜନୈତିକ ନେତା କରିଦେବେ ତାହାନୁହେଁ, ଏହିସବୁ ମାଧ୍ୟମ ଆଂଶିକ ସମାଧାନ ଦେଇପାରିବ। କିନ୍ତୁ ଯୁବପିଢ଼ି ହିଁ ବଡ଼ଧରଣର ସମାଧାନ କରିପାରିବେ। ଯେତେବେଳେ ଆମ ଯୁବପିଢ଼ି ସଚେତନ ହେବେ, ପ୍ରଶ୍ନ ପଚାରିବେ ଏବଂ ଯେତେବେଳେ ବୁଝିବେ ସମାଜରେ କ'ଣ ହେଉଛି, ତା'ର ସମାଧାନ ସେମାନେ ହିଁ ବାହାର କରିପାରିବେ ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷ ପରିସରରେ ଗୁରୁବାର ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ସମ୍ପାଦକ ସତପଥୀ ଉପରୋକ୍ତ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଛନ୍ତି। ସୁସ୍ଥ ଗଣତନ୍ତ୍ର ସ୍ଥାପନ ପାଇଁ ଯୁବପିଢ଼ି ପ୍ରଶ୍ନ କରିବାର ସମୟ ଆସିଛି। ଧରିତ୍ରୀ ଏଥିପାଇଁ ସଚେତନତା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟ ଅତିଥି ଭାବେ ଡେରାବିଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇ ଧରିତ୍ରୀର ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହ ବକ୍ତୃତା ପ୍ରତିଯୋଗିତାର ବିଷୟ ସମୟ ଉପଯୋଗୀ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର କର ଯୋଗଦେଇ କହିଛନ୍ତି, ଧରିତ୍ରୀର ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ଗଣତନ୍ତ୍ର ପ୍ରତି ସଚେତନତା ସୃଷ୍ଟି କରୁଛି। ଏହାଦ୍ୱାରା ଛାତ୍ରୀଛାତ୍ର ଦେଶରେ ଚାଲିଥିବା ଗଣତନ୍ତ୍ରକୁ ବିଶ୍ଳେଷଣ କରୁଛନ୍ତି। ଗଣତନ୍ତ୍ର ଯେତେ ସୁଦୃଢ଼ ହେବ, ସେହି ପରିମାଣରେ ଦେଶ ସଶକ୍ତ ହେବ ବୋଲି ସଭାପତି କର କହିଛନ୍ତି। ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପିକା ପ୍ରଜ୍ଞା ପଟ୍ଟନାୟକ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ୍ ଗୋଲେଖ ଚନ୍ଦ୍ର ମହାଭୋଇ ଯୋଗଦେଇ କହିଥିଲେ ଯେ, ସାମାଜିକ ଗଣମାଧ୍ୟମରେ ଆସୁଥିବା ବହୁ ଖବର ସାମାଜିକ ବ୍ୟବସ୍ଥାକୁ କ୍ଷୁଣ୍ଣ କରୁଛି। ଏଥିପାଇଁ ଦେଶରେ ଅଶାନ୍ତି ସୃଷ୍ଟି ହେଉଛି। ଖବରକୁ ପରଖିବା ବ୍ୟବସ୍ଥା ନାହିଁ। ଅପରପକ୍ଷରେ ଧରିତ୍ରୀ ପରି ଗଣମାଧ୍ୟମ ଯୁବବର୍ଗଙ୍କୁ ପ୍ରତ୍ୟେକ ଖବର ପ୍ରତି ଯତ୍ନଶୀଳ ହେବାକୁ ଗତ ୪୯ ବର୍ଷ ଧରି ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ସେମାନେ ମତ ଦେଇଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ୧୬ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ଯୁକ୍ତ୩ ଛାତ୍ରୀ ଚିନ୍ମୟୀ ଶୁଭଦର୍ଶନୀ ପ୍ରଧାନ ଓ ଯୁକ୍ତ୨ ଛାତ୍ରୀ ସ୍ମୃତି ସାଗରିକା ପରିଡ଼ା ଯୁଗ୍ମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଯୁକ୍ତ ୨ ଛାତ୍ରୀ ସୁଶ୍ରୀ ଶ୍ରାବଣୀ ଦାସ ଦ୍ୱିତୀୟ ବିଜେତା ଏବଂ ଯୁକ୍ତ୩ ଛାତ୍ରୀ ବନ୍ଦିତା ପଣ୍ଡା ତୃତୀୟ ବିଜେତା ହୋଇଛନ୍ତି। ପ୍ରାରମ୍ଭରେ ଇନ୍ଦୁପୁରସ୍ଥିତ ପାୟଲ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ବୃନ୍ଦାବନ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଧରିତ୍ରୀର କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ଜଗନ୍ନାଥ ଧଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଡେରାବିଶ ପ୍ରତିନିଧି ବେବର୍ତ୍ତା ଅଜୟ ଦାସ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ପ୍ରତିନିଧି ଶୁଭେନ୍ଦୁ ପ୍ରସାଦ ଚୌଧୁରୀ, ମହାକାଳପଡ଼ା ପ୍ରତିନିଧି ପ୍ରତାପ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ ପ୍ରତିନିଧି କଳ୍ପତରୁ ନାୟକ ଓ ରାଜକନିକା ପ୍ରତିନିଧି ସଞ୍ଜୟ କୁମାର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇଥିଲେ।

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର

ହରପ୍ରିୟା ସାହୁ

ଅମ୍ରିତା ମଲ୍ଲିକ

ଅନିତା ଦାସ

ଅସରଫ୍ ରଜା

ବର୍ଷାରାଣୀ ସିଂ

ଜୟପ୍ରକାଶ ମହାରଣା

ମନୀଷା ଭଦ୍ରା

ପ୍ରାଚୀପ୍ରତ୍ୟାଶା ମାଟି

ପ୍ରୀତିପ୍ରଜ୍ଞା ଦାସ

ସାନଭୀ ପାତ୍ର

ସାହିସ୍ତା ଜାହାଙ୍ଗିର

ଶ୍ରୀଦେବୀ ସିଂ

କ'ଣ କୁହନ୍ତି ବିଜେତା

ଗଣମାଧ୍ୟମ ରାଜନୀତିର ପଶାପାଲିରେ ନ ରହୁ

ଦେଶରେ ଗଣତନ୍ତ୍ର ବ୍ୟବସ୍ଥା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନାରୀ ସୁରକ୍ଷାଠାରୁ ଆରମ୍ଭ କରି ଦୁର୍ନୀତି ଭ୍ରଷ୍ଟାଚାର ଏହାକୁ ବିକଳାଙ୍ଗ କରିଛି। ଯୁବବର୍ଗ ଏବେ ଏହାର ପରିବର୍ତ୍ତନ ଆଶା କରୁଛନ୍ତି। ଦିଗ୍‌ଦର୍ଶକ ଭାବେ ଗଣମାଧ୍ୟମ ଆଗକୁ ଆସିବା କଥା। ତେବେ ରାଜନୀତିର ପଶାପାଲିରେ ଗଣମାଧ୍ୟମ ଲୋକଙ୍କ ସ୍ୱର ହୋଇପାରୁନି। ରାଜନୀତି ପଶାପାଲିରୁ ଗଣମାଧ୍ୟମ ନ ରହିବା ଆବଶ୍ୟକ।

- ଚିନ୍ମୟୀ ଶୁଭଦର୍ଶନୀ ପ୍ରଧାନ, ପ୍ରଥମ ବିଜେତା

ସୁସ୍ଥ ରାଷ୍ଟ୍ର ପ୍ରତି ଯୁବବର୍ଗ ସଚେତନ ହୁଅନ୍ତୁ

ଯୁବବର୍ଗ ଏବେ ସାମାଜିକ ଗଣମାଧ୍ୟମ ଜାଲରେ ଫସିଛନ୍ତି। ତେବେ ଏପରି ଗଣମାଧ୍ୟମ ବହୁ ସମୟରେ ଦେଶରେ ଅଶାନ୍ତି ସୃଷ୍ଟି କରିବା ପରି ଖବର ପ୍ରସାରଣ କରୁଛନ୍ତି। ଏବେ ସତ ଓ ମିଛ ପରଖିବା ଜରୁରୀ ହୋଇପଡ଼ିଛି। ସଚେତନ ଯୁବବର୍ଗ ହିଁ ସୁସ୍ଥ ରାଷ୍ଟ୍ର ଗଠନରେ ସହାୟକ ହେବେ।

- ସ୍ମୃତି ସାଗରିକା ପରିଡ଼ା, ପ୍ରଥମ ବିଜେତା

ଧରିତ୍ରୀ ଯୁବବର୍ଗଙ୍କୁ ସଚେତନ କରୁଛି

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ଖବର ପ୍ରକାଶ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରୁଛି। ବିଭିନ୍ନ ଗଣମାଧ୍ୟମ ସୂଚନା ପ୍ରଦାନ କ୍ଷେତ୍ରରେ ନିଜର ସ୍ୱାର୍ଥ ଥିବା ପରି ଲେଖା ବାହାରୁଛି। ଫଳରେ ସୁସ୍ଥ ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ବିପଥଗାମୀ ହେଉଛି।

- ସୁଶ୍ରୀ ଶ୍ରାବଣୀ ଦାସ, ଦ୍ୱିତୀୟ ବିଜେତା

ଗଣତନ୍ତ୍ରର ସାମ୍ବିଧାନିକ ଲକ୍ଷ୍ୟ ଭ୍ରଷ୍ଟ ହୋଇଛି

ଜଣତନ୍ତ୍ର ଓ ଗଣତନ୍ତ୍ର ମଧ୍ୟରେ ଆକାଶ ପାତାଳ ଫରକ ଅଛି। ଦେଶ ସ୍ୱାଧୀନତା ପରେ ଭାରତକୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଚଳାଇବା ପାଇଁ ସମ୍ବିଧାନ ପ୍ରସ୍ତୁତ ହୋଇଥିଲା। ତେବେ ଏହି ସାମ୍ବିଧାନିକ ଲକ୍ଷ୍ୟ ସମ୍ପ୍ରତି ଭ୍ରଷ୍ଟ ହେବା ଭଳି ଲାଗୁଛି। ଅସ୍ଥିରତା ଦେଶ ବିକାଶରେ ବାଧକ। ଯୁବବର୍ଗଙ୍କୁ ଏପରି ସ୍ଥିତିରେ ଆତ୍ମ ସମୀକ୍ଷା କରିବା ଆବଶ୍ୟକ।

- ବନ୍ଦିତା ପଣ୍ଡା, ତୃତୀୟ ବିଜେତା

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

କୁନ୍ତଳା କୁମାରୀ ସାବତ ମହିଳା କଲେଜ, ବାଲେଶ୍ୱର

ଗଣମାଧ୍ୟମ ଗଣତନ୍ତ୍ରର ଜଗୁଆଳି

ଧରିତ୍ରୀ ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ବାଲେଶ୍ୱର, ୧୭।୮ (ମାନସ ବିଶ୍ୱାଳ)

ଗଣତନ୍ତ୍ରର ମୁଖ୍ୟ ସ୍ତମ୍ଭ ହେଉଛି ଗଣମାଧ୍ୟମ ଓ ଯୁବପିଢ଼ି। 'ଧରିତ୍ରୀ' ଖବରକାଗଜ ରାଜ୍ୟର ଏକ ଶକ୍ତିଶାଳୀ ସ୍ୱର ଭାବେ ପ୍ରତିପାଦିତ ହୋଇଛି। ସଭ୍ୟତା ଆରମ୍ଭରୁ ପୃଥିବୀ ଯେତେ ପ୍ରକାର ଶାସନ ବ୍ୟବସ୍ଥାକୁ ଆପଣାଇଛି, ସେଥିମଧ୍ୟରୁ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ। ଗଣତନ୍ତ୍ର ସୀମା ଉଲ୍ଲଂଘନ କଲେ ଗଣମାଧ୍ୟମ ସତର୍କଘଣ୍ଟି ବଜାଏ, ଯୁବଶକ୍ତି ପ୍ରତିବାଦର ସ୍ୱର ଉତ୍ତୋଳନ କରିଥାନ୍ତି। ସର୍ବୋପରି ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଜଗୁଆଳି ସଦୃଶ ବୋଲି ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା କଲେଜ ସେମିନାର ସମ୍ମିଳନୀ କକ୍ଷରେ ଗୁରୁବାର 'ଧରିତ୍ରୀ'ର ୫୦ ବର୍ଷ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷା ଡ. ସୁବ୍ରତା ଦେବାଙ୍ଗନା, କବି ଶ୍ରୀଦେବ ଓ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଶିରିଶ ଚନ୍ଦ୍ର ଜେନା କୁନ୍ତଳା କୁମାରୀ ସାବତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସଞ୍ଜୟ ସ ସ୍ୱାଗତ ଭାଷଣ ପ୍ରଦାନ କରି ଧରିତ୍ରୀର ଏହି ବକ୍ତୃତା ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ଡ. ଦେବାଙ୍ଗନା ଧରିତ୍ରୀର ଏହି ଅଭିଯାନକୁ ଭୂୟସୀ ପ୍ରଶଂସା କରିଥିଲେ। ବିକଶିତ ରାଷ୍ଟ୍ର ପାଇଁ ଛାତ୍ରୀଛାତ୍ର ତଥା ଯୁବପିଢ଼ିଙ୍କୁ ଚିନ୍ତାଶୀଳ ହେବାକୁ ପଡ଼ିବ। ଶୃଙ୍ଖଳିତ ଯୁବଶକ୍ତି ଏବଂ ଗଣମାଧ୍ୟମର ନିର୍ଭୀକତା ବଳରେ ଗଣତନ୍ତ୍ର ତା'ର ମୌଳିକତା ବଜାୟ ରଖିପାରିବ ବୋଲି ସେ ବକ୍ତବ୍ୟରେ କହିଥିଲେ। ବିଚାରକ ଭାବେ ଯୋଗଦେଇଥିବା କବି ଶ୍ରୀଦେବ ଧରିତ୍ରୀ ଏକ ଭିନ୍ନ ଧରଣର ଖବରକାଗଜ। ଯୁବପିଢ଼ି ବିପୁଳ ଅର୍ଥ ରୋଜଗାର ଆଶାରେ ଘରଦ୍ୱାର, ଦେଶ ଛାଡ଼ି ବିଦେଶକୁ ଯାଇ ଚାକିରି କରୁଛନ୍ତି। ବିଳାସବ୍ୟସନରେ ମଗ୍ନ ରହି ନିଜ ଦେଶର କଥାକୁ, ନିଜ ଦେଶ ପ୍ରତି କର୍ତ୍ତବ୍ୟକୁ ଭୁଲିଯାଉଛନ୍ତି। ରାଷ୍ଟ୍ରର ସର୍ବଶ୍ରେଷ୍ଠ ଶକ୍ତି ଯୁବଶକ୍ତି। ଯୁବଶକ୍ତି ଶୃଙ୍ଖଳିତ ହୋଇ ଦାୟିତ୍ୱବାନ୍ ହେବା ଦରକାର। ଗଣମାଧ୍ୟମ ନ ଥିଲେ ଗଣତନ୍ତ୍ର କଳୁଷିତ ଅବସ୍ଥାରେ ଥାଆନ୍ତା ବୋଲି ସେ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ବିଚାରକ ଜେନା କହିଥିଲେ ଯେ, ପୂର୍ବରୁ ଲୋକସାହିତ୍ୟ ଓ ଲୋକ ଗୀତିକାର ମାଧ୍ୟମରେ ବିଭିନ୍ନ ତଥ୍ୟ ସମଗ୍ର ସମାଜକୁ ପ୍ରେରିତ ହେଉଥିଲା। ତାହା ହିଁ ଗଣମାଧ୍ୟମର ମୂଳ ଚେହେରା ଥିଲା। ଗଣତନ୍ତ୍ରକୁ ବିକଶିତ କରିବାର ପ୍ରମୁଖ ଭୂମିକା ଉଭୟ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ବୋଲି ସେ ବକ୍ତବ୍ୟରେ କହିଥିଲେ। ଧରିତ୍ରୀର ବାଲେଶ୍ୱର ଡେସ୍କ ସହ ସମ୍ପାଦିକା ସ୍ମୃତିରେଖା ବେହେରା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ୧୧ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଲିପ୍‌ସିତା ପାଢ଼ୀ ପ୍ରଥମ ସ୍ଥାନ, ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀ ସମର୍ପିତା ପାଣିଗ୍ରାହୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀ ରାଜଶ୍ରୀ ଦାସ ଓ ଯୁକ୍ତ୩ ଦ୍ୱିତୀୟବର୍ଷ ଛାତ୍ରୀ ତନୁଶ୍ରୀ ମୈକାପ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଧରିତ୍ରୀ ରୂପ୍‌ସା ପ୍ରତିନିଧି ବାଞ୍ଛାନିଧି ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧରିତ୍ରୀ ପ୍ରସାର ପରିଚାଳକ ଆଲୋକ କାନୁନ୍‌ଗୋ, ରେମୁଣା ବ୍ଲକ ପ୍ରତିନିଧି ରବୀନ୍ଦ୍ର ମହାକୁଡ଼ ଓ ଅଧ୍ୟାପିକା ଝାନ୍‌ସୀ ଜେନା ସହଯୋଗ କରିଥିଲେ।

ବିଜେତାଙ୍କ ମୁଖରୁ...

ଗଣମାଧ୍ୟମ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ଯୁଗରେ ସମଗ୍ର ବିଶ୍ୱରେ ଆମ ରାଷ୍ଟ୍ର ବହୁ ଆଗରେ। ରାଷ୍ଟ୍ରର ଗଠନ ପାଇଁ ଗଣମାଧ୍ୟମ ଯେତିକି ଗୁରୁତ୍ୱ ବହନ କରିଛି, ଯୁବପିଢ଼ିଙ୍କ ସେତିକି ସମାନ ଦାୟିତ୍ୱବୋଧ ରହିଛି। ଧରିତ୍ରୀର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ।

- ଲିପ୍‌ସିତା ପାଢ଼ୀ, ପ୍ରଥମ

ଆଜିକାର ଯୁଗ ହେଉଛି ଗଣସଂଯୋଗ ଯୁଗ। ଗଣମାଧ୍ୟମକୁ ଆୟୁଧ କରି ରାଜନେତାମାନେ ରାଜନୀତିରେ ପ୍ରବେଶ କରୁଛନ୍ତି। ୧୩୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ଗଣତନ୍ତ୍ର ପ୍ରଚଳିତ। ଆଦ୍ୟ ଯୁବପିଢ଼ି, ମଧ୍ୟ ଯୁବପିଢ଼ି ଓ ପ୍ରାନ୍ତଃ ଯୁବପିଢ଼ି ମିଳିତ ଭାବେ ରାଷ୍ଟ୍ର ପାଇଁ କାର୍ଯ୍ୟଧାରା ବଜାୟ ରଖିଲେ ଗଣମାଧ୍ୟମ ଓ ଗଣତନ୍ତ୍ର ସୁଦୃଢ଼ ହେବ।

- ରାଜଶ୍ରୀ ଦାସ, ଯୁଗ୍ମ ତୃତୀୟ

ଯୁବପିଢ଼ିଙ୍କ ଭୋଟ ଗଣତନ୍ତ୍ରକୁ ପ୍ରଭାବିତ କରୁଛି। 'ଏକ ଭାରତ, ଏକ ହୃଦୟ' ନିର୍ମାଣ ପାଇଁ ଗଣତନ୍ତ୍ର ସର୍ବଦା ଚେଷ୍ଟିତ। ସୋସିଆଲ ମିଡିଆ ମାଧ୍ୟମରେ ଯିଏ ଯେଉଁଠି ରହିଲେ ମଧ୍ୟ ସମ୍ପର୍କ ସ୍ଥାପନ ହୋଇପାରୁଛି। ଏହା ଯୁବଶକ୍ତି ଓ ଲୋକତନ୍ତ୍ରକୁ ମଜଭୁତ କରିପାରିଛି। ଯୁବଶକ୍ତି ଅନ୍ୟ ଦେଶରେ ନିଜ ପ୍ରତିଭା ପ୍ରଦର୍ଶନକରି ଆମ ରାଷ୍ଟ୍ରର ନାମକୁ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି।

- ସମର୍ପିତା ପାଣିଗ୍ରାହୀ, ଦ୍ୱିତୀୟ

ନାଗରିକ ଶିକ୍ଷିତ ହେଲେ ଦେଶ ବିକଶିତ ହେବ। 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଟ୍ରାଫିକ୍ ସିଗ୍‌ନାଲର ତିନି ସୂଚକ ଭଳି। ଗଣତନ୍ତ୍ର ଆମ ଦେଶକୁ ସାର୍ବଭୌମ କ୍ଷମତା ଦେଇଛି। ଗଣତନ୍ତ୍ର ଯୋଗୁ ଭାରତ

ନୂଆଦିଲ୍ଲୀର ତାଲକୋଟ୍‌ରା ଷ୍ଟାଡିୟମରେ ମହିଳା କଂଗ୍ରେସର ଦୁଇଦିନିଆ ଜାତୀୟ ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଦଳୀୟ ନେତୃବୃନ୍ଦ ।

ମୋଦି ଲାଲ୍‌କିଲ୍ଲାରୁ ନୁହେଁ, ତାଙ୍କ ଘରୁ ପତାକା ଉତ୍ତୋଳନ କରିବେ: ଖାର୍ଗେ

ନୂଆଦିଲ୍ଲୀ, ୧୭।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବର୍ଷ ମଧ୍ୟ ଲାଲ୍‌କିଲ୍ଲାରୁ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସ୍ୱାଧୀନତା ଦିବସରେ ଭାଷଣ ଦେବା ଅବସରରେ କହିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ତାଚ୍ଛଲ୍ୟ କରିଛନ୍ତି। ମୋଦି ଲାଲ୍‌କିଲ୍ଲାରୁ ନୁହେଁ, ନିଜ ଘରୁ ତ୍ରିରଙ୍ଗା ଉଡ଼ାଇବେ ବୋଲି ଖାର୍ଗେ ଗୁରୁବାର କହିଛନ୍ତି। ନୂଆଦିଲ୍ଲୀର ତାଲକୋଟ୍‌ରା ଷ୍ଟାଡିୟମରେ ମହିଳା କଂଗ୍ରେସର ଦୁଇଦିନିଆ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଖାର୍ଗେ କହିଥିଲେ, କେବଳ ସର୍ବପୁରାତନ ଦଳ ଦେଶର ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା କରିପାରିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ କଥା କହୁଥିବାବେଳେ ମୋଦି ଭାରତ ତୋଡୋରେ ବିଶ୍ୱାସ କରନ୍ତି। ମଣିପୁର ହିଂସାକୁ ୩ ମାସ ବିତିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ସେଠାକୁ ଯାଉନାହାନ୍ତି। ଆଗାମୀ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାରେ ମହିଳାମାନେ ବଡ଼ ଭୂମିକା ନେଇପାରିବେ ବୋଲି ଖାର୍ଗେ କହିବା ସହ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ଦଳର ମହିଳା ମୋର୍ଚ୍ଚା ସଭାପତି ନେତ୍ରା ଡି'ସୌଜାଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଦେଶର ଗଣତନ୍ତ୍ର, ସ୍ୱାଧୀନତା ଓ ସମ୍ବିଧାନକୁ କଂଗ୍ରେସ ବଞ୍ଚାଇ ରଖିଥିବାରୁ ମୋଦି ଆଜି ପ୍ରଧାନମନ୍ତ୍ରୀ ଓ ଅମିତ୍ ଶାହା ସ୍ୱରାଷ୍ଟ୍ର ମନ୍ତ୍ରୀ ହୋଇଛନ୍ତି। ନ ହେଲେ କେହି ସେମାନଙ୍କୁ ଜାଣି ନ ଥାନ୍ତେ। ପ୍ରଧାନମନ୍ତ୍ରୀ ନିକଟରେ ପାର୍ଲାମେଣ୍ଟରେ ଭାଷଣ ଦେବା ବେଳେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବି.ଆର୍. ଆମ୍ବେଡ୍‌କରଙ୍କୁ ସ୍ମରଣ କରି ନ ଥିଲେ। ତାଙ୍କ ସମ୍ପୂର୍ଣ୍ଣ ଭାଷଣ କେବଳ 'ମୁଁ'ରେ ସୀମିତ ଥିଲା। ଜଣେ ଲୋକର ଅହଂକାର ସବୁବେଳେ ବିପଜ୍ଜନକ ବୋଲି ଖାର୍ଗେ କହିଛନ୍ତି।

ବିଜେଡିରେ କେସିଙ୍ଗା ଏନ୍‌ଏସି ସ୍ୱାଧୀନ କାଉନସିଲର

କେସିଙ୍ଗା, ୧୭।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ଭବାନୀପାଟଣା ଟାଉନ ହଲଠାରେ ପରିବର୍ତ୍ତିତ ଜିଲା କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଧର୍ମଗଡ ବିଧାୟକ ମୌଶଧ୍ ବାଗଙ୍କ ସମେତ କେସିଙ୍ଗା ଏନଏସିର ଅଧ୍ୟକ୍ଷ ନୃପରାଜ ଯାଦବ, ଶିଲୁ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କେସିଙ୍ଗା ଏନ୍‌ଏସିର ୬ନଂ. ୱାର୍ଡ ସ୍ୱାଧୀନ ପ୍ରାର୍ଥୀ ତଥା କାଉନସିଲର ଶମ୍ଭୁ ବଗର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ସୁଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ।

ରାଜସ୍ଥାନ ପାଇଁ ଭାଜପାର ୨ ନିର୍ବାଚନ କମିଟି

ବସୁନ୍ଧରା ରାଜେଙ୍କ ନାଁ ନାହିଁ

ଜୟପୁର, ୧୭।୮ (ପି.ଟି.)

ରାଜସ୍ଥାନ ବିଧାନସଭା ନିର୍ବାଚନ ଲାଗି ଭାଜପା ଗୁରୁବାର ଦୁଇଟି ମୁଖ୍ୟ ନିର୍ବାଚନ କମିଟି ଗଠନ କରିଛି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ କୌଣସି କମିଟିରେ ରଖାଯାଇ ନାହିଁ। ପୂର୍ବତନ ଏମ୍‌ପି ନାରାୟଣ ପଞ୍ଚରିୟାଙ୍କ ନେତୃତ୍ୱରେ ୨୧ ସଦସ୍ୟ ବିଶିଷ୍ଟ ନିର୍ବାଚନ ପରିଚାଳନା କମିଟି ଗଠନ ହୋଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ନେତୃତ୍ୱରେ ନିର୍ବାଚନୀ ଇସ୍ତାହାର କମିଟି ଗଠନ ହୋଇଛି। ଖୁବ୍‌ଶୀଘ୍ର ଭାଜପା ନିର୍ବାଚନ ପ୍ରଚାର କମିଟି ଗଠନ କରିବ ବୋଲି କୁହାଯାଉଛି। ଗଠିତ ୨ କମିଟିରେ ବସୁନ୍ଧରାଙ୍କୁ ନିଆ ନ ଯିବା ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ନିର୍ବାଚନ ପ୍ରଚାର ଦାୟିତ୍ୱରେ ରହିବେ ବୋଲି ରାଜ୍ୟ ଭାଜପା ପ୍ରଭାରୀ ଅରୁଣ ସିଂ କହିଛନ୍ତି। ବସୁନ୍ଧରା ଦୁଇଥର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏବେ ସେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅଛନ୍ତି। ତେଣୁ ତାଙ୍କୁ ବଡ଼ ଭୂମିକା ମିଳିବ ବୋଲି ଅରୁଣ ଖବରଦାତାମାନଙ୍କୁ କହିଛନ୍ତି। ପ୍ରଚାରରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱ ସାମିଲ ହେବେ ବୋଲି ରାଜ୍ୟ ନିର୍ବାଚନ ଦାୟିତ୍ୱରେ ଥିବା ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଆମ ରଣକୌଶଳ

ପ୍ରସ୍ତୁତ। ଏଥର ଭାଜପାକୁ ଜନାଦେଶ ମିଳିବା ନେଇ ଜୋଷୀ ଦୃଢ଼ୋକ୍ତି କରିଛନ୍ତି।

ୟୁପି କଂଗ୍ରେସର ନୂଆ ମୁଖିଆ ଅଜୟ ରାୟ

ମୋଦିଙ୍କ ବିରୋଧରେ ୨ଥର ଲଢ଼ିଛନ୍ତି ନିର୍ବାଚନ

ଲକ୍ଷ୍ନୌ, ୧୭।୮

ଲୋକ ସଭା ନିର୍ବାଚନ ପୂର୍ବରୁ ଉତ୍ତରପ୍ରଦେଶରେ କଂଗ୍ରେସ ସକ୍ରିୟ ହେଉଛି। ଦଳ ପୂର୍ବତନ ବିଧାୟକ ଅଜୟ ରାୟଙ୍କୁ ରାଜ୍ୟର କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତି ଦେଇଛି। ତେବେ ଅଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଦୁଇ ଥର ନିର୍ବାଚନ ଲଢ଼ିଛନ୍ତି। ଅଜୟ ୟୁପି କଂଗ୍ରେସରେ

ବ୍ରିଜ୍‌ଲାଲ ଖାବରୀଙ୍କ ସ୍ଥାନ ନେଇଛନ୍ତି। ତେବେ ନିର୍ବାଚନ ଦୃଷ୍ଟିରୁ ୮୦ ଆସନ ବିଶିଷ୍ଟ ଉତ୍ତରପ୍ରଦେଶ ଉପରେ ସମସ୍ତ ଦଳର ନଜର ରହିଛି। ରେକର୍ଡ ଦେଖିଲେ ଏଠାରେ ଲଗାତର ଭାବେ କଂଗ୍ରେସକୁ ପରାଜିତ ହେବାକୁ ପଡ଼ିଛି। ଏଭଳି ସ୍ଥିତିରେ ସଂଗଠନକୁ ଏକଜୁଟ କରି ନିର୍ବାଚନ ଲାଗି ପ୍ରସ୍ତୁତ କରିବା ଅଜୟଙ୍କ ପ୍ରମୁଖ ଦାୟିତ୍ୱ ରହିବ।

ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ରାଜ୍ୟ ଭାଜପା

ଭୁବନେଶ୍ୱର, ୧୭।୮ (ସୁନୀତ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ପୂର୍ବୋଦୟ ଭାରତର ବିକାଶକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଏଥିସହ ଓଡ଼ିଶାର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି। ବିଶେଷ ଭାବେ ରେଳପଥ ବିକାଶ କ୍ଷେତ୍ରରେ ମୋଦି ସରକାରଙ୍କ ଅବଦାନ ଅଧିକ । ରେଳଯାତ୍ରୀଙ୍କ ସୁବିଧା ଓ ଗମନାଗମନ ସହ ରେଳପଥ ପରିବହନ ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ କରିବା ପାଇଁ ଗତ ୯ ବର୍ଷରେ ମୋଦି ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଦେଇଛନ୍ତି । ଓଡ଼ିଶାର ରେଳ ଭିତ୍ତିଭୂମିକୁ ଐତିହାସିକ ନିଷ୍ପତ୍ତି କୁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ଓଡ଼ିଶାରେ ଏବେ ରେଳ ନେଟ୍‌ୱାର୍କ ବିସ୍ତାର ହେବା ଫଳରେ ଯାତ୍ରୀ ଏବଂ ମାଲ୍ ପରିବହନ ସହଜ ହେବ । ଖଣିଜ ସମ୍ପଦ ଭରା ଓଡ଼ିଶାର କୋଇଲା, ଇସ୍ପାତ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ସମେତ ସାର ପରିବହନର ଗତିକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୪୧୭.୬ କି.ମି. ଲମ୍ବ 'ନିର୍ଗୁଣ୍ଡି–ବାରଙ୍ଗ' ଏବଂ 'ଖୋର୍ଦ୍ଧାରୋଡ୍–ବିଜୟନଗରମ୍' ୩ୟ ରେଳଲାଇନ ନିର୍ମାଣ ସକାଶେ ୫୬୧୮.୨୬ କୋଟି ଟଙ୍କା ଅନୁମୋଦନ ମିଳିଛି । ଏହା ନିର୍ମାଣ ଫଳରେ ରେଳ ପରିବହନ କ୍ଷେତ୍ରରେ ଓଡ଼ିଶାର ଭୂମିକା ବୃଦ୍ଧି ପାଇବ ଏବଂ ଆର୍ଥିକ କ୍ଷେତ୍ରରେ ଓଡ଼ିଶା ଆହୁରି ସୁଦୃଢ ହୋଇପାରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ମନମୋହନ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଛନ୍ତି ।

ମନମୋହନ ସାମଲ

'ନିର୍ଗୁଣ୍ଡି -ବାରଙ୍ଗ' ଏବଂ 'ଖୋର୍ଦ୍ଧାରୋଡ୍ - ବିଜୟନଗରମ୍' ୩ୟ ରେଳଲାଇନ ନିର୍ମାଣ ପ୍ରସଙ୍ଗ

ବୈଠକକୁ ଆସିଲେନି ଅଭିଭାବକ, ବର୍ଷାରେ ଭିଜିଲେ ପିଲା

ବୌଦ୍ଧ, ୧୭।୮ (ଅଜିତ କୁମାର ବାରିକ)

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟ ପକ୍ଷରୁ ଡକାଯାଇଥିବା ବୈଠକକୁ କେତେଜଣ ଅଭିଭାବକ ନ ଆସିବାରୁ ସେମାନଙ୍କ ପିଲାଙ୍କୁ ବାହାରେ ବର୍ଷାରେ ଠିଆ କରାଯାଇଥିବା ଅଭିଯୋଗ ହୋଇଛି। ପିଲାଙ୍କୁ ଏପରି ଦଣ୍ଡ ମିଳିବା ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିନ୍ତୁ ଏହି ଅଭିଯୋଗକୁ ବିଦ୍ୟାଳୟ ଅଧ୍ୟକ୍ଷା ରାଜଲକ୍ଷ୍ମୀ ବିଶ୍ୱାଳ ଖଣ୍ଡନ କରିଛନ୍ତି।

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପ୍ରତିମାସରେ ପରୀକ୍ଷା ହୋଇଥାଏ। ପରୀକ୍ଷାରେ ପିଲାଙ୍କ ଫଳାଫଳ କିପରି ରହିଛି ଏବଂ ଶିକ୍ଷାଦାନ ସମ୍ପର୍କରେ ଜଣାଇବା ପାଇଁ ବୁଧବାର ବିଦ୍ୟାଳୟ ପକ୍ଷରୁ ଅଭିଭାବକ ବୈଠକ ଡକାଯାଇଥିଲା। ହେଲେ ଏହି ବୈଠକକୁ କେତେଜଣ ଅଭିଭାବକ ଆସି ନ ଥିଲେ। ଫଳରେ ଅଧ୍ୟକ୍ଷା ସେମାନଙ୍କୁ ଡାକିବାକୁ ପିଲାଙ୍କୁ କହିଥିଲେ। ଏହି ସମୟରେ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ହେଉଥିଲା। ତେଣୁ ଅଧ୍ୟକ୍ଷା ସେମାନଙ୍କୁ ଗେଟ୍ ପାଖକୁ ଯାଇ ଅଭିଭାବକମାନଙ୍କୁ ଫୋନ୍ କରି ଡାକିବାକୁ କହିଥିଲେ। ପ୍ରାୟ ୧୦–୧୧ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟ ଗେଟ୍ ନିକଟରେ ଠିଆ ହୋଇ ସେମାନଙ୍କ ଅଭିଭାବକମାନଙ୍କୁ ଡାକିଥିଲେ। ଏହି ସମୟରେ ବର୍ଷା ହୋଇଥିଲା। ପିଲାମାନେ ବର୍ଷାରେ ଓଦା ହୋଇଯାଇଥିଲେ। ଅଭିଭାବକମାନେ ସେଠାରେ ପହଞ୍ଚି ପିଲାମାନେ ବର୍ଷାରେ ଓଦା ହୋଇ ଠିଆ ହୋଇଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଭିଭାବକମାନେ ଗେଟ୍ ବାହାରେ ଠିଆ ହୋଇ ଅଧ୍ୟକ୍ଷାଙ୍କୁ ଡକାଇଥିଲେ। ଅଧ୍ୟକ୍ଷା ବିଶ୍ୱାଳ ଆସି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ପଠାଇ ଅଭିଭାବକଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଏନେଇ ଅଧ୍ୟକ୍ଷା ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ବୈଠକରେ ଅନୁପସ୍ଥିତ ଥିବା କେତେଜଣ ଅଭିଭାବକଙ୍କୁ ଡାକିବା ପାଇଁ ସେମାନଙ୍କ ପିଲାଙ୍କୁ କହିଥିଲି। ହେଲେ ବିଦ୍ୟାଳୟରେ ରୁଟ ଟୁ ରୁଟ କାର୍ଯ୍ୟକ୍ରମ ଚାଲିଥିଲା। ଫଳରେ ଗହଳି ଯୋଗୁ ପିଲାଙ୍କୁ ବାହାରକୁ ଯାଇ ଡାକିବାକୁ କୁହାଗଲା। ହେଲେ ହଠାତ୍ ବର୍ଷା ହେଲା। ଜାଣିଶୁଣି ଏଭଳି କରାଯାଇ ନାହିଁ ବୋଲି ସେ କହିଛନ୍ତି। ସେହିପରି ନିଜ ନାମ ଗୋପନ ରଖି କେତେଜଣ ଅଭିଭାବକ କହିଛନ୍ତି, ଯଦି କୌଣସି କାରଣରୁ ଅଭିଭାବକମାନେ ବୈଠକକୁ ଆସି ନ ପାରିଲେ, ସେମାନଙ୍କୁ ସିଧାସଳଖ ଫୋନ ମାଧ୍ୟମରେ ଡକାଯାଇ ପାରିଥାନ୍ତା। କିନ୍ତୁ ତାହା ନ କରି ପିଲାଙ୍କୁ କହି ପ୍ରାୟ ଅଧଘଣ୍ଟା ବର୍ଷାରେ ବାହାରେ ଠିଆ କରାଇବା ଅନୁଚିତ।

ଚାରା ଉପାଡ଼ି ଅଡୁଆରେ ପିଅନ, ସ୍ତ୍ରୀ

ପରଜଙ୍ଗ, ୧୭।୮ (ନିଗମାନନ୍ଦ ଦଳବେହେରା)

'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ରୋପଣ କରାଯାଇଥିବା ଚାରା ଉପାଡ଼ି ଅଡୁଆରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଆଳୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଅନ ମୋହନ ସାହୁ ଏବଂ ତାଙ୍କ ସ୍ତ୍ରୀ ଅଞ୍ଜଳି ସାହୁ। ଗ୍ରାମବାସୀ ଏବଂ ସରପଞ୍ଚଙ୍କ ଅଭିଯୋଗକ୍ରମେ ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ପରଜଙ୍ଗ ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ କୁଆଳୋ ସରପଞ୍ଚ ଅଜିତ କୁମାର ସାହୁଙ୍କ ନେତୃତ୍ୱରେ ମାଳିସାହିସ୍ଥିତ ଏକ ଗୋଚର ଜମିରେ ବନୀକରଣ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଗତ ଅଗଷ୍ଟ ୧୪ରେ ବନ ବିଭାଗ, ଗ୍ରାମବାସୀ ଏବଂ ସରପଞ୍ଚଙ୍କ ଉପସ୍ଥିତିରେ ସେଠାରେ ମୂଲ୍ୟବାନ ଚାରା ଲଗାଯାଇଥିଲା। ତେବେ ଅଗଷ୍ଟ ୧୫ ସନ୍ଧ୍ୟାରେ ମୋହନ ଏବଂ ଅଞ୍ଜଳି ଉକ୍ତ ଗଛ ଉପାଡ଼ି ଦେଇଥିଲେ। ପ୍ରତିବାଦ କରିବାରୁ ଗ୍ରାମବାସୀଙ୍କୁ ମାରଣାସ୍ତ୍ର ଧରି ଧମକ ଦେଇଥିଲେ, ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ରାଜ୍ୟ ଖବର

୫–ଟି ସଚିବଙ୍କ ନିର୍ଦ୍ଦେଶରେ ମିଳିଲା ସହାୟତା

ଢେଙ୍କାନାଳ, ୧୭।୮ (ରତନ ନାୟାର)

ଆଫ୍ରିକା ମହାଦେଶର ସର୍ବବୃହତ୍ ଗିରିଶୃଙ୍ଗ କିଲିମାଞ୍ଜାରୋ ଚଢ଼ିବେ ଢେଙ୍କାନାଳର ଦୁଃସାହସିକ କ୍ରୀଡ଼ାବିତ୍ ବିଭାରାଣୀ ପାତ୍ର। ୫–ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାପରେ ବିଭାରାଣୀଙ୍କ କିଲିମାଞ୍ଜାରୋ ବିଜୟ ସ୍ୱପ୍ନ ଉଜ୍ଜୀବିତ ହୋଇଛି। ଓଡ଼ାପଡା ବ୍ଲକ ମେରାମଣ୍ଡଳି ଗ୍ରାମର ବିଭାରାଣୀ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ। ଦୁଃସାହସିକ କ୍ରୀଡ଼ା, ସମାଜସେବା କ୍ଷେତ୍ରରେ ସେ ୧୨୫୩ ପୁରସ୍କାର ପାଇଥିବାବେଳେ ଜାତୀୟସ୍ତରରେ ଅର୍ଜନ କରିଛନ୍ତି ସୁନାମ।

ବିଭାରାଣୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଏବେ ସେ ପୃଥିବୀର ବିଭିନ୍ନ ପର୍ବତ ଶୃଙ୍ଗ ଉପରେ ତ୍ରିରଙ୍ଗା ଉଡ଼ାଇବାକୁ ଲକ୍ଷ୍ୟ ରଖି ଆଗକୁ ବଢୁଛନ୍ତି। ତେବେ କିଲିମାଞ୍ଜାରୋ ପଥରେ ଅର୍ଥ ବାଧକ ସାଜିଥିଲା। ଏଥିଲାଗି ସେ ରାଜ୍ୟ ସରକାରଙ୍କ ୫–ଟି ସଚିବ, ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ୫–ଟି ସଚିବଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗୁରୁବାର ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହି ସହାୟତା ରାଶି ପ୍ରଦାନ କରିବା ସହ ବିଭାରାଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ଓ ଜିଲା ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ଉପସ୍ଥିତ ଥିଲେ। ବିଭାରାଣୀଙ୍କ କିଲିମାଞ୍ଜାରୋ ସ୍ୱପ୍ନ ସଫଳ ହେଲେ ସେ ରୁଷିଆର ଏଲବ୍ରସ୍ ଶୃଙ୍ଗ ଆରୋହଣ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ବିଭାରାଣୀ ହେଉଛନ୍ତି ବିଦ୍ୟୁତ୍‌ପ୍ରଭା ପାତ୍ର ଏବଂ ପିତା କୃଷ୍ଣ ପ୍ରସାଦ ପାତ୍ରଙ୍କ କନ୍ୟା।

କିଲିମାଞ୍ଜାରୋ ଚଢ଼ିବେ ବିଭାରାଣୀ

ଛାତ୍ରୀଙ୍କୁ ଶିକ୍ଷକଙ୍କ ଅଶ୍ଳୀଳ ଇଙ୍ଗିତ

ପରଜଙ୍ଗ, ୧୭।୮ (ନିଗମାନନ୍ଦ ଦଳବେହେରା)

ଅଭିଯୋଗ କରିବାରୁ ହତ୍ୟା ଧମକ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଖଇରପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଶିକ୍ଷକ ତ୍ରିନାଥ ବିଶ୍ୱାଳ ଅଶ୍ଳୀଳ ଇଙ୍ଗିତ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରାୟ ମାସେ ତଳେ ଶିକ୍ଷକ ଜଣକ ତାଙ୍କ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ନେଇ ଛାତ୍ରୀ ଜଣକ ଘରେ ଜଣାଇବା ପରେ ତାଙ୍କ ବାପା ଏ ବିଷୟରେ ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୁକ୍ତ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ଆଗରେ ଭୁଲ୍ ସ୍ୱୀକାର କରିବା ସହ ଭବିଷ୍ୟତରେ ଏଭଳି କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ଘଟଣାରେ ଶିକ୍ଷକ ଜଣକ ଆକ୍ରୋଶମୂଳକ ମନୋଭାବ ରଖି ଉକ୍ତ ସ୍କୁଲରେ ପଢୁଥିବା ଛାତ୍ରୀଙ୍କ ଦୁଇ ଭାଇଙ୍କୁ ପାଇଖାନା ସଫା କରିବା ପାଇଁ ବାଧ୍ୟ କରିଥିଲେ। ଏଥିସହ ଷ୍ଟିଲ୍ ସ୍କେଲ୍‌ରେ ପିଟିଥିଲେ। ଘଟଣା ସମ୍ପର୍କରେ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ବ

ସଂକ୍ଷେପରେ

କୋକିଳା ଗାର୍ଡେନ୍ ଫେଜ୍-୨ରେ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର,୧୭।୮

କୋକିଳା ଗାର୍ଡେନ୍ ଫେଜ୍-୨ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିରୂପେ ଶିକ୍ଷାବିତ ଡ. ସରୋଜକାନ୍ତ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ନେହ, ସଦିଚ୍ଛା, ସୁସମ୍ପର୍କ, ଭ୍ରାତୃବୋଧ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧକୁ ସୁଚାରୁରୂପେ ସମ୍ପାଦନ କଲେ ସ୍ୱାଧୀନତା ଦିବସର ମହତ୍ତ୍ୱ ପ୍ରତିପାଦିତ ହେବ ବୋଲି ସେ ମତପ୍ରକାଶ କରିଥିଲେ। ମହିଳା କ୍ଲବର ସଦସ୍ୟାମାନଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ସାମୂହିକ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ନାନାବିଧ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଶିଶୁପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପରିଷଦର ପ୍ରଥମ ବାର୍ଷିକ ମୁଖପତ୍ର 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଗାୟତ୍ରୀ ସରାଫ ପାଇବେ 'ସରଳା ଦେବୀ ସ୍ମୃତି ସମ୍ମାନ'

କଟକ,୧୭।୮ (କାର୍ତ୍ତିକ ସାହୁ)

ଓଡ଼ିଆ ଲେଖିକା ଗାୟତ୍ରୀ ସରାଫଙ୍କୁ ଚଳିତ ବର୍ଷର ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏଥିସହ ପଦ୍ମଶ୍ରୀ ସାବରମତୀ ଓ ନାରୀନେତ୍ରୀ ସ୍ମୃତି ପଟ୍ଟନାୟକଙ୍କୁ ସରଳା ଦେବୀ ସେବା ସମ୍ମାନ ପ୍ରଦାନ କରାଯିବ। ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ସୁଲେଖିକା ସରଳା ଦେବୀଙ୍କ ଜୟନ୍ତୀ ପାଳନ ଅବସରରେ ଆସନ୍ତା ୧୯ ତାରିଖରେ କଟକ ସାରଳା ଭବନଠାରେ ହେବାକୁ ଥିବା ଉତ୍ସବରେ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ବୋଲି ସଂସଦର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ଗାୟତ୍ରୀ ସରାଫ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବରେ ଲେଖନୀ ଚାଳନା କରି ଜଣେ ପ୍ରତିଶ୍ରୁତିବଦ୍ଧ ଗାଳ୍ପିକା ଭାବରେ ସୁପରିଚିତ। ତାଙ୍କ ଲେଖନୀ ନିସୃତ ଆଲୋକିତ ଅନ୍ଧାର, ଆଇନାର ଜହ୍ନ, ପ୍ରେମିକା ପରି କେହି ଜଣେ, ଇଟାଭାଟିର ଶିଳ୍ପୀ, ପଣତକାନିରେ ଘର, କଥା ସମଗ୍ର -୧ ଆଦି ୨୪ ଖଣ୍ଡ ଉଲ୍ଲେଖନୀୟ ଗ୍ରନ୍ଥ ତାଙ୍କର କୃତିର ସ୍ୱାକ୍ଷର। ସେହିପରି ପଦ୍ମଶ୍ରୀ ସାବରମତୀ ଜଣେ ସଫଳ ପରିବେଶବିତ୍ ଭାବେ ପରିବେଶର ସୁରକ୍ଷା ପାଇଁ କାର୍ଯ୍ୟରତ। ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ ଜଣେ ଦକ୍ଷ ସଙ୍ଗଠିକା ଓ ରାଜନୀତିଜ୍ଞ ଭାବେ ନିଜକୁ ସଫଳ ଭାବେ ପ୍ରତିପାଦିତ କରିପାରିଛନ୍ତି।

ସରୁନି ସମୀକ୍ଷା ବୈଠକ, ସୁଧୁରୁନି ଜଳବନ୍ଦୀ ସ୍ଥିତି

ଭୁବନେଶ୍ୱର,୧୭।୮ (ବନ୍ଦନା ସେଠୀ)

ସମୀକ୍ଷା ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ବିଭାଗୀୟ ଅଧିକାରୀ।

- ବର୍ଷାରେ ଭାସୁଛି ଭୁବନେଶ୍ୱର
- ସହରରେ ରହିଛି ୫୬ ସମ୍ବେଦନଶୀଳ ଅଞ୍ଚଳ

ଅସରାଏ ବର୍ଷା ହେଲେ ସ୍ମାର୍ଟସିଟି ଭୁବନେଶ୍ୱର ଜଳମଗ୍ନ ହୋଇ ପଡୁଛି। ରାସ୍ତାରେ ଯାତାୟାତ କରିବା କଥା ତ ଦୂରର କଥା, ଘର ଭିତରେ ମଧ୍ୟ ରହିବା କଷ୍ଟକର ହୋଇପଡୁଛି। ପ୍ରତିବର୍ଷ ବର୍ଷାଦିନେ ସହରବାସୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବିଏମ୍‌ସି କେବଳ ଚିରାଚରିତ ଢଙ୍ଗରେ ବୈଠକ ପରେ ବୈଠକ କରି କାମ ସାରୁଛି। ବାସ୍ତବ ସମସ୍ୟା ସୁଧାରିବାରେ ସେପରି ଦୃଢ଼ ତଥା ସ୍ଥାୟୀ ପଦକ୍ଷେପ ନିଆଯାଉ ନ ଥିବାରୁ ବର୍ଷାରେ ଭାସୁଛି ଭୁବନେଶ୍ୱର। ପୂର୍ବରୁ ବିଏମ୍‌ସି ଅଞ୍ଚଳରେ ୭୦ରୁ ଅଧିକ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ ହୋଇଥିଲା। ପରେ ବିଭିନ୍ନ ପନ୍ଥା ଆପଣାଇ ଏହାକୁ ୩୨କୁ କମାଇ ଦିଆଯାଇଥିଲା। ଏହାକୁ ନେଇ ବିଏମ୍‌ସି ନିଜ ପ୍ରଶଂସାରେ ଶତମୁଖ ହୋଇପଡିଥିବାବେଳେ ସହରରେ ଥିବା ସମ୍ବେଦନଶୀଳ ସ୍ଥାନ ବା ଜଳବନ୍ଦୀ ଅଞ୍ଚଳ ପୁଣି ୫୬କୁ ବୃଦ୍ଧି ପାଇଥିବା ଗୁରୁବାର ହୋଇଥିବା ସମୀକ୍ଷା ବୈଠକରୁ ଜଣାପଡିଛି। ତେବେ ପ୍ରାଥମିକ ଆକଳନରୁ ଏହାଜଣା ପଡିଥିବାବେଳେ ପୂରା ସହରର ସମୀକ୍ଷା କଲେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା ରହିଛି। ଗୁରୁବାର ଲାଗି ରହିଥିବା ବର୍ଷାରେ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ପୁଣିଥରେ ଏକ ସମୀକ୍ଷା ବୈଠକ ଡାକିଥିଲେ।

ଏଥିରେ ଚଳିତ ମାସ ୧ ତାରିଖରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ହୋଇଥିବା ସମୀକ୍ଷା ବୈଠକରେ ନିର୍ଦ୍ଦେଶ ପରେ ପ୍ରାଥମିକ ପର୍ଯ୍ୟାୟରେ ନୂତନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପର ପରବର୍ତ୍ତୀ ସମୟରେ ଏହାକୁ ସମୀକ୍ଷା କରାଯାଇ ବିଭାଗୀୟ ଏବଂ ଆନ୍ତଃବିଭାଗୀୟ ସ୍ତରରେ ସମାଧାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଯେଉଁ ବିଭାଗ ଅଧୀନରେ ଯେଉଁସବୁ ରାସ୍ତା, ଡ୍ରେନ ବା ଅଞ୍ଚଳ ରହିଛି, ଜଳବନ୍ଦୀ ସୃଷ୍ଟି ହୋଇଥିବା ଅଞ୍ଚଳ, ଏହାର ପ୍ରକୃତ କାରଣ ଓ ନିରାକରଣ କ'ଣ ତାହା ତନଖି କରି ଯଥାଶୀଘ୍ର ରିପୋର୍ଟ ଦେବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବର୍ଷା ଆରମ୍ଭରୁ ଜଳବନ୍ଦୀ ମୁକାବିଲା ପାଇଁ ବିଏମ୍‌ସି ବିଭିନ୍ନ ବିଭାଗ ସହ ସମୀକ୍ଷା ବୈଠକ କରି ରପୋଟ ମାଗିଥିବାବେଳେ ଏବେସୁଦ୍ଧା ସମୀକ୍ଷା ବୈଠକ ସରିବାର ନାଁ ଧରୁନି। ସେହିପରି ଯେତିକି ବୈଠକ କରାଯାଉଛି ତାହା କେତେମାତ୍ରାରେ କାର୍ଯ୍ୟକାରୀ ହେଉଛି ବା ଲୋକଙ୍କୁ ସୁଫଳ ମିଳୁଛି, ତାହା ଅସରାଏ ବର୍ଷାରେ ସହରକୁ ଦେଖି ଜଣାପଡୁଛି। କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ, ଆର୍ ଆଣ୍ଡ୍ ବି, ଇଡ୍‌କୋ ଏବଂ ୱାଟ୍‌କୋର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ବିଏମ୍‌ସିର ଗାଡ଼କଣା ଶ୍ମଶାନ, ଖେଳପଡ଼ିଆ ଦଖଲକୁ ବିରୋଧ

ଭୁବନେଶ୍ୱର,୧୭।୮ (ବନ୍ଦନା ସେଠୀ)

ପ୍ରତିବାଦ କଲା ସିପିଆଇ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ଗାଡ଼କଣା ଶବର ସାହିରେ ଗ୍ରାମ୍ୟ ଶ୍ମଶାନ ଓ ତା' ପାଖକୁ ଲାଗି ଏକ ଖେଳପଡ଼ିଆ ରହିଛି। ଏହି ଶ୍ମଶାନରେ ପୁରୁଷ ପୁରୁଷ ଧରି ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ମୃତଦେହ ସତ୍କାର କରାଯାଇଥାଏ। ସେହିପରି ପାଖରେ ଥିବା ଖେଳପଡ଼ିଆରେ ଗାଡ଼କଣା ଅଞ୍ଚଳର ପିଲା ଓ ଯୁବକମାନେ ଫୁଟ୍‌ବଲ, କ୍ରିକେଟ ଆଦି ଖେଳିଆସୁଛନ୍ତି। ପ୍ରତିବର୍ଷ ୧୦/୧୫ଟି ଗ୍ରାମର ଫୁଟ୍‌ବଲ ଟିମ୍ ଏଠାକୁ ଆସି ଖେଳରେ ଭାଗ ନିଅନ୍ତି। ଆଖପାଖ ଅଞ୍ଚଳରେ ଅନ୍ୟ କୌଣସି ଖେଳପଡ଼ିଆ ନ ଥିବାରୁ ଏହା ଉପରେ ହିଁ ସମସ୍ତେ ନିର୍ଭର କରୁଛନ୍ତି। ମାତ୍ର ବିଏମ୍‌ସି ଏବେ ସମ୍ପୃକ୍ତ ଶ୍ମଶାନ ଓ ଖେଳପଡ଼ିଆକୁ ଦଖଲ କରିବାକୁ ବସିଥିବା ଅଭିଯୋଗ ଆଣି ସପଆଇ ବିରୋଧର ସ୍ୱର ଉଠାଇଛି। ଗୁରୁବାର ସିପିଆଇର ଶାଖା ସମ୍ପାଦକ ଶଙ୍କର ବାରିକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶ୍ମଶାନ ଓ ଖେଳପଡ଼ିଆକୁ ରକ୍ଷା କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଏମ୍‌ସି ମେୟରଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୪ ବର୍ଷ ତଳେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଶ୍ମଶାନ ଓ ପଡ଼ିଆ ଚାରିପଟେ ପାଚେରି ନିର୍ମାଣ କରାଯାଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଶ୍ମଶାନ ଓ ଖେଳପଡ଼ିଆର ନବୀକରଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସଫେଇ ଦିଆଯାଇଥିଲା। ମାତ୍ର ହଠାତ୍ ଗତ ୧୪ ତାରିଖରେ ବିଏମ୍‌ସିର କେତେଜଣ ଅଧିକାରୀ ଓ କର୍ମଚାରୀ ଜେସିବି ଧରି ସେଠାରେ ପହଞ୍ଚି ପଡ଼ିଆ ମଝିରେ ରାସ୍ତା ନେବା ପାଇଁ ଖୋଳିଥିଲେ। ତେବେ ଜୋରଦାର ବିରୋଧ ହେବାରୁ ବିଏମ୍‌ସି ଅଧିକାରୀମାନେ ଫେରିଯାଇଥିଲେ। କିନ୍ତୁ ୪/୫ ଦିନ ପରେ ପୁଣି ଆସିବା ପାଇଁ ଧମକ ଦେଇ ଯାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ବିଏମ୍‌ସି ରାସ୍ତା ନିର୍ମାଣ କଲେ ଆଖପାଖ ଲୋକ ଶବଦାହ କରିବା ଏବଂ ଖେଳିବା ପାଇଁ କୁଆଡେ ଯିବେ ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ଲୋକଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟି ଦେଇ ବିଏମ୍‌ସି ଏଭଳି କାର୍ଯ୍ୟରୁ ବିରତ ରହୁ ବୋଲି ଦାବି କରାଯାଇଛି।

ଡେଙ୍ଗୁ ଦମନ ଉପାୟ ଶିଖିଲେ ସାଇ ଇଣ୍ଟରନ୍ୟାଶନାଲ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୭।୮ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ଦିନକୁ ଦିନ ବଢି ଚାଲିଛି। ଏଥିରୁ ରକ୍ଷା ପାଇବା ପାଇଁ ହେଲେ ସଚେତନତା ସୃଷ୍ଟି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ତେଣୁ ଡେଙ୍ଗୁ ରୋଗ ବ୍ୟାପିବାର କାରଣ, ନିରାକରଣ ଏବଂ ଏଥିରୁ ଦୂରେଇ ରହିବା ପାଇଁ କ'ଣ ପଦକ୍ଷେପ ନିଆଯିବା ଦରକାର ସେନେଇ ବିଏମ୍‌ସି ଗୁରୁତ୍ୱାରୋପ କରୁଛି। ବିଶେଷକରି ବିଦ୍ୟାଳୟରେ ଡେଙ୍ଗୁ ଦମନ ଶିକ୍ଷା ଅଭିଯାନକୁ ଜୋର୍‌ଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସାଇ ଇଣ୍ଟରନ୍ୟାଶନ୍ୟାଶନାଲ ସ୍କୁଲରେ ବିଏମସି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁଠାରୁ ଦୂରେଇ ରହିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ସହରର ଏଣେତେଣେ ଅଳିଆ ନ ପକାଇବା, ନିଜ ଆଖପାଖ ଅଞ୍ଚଳ ସଫା ରଖିବା, ସଫେଇ ଗାଡ଼ିକୁ ଓଦା ଶୁଖିଲା ଆବର୍ଜନା ପୃଥକ କରି ଦେବା ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ଆଦି ବିଷୟ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ପିଲାମାନେ ମଧ୍ୟ ଏହାକୁ ଗୁରୁତ୍ୱର ସହିତ ନେଇ ନିଜ ଅଭିଭାବକ ଓ ସେମାନଙ୍କ ଘରେ କାମ କରୁଥିବା ଲୋକଙ୍କୁ ମଧ୍ୟ ସଚେତନ କରିବେ। ଡେଙ୍ଗୁ ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ବିଏମ୍‌ସି ଅଧିକାରୀମାନେ ବହୁ ଉପଦେୟ ତଥା ଟେକ୍ନିକାଲ କଥା କହିଛନ୍ତି। ଏହାକୁ ଯଥାରୀତି ପାଳନ କରିବା ପାଇଁ ଚେଷ୍ଟା କରିବୁ ବୋଲି ଛାତ୍ରୀଛାତ୍ର ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର (ପରିମଳ) ମନୋରଞ୍ଜନ ସାହୁ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ଆଡ୍‌ମିନିଷ୍ଟ୍ରେଟର ଅରବିନ୍ଦ ଦାସ, ଲୋକସମ୍ପର୍କ ଅଧିକାରୀ କୈଳାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପାଚେରି ଭାଙ୍ଗି ଓଲଟିଲା କାର୍, ୪ ଆହତ

ଦୁର୍ଘଟଣାଗ୍ରସ୍ତ କାର୍‌ରୁ ଅଗ୍ନିଶମ ବାହିନୀ ପକ୍ଷରୁ ଆହତଙ୍କୁ ଉଦ୍ଧାର କରାଯାଉଛି।

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଜୟଦେବ ବାଟିକା ନିକଟରେ ଏକ କାର୍ ଭାରସାମ୍ୟ ହରାଇ ଏକ ଆଶ୍ରମର ପାଚେରିକୁ ଧକ୍କା ଦେଇ ଓଲଟି ପଡିବାରୁ ୪ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ପୋଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଆହତମାନଙ୍କ ମଧ୍ୟରେ ଜଣେ ଏକ ଘରୋଇ ସଂସ୍ଥାର ମୁଖ୍ୟ(ସିଇଓ) ସିଦ୍ଧାର୍ଥ ପାତ୍ର ଥିବାବେଳେ ଅନ୍ୟମାନଙ୍କର ପରିଚୟ ଜଣାପଡ଼ିନାହିଁ। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ଏକ କାର୍ (ଓଡି୦୨-ବିଓ- ୮୦୪୮) ଦ୍ରୁତ ଗତିରେ ଯାଉଥିବା ବେଳେ ଜୟଦେବ ବାଟିକା ନିକଟରେ ହଠାତ୍ ଭାରସାମ୍ୟ ହରାଇ ସ୍ଥାନୀୟ ଏକ ଆଶ୍ରମର ପାଚେରି ଭାଙ୍ଗି ଭିତରେ ପଶି ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ୪ଜଣ ଯୁବକ ଭିତରେ ଫଶି ରହିଥିଲେ। ଖବରପାଇ ଭରତପୁର ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମବାହିନୀର ଏକ ସ୍ୱତନ୍ତ୍ର ଟିମ ହାଇଡ୍ରୋଲିକ କଟର, ହାଇଡ୍ରୋଲିକ ପାୱାର ପ୍ୟାକ ସାହାଯ୍ୟରେ ଗାଡିକୁ କାଟି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ପୋଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

ଟାଙ୍ଗୀରେ ନିର୍ମାଣ ଶ୍ରମିକଙ୍କୁ ସହାୟତା, ପଞ୍ଜୀକରଣ ପତ୍ର ପ୍ରଦାନ

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଯୁଗ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର ଦ୍ୱାରା ପରଚାଳିତ ଏକ ସହାୟତା ଶିବିର ଖୋର୍ଦ୍ଧା ଟାଙ୍ଗୀ ବ୍ଲକସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକୃତ ୨୧ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୩୮,୦୦,୦୦ଟଙ୍କା ଓ ୨୧ଜଣ ଶ୍ରମିକଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୧,୦୫,୦୦୦ ଟଙ୍କା, ବିବାହକାଳୀନ ସହାୟତା ବାବଦରେ ୫ଜଣଙ୍କୁ ୨,୫୦,୦୦୦ ଟଙ୍କା, ପ୍ରସବକାଳୀନ ସହାୟତା ବାବଦରେ ୫ ଜଣଙ୍କୁ ୫୦,୦୦୦ଟଙ୍କା, ଶିକ୍ଷା ସହାୟତା ବାବଦରେ ୩୫ଜଣଙ୍କୁ ୧,୪୮,୪୦୦ଟଙ୍କା ସର୍ବମୋଟ ୮୭ ଜଣଙ୍କୁ ୪୩,୫୩,୪୦୦ ଟଙ୍କାର ସହାୟତା ରାଶି ଦିଆଯାଇଥିଲା। ନୂତନ ଭାବେ ପଞ୍ଜିକୃତ ୨୮୧ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ ପତ୍ର ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାଗୀୟ ଶ୍ରମଆୟୁକ୍ତ, ପ୍ରଣବ କୁମାର ପାତ୍ର ପରିଚାଳନା କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ବିକାଶ ନାୟକ ସ୍କିମ ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ।

ମୁଖ୍ୟ ଶାସନ ସଚିବଙ୍କ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ସାକ୍ଷୀଗୋପାଳ,୧୭।୮ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଉଚ୍ଚ ଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଗୁରୁବାର ସତ୍ୟବାଦୀ ଗସ୍ତରେ ଆସିଥିଲେ। ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ପରିଦର୍ଶନ ଓ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସାକ୍ଷୀଗୋପାଳ ପାଛଶାଳା ପରିଦର୍ଶନ କରି ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ଦେଖି ତାହାର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦେଇଥିଲେ। ଏହାପରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଯାଇ ଛାତ୍ରାବାସ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ଏହି ଛାତ୍ରାବାସ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଛାତ୍ରାବାସ ହେବ। ଏହି ଛାତ୍ରାବାସର ମରାମତି ନିମନ୍ତେ ୧୦ ଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଅଡିଟୋରିୟମ ସମ୍ପୂର୍ଣ୍ଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ ବିଡିଓ ଓ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

୧୯୧ ନୂତନ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ବଣ୍ଟନ

ପୁରୁଣା ଭୁବନେଶ୍ୱର,୧୭।୮ (ସୁବାସ ଚନ୍ଦ୍ର ପ୍ରଧାନ)

ପୋଖରୀପୁଟ ସ୍ଥିତ କୋକିଳା ରିସୋର୍ଟଠାରେ ମଧୁବାବୁ ପେନସନ ଯୋଜନାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏକାମ୍ର ନିର୍ବାଚନ ମଣ୍ଡଳୀର ୨୪ଟି ୱାର୍ଡର ୧୯୧ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଦୀପକ ମିଶ୍ର, ଅଜିତ୍ ବେହେରା, ସଞ୍ଜୁକ୍ତା ସୁନ୍ଦରାୟ, ବିନୟିନି ଜେନା, ଶ୍ରୀଧର ବେହେରା, ମହାମାୟା ସ୍ୱାଇଁ, ଶିବପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଚାରୁଲତା ସାମନ୍ତରାୟ, ଶମ୍ଭୁ ପାଟଶାଣୀ, ଛବି ଦାସ, ମଧୁସ୍ମିତା ପ୍ରଧାନ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ, ରବି ନାରାୟଣ ଯେଠୀ, ପୂର୍ବତନ କର୍ପୋରେ

ସଂକ୍ଷେପରେ

ବଜ୍ରପାତରେ ଜଣେ ମୃତ

ମାଣିଆବନ୍ଧ, ୧୭।୮ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ କଷିକିଆରୀ ଗ୍ରାମର ଭଗବାନ ସେଠ (୬୦)ଙ୍କ ମୃତ୍ୟୁ ଘଟିଛି। ସେ ନିଜ ଜମିରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେସଙ୍ଗେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ସେଠଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଏହି ଅଞ୍ଚଳର ଜଣାଶୁଣା ରାଜମିସ୍ତ୍ରି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

୮୭୦ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ବଣ୍ଟନ

କଟକସଦର, ୧୭।୮ (ସୁଶାନ୍ତକୁମାରଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କଳପଡା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ୩୫୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଗୁରୁବାର ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ହିତାଧିକାରୀମାନଙ୍କୁ ପେନ୍‌ସନ୍ ରାଶି ବଣ୍ଟନ କରିଥିଲେ। ଏଥିରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ମିଶନ ଶକ୍ତି ସଂଯୋଜକ ଶରତ କୁମାର ରାୟ, ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ମହାପାତ୍ର ଓ ଦୁର୍ଗା ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ଯଶପଡ଼ାଠାରେ ୫ ଓ ୭ ନଂ. ଜୋନ୍‌ର ୫୨୦ ଜଣଙ୍କୁ ପେନ୍‌ସନ ବଣ୍ଟନ କରାଯାଇଥିଲା।

ପୁରାତନ ଛାତ୍ର ସମ୍ମିଳନୀ

ଚୌଦ୍ୱାର, ୧୭।୮ (ଆଶୁତୋଷ ଦାସ)

ଚୌଦ୍ୱାର କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ପୁରାତନ ଛାତ୍ର ସମ୍ମିଳନୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୋ କଲେଜ ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ପୌରୋହିତ୍ୟ କରି ଛାତ୍ରୀଛାତ୍ରମାନେ ସୁନ୍ଦର ବ୍ୟକ୍ତିତ୍ୱ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ସସ୍ମିତା ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ। ପୁର୍ବତନ ବିଭାଗୀୟ ମୁଖ୍ୟ କାଦମ୍ବିନୀ ମହାପାତ୍ର ଓ ମାନସୀ ପଟ୍ଟନାୟକ ଯୋଗଦେଇ ବ୍ୟପକ ଚାରା ରୋପଣ କରିବା ସହିତ ସେସବୁର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ଅନିଲ କୁମାର ସାହୁ, ଦିବ୍ୟ ରଞ୍ଜନ ସ୍ୱାଇଁ, ସରୋଜ କୁମାର ସାହୁ, ପରେଶ ନାୟକ, ଅଭିଷେକ ଦାସ, ବୈଶାଳୀ ସ୍ୱାଇଁ, ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏକତ୍ର ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ଶପଥ ପାଠ କରିଥିଲେ। ମୁଖ୍ୟବକ୍ତା ସଞ୍ଜୟ କୁମାର ଧଳ ମୋ କଲେଜ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ସହିତ ଏହାକୁ ଆହୁରି କିଭଳି ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ପରିସରରେ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଚିତ୍ତରଞ୍ଜନ ଦାସ, ବିଜୟ କୁମାର ସେଠୀ, ଲହରୀ ଲୋପାମୁଦ୍ରା ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ।

'ପେନ୍‌ସନ ନ ଦେଲେ ଟେନ୍‌ସନ ଦେବୁ'

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)

ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବର୍ଷାରେ ଭିଜି ଧାରଣା ଦେଇଛନ୍ତି।

ସମାନ କାମକୁ ସମାନ ଦରମା ସହ ୧୦ଦଫା ଦାବି ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଅହୋରାତ୍ର ଧାରଣା ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିନରେ ପ୍ରତିବାଦ ତୀବ୍ରତର ହୋଇଛି। 'ପେନସନ୍ ନ ଦେଲେ ଟେନସନ୍ ଦେବୁ' ନାରାରେ କମ୍ପିଛି ଗାନ୍ଧୀମାର୍ଗ। ହଜାର ହଜାର ଶିକ୍ଷକ ୨ଦିନ ହେଲା ରାଜରାସ୍ତାରେ ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନ ଚଳାଇଛନ୍ତି। ଏହି ଦୁଃଖଦ ଦୃଶ୍ୟ ଦେଖି ମଧ୍ୟ ସରକାର ଚୁପ୍ ରହି ସମ୍ବେଦନହୀନତାର ସମସ୍ତ ସୀମା ଅତିକ୍ରମ କରି ଯାଇଛନ୍ତି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କ୍ଷୋଭର ସହ କହିଛନ୍ତି। ଗୋଟିଏ ଗଣତାନ୍ତ୍ରିକ ଆନ୍ଦୋଳନକୁ ସରକାର ଅଣଦେଖା କରୁଛନ୍ତି। ଆଲୋଚନା ନ କରି ଗଣମାଧ୍ୟମକୁ ଆଲୋଚନା ହୋଇଥିବା ନେଇ ମିଥ୍ୟା ବିବୃତି ଦେଇ ଜନସାଧାରଣଙ୍କ ଭିତରେ ଶିକ୍ଷକଙ୍କ ପ୍ରତି ଖରାପ ମନୋଭାବ ସୃଷ୍ଟି କରିବାକୁ ଚାହୁଁଥିବା ସେ କହିଛନ୍ତି। ଅନ୍ୟପଟେ ପଚିଶ ତିରିଶ ବର୍ଷ ଧରି ଶିକ୍ଷକଙ୍କୁ କୌଣସି ଅନୁଦାନ ନ ଦେବା, ଅବସରକାଳୀନ ସୁବିଧା ସୁଯୋଗ ଲାଗୁ ନ କରି ରିକ୍ତ ହସ୍ତରେ ଶିକ୍ଷକଙ୍କୁ ଘରକୁ ବିଦା କରିବା ମୁଖ୍ୟମନ୍ତ୍ରୀଙ୍କ କେଉଁ ଲୋକପ୍ରିୟତାର ନମୁନା ବୋଲି ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ପ୍ରଶ୍ନ କରିଛନ୍ତି। ଗାନ୍ଧୀମାର୍ଗରେ ଆୟୋଜିତ ପ୍ରତିବାଦ ସଭାରେ ଓଷ୍ଟାର ଦାବିକୁ ସମର୍ଥନ ଜଣାଇ ବହୁ ଗଣସଂଗଠନ ତଥା ରାଜନୈତିକ ଦଳର ନେତୃବୃନ୍ଦ ସାମିଲ ହୋଇଛନ୍ତି। କଂଗ୍ରେସ ଦଳର ଶିବାନନ୍ଦ ରାୟ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଭାଜପାର ତେଜେଶ୍ୱର ପରିଡ଼ା, ସିପିଏମ୍ ତରଫରୁ ସନ୍ତୋଷ ଦାସ, ସିପିଆଇର ଅଭୟ ସାହୁ, ଆମ୍ ଆଦ୍‌ମୀ ପାର୍ଟିର ନିଶିକାନ୍ତ ସାହୁ, ସମାଜବାଦୀ ପାର୍ଟିର ରବି ବେହେରା, ସମୃଦ୍ଧ ଓଡ଼ିଶା ଦଳର ଜ୍ୟୋତିଷ ମହାନ୍ତି, ଅଭିଭାବକ ମଞ୍ଚର ବାସୁଦେବ ଭଟ୍ଟ, ସାମାଜିକ କର୍ମୀ ପ୍ରଦୀପ୍ତ ନାୟକ, ଓଲ୍‌ଷ୍ଟାର ସଭାପତି ବିକ୍ରମ ଦାଶ, ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ଛାତ୍ରନେତା ଷ୍ଟାଲିନ୍ ଲେଙ୍କା, ବିଶ୍ୱ ଶିକ୍ଷକ ସଂଗଠନର ନେତା ଡକ୍ଟର ଅମିୟ ମହାନ୍ତି ପ୍ରମୁଖ ଯୋଗଦେଇ ଓଷ୍ଟାର ଦାବିକୁ ସମର୍ଥନ କରିଥିଲେ।

ଡିଲର ସସ୍‌ପେଣ୍ଡ, ମାମଲା ରୁଜୁ

ଆଠଗଡ, ୧୭।୮ (ସତ୍ୟ ପ୍ରସାଦ ରଥ)

ପିଡିଏସ୍ ଚାଉଳ ହଡ଼ପ ଘଟଣା

ଆଠଗଡ ବ୍ଲକ ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତ ଦହିସରା ଗ୍ରାମର ଡିଲର ରାମଚନ୍ଦ୍ର ଦାଶ ୪ କୁଇଣ୍ଟାଲ ପିଡିଏସ୍ ଚାଉଳ ବେପାରୀଙ୍କୁ ବିକ୍ରୟ କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଥିଲେ। ଏହାପରେ ଗ୍ରାମବାସୀମାନେ ଯୋଗାଣ ବିଭାଗକୁ ଖବର ଦେଇଥିଲେ। ଆଠଗଡ ବ୍ଲକ ଯୋଗାଣ ନିରୀକ୍ଷକ ମିଥୁନ ବେହେରା ଘଟଣା ସ୍ଥଳରେ ପହଞ୍ଚି ୪ ବସ୍ତା ପିଡିଏସ ଚାଉଳ ଜବତ କରିଥିଲେ। ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଡିଲର ରାମଚନ୍ଦ୍ର ଦାଶକୁ ସସପେଣ୍ଡ କରାଯିବା ସହ ତାଙ୍କ ନାମରେ ଜିଲାପାଳଙ୍କ କୋର୍ଟରେ ମାମଲା ରୁଜୁ କରାଯାଇଛି ବୋଲି ଆଠଗଡର ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ ପ୍ରକାଶ କରିଛନ୍ତି।

ଫେରାର ମଦ ବ୍ୟବସାୟୀ ଗିରଫ

ବାରଙ୍ଗ, ୧୭।୮ (ଲିଙ୍ଗରାଜ ରାଉତ)

ଚୋରା ମଦ ଚାଲାଣ ଅଭିଯୋଗରେ ଦେଢ଼ବର୍ଷ ଧରି ଫେରାର ଥିବା ଜଣେ ମଦ ବେପାରୀଙ୍କୁ ଗୋଡ଼ିସାହି ଫାଣ୍ଡି ପୋଲିସ୍ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ସାନମୁଣ୍ଡଳୀ ଗ୍ରାମର ଦୁଷ୍ମନ୍ତ ଲେଙ୍କା (୩୧)। ସୂଚନା ମୁତାବକ, ଗତବର୍ଷ ମାର୍ଚ୍ଚ ୪ରେ ଦୁଷ୍ମନ୍ତ ଏକ ନମ୍ବରବିହୀନ କାରରେ ଦେଶୀମଦ ଚୋରା ଚାଲାଣ କରିଥିଲେ। ଗୋଡ଼ିସାହି ପୁରୀ କେନାଲ ବ୍ରିଜ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ସେ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ିରୁ ୧୮ଟି ବ୍ଲାଡରରେ ୩୫୦ ଲିଟର ଦେଶୀମଦ ଜବତ କରିଥିଲା। ଏନେଇ ଫାଣ୍ଡି ପୋଲିସ ୬୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଦୁଷ୍ମନ୍ତ ନରାଜ ମାର୍ଥାପୁରସ୍ଥିତ କାନାରା ବ୍ୟାଙ୍କରେ ଥିବା ବିଶେଷସୂତ୍ରରୁ ଖବରପାଇ ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳ ଚଢ଼ାଉ କରି ତାଙ୍କ କାବୁ କରିଥିଲେ।

ପଞ୍ଚାୟତର ସବୁଜିମା ପାଇଁ ଚାରାରୋପଣ ଜରୁରୀ

ନିଶ୍ଚିନ୍ତକୋଇଲି, ୧୭।୮ (ଅଶୋକ କୁମାର ମହାପାତ୍ର)

ଚାରା ରୋପଣ, ପରିବେଶ ସଚେତନତା କର୍ମଶାଳା

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାରାରୋପଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଡା ପଞ୍ଚାୟତରେ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ଏସଏଚ୍‌ଜି ମହିଳାମାନେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରିଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ତପନ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାୟଗୁରୁ ବିଜୟ କିଶୋର ମିଶ୍ର ଯୋଗଦେଇ ସରପଡା ପଞ୍ଚାୟତର ବିକାଶ ଦିଗରେ ଲୋକପ୍ରତିନିଧିମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ସବ ସାମନ୍ତରାୟ, ସଚ୍ଚିଦାନନ୍ଦ ମିଶ୍ର, ଗୋପାଳ ଜେନା, ସୁଧାଂଶୁ ମିଶ୍ର ପ୍ରମୁଖ ବହୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉମେଶ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିଭଳି ଜିଗ୍ନିପୁର ପଞ୍ଚାୟତରେ ସରପଞ୍ଚ ତିଳୋତ୍ତମା ରାଉତଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। ଏଥିରେ ଯୁବନେତା ଜ୍ଞାନ ରଞ୍ଜନ ରାଉତ, ସମବାୟବିତ୍ ଧୀରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ରାମକୃଷ୍ଣପୁର ପଞ୍ଚାୟତରେ ସରପଞ୍ଚ ମନୋରଞ୍ଜନ ସ୍ୱାଇଙ୍କ ତତ୍ତ୍ୱାବଧାନରେ ସ୍ୱୟଂ ସହାୟିକା ଫେଡେରେଶନର ମହିଳାମାନେ ପଞ୍ଚାୟତ ସମ୍ମୁଖରେ ଥିବା ପଡ଼ିଆରେ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ନତକାଇ ପଞ୍ଚାୟତରେ ସରପଞ୍ଚ ଜୟଦେବ ରାଉତଙ୍କ ତତ୍ତ୍ୱାବଧାନରେ ହନୁମାନ ପଡିଆ ନିକଟରେ ଚାରାରୋପଣ କରାଯାଇଥିଲା। ଉପସ୍ଥିତ ନେତୃମଣ୍ଡଳୀମାନେ ପରିବେଶର ସଚେତନତା ଉପରେ ଆଲୋକପାତ କରିବା ସହ ପଞ୍ଚାୟତକୁ ସବୁଜିମା କରିବା ପାଇଁ ଚାରାରୋପଣ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ଭାବେ କେଣ୍ଟାଳୋ ପଞ୍ଚାୟତରେ ସରପଞ୍ଚ ତୃପ୍ତିମୟୀ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା କର୍ମଶାଳା ଓ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ନେତା ଅନ୍ନଦା ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଚାରାରୋପଣ ଉପରେ ଆଲୋକପାତ କରିଥିଲେ।

ଏସଏଚ୍‌ଜି ଗ୍ରୁପ୍‌ର ମହିଳାମାନେ ଚାରାରୋପଣ କରୁଛନ୍ତି।

ପାଗଳା ମାଙ୍କଡ ଉତ୍ପାତ: ଲୋକେ ଆତଙ୍କିତ

ନିଶ୍ଚିନ୍ତକୋଇଲି, ୧୭।୮ (ଅଶୋକ କୁମାର ମହାପାତ୍ର)

ଗତ କିଛି ଦିନ ହେବ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏକ ପାଗଳ ମାଙ୍କଡ ଉତ୍ପାତ ଜାରି ରଖିଛି। ଫଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପ୍ରଶାସନ ତରଫରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମାଙ୍କଡ଼ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅନ୍ତର୍ଗତ ଓଥକା ଗ୍ରାମର ଗୋଲଖ ପରିଡାଙ୍କ ସ୍ତ୍ରୀ ସତ୍ୟଭାମା ପରିଡାଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ କାମୁଡ଼ି ଗୁରୁତର କରିଥିବା ଅଭିଯୋଗ ହୋଇଛି। ସେମାନେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମାଙ୍କଡ ଭୟରେ ଶିଶୁ ଓ ଛାତ୍ରୀଛାତ୍ରମାନେ ଅଙ୍ଗନୱାଡି ଓ ବିଦ୍ୟାଳୟକୁ ଯିବାକୁ ଭୟ କରୁଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ଦହିବରା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ଥାନାରେ ଅଭିଯୋଗ

ଆଠଗଡ, ୧୭।୮ (ସତ୍ୟ ପ୍ରସାଦ ରଥ)

ଆଠଗଡ ଥାନା ଅନ୍ତର୍ଗତ ରାଜନଗର ଗ୍ରାମର ଦହିବରା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ରାଜୀବ ସାହୁ। ଏନେଇ ଥାନାରେ ମାମଲା (ନଂ. ୧୭୫/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ରାଜୀବ ଆଠଗଡ ଟାଉନର ଚାନ୍ଦବାଲି ଛକରେ ନିଜ ବ୍ୟବସାୟ କରନ୍ତି। ସେ ଦହିବରା ନେଇ ଗାଡ଼ିରେ ଆସୁଥିବାବେଳେ ରାଧାଗୋବିନ୍ଦପୁରସ୍ଥିତ ହନୁମାନ ମନ୍ଦିର ନିକଟରେ ଉକ୍ତ ଗ୍ରାମର ତପନ କୁମାର ଜେନା ତାଙ୍କୁ ଆକ୍ରମଣ କରି ୩ ହଜାର ଟଙ୍କାର ଦହିବରା ନେଇଯାଇଥିଲେ। ଏଥିସହ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏହି ଆକ୍ରମଣରେ ରାଜୀବ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ସମ୍ପର୍କରେ ରାଜୀବଙ୍କ ଭାଇ ସଞ୍ଜୀବ ଆଠଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

କୌନ୍ ବନେଗା ହଜାରପତି ବିଜେତା ଘୋଷିତ

କଣ୍ଟାପଡା, ୧୭।୮ (ସୁରନାରାୟଣ ସାହୁ)

ଗ୍ରାମାଞ୍ଚଳରେ ପ୍ରତିଭାର ବିକାଶ ପାଇଁ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଛେଦା ଗ୍ରାମର ଡାଜଲିଂଷ୍ଟାର ପକ୍ଷରୁ କୌନ୍ ବନେଗା ହଜାରପତି ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମର ଛାତ୍ରୀଛାତ୍ର, ମହିଳା ଓ ପୁରୁଷମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କବିତା କୁମାରୀ ସ୍ୱାଇଁ ଠିକ୍ ଉତ୍ତର ଦେଇ ୬୦୦୦ ଟଙ୍କା ପୁରସ୍କାର ଜିତିଛନ୍ତି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବେହେରା ଓ କିଶୋର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମାଞ୍ଚଳରେ ଲୁଚିଯାଉଥିବା ବିଭିନ୍ନ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଏଭଳି ପ୍ରୟାସ ଜାରି ରହିବ ବୋଲି ଡାଜଲିଂଷ୍ଟାର ପରିବାରର ଆବାହକ ବିଶ୍ୱଜିତ୍ ବେହେରା କହିଛନ୍ତି।

'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସାଲେପୁର, ୧୭।୮ (ଅରବିନ୍ଦ ଭୂୟାଁ)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସଙ୍ଗୀତା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ସୁବେଦାର ମେଜର ଧନେଶ୍ୱର ସାମଲଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଜା ଏଥିରେ ସଂଯୋଜନା କରିଥିଲେ। ସେ ବୀର ସୈନିକମାନଙ୍କୁ ସମ୍ମାନ, ଚାରାରୋପଣ ଓ ପରିବେଶ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ.ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇଥିଲେ। ପରେ ମହାବିଦ୍ୟାଳୟ ପରସରରେ ୭୫ଟି ଦେଶୀୟ ଚାରାରୋପଣ କରାଯାଇ ଅମ୍ରିତ୍ ବାଟିକାର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ସୁଶାନ୍ତ କୁମାର ପାଢ଼ୀ, ପ୍ରଫୁଲ୍ଲ କୁମାର ସାହୁ, ଜୟବନ୍ଦନ ଜେନା, ଡ. ଅସିତ୍ କୁମାର ପରିଜା, ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ଲେଙ୍କା, ପ୍ରଦୋଷ କୁମାର ମହାନ୍ତି, ଯଯାତି ଲେଙ୍କା, ସଞ୍ଜୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ

ଚୌଦ୍ୱାର, ୧୭।୮ (ଆଶୁତୋଷ ଦାସ)

ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ଗୁରୁବାର ସ୍ଥାନୀୟ ତ୍ରିନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଭାଗୀରଥି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସଦସ୍ୟମାନେ ଯୋଗଦେଇ ଅତିଥି ଶିକ୍ଷକମାନଙ୍କର ବିଭିନ୍ନ ବିଭିନ୍ନ ସମସ୍ୟା ଏବଂ ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏସମ୍ପର୍କରେ ସଂଘ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମ୍ପାଦକ ସୁକାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ସହ ସମ୍ପାଦକ ଜୟକୃଷ

ସଂକ୍ଷେପରେ

କମେଣ୍ଟମରାକୁ କେନ୍ଦ୍ରକରି ଗଣ୍ଡଗୋଳ, ୪ ଗିରଫ

ବେଗୁନିଆ, ୧୭।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଞ୍ଚଳର ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ କମେଣ୍ଟମରାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗୁରୁବାର ଗଣ୍ଡଗୋଳ ଘଟିଛି। ଏଥିରେ ୪ଜଣ ଆହତ ହୋଇ ଚିକିତ୍ସାଧିନ ଅଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଗୋଟିଏ ପରିବାରର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପ୍ରମୋଦ ରଥ, ବେଣୁଧର ରଥ, ବିଶ୍ୱଜିତ୍ ରଥ ଏବଂ ବସନ୍ତ ରଥ। ପୋଲିସ ସୂଚନା ମୁତାବକ, ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ବସନ୍ତଙ୍କ ପୁଅ କମେଣ୍ଟ ମାରିଥିଲେ। ଏହାକୁ ନେଇ ସମ୍ପୃକ୍ତ ଛାତ୍ରୀ ଓ ବସନ୍ତଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ରଥଙ୍କ ପରିବାରଲୋକେ ମିଳିତଭାବେ ଛାତ୍ରୀଙ୍କ ବାପାଙ୍କ ସହିତ ପରିବାରର ୩ରୁ ୪ଜଣଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସଦାନନ୍ଦ ସାହୁ, ମଙ୍ଗୁଳି, ବୁଲୁ ଏବଂ ସୁରେଶ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୨୮୬/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

୨୩୭୭ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଭତ୍ତା ବଣ୍ଟନ

ଟାଙ୍ଗୀ, ୧୭।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଭତ୍ତାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ନୂତନ ଭାବେ ମନୋନୀତ ମଧୁବାବୁ ପେନ୍‌ସନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବ୍ଲକ ଅଧ୍ୟକ୍ଷା ରିମ୍ପା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ପ୍ରମୁଖ ଯୋଗଦେଇ ୨୩୭୭ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସମଗ୍ର ଖୋର୍ଦ୍ଧା ଜିଲାରେ ୧୪ ହଜାର ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ବ୍ୟବସ୍ଥା ହୋଇଥିବା ବେଳେ ଟାଙ୍ଗୀ ବ୍ଲକରେ ୨୩୭୭ ହିତାଧିକାରୀ ଚୟନ ହୋଇ ଜିଲାରେ ପ୍ରଥମ ହୋଇଥିବାରୁ ବ୍ଲକ ଅଧ୍ୟକ୍ଷା ଖୁସି ବ୍ୟକ୍ତ କରିଥିଲେ। ଅନ୍ୟପଟେ ପ୍ରବଳ ବର୍ଷାରେ ବୃଦ୍ଧାବୃଦ୍ଧମାନେ ଭିଜି ଭତ୍ତା ନେବାକୁ ଆସିଥିଲେ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ୨ ଦଫା ଦାବି

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା): ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଘ ପକ୍ଷରୁ ୨ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀକୁ ମୂଳ ପଦବୀ ଧରାଯାଇ ପଞ୍ଚାୟତିରାଜ ପ୍ରଶାସନିକ ସେବା କ୍ୟାଡ଼ର ଗଠନ କରାଯାଉ ଏବଂ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଏକ-ତୃତୀୟାଂଶ (୧୦୫) ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଚୟନ କରାଯାଇ ବିଡିଓ ପଦବୀକୁ ପଦୋନ୍ନତିର ବ୍ୟବସ୍ଥା କରାଯାଉ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ସେହିପରି ପଞ୍ଚାୟତିରାଜ ବିଭାଗର ନିଜସ୍ୱ ବିଡିଓ ପଦବୀ ସୃଷ୍ଟି କରାଯାଉ ବୋଲି ସଂଘର ଅନ୍ୟ ଏକ ଦାବି ରହିଛି। ପଞ୍ଚାୟତିରାଜ ବିଭାଗରେ ମୂଳ କର୍ମଚାରୀ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲେଭଲ-୯ରେ ନିଯୁକ୍ତି ପାଇ ଲେଭଲ-୧୦ରେ ଅବସର ନେଉଛନ୍ତି। ମାତ୍ର ଲେଭଲ-୪, ଲେଭଲ-୫ ଓ ଲେଭଲ-୯ରେ ଅନ୍ୟ ବିଭାଗରେ ନିଯୁକ୍ତି ପାଉଥିବା କାର୍ମଚାରୀ ଯଥା - ଶିକ୍ଷକ, ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟେନୋ, ଆର୍‌ଆଇ, କନିଷ୍ଠ ରାଜସ୍ୱ ସହାୟକ, ଆଇସିଡିଏସ୍ ସୁପରଭାଇଜର, ଯେଉଁମାନଙ୍କର ପଞ୍ଚାୟତିରାଜ ବିଭାଗର କାର୍ଯ୍ୟ ଉପରେ ଆଦୌ ଅଭିଜ୍ଞତା ନାହିଁ ତଥା ସେମାନଙ୍କର ମୂଳ ପଦବୀରେ ପ୍ରିଲିମ, ମେନ୍ ଓ ସାକ୍ଷାତ୍‌କାର ପରୀକ୍ଷା ନ ଦେଇ ନିଯୁକ୍ତ ହୋଇଥିଲେ, ସରକାର ସେମାନଙ୍କ ପଦୋନ୍ନତି ସୁଯୋଗ ସୃଷ୍ଟି କରି ପଞ୍ଚାୟତିରାଜ ବିଭାଗରେ ବିଡିଓ ଆସନରେ ଅଳଙ୍କୃତ କରାଯାଉଛି। ଏହା ପ୍ରଶାସନିକ ସେବାର ଗୁଣବତ୍ତାକୁ କ୍ଷୁଣ୍ଣ କରୁଛି ଓ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ ବୋଲି ଗୁରୁବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଗ୍ରାମ୍ୟ ଜମି ଇଡ୍‌କୋକୁ ହସ୍ତାନ୍ତର ନେଇ ଅସନ୍ତୋଷ

ଖୋର୍ଦ୍ଧା, ୧୭।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ କାଇପଦର ଓ ସାଆନ୍ତା ଗ୍ରାମର ଏକାଧିକ ଜମି ଇଡ୍‌କୋକୁ ହସ୍ତାନ୍ତର ନେଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଖାତା ନଂ.୧୨୪୭ର ପ୍ଲଟ ନଂ. ୩୬୪ରୁ ଏରିଆ ୧୩.୯୩୦ ଡି, ପ୍ଲଟ ନଂ. ୩୬୬ ରୁ ଏ ୧୫.୯୭୦ଡି, ପ୍ଲଟ ନଂ.୩୭୦ ରୁ ଏ ୪.୯୬୦ଡି, ପ୍ଲଟ ନଂ. ୩୭୬ରୁ ଏ ୦.୫୪୦ଡି, ପ୍ଲଟ ନଂ. ୧୯୨୫ରୁ ଏ ୩୦.୩୪୦ଡି, ଖାତା ନଂ.୧୨୫୬, ପ୍ଲଟ ନଂ. ୫ରୁ ଏ ୬୫.୬୯୦ଡି ଜାଗା ଇଡ୍‌କୋକୁ ହସ୍ତାନ୍ତର ହୋଇଥିବା ଖବର ଜଣାପଡିବା ପରେ ଗ୍ରାମବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ହିଙ୍ଗୁଳାଇ ଠାକୁରାଣୀଙ୍କ ପୀଠରେ ଏକ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରିଥିଲେ। ଏଠାରୁ ଇଞ୍ଚେ ଜମି କୌଣସି ପରିସ୍ଥିତିରେ ଦିଆଯିବ ନାହିଁ। ଆବଶ୍ୟକ ହେଲେ ରାଜରାସ୍ତାକୁ ଓହ୍ଲାଇବା ସହ ନ୍ୟାୟାଳୟର ଆଶ୍ରୟ ନିଆଯିବ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ପାଇକରାୟ, ଦୈତାରୀ ସାମନ୍ତରାୟ, ଗଗନ ସାମନ୍ତସିଂହ, ପ୍ରମୋଦ ଜେନା, କେଦାର ମାର୍ଥା, ସୁନିଲ ଛୋଟରାୟ, ବିଶ୍ୱନାଥ ଶ୍ରୀଚନ୍ଦନ, ଶୁଭ୍ରାଂଶୁ ଚମ୍ପତିରାୟ, ତପନ ପାତ୍ର, ବିକ୍ରମ ପାତ୍ର, କୁନି ସାମନ୍ତରାୟ, ପ୍ରମିଳା ସ୍ୱାଇଁ, ବିନୋଦିନୀ ମାର୍ଥା, ନବ ପାଇକରାୟ, ଲିଙ୍ଗରାଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ହେବ ଭୋଗଦଖଲରେ ଥିବା ଏହି ଜମିକୁ କୌଣସି ପରିସ୍ଥିତିରେ ଛାଡ଼ିବୁ ନାହିଁ। ଇଡ୍‌କୋକୁ ହସ୍ତାନ୍ତର ହୋଇଥିବା ଏହି ଜାଗାରେ ପୁରୁଣା ଗଛ, ଦଳିତ ସାହି, ଶଶ୍ମାନ, ଖେଳପଡ଼ିଆ, ଗ୍ରାମ ପୁଷ୍କରିଣୀ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର, ହନୁମାନ ଓ ହିଙ୍ଗୁଳା ମନ୍ଦିର, କଲ୍ୟାଣମଣ୍ଡପ ଆଦି ସ୍ଥାନ ରହିଛି। ଆଗାମୀ ସପ୍ତାହ ମଧ୍ୟରେ ସରକାର ଏଥିପ୍ରତି ଧ୍ୟାନ ନ ଦେଲେ ଗଣଆନ୍ଦୋଳନ କରାଯିବ ବୋଲି ସମାବେଶରେ ଚେତାବନୀ ଦିଆଯାଇଛି।

ସମାବେଶରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଏବଂ ଅନ୍ୟମାନେ।

ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଚେତାବନୀ

'ସମାଜ ଗଠନରେ ସମସ୍ତଙ୍କ ସହାଭାଗିତା ଜରୁରୀ'

ଜଟଣୀ, ୧୭।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ବେଣାପଞ୍ଚରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ଆରତୁ ପରବିନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ଓ ସୁନ୍ଦର ସମାଜ ଗଠନରେ ସମସ୍ତଙ୍କ ସହାଭାଗିତା ଜରୁରୀ ମତପ୍ରକାଶ ପାଇଥିଲା। ଏହି ଅବସରରେ ବେଣାପଞ୍ଚରୀ କାନକଟରା ପୋଖରୀ ରୂପାନ୍ତରଣ ପ୍ରକଳ୍ପକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଅମୃତ ସରୋବାର ନିକଟରେ ପତାକା ଉତ୍ତୋଳନ ସହ ପୋଖରୀ ଅମୃତ ବାଟିକାରେ ନଡ଼ିଆ ଚାରା ରୋପଣ କରିଥିଲେ। ପରେ ବେଣାପାଞ୍ଚରୀ କନ୍ଦ୍ରସ୍ଥାନରେ ପେଭର ବ୍ଲକ ରାସ୍ତା, ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ସେହିପରି ପଞ୍ଚାୟତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହୋଇଥିବା ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ରୁମର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା। ସେହିପରି ଜଟଣୀ ୟୁଥ ଫେଡେରେସନ ପକ୍ଷରୁ ସ୍ଥାନୀୟ ଥାନା ଛକଠାରେ ପତାକା ଉତ୍ତୋଳନ କରାଯଇଥିଲ। ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନଗରପାଳ ଅନନ୍ତ ବେହେରା, ଜଟଣୀ ୟୁଥ ଫେଡେରେସନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ମହାକୁଡ଼, ଫେଡେରେସନ ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ଥାନା ଛକ ବ୍ୟବସାୟୀ ସଙ୍ଘ ସଭାପତି ରୋହତାଶ ଅଗ୍ରୱାଲ, ପ୍ରସନ୍ନ ପାଟଶାଣୀ, ରାମଚନ୍ଦ୍ର ମାର୍ଥା, ପ୍ରକାଶ ପାଟଶାଣୀ, ଚିନ୍ମୟ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ଦିଲୀପ ସାହୁ, ଶିବପ୍ରସାଦ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ମତ୍ସ୍ୟ ସଚିବଙ୍କ ସିଫା ପରିଦର୍ଶନ

ବାଲକାଟୀ, ୧୭।୮ (ମନୋଜ ମଣ୍ଡଳ)

କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ସଂସ୍ଥା ସିଫା କୌଶଲ୍ୟାଗଙ୍ଗକୁ ଗତ ବୁଧବାର ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ସଚିବ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ଅଭିଲକ୍ଷ୍ୟ ଲିଖି ପରିଦର୍ଶନ କରିଥିଲେ। ଏହି ଅବସରରେ ଜଳ କୃଷି କ୍ଷେତ୍ରର ହିତାଧିକାରୀଙ୍କ ସହ ଏକ ବୈଠକ ଆୟୋଜିତ ହୋଇଥିଲା। ସିଫାର ନିର୍ଦ୍ଦେଶକ ଡ. ପି.କେ. ସାହୁ ସିଫାର ପ୍ରଯୁକ୍ତି ଉନ୍ନୟନ ଓ ବାଣିଜ୍ୟକରଣ ସମ୍ପର୍କରେ ଆଲୋକପାତ କରି ପ୍ରୟୋଗ ବିଜ୍ଞାନର କ୍ଷେତ୍ର ପ୍ରଦର୍ଶନ କରି ସିଫା ସଫଳତା ହାସଲ କରିଥିବା କହିଥିଲେ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସାଦିକ ଆଲାମ ଓଡ଼ିଶାରେ ଜଳ କୃଷି ଓ ମତ୍ସ୍ୟଚାଷର ସ୍ଥିତି ଉପରେ ଆଲୋଚନା କରିଥିଲେ। କୌଶଲ୍ୟାଗଙ୍ଗସ୍ଥିତ ଜାତୀୟ ମତ୍ସ୍ୟଚାଷ ଉନ୍ନୟନ ପରିଷଦର ବରିଷ୍ଠ କାର୍ଯ୍ୟନିର୍ବାହୀ ଡ. ଏମ୍.କେ. ସିହ୍ନା ଏନ୍‌ଏଫ୍‌ଡି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

ମହିଳାଙ୍କୁ ସ୍ୱାବଲମ୍ବୀ କରିବ ଓଡ଼ିଶା ଜୀବିକା ମିଶନ

ବୋଲଗଡ଼, ୧୭।୮ (ଦେବବ୍ରତ ହୋତା)

ଓଡ଼ିଶା ଜୀବିକା ମିଶନ ସହାୟତାରେ ଗ୍ରାମାଞ୍ଚଳ ଅଧିବାସୀମାନଙ୍କ ଅର୍ଥନୈତିକ ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରାଯାଇ କାର୍ଯ୍ୟକାରୀ ହେଉଛି। ଏହିକ୍ରମରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଟିକାତାଳଠାରେ ଓଡ଼ିଶା ଜୀବିକା ମିଶନ ବୋଲଗଡ଼ ଶାଖା ସହାୟତାରେ ଆଶାର ଆଲୋକ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରତିଷ୍ଠିତ ସିଲେଇ ଅନୁଷ୍ଠାନର ଉଦ୍‌ଘାଟନ କରିଛନ୍ତି ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ। ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସିଲେଇ ପ୍ରତିଷ୍ଠାନ ପ୍ରତିଷ୍ଠା ଦ୍ୱାରା ମହିଳା ଗ୍ରୁପର ସଦସ୍ୟାମାନେ ଲାଭାନ୍ୱିତ ହୋଇ ସ୍ୱାବଲମ୍ବୀ ହେବେ। ବିପିଏମ୍ ସୁଜାତା ରାଉତ, ବିପିସି ସୁରୁଚି ସୁପ୍ରୀତିଙ୍କ ସମେତ ସ୍ଥାନୀୟ ମହିଳା ଫେଡେରଶନ ସଭାନେତ୍ରୀ ଗୀତାରାଣୀ ଦେଈ, ସମ୍ପାଦିକା ପ୍ରଭାତୀ ପ୍ରଧାନ, ଏମ୍‌ବିକେ ପଦ୍ମିନୀ ପ୍ରଧାନ ପ୍ରମୁଖ ନାରୀ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଆଶାର ଆଲୋକ ଅନୁଷ୍ଠାନ ପକ୍ଷରୁ ସଭାପତି ଲକ୍ଷ୍ମୀପ୍ରିୟା ବେହେରା ଓ ସମ୍ପାଦିକା ମଲ୍ଲିରାଣୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଶ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ବିଧାୟକ ରଜେନ୍ଦ୍ର କୁମାର ସହୁ ଏବଂ ଅନ୍ୟମାନେ।

'ଚାରାରୋପଣ କରିବାକୁ ସଂକଳ୍ପ ନିଅନ୍ତୁ'

ଟାଙ୍ଗୀ(ଖୋର୍ଦ୍ଧା), ୧୭।୮ (ରଘୁନାଥ ସାହୁ)

ସ୍ୱାଧୀନତା ଦିବସ ଅମୃତ ମହୋତ୍ସବ ଅବସରରେ ସତ୍ୟସାଇ ସେବା ସମିତି ଓ ଟାଙ୍ଗୀ ସାହିତ୍ୟ ଘରର ମିଳିତ ଆନୁକୂଲ୍ୟରେ ଗୌରଚନ୍ଦ୍ରପୁରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୭୭ଟି ନଡ଼ିଆ, ଆମ୍ବ, ପଣସ, ପିଜୁଳି, ଜାମୁକୋଳି, କଦଳୀ, ବରକୋଳି ଗଛ ଲଗାଯାଇଥିଲା। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବଜଗତ ତିଷ୍ଠି ରହିବା ଅସମ୍ଭବ ତେଣୁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ରୋପଣ କରିବାକୁ ସଂକଳ୍ପ ନେବା ଉଚିତ ବୋଲି ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ। ଏହି ଅବସରରେ ଚାନ୍ଦପୁର ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିର ପରିସରରେ ଏକ ସାହିତ୍ୟ ଆସର ସଭାପତି ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଶିଷ୍ଟ ସାହିତ୍ୟକ ତଥା ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ଜଗନ୍ନାଥ ସଂସ୍କୃତି ଗବେଷକ ଚନ୍ଦ୍ର ଶେଖର ଦାଶ, ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ସତ୍ୟସାଇ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ କିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି କାହ୍ନୁଚରଣ ମିଶ୍ର, ପ୍ରଦୀପ ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ, ପ୍ରଫୁଲ୍ଲ ଜେନା, ବୀରେନ ସାହୁ, ବି.ସଂଘମିତ୍ରା, ଉମେଶ ପ୍ରସାଦ ଧଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜକ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ବେଗୁନିଆ, ୧୭।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମସ୍ଥିତ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଗୁରୁବାର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ମୋ ପରିବାରର ମୁଖ୍ୟ ଅରୂପ ମୋହନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ବରିଷ୍ଠ ଖବରଦାତା ରାମଚଣ୍ଡୀ ପ୍ରସାଦ ରଣସିଂହ, ସାମାଜିକ କର୍ମୀ ଅରବିନ୍ଦ ରାୟ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇ, ସୁଶୀଲ କୁମାର ଦଳସିଂହରାୟ, ହୀରାପୁର ସରପଞ୍ଚ ଆରତ ଚନ୍ଦ୍ର ମାଝୀ, ବୋତଳମା ସରପଞ୍ଚ ପ୍ରମୋଦ କୁମାର ଦଳେଇ, ଟାଙ୍କୋଳ ସରପଞ୍ଚ ବୀରେଶ କୁମାର ରାଜଗୁରୁ, ଶଗଡ଼ଭଙ୍ଗା ସରପଞ୍ଚ ଲିଲା ସ୍ୱାଇଁ, ହଜ୍ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସିକୋ ସରପଞ୍ଚ ସନ୍ତୋଷୀ ରାୟ, ସମିତି ସଭ୍ୟା ଅଞ୍ଜଳି ସାହୁ, ଗୋପାଳ କୃଷ୍ଣ ରାଉତରାୟ, ଲିପା ଦଳେଇ, ବିଦ୍ୟୁତ୍ପ୍ରଭା ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସୁଶ୍ରୀ ଲିପାଲି ଗଡବାଡ଼, ହଜନାଥ ମଙ୍ଗରାଜ ଓ ଭାସ୍କର ଚନ୍ଦ୍ର ଦଳସିଂହରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତି ଭୂଷଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦେଢ଼ବର୍ଷ ପରେ ଫେରାର ମଦ ବେପାରୀଙ୍କୁ ଧରିଲା ପୋଲିସ

ବାରଙ୍ଗ, ୧୭।୮ (ଲିଙ୍ଗରାଜ ରାଉତ)

ଚୋରା ମଦ ଚାଲାଣ ଅଭିଯୋଗରେ ଦେଢ଼ବର୍ଷ ଧରି ଫେରାର ଥିବା ଜଣେ ମଦ ବେପାରୀଙ୍କୁ ଗୋଡ଼ିସାହି ଫାଣ୍ଡି ପୋଲିସ୍ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ସାନମୁଣ୍ଡଳୀର ଦୁଷ୍ମନ୍ତ ଲେଙ୍କା। ସୂଚନା ମୁତାବକ, ଗତବର୍ଷ ମାର୍ଚ୍ଚ ୪ ସନ୍ଧ୍ୟାରେ ଦୁଷ୍ମନ୍ତ ଏକ ନମ୍ବରବିହୀନ କାରରେ ଦେଶୀମଦ ଚୋରା ଚାଲାଣ କରିଥିଲେ। ଗୋଡ଼ିସାହି ପୁରୀ କେନାଲ ବ୍ରିଜ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ଦେଖି ଗାଡ଼ି ଛାଡ଼ି ସେ ଫେରାର ହୋଇଯାଇଥିଲେ।

ଜଟଣୀ ବିକାଶ ପରିଷଦର ବାର୍ଷିକୋତ୍ସବ

ଜଟଣୀ, ୧୭।୮ (ରବୀନ୍ଦ୍ର ନାଥ ମହାକୁଡ଼)

ସାମାଜିକ ଅନୁ

ସଂକ୍ଷେପରେ

ଇପିଏଫ୍ ପେନସନଭୋଗୀଙ୍କ ଅର୍ଥରାଶି ବୃଦ୍ଧି ଦାବି

ପୁରୀ,୧୭।୮ (ଅଜିତ ମହାନ୍ତି)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ ପୁରୀ ଜିଲା ଶାଖାର ସମ୍ପାଦକ କଣ୍ଟୁରୀ ଚରଣ ସୁବୁଦ୍ଧିଙ୍କ ନେତୃତ୍ୱରେ ଜିଲା ଆସୋସିଏଶନର ଦାବି ପ୍ରସଙ୍ଗରେ ଏକ ପତ୍ର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସମୟରେ ପ୍ରଦାନ କରାଯାଇଛି। ଇପିଏଫ୍ ପେନସନ ଭୋଗୀ ବରିଷ୍ଠ ନାଗରିକଙ୍କୁ ୨୦୧୪ ମସିହାରୁ ମିଳୁଥିବା ଅର୍ଥକୁ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ସହିତ ମହଙ୍ଗା ଭତ୍ତା ପ୍ରଦାନ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି। ସମ୍ପ୍ରତି ଅଧିକାଂଶ ଲୋକ ୫୦୦ରୁ ୧୦୦୦ ଟଙ୍କା ଦରମା ପାଉଛନ୍ତି। ତେଣୁ ସେମାନେ କିଭଳି ଚଳୁଥିବେ ତାହାକୁ ଆଖିଆଗରେ ରଖି ବିଚାର କରିବାକୁ ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି।

ପୁରୀ ଓକିଲ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ପୁରୀ,୧୭।୮ (ଅଜିତ ମହାନ୍ତି):

ଗ୍ରାହକଙ୍କୁ ଉଚିତ ସମୟରେ ନ୍ୟାୟ ପ୍ରଦାନ ପାଇଁ ପୁରୀରେ ଗ୍ରାହକ କୋର୍ଟ ଭଲ ଭାବେ ଚାଲିବାକୁ ପୁରୀ ଓକିଲ ସଂଘ ପକ୍ଷରୁ ଗୁରୁବାର ଜିଲାପାଳ, ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ବିଭାଗ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପୁରୀ ଜିଲା ଗ୍ରାହକ ଆୟୋଗରେ ଦୁଇଜଣ ସଦସ୍ୟ ଓ ସଭାପତି ରହିଛନ୍ତି। ଏହି ଆୟୋଗ କେବଳ ସୋମବାର ଓ ମଙ୍ଗଳବାର ଖୋଲୁଥିବା ବେଳେ ପ୍ରତି ସପ୍ତାହର ମଙ୍ଗଳବାରରେ କାର୍ଯ୍ୟ କରୁଛି। କାର୍ଯ୍ୟାଳୟରେ ସଭାପତି ଓ ଷ୍ଟେନୋଗ୍ରାଫର ପ୍ରାୟ ସମୟ ଅନୁପସ୍ଥିତ ରହୁଛନ୍ତି। ଫଳରେ କୌଣସି ଆଦେଶ ପାସ୍ ହୋଇପାରୁନାହିଁ। ଗ୍ରାହକମାନେ ଠିକ୍ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଓକିଲ ସଂଘ ଅଭିଯୋଗ କରିଛି। ଏହି ବିଷୟ ଉପରେ ଦୃଷ୍ଟି ଦେବା ସହ ଗ୍ରାହକଙ୍କୁ ଉଚିତ ସମୟରେ ନ୍ୟାୟ ପ୍ରଦାନ ନିମନ୍ତେ ପୁରୀରେ ଗ୍ରାହକ କୋର୍ଟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାକୁ ପୁରୀ ଓକିଲ ସଂଘର ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ ଅନୁରୋଧ କରିଛନ୍ତି।

କାର୍ ସହ ମଦ ଜବତ, ୨ ଗିରଫ

ନିମାପଡ଼ା,୧୭।୮ (ବିଚିତ୍ରାନନ୍ଦ ସାହୁ)

କଟକ ଅବକାରୀ ଫାଇଂ ସ୍କ୍ୱାଡ୍ ପକ୍ଷରୁ ଚାରିଛକ ଥାନା ଅଞ୍ଚଳରେ ବୁଧବାର ଅଚାନକ ଚଢ଼ାଉ କରାଯାଇ ପୁରୁଣା ଫାଣ୍ଡି ଛକଠାରେ ଏକ କାର୍‌ରୁ ୫୫୦ ବୋତଲ ଦେଶୀ ମଦ ଜବତ କରାଯାଇଛି। ଏଥିରେ ୨ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ଈଶ୍ୱରପୁର ଗ୍ରାମର ଶକ୍ତିରଞ୍ଜନ ସାହୁ ଓ ଓଲଟପୁର ଥାନା ଅଧୀନ ଅଡ଼ଶପୁର ଗ୍ରାମର କମଳାକାନ୍ତ ଦାସ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ କଟକ ଅବକାରୀ ବିଭାଗ ୟୁନିଟ୍ (୧) ପକ୍ଷରୁ ୨୬୫/୨୩ରେ ଏକ ମାମଲା ରୁଜୁ କରାଯାଇଛି। ମଦର ମୂଲ୍ୟ ୪୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। କଟକ ଅବକାରୀ ବିଭାଗର ଏସ୍‌ଆଇ ନୀଳାଦ୍ରି ବିହାରୀ ମିଶ୍ର, ଏଏସ୍‌ଆଇ ନଟବର ମଲ୍ଲିକ, ଶେକ୍ ଜାକିର ଉଲ୍ଲା, ଦେବାଶିଷ ବେହେରା, ପବିତ୍ର ଦାସ, ଜଗନ୍ନାଥ ସାହୁ, ଶଙ୍କର୍ଷଣ ରାଉତ, ରଣଜିତ୍ ସାହୁ ପ୍ରମୁଖ ଏହି ଚଢ଼ାଉ କରିଥିଲେ। କାର୍‌ରେ ଏହି ମଦ କଟକ ଜିଲା ଅଡ଼ଶପୁର, ନିଆଳି ଅଞ୍ଚଳରୁ ପୁରୀ ଜିଲା ଚାରିଛକ ଅଞ୍ଚଳକୁ ଚାଲାଣ ହେଉଥିଲା।

ରଘୁରାଜପୁର ଗ୍ରାମରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ଧର୍ମେନ୍ଦ୍ର ପ୍ରଧାନ ପଟ୍ଟଚିତ୍ର ଦେଖୁଛନ୍ତି ।

ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ପରିଦର୍ଶନ ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ । (ଫଟୋ-ଯଜ୍ଞେଶ୍ୱର)

ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର, ଅଭିଭାବକ

- ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବାକୁ ବିରୋଧ
- ଅନ୍ୟ ସ୍କୁଲରେ ଶିକ୍ଷକ ଅଭାବରୁ ପଠାଯାଇଛି: ବିଇଓ

ସାକ୍ଷୀଗୋପାଳ,୧୭।୮ (ଭରତ ରାଉତ/ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକଙ୍କ ଅଭାବ ଥିବାବେଳେ ସେଥିରେ ପୁଣି ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ବିରୋଧ କରିବା ସହ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଗୁରୁବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଗୋଟିଏ ପଟେ ଶିକ୍ଷାର ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ସ୍କୁଲଗୁଡ଼ିକୁ ଉନ୍ନତୀକରଣ କରୁଥିବାବେଳେ ଅନ୍ୟପଟେ ଅନେକ ସ୍କୁଲରେ ଶିକ୍ଷକଙ୍କ ଅଭାବ ସମସ୍ୟାକୁ ସୁଧାରିପାରି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସ୍କୁଲ ସମ୍ମୁଖରେ ପିଲାମାନେ ବର୍ଷାରେ ଛତାଧରି ଆନ୍ଦୋଳନ କରୁଛନ୍ତି ।

ସୂଚନା ଅନୁଯାୟୀ, ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୬ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ସମୁଦାୟ ୫ଜଣ ଶିକ୍ଷକ ଅଛନ୍ତି। ତନ୍ମଧ୍ୟରୁ ଜଣେ ଶିକ୍ଷକଙ୍କୁ ନିକଟରେ ଅନ୍ୟତ୍ର ସ୍କୁଲକୁ ଡେପୁଟେଶନରେ ପଠାଯାଇଛି। ଛାତ୍ରୀଛାତ୍ରଙ୍କ ଅନୁପାତରେ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବା ଯୋଗୁ ଶିକ୍ଷାଦାନରେ ନାନା ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଛାତ୍ରୀଛାତ୍ରମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଶେଷରେ ବାଧ୍ୟ ହୋଇ ଛାତ୍ରୀଛାତ୍ରମାନେ ସମସ୍ୟା ବିଷୟରେ ଅଭିଭାବକଙ୍କୁ ଜଣାଇବା ପରେ ଗୁରୁବାର ଗ୍ରାମବାସୀ ଓ ଛାତ୍ରଛାତ୍ରୀ ସ୍କୁଲ ଫାଟକରେ ତାଲା ପକାଇଛନ୍ତି। ଦୀର୍ଘ ସମୟ ଧରି ଅଭିଭାବକ ଓ ଛାତ୍ରଛାତ୍ରୀ ଆନ୍ଦୋଳନ ଚଳାଇଥିବାବେଳେ ବର୍ଷା ଜାରି ରହିବା ସହ କୌଣସି କର୍ତ୍ତୃପକ୍ଷ କି ଅଧିକାରୀ ନ ଆସିବାରୁ ଆନ୍ଦୋଳନରୁ ଓହରିଥିଲେ। କିନ୍ତୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବା ନେଇ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ପ୍ରଧାନ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଭବମ ପ୍ରଧାନ କୁହନ୍ତି, ବ୍ଲକର ଅନେକ ସ୍କୁଲରେ ଶିକ୍ଷକ ଅଭାବ ରହିଛି। ତେଣୁ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ବେଣାକାର ସ୍କୁଲକୁ ଡେପୁଟେଶନରେ ପଠାଯାଇଛି। ସେଠାରେ ମାତ୍ର ୨ଜଣ ଶିକ୍ଷକ ଥିବାରୁ ଏଠାରୁ ପଠାଯାଇଛି। ଶିକ୍ଷକ ଅଭାବ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବି ବୋଲି ବିଇଓ ପ୍ରଧାନ କହିଛନ୍ତି।

ଯୌତୁକ ଦାବିରେ ହତ୍ୟା ଉଦ୍ୟମ

ବଳଙ୍ଗା,୧୭।୮ (କେଦାରେଶ୍ୱର ନନ୍ଦ)

ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ଜୋରଜବରଦସ୍ତ ମାତ୍ରାଧିକ ଔଷଧ ଖୁଆଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ବଳଙ୍ଗା ପୋଲିସ ଏକ ମାମଲା ରୁଜୁ କରି ମାମଲାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବଳଙ୍ଗା ଥାନା ଅଧୀନ ବାଲିଆ ଶାସନ ଗ୍ରାମର ବଳରାମ ରାଉତଙ୍କୁ ସୁମିତ୍ରା ରାଉତ ୭ ବର୍ଷ ପୂର୍ବେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବର୍ତ୍ତମାନ ସୁମିତ୍ରାଙ୍କ ୫ ବର୍ଷୀୟା ଏକ ଝିଅ ଥିବାବେଳେ ତାଙ୍କୁ ବାପଘରୁ ଅଧିକ ଯୌତୁକ ଆଣିବାକୁ କହି ବଳରାମ ମାଡ଼ ମାରିବା ସହ ଅକଥନୀୟ ଅତ୍ୟାଚାର କରୁଥିଲେ। ବୁଧବାର ରାତିରେ ବଳରାମ ତାଙ୍କ ବୋଉ ଖାଉଥିବା ଔଷଧକୁ ଜୋରଜବରଦସ୍ତ ଏକକାଳୀନ ସୁମିତ୍ରାଙ୍କୁ ଖୁଆଇ ଦେଇଥିଲେ। ପରେ ସ୍ତ୍ରୀଙ୍କ ଅବସ୍ଥା ବିଗିଡିବାରୁ ବଳରାମ ଘରୁ ବାହାରି କେଉଁଆଡେ ପଳାଇ ଯାଇଥିଲେ। ସୁମିତ୍ରାଙ୍କ ଏଭଳି ଅବସ୍ଥା ଦେଖି ତାଙ୍କ ଦିଅର ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ନେଇ ସୁମିତ୍ରାଙ୍କ ବୋଉ ସୁଲେଇ ଦେଇ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ପୁରୀ, ୧୭।୮ (ଅଜିତ୍ ମହାନ୍ତି)

ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଅଭିମନ୍ୟୁ ଭୂୟାଁ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସଙ୍କ ତତ୍ତ୍ୱାବଧାନ ଏବଂ ଆଚାର୍ଯ୍ୟ ସତ୍ୟନାରାୟଣ ବିଶୋଇଙ୍କ ସମ୍ପାଦନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସରସ୍ୱତୀ ଜ୍ଞାନ ମନ୍ଦିର +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଚାଳନା ସମିତି ସମ୍ପାଦକ ସୀମାଚଳ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଚାର୍ଯ୍ୟ ନିବେଦିତା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବକେଳବର ରୋଡ ମଧୁବନ ୨ୟ ଗଳିସ୍ଥିତ ବିନାୟକ ବିଦ୍ୟା ମନ୍ଦିରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ବିଦ୍ୟାଳୟ ସମ୍ପାଦକ ହରେରାମକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସଂଘମିତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅବକାଶ ଲେନ୍ ମଙ୍ଗଳ ମଣ୍ଡଳ ପ୍ରଙ୍ଗଣରେ ମଞ୍ଚର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ନିରଞ୍ଜନ ଦାସ ଜାତୀୟ ପତାକା ଉତ୍ତୋନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାବେ ପ୍ରଫେସର ହରିହର ହୋତା, ଡ. ମନୋଜ କୁମାର ସାମନ୍ତରାୟ, ଏବଂ ଲକ୍ଷ୍ମୀଧର ଜେନା ପ୍ରମୁଖ ଯୋଗଦେଇଥିଲେ।

୧୫୭୮ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ

ଗୋପ,୧୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ପ୍ରତ୍ୟେକ ବର୍ଗର ଲୋକଙ୍କ ଉପରେ ଦୃଷ୍ଟି ରଖିଛି। ବିଜେଡି ସରକାର ଯେପରି କେହି ଜଣେ ହେଲେ ବୃଦ୍ଧାବୃଦ୍ଧ ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଗୋପ ବ୍ଲକ ପରିସରରେ ବୁଧବାର ଆୟୋଜିତ ଏକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତଥା କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସଦର ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ବୃଦ୍ଧାବୃଦ୍ଧ ହେଉଛନ୍ତି ଆମ ସମାଜର ଦର୍ପଣ ସଦୃଶ ବୋଲି ମତ ରଖିଥିଲେ। ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୩୧ ପଞ୍ଚାୟତର ନୂତନ ଭତ୍ତାକାରୀଙ୍କୁ ସ୍ୱାଗତ କରାଯିବା ପରେ ଅତିଥିମାନେ ଭତ୍ତା ବଣ୍ଟନ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ମଧୁବାବୁ ପେନ୍‌ସନ ଯୋଜନାରେ ଗୋପ ବ୍ଲକ ଅଧୀନରେ ଥିବା ୧୪ ପଞ୍ଚାୟତର ୭୦୬ ଜଣ, କାକଟପୁର ନିର୍ବାଚନମଣ୍ଡଳୀର ୭୩୬ ଓ ପୁରୀ ନିର୍ବାଚନ ମଣ୍ଡଳୀର ୧୩୬ ଜଣ ଏପରି ସମୁଦାୟ ୧୫୭୮ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

ବିଧାୟକ ସମୀର ରଞ୍ଜନ ଦାଶ ଜଣେ ମହିଳାଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।

୫-ଟି ସଚିବଙ୍କ ନିମାପଡ଼ା ଗସ୍ତ ପାଇଁ ପ୍ରଶାସନ ତତ୍ପର

ନିମାପଡ଼ା,୧୭।୮ (ବିଚିତ୍ରାନନ୍ଦ ସାହୁ)

୫-ଟି ସଚିବ ଭି. କେ. ପାଣ୍ଡିଆନ୍ ୧୯ ତାରିଖରେ ନିମାପଡ଼ା ଗସ୍ତରେ ଆସୁଛନ୍ତି। ପାଣ୍ଡିଆନ୍ ହେଲିକପ୍ଟରରେ ଐତିହାସିକ ବାରବାଟୀ ପଡ଼ିଆରେ ଅବତରଣ କରି ଏକ ସଭାରେ ଯୋଗଦେବେ । ଏହି ସଭାରେ ପ୍ରାୟ ୧୦ ହଜାର ମହିଳାଙ୍କ ସମେତ ୧୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେବାର ଯୋଜନା କରାଯାଇଥିବା ସ୍ଥାନୀୟ ବିଜେଡି ନେତୃବୃନ୍ଦଙ୍କଠାରୁ ଜଣାପଡ଼ିଛି। ୫-ଟି ସଚିବଙ୍କ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ସଭାସ୍ଥଳ ବାରବାଟୀ ପଡ଼ିଆ ସଜେଇ ହେବାରେ ଲାଗିଛି। ସଚିବଙ୍କ ଏହି ଗସ୍ତ ପାଇଁ ସମଗ୍ର ନିମାପଡ଼ା ଚଳଚଞ୍ଚଳ ହୋଇଉଠିଛି। ଜିଲା ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ତତ୍ପରତା ଦେଖାଇଛନ୍ତି। ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ସଭାସ୍ଥଳରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି।

କୋଣାର୍କ ଏନ୍‌ଏସି ଅଧୀନ ରାଉଳପାଟଣା ଗ୍ରାମର ବାଲୁକା ଶିଳ୍ପୀ ସରିତା ଗୋଛାୟତଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଉଛି ।

ପ୍ରଦୀପ ମହାରଥୀ ବାଳିକା ବିଦ୍ୟାଳୟର ରୂପାନ୍ତରିତ ଗୃହ ଲୋକାର୍ପଣ

ଡେଲାଙ୍ଗ,୧୭।୮ (ରଶ୍ମିରଞ୍ଜନ ପ୍ରଧାନ)

ସ୍ୱାଧୀନତା ଦିବସ ଅବସରରେ କଲ୍ୟାଣପୁର ପ୍ରଦୀପ ମହାରଥୀ ବାଳିକା ଉଚ୍ଚ ବିଦ୍ୟାଳୟର ରୂପାନ୍ତରିତ ଶ୍ରେଣୀ ଗୃହ, ବିଜ୍ଞାନଗାର, ପଠନାଗାର, କମ୍ପ୍ୟୁଟର ଶ୍ରେଣୀଗୃହ ଆଦି ସହ ଦିବଙ୍ଗତ ପ୍ରତିଷ୍ଠାତା ସଭାପତି ପ୍ରଦୀପ ମହାରଥୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ଦିବଙ୍ଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ଧର୍ମପତ୍ନୀ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ପ୍ରତିଭା ମହାରଥୀ ଓ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପୂଜାର୍ଚ୍ଚନା ପରେ ଲୋକାର୍ପଣ କରିଥିଲେ। ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଣ୍ଡଳ ଶିକ୍ଷାଧିକାରୀ ବିନୋଦ ପାରିମାଣିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନା, ସରପଞ୍ଚ ଗୋବର୍ଦ୍ଧନ ସେଠୀ, ସମିତି ସଭ୍ୟ ସୁଶାନ୍ତ ଦାସ, ପ୍ରତିଷ୍ଠାତା ସମ୍ପାଦକ ବସନ୍ତ ପ୍ରଧାନ ପ୍ରମୁଖ ଦିବଙ୍ଗତ ବିଧାୟକଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମନ୍ତରାୟ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଧାୟକ ପାଣ୍ଠି ୯ ଲକ୍ଷ ଓ ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଓ ୫-ଟି ଅନୁଦାନକୁ ୩୫ ଲକ୍ଷ ମୋଟ ୫୪ ଲକ୍ଷ ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ ନହେବା, ସ୍କୁଲ ପରିସରରେ ପାଣି ଜମିବା, ସ୍ମାରକୀ ପ୍ରଦର୍ଶନ ଫଳକରେ ସ୍କୁଲ ସମ୍ପାଦକ ବସନ୍ତ ପ୍ରଧାନ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମ ଉଲ୍ଲେଖ ନଥିବାରୁ ସାହୁଙ୍କୁ ଦୋଷାରୋପ କରିବା ସହିତ ମନମୁଖୀ କାର୍ଯ୍ୟ ନ କରିବା ପାଇଁ ବିଧାୟକ ଚେତାବନୀ ଦେଇଥିଲେ।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଗେଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ପ୍ରାକୃତିକ ଗ୍ୟାସ ଆଧାରିତ ଶବଦାହ ଗୃହର ଭୁବନେଶ୍ୱର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପଣ, ଧର୍ମ ବିହାର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଜିଓ କଣ୍ଟ୍ରାକ୍ଟୁଆଲ ଫିଲ୍ଡ ୱାର୍କରଙ୍କ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୪୫।
- ପୁସ୍ତକ ଉନ୍ମୋଚନ, ଓଡ଼ିଶା ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୪ଟା ୩୦।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ, ଭୁବନେଶ୍ୱର ଆଲୋଚନା ସଭା, ରେଡ୍‌କ୍ରସ ଭବନ, ଅପରାହ୍ନ ୫ଟା।
- ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ୭୨ତମ ଜନ୍ମ ଉତ୍ସବ ଓ 'ସୌମ୍ୟ ସୌରଭ' ଉନ୍ମୋଚନ ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଜେନ୍ ଫାଉଣ୍ଡେଶନ ପକ୍ଷରୁ ନାଟକ ଧୂମପାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ୱେବ୍ ସିରିଜ୍ 'ଟଙ୍ଗା ଟେରୁ'ର ଲଞ୍ଚିଂ ସେରିମନି, ସୂର୍ଯ୍ୟାଂଶ, ସନ୍ଧ୍ୟା ୭ଟା।

ସେପ୍ଟେମ୍ବର ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୧୭।୮ (କାର୍ତ୍ତିକ ସାହୁ)– କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା ପ୍ରାଧିକରଣ ପରିସରରେ ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ବିଚାରାଧିନ ତଥା ପ୍ରାକ୍ ମୋକଦ୍ଦମା ଯଥା ମୋଟରଯାନ ଦୁର୍ଘଟଣା କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନି ଓ ଫୌଜଦାରି, ଜମି ଅଧିଗ୍ରହଣ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

ଘର କାମ କରିବାକୁ ରଖି ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା

ଖୁଣ୍ଟୁଣୀ,୧୭।୮(ସଚ୍ଚିଦାନନ୍ଦ ପଣ୍ଡା)– ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଜଣେ ଆଦିବାସୀ ନାବାଳିକାଙ୍କୁ ଘରେ କାମ କରିବାକୁ ରଖି ତାକୁ ଅନ୍ତଃସତ୍ତ୍ୱା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୬୩/୨୩) ରୁଜୁ କରି ପଚରାଉଚରା ଚଳାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଉକ୍ତ ଯୁବକ ଜଣକ ନିଜ ଘରେ କାମଧନ୍ଦା କରିବାକୁ ଖୁଣ୍ଟୁଣୀ ଥାନା ଅଞ୍ଚଳର ଉକ୍ତ ନବାଳିକାକୁ ଆଣି ରଖିଥିଲେ। ପରେ ଯୁବକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ଶାରୀରିକ ସମ୍ପର୍କ ରଖି ଅନ୍ତଃସତ୍ତ୍ୱା କରିଥିଲେ। ତେବେ ଗୁରୁବାର ନାବାଳିକାଙ୍କ ଯନ୍ତ୍ରଣା ହେବାରୁ ଆଠଗଡ଼ ଡାକ୍ତରଖାନାକୁ ଯାଇଥିଲେ। ଖବର ପାଇ ନାବାଳିକାଙ୍କ ମା ଡାକ୍ତରଖାନାରେ ପହଞ୍ଚି ଖବର ଜାଣିବା ପରେ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲା। ପୋଲିସ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ନାବାକିକାଙ୍କୁ ଉଦ୍ଧାର କରି କଟକ ବଡଡାକ୍ତରଖାନା ଭର୍ତ୍ତି କରିଛି। ସେଠାରେ ତା'ର ଏକ ଶିଶୁକନ୍ୟା ଜନ୍ମ ନେଇଥିବା ପୋଲିସ କହିଛି। ଅନ୍ୟପଟେ ପୋଲିସ ଉକ୍ତ ଯୁବକଙ୍କୁ ଥାନାକୁ ଉଠାଇ ଆଣିଛି।

ତାମିଲନାଡୁରୁ ର୍ୟାକେଟର ଭାରତ ମୁଖ୍ୟ ଗିରଫ

ଭୁବନେଶ୍ୱର,୧୭।୮(ସତ୍ୟଜିତ୍ ରାଉତ)

ଦେଶର ବଡ଼ ଶିଳ୍ପପତି, ଅଭିନେତା, କ୍ରୀଡ଼ାବିତ୍‌ଙ୍କ ଫଟୋ ବ୍ୟବହାର କରି ହୋଇଥିବା ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ଖୋଳତାଡ଼ ଜାରି ରଖିଛି। ଏହି ମାମଲାରେ ଇଓଡବ୍ଲ୍ୟୁ ତାମିଲନାଡୁରୁ ର୍ୟାକେଟର ଭାରତ ମୁଖ୍ୟଙ୍କୁ ଗିରଫ କରିଛି। ସେ ହେଲେ ଏସ୍. ଚିତ୍ରଭେଲ (୩୧)। ତାମିଲନାଡୁ ମଦୁରାଇ ସହର ନିକଟ ଅଭିୟୁର ଅଞ୍ଚଳରୁ ଚିତ୍ରଭେଲଙ୍କୁ ଗତ ସୋମବାର ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯାଇ ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ପରେ କୋର୍ଟଙ୍କ ଅନୁମତିକ୍ରମେ ଇଓଡବ୍ଲ୍ୟୁ ଚିତ୍ରଭେଲଙ୍କୁ ୫ ଦିନିଆ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରୁଛି।

ଗିରଫ ଏସ. ଚିତ୍ରଭେଲ।

ଏହି ମାମଲାରେ ମାଷ୍ଟରମାଇଣ୍ଡ ଥିବା ଚାଇନା ନାଗରିକ ଗୁଆଁହୁଆ ୱାଙ୍ଗଙ୍କ ବିରୋଧରେ ଗତ ମାସରେ ଇଓଡବ୍ଲ୍ୟୁର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ) ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି। ସୂଚନା ଅନୁଯାୟୀ, ମାଷ୍ଟରମାଇଣ୍ଡ ଗୁଆଁହୁଆ ଅନ୍ୟ ଦୁଇ ଚାଇନା ନାଗରିକଙ୍କ ସହ ୨୦୧୯ରେ ବେଙ୍ଗାଲୁରୁକୁ ଆସି କିଛି ମାସ ରହିଥିଲେ। ସେମାନେ ବିଭିନ୍ନ ସାଇବର ଠକେଇ କରିବାକୁ ଏଠାରେ ୩ଟି

ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ ପାପଲା

- ୫ ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି ଇଓଡବ୍ଲ୍ୟୁ
- ସ୍କାମ୍ ଚଳାଇବାକୁ ମାସକୁ ୧ ଲକ୍ଷ ଟଙ୍କା ନେଉଥିଲେ ଭାରତ ମୁଖ୍ୟ ଚିତ୍ରଭେଲ୍
- ପୂର୍ବରୁ ଚାଇନା ମାଷ୍ଟରମାଇଣ୍ଡଙ୍କ ବିରୋଧରେ ଜାରି ହୋଇଛି ଲୁକ୍‌ଆଉଟ୍ ସର୍କୁଲାର

ସେଲ୍ କମ୍ପାନୀ ଖୋଲିଥିଲେ। ତାହା ମଧ୍ୟରୁ 'ବିଟେକ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍' କମ୍ପାନୀରେ ଡାଇରେକ୍ଟର ଭାବେ ଏମ୍‌ବିଏ ପଢୁଆ ଚିତ୍ରଭେଲଙ୍କୁ ନିଯୁକ୍ତି ଦେଇଥିଲେ। କୋଭିଡ ସମୟରେ ଗୁଆଁହୁଆ ତାଙ୍କ ସହଯୋଗୀଙ୍କୁ ନେଇ ଚାଇନା ପଳାଇଥିଲେ ମଧ୍ୟ ଚିତ୍ରଭେଲଙ୍କ ସହଯୋଗରେ ଭାରତରେ ଏହି ସ୍କାମ୍ ଚଳାଉଥିଲେ। ଏଥିପାଇଁ ଚିତ୍ରଭେଲ୍ ମାସକୁ ୧ ଲକ୍ଷ ଟଙ୍କା ପାଉଥିଲେ। ପୂର୍ବରୁ ଚିତ୍ରଭେଲ୍ ଚାଇନା ନାଗରିକାଙ୍କ ସହ ମିଶି ବେଆଇନ ଲୋନ୍ ଆପ୍ ମାମଲାରେ ମଧ୍ୟ ସମ୍ପୃକ୍ତ ଥିଲେ। ଗ୍ରାହକଙ୍କୁ ନିର୍ଯାତନା ଦେଉଥିବା ଗ୍ୟାଙ୍ଗକୁ ଚିତ୍ରଭେଲ୍ ହିଁ ପରିଚାଳନା କରୁଥିଲେ। ଏହି ଆପ୍‌ଗୁଡ଼ିକୁ ସରକାର ବ୍ୟାନ୍ କରିବା ପରେ ଚାଇନା ନାଗରିକମାନେ ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ କରି ଲୋକଙ୍କୁ ଫସାଉଥିଲେ। ଫେକ୍ ଆପ୍‌ଗୁଡ଼ିକ ଦ୍ୱାରା ସେଲିବ୍ରିଟିଙ୍କ ଫଟୋକୁ ବିଜ୍ଞାପନ ରୂପେ ବ୍ୟବହାର କରି ଲୋକଙ୍କୁ ଆକୃଷ୍ଟ କରୁଥିଲେ। ୫ ଟଙ୍କାରୁ ୧୨୫ ଟଙ୍କା, ୨୦ ଟଙ୍କାରୁ ୧୨୮୫ ଟଙ୍କା ମିଳିବ ବୋଲି କୁହାଯାଇ ବହୁ ଟଙ୍କା ଲୁଟିନେଇଥିଲେ। ଏହି ମାମଲାରେ ଚାଇନା ନାଗରିକାଙ୍କୁ ଧରିବା ଇଓଡବ୍ଲ୍ୟୁ ପାଇଁ ଚ୍ୟାଲେଞ୍ଜ ହୋଇଛି। ଭାରତ ମୁଖ୍ୟ ଚିତ୍ରଭେଲଙ୍କୁ ମାରାଥନ୍ ଜେରା କରି ବହୁ ତଥ୍ୟ ହାସଲ କରିବାକୁ ଇଓଡବ୍ଲ୍ୟୁ ଟିମ୍ ଆଶା ରଖିଛି।



ଭୁବନେଶ୍ୱର ୟୁନିଟ୍–୯ସ୍ଥିତ ଶହୀଦ ସ୍ମାରକୀ ଓ ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର 'ଭାରତ ବିଭାଜନର କାହାଣୀ' ଉପରେ ଆୟୋଜିତ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ଓ ଅନ୍ୟମାନେ ବୁଲି ଦେଖୁଛନ୍ତି। (ଫଟୋ– ବିକାଶ ନାୟକ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପ୍ରାକ୍ ପିଏଚ୍‌ଡି ଶିକ୍ଷାଦାନ ଆରମ୍ଭ

ଭୁବନେଶ୍ୱର,୧୭।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା ନିମନ୍ତେ ପ୍ରାକ୍ ପିଏଚ୍‌ଡି ଶିକ୍ଷାଦାନ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି, ଏହି ପିଏଚ୍‌ଡି କାର୍ଯ୍ୟକ୍ରମ ଦୀର୍ଘ ୭ବର୍ଷ ପରେ ଆରମ୍ଭ ହେବା ବିଶ୍ୱବିଦ୍ୟାଳୟ ପାଇଁ ଏକ ଆନନ୍ଦର ବିଷୟ। ବିଭିନ୍ନ ବିଭାଗରେ ଯୋଗ୍ୟ ବିବେଚିତ ଗବେଷକଙ୍କ ଲାଗି ଏହା ଏକ ଐତିହାସିକ ମୁହୂର୍ତ୍ତ। ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ସଂସ୍କୃତି ଅଧ୍ୟୟନ, ଦୃଶ୍ୟ କଳା, ପରିବେଷଣ କଳା ଓ ସାହିତ୍ୟ ବିଭାଗରେ ଗବେଷଣାର ବ୍ୟାପକ ସୁଯୋଗର ସଦ୍ ଉପଯୋଗ କରିବା ପାଇଁ ଗବେଷକମାନଙ୍କୁ ଆହ୍ୱାନ ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗବେଷକମାନଙ୍କୁ ସମସ୍ତ ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ହିମାଂଶୁ କୁମାର ରାଉତ ଗବେଷଣା ପଦ୍ଧତି ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିବାବେଳେ ବିଶିଷ୍ଟ ଅନୁବାଦକ ପ୍ରଫେସର ଯତୀନ କୁମାର ନାୟକ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଲୋକ କଳା, ପରମ୍ପରା, ଚଳଚ୍ଚିତ୍ର, ନାଟକ ଆଦି କ୍ଷେତ୍ରରେ ହୋଇଥିବା ଦୃଷ୍ଟାନ୍ତ ମାଧ୍ୟମରେ ଗବେଷଣାର ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଥାନାରେ ପୋଲିସଙ୍କୁ ଆକ୍ରମଣ, ଭଙ୍ଗାରୁଜା: ୨ ଯୁବକ ଗିରଫ

ବାଲୁଗାଁ,୧୭।୮(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ପରିସରରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଜଣ ଯୁବକ ଥାନାରେ ପଶି ହଠାତ୍ ଫାଇଲ, କାଗଜପତ୍ର ଫୋପାଡ଼ିବା ସହ ଟେବୁଲ, ଚେୟାର ଭଙ୍ଗାରୁଜା କରିଥିଲେ। ସେମାନଙ୍କୁ କାବୁ କରିବାକୁ ଯାଇ ଦୁଇ ପୋଲିସ ଅଧିକାରୀ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ଯୁବକଦ୍ୱୟଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଭୁବନେଶ୍ୱର ଉତ୍ତରା ଫାଣ୍ଡି ଅଞ୍ଚଳର ସୁରଜ ଦାସ (୩୨) ଓ ସହଯୋଗୀ ସ୍ଥାନୀୟ ବଉଳାବନ୍ଧ ଗ୍ରାମର ପପୁ ବେହେରା (୩୫)। ପୋଲିସ ସୂଚନା ଅନୁଯାୟୀ, ବାଲୁଗାଁ ଅଞ୍ଚଳର ଜଣେ ଯୁବତୀଙ୍କୁ ସୁରଜ ଏକତରଫା ପ୍ରେମ ନିବେଦନ କରି ଆସିବା ସହ ହଇରାଣ କରୁଥିଲେ। ଗୁରୁବାର ସୁରଜ ବାଲୁଗାଁରେ ପହଞ୍ଚି କୌଣସି କାରଣକୁ ନେଇ ଯୁବତୀଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ଏନେଇ ଯୁବତୀଙ୍କ ବାପା ସ୍ଥାନୀୟ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ପରେ ସୁରଜ ଓ ତାଙ୍କ ସହଯୋଗୀ ଥାନାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଏପରିକି ସେମାନଙ୍କୁ କାବୁ କରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଶେଷରେ ସେମାନଙ୍କୁ ଗିରଫ କରାଯାଇଥିଲା। ବାଲୁଗାଁ ପୋଲିସ ପକ୍ଷରୁ ଏକ ମାମଲା(ନଂ.୧୯୯/୨୩) ଏବଂ ସମ୍ପୃକ୍ତ ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି (ନଂ.୨୦୧/୨୩)ରେ ମାମଲା ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗାଁରୁ ପବିତ୍ର ମାଟି ସଂଗ୍ରହ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ

ପୁରୀ,୧୭।୮(ଅଜିତ ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୯ରୁ ସାରା ଭାରତରେ ଆରମ୍ଭ ହୋଇଥିବା 'ମେରି ମାଟି ମେରା ଦେଶ୍' ଅଭିଯାନ ଅନ୍ତର୍ଗତ ଅମୃତ କଳସ ଯାତ୍ରା ଗୁରୁବାର ପୁରୀର ବୀରହରେକୃଷ୍ଣପୁରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଅସ୍ମିତା ଏବଂ ବୀରତ୍ୱର କିମ୍ବଦନ୍ତୀ ପୁରୁଷ ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀରାଜଗୁରୁଙ୍କ ପବିତ୍ର ଜନ୍ମମାଟି ବୀରହରେକୃଷ୍ଣପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ବହୁ ଭାଜପା କର୍ମୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ।

ଏକ ବିରାଟ ଶୋଭାଯାତ୍ରାରେ ସମସ୍ତେ ବୀରହରେକୃଷ୍ଣପୁରରେ ପହଞ୍ଚିବା ପରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ ଏହି ଗାଁରୁ ପବିତ୍ର ମାଟି ସଂଗ୍ରହ କରି ଏକ କଳସରେ ଭରିଥିଲେ। ଏହି କଳସକୁ ପୁଣ୍ଡାଇ ଗାଁ ଦାଣ୍ଡରେ ଚାଲିଥିଲେ। ଏଥିସହ ଚାରା ରୋପଣ କରିଥିଲେ। ଏହି ମାଟିକୁ ଦିଲ୍ଲୀ ନିଆଯାଇ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀରେ ହେବାକୁ ଥିବା ଅମୃତ ବାଟିକାରେ ବ୍ୟବହାର କରାଯିବ। ଅମୃତ ବାଟିକା 'ଭାରତ ଶ୍ରେଷ୍ଠ ଭାରତ' ପ୍ରତିବଦ୍ଧତାର ପ୍ରତୀକ ହେବ ବୋଲି ସୀତାରାମନ କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମବେତ ବ୍ୟକ୍ତିବିଶେଷଙ୍କୁ ପଞ୍ଚପ୍ରାଣର ଶପଥ ପାଠ କରାଇଥିଲେ। ପ୍ରଧାନ କହିଥିଲେ, ଜୟୀ ରାଜଗୁରୁଙ୍କ ଜନ୍ମମାଟି ବୀରହରେକୃଷ୍ଣପୁର ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଐତିହାସିକ ଐତିହ୍ୟର ପ୍ରମାଣ। ମାତୃଭୂମିକୁ ବ୍ରିଟିଶ କବଳରୁ ମୁକ୍ତ କରିବା ପାଇଁ ଜୟୀ ରାଜଗୁରୁଙ୍କ ପରି ବୀର ଯୋଦ୍ଧାଙ୍କ ତ୍ୟାଗ ଓ ସାହସ ଚିର ସ୍ମରଣୀୟ। ଏହି ଗ୍ରାମର ମାଟି ଜୟୀରାଜଗୁରୁଙ୍କ ବୀରତ୍ୱ ଓ ବଳିଦାନକୁ ଦେଖିଛି, ଯାହା ଉକ୍ତ ଅଭିଯାନ ପାଇଁ ଅଧିକ ପ୍ରାସଙ୍ଗିକତା ରଖୁଛି। ଏଭଳି ଐତିହାସିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଯାଇ ଆମ ବୀର ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିବା ଏବଂ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଥିଲେ। ଦେଶର ଏକତା ତଥା ଅଖଣ୍ଡତା ପାଇଁ ପ୍ରାଣବଳି ଦେଇଥିବା ବୀରଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି।

ସୂଚନାଯୋଗ୍ୟ, ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ ବୁଧବାର ରାତିରେ ପୁରୀରେ ପହଞ୍ଚି ଏକ ହୋଟେଲରେ ରାତ୍ରୀଯାପନ କରିଥିଲେ। ଗୁରୁବାର ସକାଳେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ବ୍ଲୁ ଫ୍ଲାଗ୍ ବିଚ୍ ଯାଇ 'ମେରି ମାଟି ମେରା ଦେଶ୍' ବିଷୟବସ୍ତୁ ଉପରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ଦେଖିଥିଲେ।

ଅମୃତ କଳସ ଯାତ୍ରାରେ ସାମିଲ ହୋଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ବୀରହରେକୃଷ୍ଣପୁରରେ ଅମୃତ କଳସ ଯାତ୍ରା

- ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ
- ରଘୁରାଜପୁରରେ ପଟ୍ଟଚିତ୍ର ଦେଖି ଖୁସିହେଲେ

ଏହାପରେ ପେଣ୍ଡକଟାସ୍ଥିତ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କ୍ୟାମ୍ପସକୁ ଯାଇ ଚାରାରୋପଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ପଞ୍ଚପ୍ରାଣ ଶପଥପାଠ କରାଇଥିଲେ। ଏଥିସହ ଶହୀଦ ପରିବାରଙ୍କୁ ସମ୍ମାନିତ କରିଥିଲେ। ସେଠାରୁ ବୀରହରେକୃଷ୍ଣପୁର ଯାଇଥିଲେ। ଶେଷରେ ସୀତାରାମନ ଐତିହ୍ୟ ଗ୍ରାମ ରଘୁରାଜପୁର ଯାଇ ପଟ୍ଟଚିତ୍ର ଦେଖି କାରିଗରମାନଙ୍କ ସହ ଆଲୋଚନା କରି ଖୁସି ପ୍ରକଟ କରିଥିଲେ। ସମସ୍ତ ପଟ୍ଟଚିତ୍ରରେ ଓଡ଼ିଶା ସମେତ ଦେଶର ଇତିହାସ ସ୍ଥାନ ପାଇଥିବାରୁ ତାଙ୍କ ହୃଦୟକୁ ଏହା ଛୁଇଁଛି ବୋଲି ସେ କହିବା ସହ ଆଗାମୀ ସେପ୍ଟେମ୍ବରରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ମୋଦି ସରକାରଙ୍କ ବିଶ୍ୱକର୍ମା ଯୋଜନାରେ କାରିଗରମାନେ ଉପକୃତ ହେବେ ବୋଲି ସୀତାରାମନ ପ୍ରକାଶ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଲିଟିଲ୍

@ ସରିତ୍ ସଙ୍ଗମ୍

@ ରାଜେଶ

@ ସୂର୍ଯ୍ୟକାନ୍ତ

@ ସିଦ୍ଧ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ପୁରୁଷବନ୍ଧୁଙ୍କ ସହ ଲଜ୍‌ରେ ଥିଲେ ନିଖୋଜ ମହିଳା

ଧରିଲେ ସ୍ୱାମୀ, ସ୍ତ୍ରୀଙ୍କ ନାଁରେ ଚୋରି ଅଭିଯୋଗ ଆଣିଲେ

ଭୁବନେଶ୍ୱର,୧୭।୮ (ସୂର୍ଯ୍ୟକାନ୍ତ ବେହେରା)

ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳରୁ ତିନିଦିନ ଧରି ନିଖୋଜ ଥିବା ଜଣେ ମହିଳାଙ୍କୁ ଭୁବନେଶ୍ୱର ଅଶୋକନଗରସ୍ଥିତ ଏକ ଲଜ୍‌ରୁ ପୁରୁଷ ବନ୍ଧୁଙ୍କ ସହ ଧରିଛନ୍ତି ତାଙ୍କ ସ୍ୱାମୀ। ଏଥିସହ ସେଠାରୁ ତାଙ୍କ ଶିଶୁକନ୍ୟାଙ୍କୁ ମଧ୍ୟ ଉଦ୍ଧାର କରିବା ସହ ସ

ବିଦ୍ୟୁତ୍ ଶ୍ରମିକ ଏକତା ମଞ୍ଚର ନବୀନ ନିବାସ ପଦଯାତ୍ରା ସ୍ଥଗିତ

ଭୁବନେଶ୍ୱର,୧୭।୮(ଅନିଲ ଦାସ)-୧୫ ହଜାର ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ହେବାକୁ ଥିବା ନବୀନ ନିବାସ ପଦଯାତ୍ରାକୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି। ମଞ୍ଚ ପକ୍ଷରୁ ଗୁରୁବାର ଏ ନେଇ ସୂଚନା ଦିଆଯାଇଛି। ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚର ଦାବିଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଶକ୍ତି ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଓପିଟିସିଏଲ୍ ଅଧ୍ୟକ୍ଷଙ୍କୁ ମଧ୍ୟ ଶକ୍ତି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓପିଟିସିଏଲ୍ ଅଧ୍ୟକ୍ଷ ଦାବି ପୂରଣ ନେଇ ଏକତା ମଞ୍ଚର ନେତୃବୃନ୍ଦମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯଦି ଓପିଟିସିଏଲ୍ ଏବଂ ଶକ୍ତି ବିଭାଗ ଦାବି ପୂରଣରେ ବିଳମ୍ବ କରନ୍ତି ତେବେ ମଞ୍ଚ ପୁଣି ଆନ୍ଦୋଳନକୁ ଓହ୍ଲାଇବ।

ଟିଟିଲାଗଡ଼ ଜିଲା ଦାବିରେ ୧୨ଘଣ୍ଟିଆ ବନ୍ଦ

ଟିଟିଲାଗଡ଼,୧୭।୮(ଶରତ ମିଶ୍ର)

ଟିଟିଲାଗଡ଼ ଜିଲା ଦାବିକୁ ଅଧିକ ଶାଣିତ କରିଛି ଜିଲା କ୍ରିୟାନୁଷ୍ଠାନ କମିଟି। କମିଟି ଆହ୍ୱାନକ୍ରମେ ଗୁରୁବାର ଆହୂତ ୧୨ଘଣ୍ଟିଆ ଟିଟିଲାଗଡ଼ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବନ୍ଦର ପ୍ରଭାବରେ ସହରର ଜୀବନଯାତ୍ରା ବ୍ୟାହତ ହୋଇପଡିଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଦୋକାନ ବଜାର ବନ୍ଦ ରହିଥିଲା। ଆନ୍ଦୋଳନକାରୀ କଚେରି ଛକ ନିକଟରେ ଟାୟାର ଜାଳି ୫୯ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ, ଯୁଗ୍ମ ଆବାହକ ମହେଶ ମହାନ୍ତି, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ବରିଷ୍ଠ ସଂଗ୍ରାମୀ ରାଜୁ ମିଶ୍ର, ଘିନୁ ଆଡଙ୍ଗୁଆଡ଼, ଡମ୍ବରୁ ଛତ୍ରିଆ, ସନ୍ତୋଷ ପଧାନ, ଦେବାନନ୍ଦ ସାହୁ, ପ୍ରଶାନ୍ତ ଷଡ଼ଙ୍ଗୀ, ତୁଳସୀ ସାହୁ, ମୁକେଶ ଜୈନ, ବୀରେନ୍ଦ୍ର ବାଗ, ଆଲୋକ ନାୟକ, ପବିତ୍ର ସାହୁ, ସରପଞ୍ଚ ସଂଘ ସଭାପତି

ଆନ୍ଦୋଳନରେ ସାମିଲ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

ବୀରବର ସାହୁ, ବିଜେଡି ନଗର ସଭାପତି ରଣଜିତ ପୃଷ୍ଟି, ତ୍ରିନାଥ ସରାଫ, ଟିକେଲାଲ ବେହେରା ପ୍ରମୁଖ ଶତାଧିକ ସଂଖ୍ୟାରେ ବନ୍ଦରେ ସାମିଲ ହୋଇଥିଲେ। ଆନ୍ଦୋଳନକୁ ନେଇ ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଗୁଣ୍ଡୁନୀ ସାହୁ ଗଣମାଧ୍ୟମରେ ବିବୃତି ଦେଇ ଯଦି ଓଡିଶାରେ ନୂଆ ଜିଲା ହେବ ଟିଟିଲାଗଡ଼ ନିଶ୍ଚିତଭାବେ ଜିଲା ମାନ୍ୟତା ପାଇବ ବୋଲି କହିଛନ୍ତି।

ଗବେଷଣାକୁ ଦେଖି ପଦକ୍ଷେପ ନିଅ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୭।୮(ସୁନୀତ୍ ମିଶ୍ର)

ରାଜ୍ୟ ପ୍ରଦୂଷଣ ବୋର୍ଡର ୧୨୮ତମ ବୈଠକ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୧୨୮ତମ ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ଫେବୃୟାରୀ ୧୩ରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ବୋର୍ଡର ଆୟ ବ୍ୟୟର ହିସାବ ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରାଯାଇଛି। ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଓ ପରିବେଶ ପରିଚାଳନା ସମ୍ପର୍କରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୋର୍ଡ ସଦସ୍ୟ ସଚିବ କେ. ମୁରୁଗେସନ ତଥ୍ୟ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ବିଭିନ୍ନ ସ୍ଥାନରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ପ୍ରଦୂଷଣ ଓ ସେସବୁର ନିରାକରଣ ପାଇଁ କେଉଁ ପ୍ରସଙ୍ଗରେ କି ପ୍ରକାର ତଥ୍ୟଭିତ୍ତିକ ଗବେଷଣାର ଆବଶ୍ୟକ ସେନେଇ ପଦକ୍ଷେପ ନେବାକୁ ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ଶିଳ୍ପ କାରଖାନାରୁ ହେଉଥିବା ପ୍ରଦୂଷଣ, ବର୍ଜ୍ୟବସ୍ତୁ ଓ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁଜନିତ ପ୍ରଦୂଷଣ ଦୂରକରିବା ପାଇଁ ବିଭିନ୍ନ କମ୍ପାନୀ ଦ୍ୱାରା ଯେଉଁସବୁ ପ୍ରଦୂଷଣ ନିୟନ୍ତ୍ରଣକାରୀ ଆଧୁନିକ ଯନ୍ତ୍ରପାତି ଉତ୍ପାଦନ ଓ ବ୍ୟବହାର କରାଯାଉଛି, ସେସବୁର ଏକ କର୍ମଶାଳା ଏବଂ ପ୍ରଦର୍ଶନର ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଆଗକୁ ପିକ୍‌ନିକ୍ ଋତୁ ଆସୁଥିବାରୁ ପଲିଥିନ୍ ଆଦିର ବ୍ୟବହାର ନିୟନ୍ତ୍ରଣ ଓ ବର୍ଜ୍ୟବସ୍ତୁ ପରିଚାଳନା କରି ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନର ସହଯୋଗ ପାଇଁ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡକୁ ପୂର୍ବରୁ ବିଭିନ୍ନ ଯୋଜନା ପ୍ରସ୍ତୁତି ଏବଂ ସଚେତନତା କାର୍ଯ୍ୟକ୍ରମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ, ଶ୍ରମ କମିଶନର ଏନ୍.ତିରୁମାଲା ନାୟକ, ନିର୍ବାହୀ ଅଧିକାରୀ, ପାରାଦୀପ ମ୍ୟୁନିସିପାଲିଟି ପ୍ରମୁଖ ବୋର୍ଡର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ଅନୁଗୋଳ ଅତିରିକ୍ତ ଏସ୍‌ପିଙ୍କ ଅକାଳ ବିୟୋଗ

ଅନୁଗୋଳ,୧୭।୮(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ (୫୮)ଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ବଜାରରୁ ଫେରି ଘରେ କିଛି କାମ କରୁଥିବା ବେଳେ ତାଙ୍କର ବାନ୍ତି ହୋଇଥିଲା। ଏହାପରେ ସେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ଜିଲା ପୋଲିସରେ ଶୋକର ଛାୟା ଖେଳିଯାଇଥିଲା। ନିକଟରେ ତାଙ୍କର ବାଲେଶ୍ୱର ଜିଲାକୁ ବଦଳି ହୋଇଥିଲା। କିଛି ଦିନ ମଧ୍ୟରେ ସେ ନୂଆ ସ୍ଥାନରେ ଯୋଗଦେବାର ଥିଲା। ତାଙ୍କ ମୃତ୍ୟୁ ଖବରପାଇ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାଏ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ଛେଳିଆପଡ଼ା ପୋଲିସ ରିଜର୍ଭ ପଡ଼ିଆରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ତାଙ୍କ ପୈତୃକ ଘର ସୁବର୍ଣ୍ଣପୁର ଜିଲାରେ ହୋଇଥିବା ବେଳେ ବଲାଙ୍ଗୀରରେ ସେ ରହି ଆସୁଥିଲେ। ତେଣୁ ତାଙ୍କ ପାର୍ଥିବ ଶରୀର ସେଠାକୁ ନିଆଯାଇଛି। ପରଲୋକ ବେଳେ ତାଙ୍କ ନିକଟରେ ସ୍ତ୍ରୀ ସସ୍ମିତା ପାଣିଗ୍ରାହୀ ଉପସ୍ଥିତ ଥିଲେ।

ସୁରେଶ ଚନ୍ଦ୍ର ପାଣିଗ୍ରାହୀ

ନାବାଳିକାଙ୍କୁ ବଳାତ୍କାର ମାମଲା | ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୧୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ଗୁରୁବାର ଶୁଣାଣି ହୋଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ବିଜୟ କୁମାର ମିଶ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ ଓକିଲ ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨ଟି ଦଫାରେ ତାଙ୍କୁ ସମୁଦାୟ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୭ ମାସ ଜେଲ ଦଣ୍ଡ ଆଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ମେ ୩୧ରେ ମା'ଙ୍କ ଅନୁପସ୍ଥିତିରେ ନାବାଳିକା ବଡ଼ ଭଉଣୀଙ୍କ ସହିତ ଘରେ ଶୋଇଥିଲେ। ରାତିରେ ଓକିଲ ମୁଣ୍ଡା ନାବାଳିକାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଘରକୁ ଫେରି ମା' ଝିଅକୁ ପାଇ ନ ଥିଲେ। ଏ ନେଇ ତାଙ୍କୁ ଖୋଜାଖୋଜି କରି ବିଲରୁ ଝିଅର ପାଟି ଶୁଣିଥିଲେ। ବିଲ ଭିତରୁ ଝିଅକୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହି ସମୟରେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏ ନେଇ ପୀଡ଼ିତା ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୬୦/୧୭)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଘଟଣାରେ ୧୦ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି କୋର୍ଟ ଉକ୍ତ ରାୟ ଦେଇଥିବା ମାମଲା ପରିଚାଳନା କରୁଥିବା ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ କୋର୍ଟ ସରକାରଙ୍କୁ ଆଦେଶ କରିଛନ୍ତି।

ଢେଙ୍କାନାଳ,୧୭।୮(ରତନ ନାୟାର)

ଢେଙ୍କାନାଳ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଆକାଂକ୍ଷିତ ମିଶ୍ର ଅଭିଯୁକ୍ତ ପ୍ରଦୀପ ପାତ୍ର (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୫,୦୦୦ ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଭୁବନ ଥାନା ଅଞ୍ଚଳର ସମ୍ପୃକ୍ତ ୧୪ ବର୍ଷୀୟା ନାବାଳିକା ୨୦୨୧ ମେ' ୧୮ ସକାଳ ସାଢ଼େ ୮ଟାରେ ନଳକୂଅରୁ ପାଣି ଆଣିବାକୁ ଯାଇଥିବା ବେଳେ ପାଟପୁର ଗ୍ରାମର ପ୍ରଦୀପ୍ତ ପାତ୍ର ତାଙ୍କୁ ଅପହରଣ କରି ନେଇ ବଳାତ୍କାର କରିଥିଲେ। ପୀଡ଼ିତା ଘରେ ଆସି ସମସ୍ତ ଘଟଣା କହିବା ପରେ ପରିବାର ପକ୍ଷରୁ ଥାନାରେ ନଂ. ୧୮୦/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ପ୍ରଦୀପଙ୍କୁ ବିରୋଧ କରି କୋର୍ଟ ଚାଲାଣ କରିଥିଲା। ମାମଲାର ସ୍ପେଶାଲ ପୋକ୍‌ସୋ କେସ୍‌ନଂ. ୪୦/୨୧ର ବିଚାର କରି ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୀଡ଼ିତାଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ୧୭ଟି ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ପୋକ୍‌ସୋ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୂର୍ଯ୍ୟନାରାୟଣ ତ୍ରିପାଠୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିବାହିତ ପ୍ରଦୀପଙ୍କ ୩ଜଣ ସନ୍ତାନ ଅଛନ୍ତି।

Bhubaneswar Development Authority
AKASH SHOVA BUILDING, PANDIT JAWAHARLAL NEHRU MARG
BHUBANESWAR-751001, ODISHA
Telephone:(0674) 2396437, 2390998, 2392801, Fax:0674-2390633

No.31526/BDA, Bhubaneswar, Dated 17.08.2023
ALMTV-(Rev)- 190/21

NOTICE

No.CAD-1714: It is for information of all the applicants under 2 BHK Flats at DAYA ENCLAVE (K9B) at Mouza: Bhagabanpur, Bhubaneswar that the lottery for selection of successful allottee for Type-A and Type-B will be held on 23.08.2023 at 11.00 AM at IDCOL Auditorium (Near IG Park) Unit-II, Bhubaneswar. Hence, all the applicants or their authorised representative are hereby requested to attend the above lottery on the scheduled date and time.

Sd./- Secretary
OIPR-13033/11/0247/2324

ODISHA PUBLIC SERVICE COMMISSION
NOTICE
No.6504/PSC, Dt.17.8.23
TIME TABLE FOR WRITTEN EXAMINATION OF ASSISTANT DIRECTOR OF FACTORIES & BOILER

No.D-108: The Commission has decided to conduct the written examination of Assistant Director of Factories and Boilers on 10.09.2023 (Sunday) at Cuttack zone, pursuant to Advt. No.18 of 2022-23 as per the following time table:-

Date	Timing	Subject	Subject Code No. to be filed up in the OMR Answer Script
10.09.2023 (Sunday)	10.00 A.M. to 12 Noon	General Studies and Mental Ability	01
	2.00 P.M. to 4.00 P.M.	Mechanical Engineering	02

N.B.:As there is no vacancy for PwD candidates, no extra compensatory time shall be allowed to PwD candidates.
2. "Admission Certificates" and "Instructions to candidates" of the eligible candidates will be available in the website of Commission later. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

Sd./- Secretary
OIPR-12002/11/0080/2324

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୬୨ ତା:୦୫।୮।୨୩

ବିଜ୍ଞାପନ

No. CAD-1709: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ ଏଫ.ଏଲ.-୯୩ (FL-93), ବାସନ୍ତୀ କଲୋନୀ, ଫେଜ-୪,ରାଉରକେଲା,ଜି-ସୁନ୍ଦରଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଶାନ୍ତିଲତା ଦଳାଇ, ସ୍ୱାମୀ-ୱ ମହେନ୍ଦ୍ର ନାଥ ଦଳାଇ, ୨-ଜିତେନ୍ଦ୍ର କୁମାର ଦଳାଇ, ପିତା-ୱ ହେମେନ୍ଦ୍ର ନାଥ ଦଳାଇ, ୩.ନିରୁପମା ସ୍ୱାଇଁ, ପିତା-ୱହେମେନ୍ଦ୍ର ନାଥ ଦଳାଇ,୪- ମନୋରମ ହାବଡା ସିଂହ, ପିତା-ୱହେମେନ୍ଦ୍ର ନାଥ ଦଳାଇ, ୫-ଅନୁପମା ଦଳାଇ, ପିତା-ୱ ହେମେନ୍ଦ୍ର ନାଥ ଦଳାଇ ଏବଂ ୬-ଯୁଗାନ୍ତର ଦଳାଇ, ପିତା-ୱହେମେନ୍ଦ୍ର ନାଥ ଦଳାଇ, ଗ୍ରା-ସୁଭଦ୍ରାପୁର, ପୋ/ଥା-ଉତ୍ତମପୁର, ଜି-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ନିରୁପମା ବିଶ୍ୱାଳ, ସ୍ୱାମୀ- ଶତ୍ରୁଘନ ବିଶ୍ୱାଳ, ଗ୍ରା-ମଧୁସୂଦନ ପଲ୍ଲୀ, ପୋ-ରାଉରକେଲା-୧୩, ଥା-ଘୁଣ୍ଟ ସାଇଟ, ଜି-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ହୁଏଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0292/2324

RENEWABLE ENERGY GADGET PROJECT
COLLEGE OF AGRICULTURAL ENGINEERING AND TECHNOLOGY
ODISHA UNIVERSITY OF AGRICULTURE AND TECHNOLOGY
BHUBANESWAR-751003
No 10/REGP, Date: 16.08.2023

TENDER NOTICE

No.KK-161: Sealed tenders are invited from reputed manufacturers/ authorized dealers/agency/suppliers having valid GST/ PAN and Service Centers in India, preferably in Odisha, for supply, installation and commissioning of different items on turn-key-basis as specified in the tender document. Interested firms have to download the tender documents from the official Website of OUAT at ouat.nic.in and submit the same along with the required tender fee and EMD as specified in the tender document. The last date for receipt of tender bids by post (speed post/courier) is 07.09.2023 up to 5.00 PM. For details of opening of bids, important information, terms and conditions, requirements, etc. please refer to the tender document available at www://ouat.nic.in.

Sd/-Principal Investigator, REGP
OIPR-01036/11/0021/2324

GOVERNMENT OF ODISHA No. O-663
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online - RWCCESNG-22 of 2023-24 Letter No. 2215 Dtd.16.08.2023

e-Procurement NOTICE

1. Type of the Work : Bridge (BSY)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

Procurement Officer	Bid Identification No.	Availability of Tender Online for Bidding		Last date & time of seeking tender clarification	Date & time of Opening of Tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Sundargarh	RWCCESNG - 22 of 2023-24	22.08.2023 11.00 A.M.	07.09.2023 5.00 P.M.	05.09.2023 5.00 P.M.	08.09.2023 11.00 A.M.	Will be intimated separately

Further details can be seen from the website **www.tendersodisha.gov.in**.
OIPR-25133/11/0032/2324 **Sd./- Chief Construction Engineer, Rural Works Circle, Sundargarh**

ODISHA PUBLIC SERVICE COMMISSION
ADVERTISEMENT No. 15 of 2023-24
Recruitment to the Posts of Inspector of Motor Vehicle/Additional R.T.O. (Enforcement)/Assistant Works Engineer in Group-A of OTES under Commerce and Transport (Transport) Department
WEBSITE: http://opsc.gov.in

No. D-109: Online applications are invited from the prospective candidates for recruitment to the posts of Inspector of Motor Vehicle/Additional R.T.O. (Enforcement)/Assistant Works Engineer, through the Proforma Application to be made available in the WEBSITE **(http://opsc.gov.in)**. The link for online application and submission shall be available from **22.08.2023 to 22.09.2023 (Note: 22.09.2023 is the last date for submission of registered online Application)** for recruitment to the posts of Inspector of Motor Vehicle/ Additional R.T.O. (Enforcement)/Assistant Works Engineer in Group-A of Odisha Transport Engineering Service under Commerce and Transport (Transport) Department in the scale of pay of Rs.56,100/- in Level-12, Cell-1 of the pay matrix under ORSP Rules, 2017 with usual Dearness and other Allowances as may be sanctioned by the Government from time to time. The Examination will be counducted in accordance with the provisions of the Odisha Transport Engineering Service (Method of Recruitment and Conditions of Service) Rules, 2021 as amended from time to time.

2. **VACANCY POSITION:** As per requisition filed by Commerce and Transport (Transport) Department, Government of Odisha, **the vacancy position for the post of Inspector of Motor Vehicle/Additional R.T.O. (Enforcement)/Assistant Works Engineer is 08 (03 - w)**.
3. **AGE LIMIT:** A candidate must have attained the age of 21 years and must not be above the age of 38 years as on the **1st day of January, 2023** i.e. he/she must not have been born **earlier than 2nd January 1985** and not later than **1st January, 2002**.
4. **EDUCATIONAL QUALIFICATION:**
   (a) A candidate must hold a Degree in
   (i) Automobile Engineering; or
   (ii) Mechanical Engineering with Automobile Engineering as a subject; or
   (iii) Any other subject or discipline from a recognized University as may be declared by the Government to be equivalent to the degree as specified in Clause (i) and (ii) above.
   (b) Possess a licence to drive a Transport Vehicle.
   Provided that candidates not possessing a valid driving licence for Tansport Vehicle, shall undergo driving training of Transport Vehicle in a recognized Heavy Motor Vehicle Driving Training School during the probation period and obtain the driving licence, the failing which his service shall be liable to be terminated.
   (c) Have knowledge in Computer application
5. **METHOD OF SELECTION:** The Competitive examination for recruitment to the posts of Inspector of Motor Vehicle/Additional R.T.O. (Enforcement)/Assistant Works Engineer shall consist of the following stages:
   a. Written Examination (Objective Type) - 150 marks - 3 hours duration
   (There shall be negative marking at the rate of **twenty five percent (25%)** assigned to a correct answer for every wrong response)
   b. Computer Skill Test - 50 marks - 1 hour duration
   c. Interview - 20 marks
   The details of Plan of Examination, Scheme, Subjects & Syllabus for the Written Examination is available in the Long Advertisement.
6. **HOW TO APPLY:** Candidates must go through the details of this Advertisement available in the website of OPSC before filling up on online application form.
   Candidates must apply online though the website of OPSC **http://opsc.gov.in**. Application received through any other mode would not be accepted and summarily be rejected.

CUTTACK
DATE: 17.08.2023
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0081/2324

OFFICE OF THE EXECUTIVE ENGINEER P.H. DIVISION, KORAPUT
Tel/Fax: 06852-250740, e-mail: eephkrp@nic.in, eephkrp@gmail.com
GOVERNMENT OF ODISHA, "e" Procurement Notice
No.C-1

ଜନ୍ମଦିନର ଶୁଭେଚ୍ଛା

ଏନ୍. ଜନ୍ ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

‘ଅନ୍ତରୀକ୍ଷରୁ ହିମାଳୟ’

ଆବୁଧାବି: ୟୁଏଇର ମହାକାଶଚାରୀ ସୁଲ୍‌ତାନ ଅଲ୍‌ନେୟାଦି ବର୍ତ୍ତମାନ ସମୟରେ ଅନ୍ତରୀକ୍ଷରେ ୬ ମାସର ଯାତ୍ରାରେ ଅଛନ୍ତି। ଅନ୍ତରୀକ୍ଷରୁ ନିଆଯାଉଥିବା ଦୃଶ୍ୟକୁ ସେ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିକଟରେ ସେ ହିମାଳୟର ଦୃଶ୍ୟ ଅନ୍ତରୀକ୍ଷରୁ କିପରି ଦେଖାଯାଏ, ତାହା ଶେୟାର କରିଛନ୍ତି। ସେଥିରେ ହିମାଳୟର ସୌନ୍ଦର୍ଯ୍ୟକୁ ଦର୍ଶାଇଥିବା ସେ କହିଛନ୍ତି। ଟୁଇଟରରେ ଶେୟାର କରିଥିବା ହିମାଳୟ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, ‘ଅନ୍ତରୀକ୍ଷରୁ ହିମାଳୟ’, ଏଭରେଷ୍ଟ ସୁମିଟ୍‌ଙ୍କ ଘର, ପୃଥିବୀରେ ସମୁଦ୍ର ସ୍ତରରୁ ସବୁଠୁ ଉଚ୍ଚ ପାହାଡ଼, ଏହି ପାହାଡ଼ ଆମ ଗ୍ରହର ସମୁଦ୍ରର ପ୍ରକୃତିର ପ୍ରତିଷ୍ଠିତ ସ୍ଥଳ ମଧ୍ୟରୁ ଗୋଟିଏ। ଫଟୋରେ ହିମାଳୟ ଏକ ଧଳା ବାଦଲ ସଦୃଶ ଦେଖାଯାଉଛି। ଏହା ପୂର୍ବରୁ ମଧ୍ୟ ହିମାଳୟର ଦୃଶ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଆମେରିକାର ଅନ୍ତରୀକ୍ଷ ଏଜେନ୍ସି ନାସାର ମହାକାଶଚାରୀ ଜୋଶ କସାଦା ଅରୋରା ବେରିଆଲିସିସ୍‌ର ଫଟୋ ଶେୟାର କରିଥିଲେ। ଯେଉଁଥିରେ ଆମ ଗ୍ରହ ଉପରେ ଏକ ରଶ୍ମିର ସୁନ୍ଦର ସବୁଜ ଚାଦର ଦେଖିବାକୁ ମିଳିଥିଲା। ତା’ ପଛରେ ସହରର କିଛି ଲାଇଟ୍ ମଧ୍ୟ ଦେଖିବାକୁ ମିଳିଥିଲା।

ନିର୍ଦ୍ଦେଶନା ଦେବେ ଦିଶା

ଦିଶା ପଟାନି

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ତାଙ୍କ ଅଭିନୟ ପାଇଁ ଅନେକ ପ୍ରଶଂସା ସାଉଁଟିଛନ୍ତି। ତେବେ ସେ ଅଭିନୟ ପରେ ଏବେ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ସେ ଏକ ମ୍ୟୁଜିକ ଭିଡିଓ ‘କ୍ୟୁ କରୁ ଫିକର’ରେ ନଜରକୁ ଆସିବେ। ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏନେଇ ସେ ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟ ଶେୟାର କରି ତାଙ୍କ ଫ୍ୟାନ୍ସଙ୍କୁ ଏହି ସୂଚନା ଦେଇଛନ୍ତି। ପୋଷ୍ଟରରେ ଦିଶାଙ୍କୁ ବିନ୍ଦାସ ଲୁକ୍‌ରେ ଦେଖିବାକୁ ମିଳିଛି। ଦିଶା ‘ହୁଇ ମଲଙ୍ଗ’ଠୁ ଆରମ୍ଭ କରି ‘ସ୍ଲୋ ମୋସନ୍’ ଓ ‘ଡୁ ୟୁ ଲଭ୍ ମି’ ଭଳି ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି। ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କୁ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ। ତେବେ ଦିଶାଙ୍କ ଆଗାମୀ ଫିଲ୍ମ ‘ଯୋଦ୍ଧା’ ଆସିବାକୁ ଯାଉଛି। ଏଥିରେ ସେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ଏକାଠି ନଜରକୁ ଆସିବେ। ୨୦୧୫ ମସିହାରେ ତେଲୁଗୁ ଫିଲ୍ମ ‘ଲୋଫର୍’ ଜରିଆରେ ସେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସୁଶାନ୍ତ ସିଂ ରାଜପୁତଙ୍କ ଫିଲ୍ମ ‘ଏମ୍.ଏସ୍. ଧୋନି: ଦ ଅନଟୋଲ୍ଡ ଷ୍ଟୋରି’ ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତା’ପରେ ଚାଇନିଜ୍ ଆକ୍ସନ୍ କମେଡି ସିନେମା ‘କୁଙ୍ଗ ଫୁ ୟୋଗା’, ‘ବାଗି-୨’, ‘ଭାରତ’, ‘ମଲଙ୍ଗ’ ଓ ‘ଏକ୍ ଭିଲେନ୍ ରିଟର୍ନସ’ରେ ଲିଡ୍ ଲେଡି ଭାବେ ନଜର ଆସିଥିଲେ। ଏଥିସହ ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।

ଧୂମପାନକାରୀ କିଶୋରଙ୍କ ମସ୍ତିଷ୍କ ଅନ୍ୟ କିଶୋରଙ୍କଠାରୁ ଭିନ୍ନ

ଲଣ୍ଡନ: ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଧୂମପାନ କରୁଥିବା କିଶୋରଙ୍କ ମସ୍ତିଷ୍କ ଅନ୍ୟ କିଶୋରମାନଙ୍କ ମସ୍ତିଷ୍କଠାରୁ ଭିନ୍ନ। ବ୍ରିଟେନ୍‌ର କେମ୍ବ୍ରିଜ୍, ୱାର୍‌ୱିକ୍ ବିଶ୍ୱବିଦ୍ୟାଳୟ ଏବଂ ଚାଇନାର ଫୁଡାନ୍ ୟୁନିଭର୍ସିଟି ଦ୍ୱାରା ପରିଚାଳିତ ଏକ ଅନୁସନ୍ଧାନକାରୀ ଦଳ ୧୪ ବର୍ଷ ବୟସରୁ ସିଗାରେଟ୍ ଟାଣିବା ଆରମ୍ଭ କରିଥିବା କିଶୋରମାନଙ୍କ ମସ୍ତିଷ୍କର ବାମ ପ୍ରଣ୍ଟାଲ ଲୋବ୍‌ର ଏକ ଅଂଶରେ କିଛି ଧୂସର ପଦାର୍ଥ ପାଇଥିଲେ। ଏକ ପତ୍ରିକାରେ ପ୍ରକାଶିତ ଅନୁସାରେ, ବାମ ପ୍ରଣ୍ଟାଲ ଲୋବ୍‌ରେ କମ୍ ଧୂସର ପଦାର୍ଥ ଥିବା କିଶୋରମାନଙ୍କ ଜ୍ଞାନଗତ କାର୍ଯ୍ୟ କରିଥାଏ। ତେଣୁ ପିଲାମାନେ ଧୂମପାନ ଭଳି ଖରାପ ଅଭ୍ୟାସ କରିବାକୁ ଅଧିକ ଇଚ୍ଛା କରନ୍ତି। ମସ୍ତିଷ୍କର ବାମ ପ୍ରଣ୍ଟାଲ ଲୋବ୍‌ର ନିଷ୍ପତ୍ତି ନେବା ଏବଂ ନିୟମ ଭାଙ୍ଗିବା ଭଳି କାର୍ଯ୍ୟ ସହ ସମ୍ପୃକ୍ତ। ଧୂସର ପଦାର୍ଥ ହେଉଛି ମସ୍ତିଷ୍କ ଟିସୁ, ଯାହା ସୂଚନା ପ୍ରକ୍ରିୟାକରଣ କରିଥାଏ। ଏଥିସହ ସମାନ କିଶୋର ଧୂମପାନକାରୀଙ୍କ ମସ୍ତିଷ୍କର ଡାହାଣ ଅଂଶରେ କମ୍ ଧୂସର ପଦାର୍ଥ ମଧ୍ୟ ରହିଥିଲା। ମସ୍ତିଷ୍କର ଡାହାଣ ପ୍ରଣ୍ଟାଲ ଲୋବ୍ ସେନ୍ସେସ ଖୋଲିବା ସହ ଜଡ଼ିତ। ଧୂମପାନକାରୀ କିଶୋରଙ୍କ ଏହି ଡାହାଣ ପ୍ରଣ୍ଟାଲ ଲୋବ୍ ସଙ୍କୁଚିତ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ନିଶାର ଖରାପ ଅଭ୍ୟାସ ହେବା ପୂର୍ବରୁ ତାକୁ ରୋକିବାକୁ ସାହାଯ୍ୟ କରାଯାଇପାରେ। ଧୂମପାନ ନିଶା ଆଚରଣ ବ୍ୟକ୍ତି ଏବଂ ବୟସ୍କଙ୍କ ମୃତ୍ୟୁ ହେବାର ଏକ ପ୍ରମୁଖ କାରଣ ବୋଲି ଅଧ୍ୟୟନର ସହଲେଖକ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଟ୍ରେଭର ରବିନ୍ସ କହିଛନ୍ତି। ଧୂମପାନ ଅଭ୍ୟାସ ଯୁବାବସ୍ଥାରେ ଘଟିବାର ଅଧିକ ସମ୍ଭାବନା ରହିଥାଏ। ତେବେ ଯୁକ୍ତରାଷ୍ଟ୍ରରେ ପ୍ରତିଦିନ ୧୮ ବର୍ଷ ବୟସ ପୂର୍ବରୁ ପ୍ରାୟ ୧୬୦୦ ଯୁବକ ଧୂମପାନ ଓ ନିଶା ସେବନ ପାଇଁ ମୃତ୍ୟୁ ମୁଖରେ ପଡ଼ନ୍ତି।

ଜେଟ୍‌ପ୍ୟାକ୍ ଶୁଟ୍‌ର ପରୀକ୍ଷା

ଲକ୍ଷ୍ନୌ: ସମ୍ବେଦନଶୀଳ ଅନ୍ତର୍ଜାତୀୟ ସୀମା ଅଞ୍ଚଳରେ କୌଳିକ ଗତିଶୀଳତା ବୃଦ୍ଧି ପାଇଁ ଭାରତ ଏକ ପାଦ ଆଗକୁ ବଢ଼ିଛି। ଭାରତୀୟ ସେନାର ପାରା ସ୍ପେଶାଲ ଫୋର୍ସ ଗତ ବୁଧବାର ଆଗ୍ରାର ଆର୍ମି ଏୟାରବୋର୍ନ ଟ୍ରେନିଂ ସ୍କୁଲରେ ଜେଟ୍‌ପ୍ୟାକ୍ ଶୁଟ୍‌ର ପରୀକ୍ଷା କରିଛି। ଟୁଇଟରରେ ଏହି ଟ୍ରେନିଂର ଏକ ଭିଡିଓ ଶେୟାର ହୋଇଛି। ଅଭିନବ ଯୁଗର ପ୍ରଯୁକ୍ତିବିଦ୍ୟା, ଏହାର ଯୁଦ୍ଧଦକ୍ଷତା ବୃଦ୍ଧି ପାଇଁ ଭାରତୀୟ ସେନାର ପ୍ରୟାସର ଏକ ଅଂଶ। ଏହିପରି ୪୮ଟି ଶୁଟ୍ କ୍ରୟ ପାଇଁ ପ୍ରାଥମିକ ଆବଶ୍ୟକତା ରହିଛି। ଟେକ୍-ଚାଳିତ ଜେଟ୍‌ପ୍ୟାକ୍ ଶୁଟ୍‌ର ଡିଜାଇନ ଗ୍ରାଭିଟି ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠାତା ରିଚାର୍ଡ ବ୍ରାଉନିଙ୍ଗ ପ୍ରସ୍ତୁତ କରିଛନ୍ତି। ଏହି ଜେଟ୍‌ପ୍ୟାକ୍ ପିନ୍ଧିଥିବା ବ୍ୟକ୍ତି ତାଙ୍କ ବାହୁ ଓ ପିଠିରେ ଲାଗିଥିବା ଛୋଟ ଜେଟ୍ ଇଞ୍ଜିନ ବ୍ୟବହାର କରି ଉଡିବେ। ଶିଖରରେ ଯୁଦ୍ଧ ସମୟରେ ଏହାର ଆବଶ୍ୟକତା ରହିଥିବା ଭାରତୀୟ ସେନା ଏହାର ବ୍ୟବହାର କରିଛି। ରିଚାର୍ଡ ଚଳିତବର୍ଷ ଫେବୃୟାରୀ ୨୭ରେ ଆଗ୍ରାସ୍ଥିତ ଭାରତୀୟ ସେନାକୁ ତାଙ୍କ କମ୍ପାନୀର ଜେଟ୍‌ପ୍ୟାକ୍ ସିଷ୍ଟମର ଏକ ଡେମୋ ପ୍ରଦାନ କରିଥିଲେ। ଏହାପରେ ଭାରତୀୟ ସେନା ଆଉ ୪୮ଟି ଜେଟ୍‌ପ୍ୟାକ କ୍ରୟ ପାଇଁ ଆବଶ୍ୟକତା ଜାରି କରିଥିଲା। ଟୁଇଟରରେ ଜାରି ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ଜଣେ ବ୍ୟକ୍ତି ଏକ ଜେଟ୍‌ପ୍ୟାକ୍ ପିନ୍ଧି ସ୍ଥଳଭାଗଠାରୁ ଉପରେ ଉଡୁଛନ୍ତି।

Classified Everyday

0674-2580101, 2549949

REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424. D-75203

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ **30’** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

FOR RENT

Spacious Ground floor with parking near Prabhujee School, Vssnagar for office: 7978059473. D-1069

Healthcare

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Newly opened (one 8 SPA) / (Salon Service) with expert therapist. 9938843929. D-75143

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Relax, Refresh your body, Mind at Saikrupa Spa with best therapies. 8984068077. D-1048

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Spa Kerala body Massage only best Therapist @699/- Bhubaneswar. 9337672475. D-1033

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-75023

LOST

By virtue of F.I.R. I Prahallad Rai Agrawal, R/o, Titilagarh, Dist.- Bolangir hereby affirm that I am staying in my own residential building in Plot No.1225, Khata No.-463/235, on which the original ROR copy has been lost anywhere else at Titilagarh. So by this declaration, I request to the Authorities to issue a copy of ROR against the above mentioned Plot No. D-1075

I, Satya Swarup Pattnaik have Lost my Original Pass HSC (2021) & +2(2023) from CBSE Certificate. If found kindly Contact- 9776133603. D-74089

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ମୋର ଦଲିଲ ସଂଖ୍ୟା- ୧୦୬୨୧୧୦୦୬୦୩, ତାରିଖ ୨୨.୦୩. ୨୦୧୧ କୁ ୧୭.୦୭.୨୦୨୩ ତାରିଖରେ ଜଗତପୁର ମାର୍କେଟ ଏରିଆରେ ହଜିଯାଇଅଛି ଏବଂ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଏଥି ନିମନ୍ତେ କଟକ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥପତ୍ର ଦାଖଲ କରିଅଛି ଏବଂ ଜଗତପୁର ଥାନା ଅଧିକାରୀଙ୍କ ନିକଟରେ ଏଫ.ଆଇ.ଆର. ଦିନାଙ୍କ ୨୪.୦୭.୨୦୨୩ରେ ଦାଖଲ କରିଅଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ଖୋଜି ପାଆନ୍ତି, ଦୟାକରି ନିମ୍ନଲିଖିତଙ୍କ ସହ ଯୋଗାଯୋଗ କରିବେ। ଶ୍ରୀମତୀ ଅର୍ଚ୍ଚନା ମହାନ୍ତି, ସ୍ୱା- ଶକ୍ତି ପ୍ରସାଦ ପଣ୍ଡା, ପୋ:/ ଥାନା- ଜଗତପୁର, କଟକ- ୭୫୪୦୨୧, ଫୋ: ୮୮୯୫୪୮୮୭୯୬। ଧ-୧୫୭୨

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ରାଜ୍ୟ ଖବର

ସରକାରୀ ଅଫିସ୍‌ରୁ ହଟିବ ପୁରୁଣା ଫ୍ୟାନ୍, ଏସି

ଭୁବନେଶ୍ୱର, ୧୭।୮ (ସୁନିତ ମିଶ୍ର)

ବିଦ୍ୟୁତ୍ ସଞ୍ଚୟ ଏବଂ ଦେୟ ହ୍ରାସ କରିବା ଲାଗି ଶକ୍ତି ବିଭାଗ ଚିନ୍ତା କରୁଛି। ଏଥିଲାଗି ସରକାରୀ କାର୍ଯ୍ୟାଳୟରୁ ୫ ବର୍ଷ ପୁରୁଣା ଏସି, ଫ୍ୟାନ୍ ହଟାଯିବାକୁ ଯୋଜନା କରାଯାଉଛି। ଏହା ବଦଳରେ ବିଏଲ୍‌ଡିସି ଫ୍ୟାନ୍ ଏବଂ ୫ ଷ୍ଟାର ଏସି ଲଗାଇବାକୁ ରାଜ୍ୟ ସରକାରଙ୍କୁ ଶକ୍ତି ବିଭାଗ ପ୍ରସ୍ତାବ ଦେଇଛି। ବିଜୁଳି ବିଲ୍ ହ୍ରାସ କରିବା ଲାଗି ପ୍ରତିବର୍ଷ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶକ୍ତି ସମୀକ୍ଷା ହେବ। ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ବିଭାଗ ମଧ୍ୟରେ ସମନ୍ୱୟ ରଖି କର୍ମଶାଳା ଆୟୋଜନ କରାଯିବ। ବିଜୁଳି ଶକ୍ତି ସଞ୍ଚୟ କରିବା ଲାଗି ସଚେତନ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି।

ବିଜୁଳିଶକ୍ତି ବଞ୍ଚାଇବା ଏବଂ ବିକଳ୍ପ ଭାବେ ସୌରଶକ୍ତିକୁ ପ୍ରୋତ୍ସାହନ ଦେବା ପାଇଁ ୨୦୨୨ରେ ହିତାଧିକାରୀଙ୍କୁ ସବ୍‌ସିଡି ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ଏବେ ମଧ୍ୟ ଏହା ଘୋଷଣାରେ ସୀମିତ ରହିଛି। ତେଣୁ ଶକ୍ତି ବିଭାଗର ଏହି ନୂତନ ଯୋଜନାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏହା ପଛରେ ସେମାନେ ଦୁର୍ନୀତିର ଗନ୍ଧ ବାରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଶକ୍ତି ବିଭାଗର ଏଭଳି ନିଷ୍ପତ୍ତିକୁ ଦେଖିଲେ ସନ୍ଦେହ ଲାଗୁଛି। ରୂପାନ୍ତରୀକରଣ ନାମରେ ଏବେ କେବଳ ସ୍କୁଲରେ ରଙ୍ଗ କରି ଦିଆଯାଉଛି। ଠିକ୍ ସେମିତି କେବଳ ଫ୍ୟାନ୍ ଓ ଏସି ବଦଳାଇ ଦେଲେ ଯେ ବିଜୁଳି ଶକ୍ତି ବଞ୍ଚିଯିବ ତାହା ନୁହେଁ, ଏହା କେବଳ ଦୁର୍ନୀତି କରିବାକୁ ଯୋଜନା। ଭବିଷ୍ୟତରେ ଏକଥା ପ୍ରତିଫଳିତ ହେବ ବୋଲି ମୋହନ କହିଛନ୍ତି। କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ନୂଆ କମ୍ପାନୀରୁ କିଣା ହେଲେ ସେଥିରୁ ଏକ ପ୍ରକାର କମିଶନ ମିଳେ। ତେଣୁ ଯେଉଁମାନେ ଏହି ଦାୟିତ୍ୱରେ କିଣିବା ଲାଗି ରହିବେ, ସେମାନେ ନିଶ୍ଚିତ ନିଜ ହାତ ଚିକ୍କଣ କରିବେ। ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ବିଜୁଳି ଶକ୍ତି ବଞ୍ଚାଇବା ଲାଗି ସରକାରଙ୍କର ଏହା ଏକମାତ୍ର ଯୋଜନା ନୁହେଁ। ଏଥି ପୂର୍ବରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

✓ରବିନାରାୟଣ ପୁହାଣ

ତଳିହା, ରାମବାଗ, ଦଶରଥପୁର, ଯାଜପୁର

ଆବିର୍ଭାବ- ତା୨୭।୦୪।୧୯୫୩ (ଚନ୍ଦନପୂର୍ଣ୍ଣିମା)
ତିରୋଧାନ- ତା୦୮।୦୮।୨୦୨୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

:ଶୋକସନ୍ତପ୍ତ:

ହତଭାଗ୍ୟ ପୁତ୍ର: ପୁଲିନ ପ୍ରକାଶ ପୁହାଣଙ୍କ ସହ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୦୭୩

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

✓ଲକ୍ଷ୍ମୀଧର ସାହୁ (ବଗ)

ଭୁବନପୁର, ବାଲିଅନ୍ତା, ଭୁବନେଶ୍ୱର

ଆବିର୍ଭାବ: ୨୪।୦୯।୧୯୬୪
ତିରୋଧାନ: ୦୮।୦୮।୨୦୨୩

ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

::ଶୋକସନ୍ତପ୍ତ::

ପତ୍ନୀ-ଟୁନି, ହତଭାଗ୍ୟ ପୁଅ-ମିଲୁ, ଭାଇ-ରାମ, କୃଷ୍ଣ, ଲିଙ୍ଗା, ବାସୁ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ

ଧ-୭୧୨୨୩

ଏକାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

✓ରତ୍ନାକର ସାହୁ

ପାହାଡ଼ି ମନ୍ଦିର ଛକ, ଝାରସୁଗୁଡ଼ା
ଆବିର୍ଭାବ: ୩୦/୦୧/୧୯୩୯ ତିରୋଧାନ: ୦୮/୦୮/୨୦୨୩

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

ପ୍ରଫୁଲ କୁମାର ସାହୁ (ଭାଇ), ଅନ୍ତର୍ଯ୍ୟାମି ସାହୁ (ପୁତ୍ର), ରଞ୍ଜିତ କୁମାର ସାହୁ (ପୁତ୍ର), ଶାରବା ମହାପାତ୍ର, ମଞ୍ଜୁଲତା ସାହୁ, ପ୍ରତିଭା ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମେଶ ସାହୁ, ପ୍ରସନ୍ନ କୁମାର ସାହୁ।

ଧ-୭୭୨୨୭

ସ୍ୱାଧୀନତା ଦିବସ ଅବସରରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଭିଡିଓ 'ଜୟ ହୋ'କୁ ପେଟ୍ରୋଲିୟମ ଆଣ୍ଡ ନାଚୁରାଲ ଗ୍ୟାସ୍ ମନ୍ତ୍ରୀ ହର୍‌ଦୀପ ସିଂ ପୁରୀ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ସହଯୋଗରେ ଦେଶର ବିଭିନ୍ନ ଖେଳ ଓ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଏହି ଦେଶାତ୍ମକବୋଧକ ଭିଡିଓ ନିର୍ମାଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଇସିଓଏଲ୍‌ର ଅଧ୍ୟକ୍ଷ ଶ୍ରୀକାନ୍ତ ବୈଦ୍ୟଙ୍କ ସମେତ ଚେସ୍ ଗ୍ରାଣ୍ଡ ମାଷ୍ଟର ପ୍ରଜ୍ଞାନନନ୍ଦା, ଅଲିମ୍ପିଆନ ପୁଲେଲା ଗୋପୀଚାନ୍ଦ ଏବଂ ଆଇଓସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୧୭।୮

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୮୮(୩୮୮.୪୦) ପଏଣ୍ଟ କମି ୬୫,୧୫୧ (୬୫,୧୫୧.୦୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୦୦(୯୯.୭୫) ପଏଣ୍ଟ ହ୍ରାସ ଘଟି ୧୯,୩୬୫ (୧୯,୩୬୫.୨୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାରର କାରବାରରେ ଅସ୍ଥିରତା ଦେଖାଦେଇଛି। ଏପରିକି ବିଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲ୍ କ୍ୟାପ୍‌ର କାରବାର ସମେତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍ କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କିଙ୍ଗ୍ କାରବାରରେ ମଧ୍ୟ ପରିବର୍ତ୍ତନ ଘଟୁଛି।

ରାଷ୍ଟ୍ର ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୭।୮

ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଶେଷକରି କମ୍ପାନୀର ଲୋକପ୍ରିୟ ବ୍ରାଣ୍ଡ୍ ରୂପ ମନ୍ତ୍ରା ପରିବାର ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ କମ୍ପାନୀର ଚଣ୍ଡିଗଡସ୍ଥିତ ମୁଖ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏପରିକି ରୂପ ମନ୍ତ୍ରା ପରିବାର ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ଏମ୍‌ଡି ଡ. ସଞ୍ଜୀବ ଜୁନେଜା କହିଛନ୍ତି, ଦେଶର ବିକାଶ ପାଇଁ ଯୁବବର୍ଗଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଯୁବ ଶକ୍ତି ଏକ ଶକ୍ତିଶାଳୀ ଏବଂ ବିକଶିତ ରାଷ୍ଟ୍ର ଗଠନ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜୁନେଜା ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏପରିକି ଯୁବ ଦିବସର ଆଭିମୁଖ୍ୟ ଓ

ଏମ୍‌ଡି ଡ. ସଞ୍ଜୀବ

ଯୁବ ଗୋଷ୍ଠୀର ଭୂମିକା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ସେହିଭଳି ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ଚର୍ମ ରୋଗରେ ଯୁବ ବର୍ଗ ସନ୍ତୁଳିତ ହେଉଛନ୍ତି। ବିଶେଷ କରି ଚର୍ମ ରୋଗର ସମାଧାନ ପାଇଁ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡ ନିକଟରେ ରୂପ ମନ୍ତ୍ରା ନାମରେ ଏକ ଗୁଣାତ୍ମକ ଆୟୁର୍ବେଦ ଔଷଧର ଶୁଭାରମ୍ଭ କରିଥିଲା।

ଭାରତ ପେ'ର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୧୭।୮

ଭାରତପେ'ର ନୂତନ ଉତ୍ପାଦ ଆଣ୍ଡ୍ରଏଡ୍ ପଏଣ୍ଟ ଅଫ୍ ସେଲ୍ (ପିଓଏସ) ଟର୍ମିନାଲ୍'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଡେବିଟ୍-କ୍ରେଡିଟ୍ କାର୍ଡ, ୟୁପିଆଇ,ମୋବାଇଲ୍ ୱାଲେଟ୍ ଏବଂ ବାର୍ କୋଡ୍ ସହ ଡିଜିଟାଲ ପେମେଣ୍ଟ ମଧ୍ୟ ଗ୍ରହଣ ପାଇଁ ଏକାଧିକ ମୋଡ୍ ପ୍ରଦାନ କରିବ। ୨୦୨୦ରେ କମ୍ପାନୀ ଲିନକ୍ସ ଆଧାରିତ ପିଓଏସ୍ ଡିଭାଇସ୍‌ର ଶୁଭାରମ୍ଭ କରିଥିବା ବେଳେ ବର୍ତ୍ତମାନ ଦେଶର ୪୦୦ରୁ ଅଧିକ ସହରରେ ୨ଲକ୍ଷରୁ ଅଧିକ ପିଓଏସ୍ ମେଶିନ ନେଟ୍‌ୱାର୍କ ରହିଛି ଏବଂ ଏହା ପିଓଏସ୍ ବର୍ଗର ଶ୍ରେଷ୍ଠ ୩ ଫିନ୍‌ଟେକ କମ୍ପାନୀଙ୍କ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ସେହିଭଳି ଭାରତପେ ବ୍ୟବସାୟୀମାନଙ୍କୁ ଲିନକ୍ସ ଆଧାରିତ ପିଓଏସ୍‌ରୁ ନୂତନ ଆଣ୍ଡ୍ରଏଡ୍ ପିଓଏସ୍ ଡିଭାଇସ୍‌କୁ ଅପ୍‌ଗ୍ରେଡ୍ କରିବାକୁ ଏକ ବିକଳ୍ପ ଦେବ। ଏହା ସହ ଭାରତପେ ସ୍ୱାଇପ୍ ଆଣ୍ଡ୍ରଏଡ୍ ଶୁଭାରମ୍ଭ ହେବା ସହିତ ଆଗାମୀ ୧୨ମାସରେ ଏହାର ପିଓଏସ୍ ନେଟ୍‌ୱାର୍କ କାଉଣ୍ଟରକୁ ଦ୍ୱିଗୁଣିତ କରିବାକୁ ଯୋଜନା କରିଛି। ଏ ସମ୍ପର୍କରେ ଭାରତପେ'ର ସିଏଫ୍‌ଓ ତଥା ମଧ୍ୟବର୍ତ୍ତିକାଳୀନ ସିଇଓ ନଳୀନ ନେଗୀ କହିଛନ୍ତି, ଅଫ୍‌ଲାଇନ ବ୍ୟବସାୟୀଙ୍କ ପାଇଁ ଏକ ଦୃଢ଼ ଫିନ୍‌ଟେକ୍ ଇକୋସିଷ୍ଟମ ସହିତ କମ୍ପାନୀ ଲକ୍ଷ ଲକ୍ଷ ଛୋଟ ବ୍ୟବସାୟ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ଡିଜିଟାଲ ଅର୍ଥନୀତି ସହିତ ଯୋଡ଼ିପାରିଛି। ସେହିଭଳି ଭାରତପେ'ର ମୁଖ୍ୟ ବ୍ୟବସାୟ ଅଧିକାରୀ (ବ୍ୟାଙ୍କିଙ୍ଗ୍ ଆଣ୍ଡ ଆଲାଇନସେସ୍) ସନ୍ଦୀପ ଇନ୍ଦୁରକର କହିଛନ୍ତି, କମ୍ପାନୀ ମେଟ୍ରୋ ଏବଂ ଟାୟାର-୧ ସହରରେ ନୁହେଁ ବରଂ ୨ୟ ଏବଂ ୩ୟ ବର୍ଗର ସହରଗୁଡ଼ିକରେ ମଧ୍ୟ ପଏଣ୍ଟ ଅଫ୍ ସେଲ୍ ସହ ବିଭିନ୍ନ ଦେୟ ଗ୍ରହଣୀୟ ଅଫର ପାଇଁ ଭିତ୍ତିଭୂମି ବୃଦ୍ଧିପାଉଛି।

ଖଣ୍ଡଗିରିରେ ଓକାୟା ଇଭିର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୭।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଇଲେକ୍ଟ୍ରିକ ଭେହିକିଲ (ଇଭି) ନିର୍ମାତା ଓକାୟା ଇଭିର ଅତ୍ୟାଧୁନିକ ତଥା ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍ ନିକଟରେ ଖଣ୍ଡଗିରି ଠାରେ ଉଦ୍‌ଘାଟିତ ହୋଇଯାଇଛି। ଓକାୟା ଇଭିର ସ୍ୱୀକୃତିପ୍ରାପ୍ତ ଡିଲର ଏ ଆଣ୍ଡ ଟି ଅଟୋମୋବାଇଲ୍ସ ଆନୁକୂଲ୍ୟାରେ ଉକ୍ତ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏଠାରେ ଓକାୟା ଇଭିର ସମସ୍ତ ମଡେଲ ସହ ବିବିଧ ଉତ୍ପାଦର ବ୍ୟାପକ ପୋର୍ଟଫୋଲିଓ ଉପଭୋକ୍ତାମାନେ ପାଇପାରିବେ। ଓକାୟା ଇଭିର ସ୍ମୁଟର ପୋର୍ଟଫୋଲିଓରେ ଫାଷ୍ଟ ସିରିଜ୍ ଉତ୍ପାଦ ଲାଇନରେ ଫାଷ୍ଟ ଏଫ୍‌୪, ଫାଷ୍ଟ ଏଫ୍‌୩, ଏଫ୍‌୨ବି ଏବଂ ଏଫ୍‌୨ଟି ପରି ଉଚ୍ଚ ଗତି ଏବଂ ନିମ୍ନ ଗତିର ମଡେଲ ଅନ୍ତର୍ଭୁକ୍ତ ରହିଛି। ସେହିଭଳି କ୍ଲାସିକ୍+ ଏବଂ ଫ୍ରିଡମ୍

ମଡେଲଗୁଡିକ ଲୋ-ସ୍ପିଡ୍ ସେଗ୍‌ମେଣ୍ଟର ଏକ ଅଂଶ । ଉଲ୍ଲେଖଯୋଗ୍ୟ, ଓକାୟା ଇଭିର ଉତ୍ପାଦ ଲାଇନ୍‌ଅପ୍ ଗ୍ରାଉଣ୍ଡ ବ୍ରେକିଙ୍ଗ୍ ଏଲ୍‌ଏଫ୍‌ପି (ଲିଥିୟମ୍ ଫେରୋ ଫସ୍‌ଫେଟ୍) ବ୍ୟାଟେରି ଟେକ୍ନୋଲୋଜିକୁ ବୈଶିଷ୍ଟ୍ୟ କରିଥାଏ। ଶକ୍ତି ସାନ୍ଦ୍ରତା, ଦୀର୍ଘାୟୁତା ଏବଂ ପରିବେଶ ଉପଯୋଗୀ ପାଇଁ ନୂତନ ମାନକ ସ୍ଥିର କରିଥାଏ।

ଆର୍‌ବିଆଇ ଉଦ୍‌ଗମ ପୋର୍ଟାଲର ଶୁଭାରମ୍ଭ

ଭୁବନେଶ୍ୱର,୧୭।୮

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅନ୍‌କ୍ଲେମଡ୍ ଡିପୋଜିଟ ଗେଟ୍‌ୱେ ଟୁ ଆକ୍‌ସେସ ଇନ୍‌ଫର୍ମେଶନ' ବା ଉଦ୍‌ଗମ ୱେବ୍ ପୋର୍ଟାଲକୁ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଆର୍‌ବିଆଇ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଉକ୍ତ ୱେବ୍ ପୋର୍ଟାଲକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ବିଶେଷକରି ଦେଶର ବିଭିନ୍ନ ବ୍ୟାଙ୍କରେ ହଜାର ହଜାର କୋଟି ଟଙ୍କାର ଜମାରାଶି ପଡି ରହିଛି, ଯାହାର କେହି ଦାବିଦାର ନାହାନ୍ତି। ଏପରିକି ସାଧାରଣ ଲୋକ କିପରି ଏହା ବିଷୟରେ ଠିକ୍ ଭାବେ ଜାଣିପାରିବେ ସେ ନେଇ ଆର୍‌ବିଆଇ ପକ୍ଷରୁ ଏଭଳି ଏକ ପଦକ୍ଷେପ ନିଆଯାଇଛି। ସେହିଭଳି ବ୍ୟାଙ୍କରେ ପଡି ରହିଥିବା ଅନ୍‌କ୍ଲେମ୍ ଡିପୋଜିଟ୍ (ଦାବିଦାର ନ ଥିବା ଜମାରାଶି) ବିଷୟରେ ଜାଣିବା ପାଇଁ ଆର୍‌ବିଆଇ ଉଦ୍‌ଗମ (ଅନ୍‌କ୍ଲେମଡ୍ ଡିପୋଜିଟ ଗେଟ୍‌ୱେ ଟୁ ଆକ୍‌ସେସ ଇନ୍‌ଫର୍ମେଶନ ବା ଉଦ୍‌ଗମ ନାମରେ ଏକ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛି। ଫଳରେ ଗ୍ରାହକ ଅନ୍‌କ୍ଲେମଡ୍ ଡିପୋଜିଟ୍ ବିଷୟରେ ଠିକ୍ ସୂଚନା ପାଇପାରିବେ।

ଏ ନେଇ ଆର୍‌ବିଆଇ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି,ଏହି ୱେବ୍ ପୋର୍ଟାଲକୁ ଆର୍‌ବିଆଇ ବିକଶିତ କରିଛି। ଏହି ପୋର୍ଟାଲ ଜରିଆରେ ସାଧାରଣ ଲୋକ ବିଭିନ୍ନ ବ୍ୟାଙ୍କରେ ଥିବା ନିଜର କିମ୍ବା ନିଜ ସମ୍ପର୍କୀୟଙ୍କ ଅନ୍‌କ୍ଲେମଡ୍ ଡିପୋଜିଟ୍ ବିଷୟରେ ଜାଣିବା ସହଜ ହେବ। ଉକ୍ତ ପୋର୍ଟାଲ ଜରିଆରେ ଆଶାୟୀ ହିତାଧିକାରୀ ଗ୍ରାହକଙ୍କର ଏକାଧିକ ବ୍ୟାଙ୍କରେ ଥିବା ଅନ୍‌କ୍ଲେମଡ୍ ରାଶି ମଧ୍ୟ ଜାଣିପାରିବେ। ଅପରପକ୍ଷରେ ଆର୍‌ବିଆଇ ବର୍ତ୍ତମାନ ୭ ବ୍ୟାଙ୍କର ଥିବା ଅନ୍‌କ୍ଲେମଡ୍ ଜମାରାଶି ବିଷୟରେ ତଥ୍ୟ ପୋର୍ଟାଲରେ ଉପଲବ୍ଧ କରାଇଛି। ଏପରିକି ଅନ୍ୟ ବ୍ୟାଙ୍କରେ ଥିବା ଉକ୍ତ ରାଶିର ତଥ୍ୟ ପର୍ଯ୍ୟାୟକ୍ରମେ ୨୦୨୩ ଅକ୍ଟୋବର ୧୫ ସୁଦ୍ଧା ଅପ୍‌ଲୋଡ୍ କରାଯିବ। ଏହା ପୂର୍ବରୁ ୨୦୨୩ ଏପ୍ରିଲ ୬ରେ ଆର୍‌ବିଆଇ ଏହି ଅନ୍‌କ୍ଲେମଡ୍ ଡିପୋଜିଟ୍ ବିଷୟରେ ଜାଣିବା ପାଇଁ ସେଣ୍ଟ୍ରାଲାଇଜଡ ୱେବ୍ ପୋର୍ଟାଲ ବିକଶିତ କରିବା ପାଇଁ ଘୋଷଣା କରିଥିଲା। ଏପରିକି ଅନ୍‌କ୍ଲେମଡ୍ ଡିପୋଜିଟରେ ବଢୁଥିବା ଚର୍ଚ୍ଚାକୁ ଦୃଷ୍ଟିରେ ରଖି ଏହାକୁ କ୍ଲେମ୍ କରିବା ପାଇଁ ଆର୍‌ବିଆଇ ସଚେତନତା ଅଭିଯାନ ମଧ୍ୟ ଚଳାଇଛି। ସେହିପରି ଆର୍‌ବିଆଇ ସାଧାରଣ ଲୋକଙ୍କୁ ବ୍ୟାଙ୍କ ଯାଇ ଅନ୍‌କ୍ଲେମଡ୍ ଡିପୋଜିଟକୁ କ୍ଲେମ୍ କରିବା ପାଇଁ ଯୋଗାଯୋଗ କରିବାକୁ ମଧ୍ୟ ପରାମର୍ଶ ଦେଇଛି। ଉଲ୍ଲେଖଯୋଗ୍ୟ, ଯେଉଁ ସଞ୍ଚୟ ଖାତା କିମ୍ବା ଚାଲୁ ଖାତାରେ ଥିବା ଜମାରାଶି ୧୦ ବର୍ଷରୁ ଅଧିକ ସମୟ ପାଇଁ ପରିଚାଳିତ ହୁଏ ନାହିଁ କିମ୍ବା କୌଣସି ଟର୍ମ ଡିପୋଜିଟ୍ ମ୍ୟାଚୁରିଟି ତାରିଖର ୧୦ ବର୍ଷ ପରେ ବି କ୍ଲେମ୍ ହୋଇ ନ ଥାଏ ଏହାକୁ ଅନ୍‌କ୍ଲେମଡ୍ ଡିପୋଜିଟ୍ କୁହାଯାଏ।

୭୭ତମ ସ୍ୱାଧୀନତା ଦିବସ ପାଳନ

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦରଶେଖର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟର ସମସ୍ତ ଏସ୍‌ବିଆଇ କାର୍ଯ୍ୟାଳୟ ଏବଂ ଶାଖାଗୁଡ଼ିକରେ ୭୭ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

ଭାରତ ମସଲା ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ରାମଦାସପୁର ୟୁନିଟ୍‌ଠାରେ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପାନୀର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ପ୍ରଡକ୍ସନ ମ୍ୟାନେଜର ନବକୃଷ୍ଣ ପ୍ରଧାନ, ଆକାଉଣ୍ଟ ହେଡ୍ ଜଗବନ୍ଧୁ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଟିପିସିଓଡିଏଲ୍ ପକ୍ଷରୁ ୧୦୬ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି

ଭୁବନେଶ୍ୱର,୧୭।୮

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୨୦୨୨-୨୩ ଶିକ୍ଷାବର୍ଷର ଦଶମ, ଦ୍ୱାଦଶ ଏବଂ ସ୍ନାତକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୧୦୬ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା। ବିଶେଷକରି ୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଟିପିସିଓଡିଏଲ୍ ପକ୍ଷରୁ ଏକ ସମ୍ମାନ ସମାରୋହ ଓ ସ୍ମାରକୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହା ଏକତାର ଭାବ, ସାହସ ଓ ଶିକ୍ଷା ସଫଳତାକୁ ପ୍ରତିଫଳିତ କରିଥିଲା। ଏପରିକି ଟିପିସିଓଡିଏଲ୍‌ର କର୍ପୋରେଟ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମ ପ୍ରଗତି ଓ ଆତ୍ମନିର୍ଭରଶୀଳତା ଆଡ଼କୁ ରାଷ୍ଟ୍ରର ଯାତ୍ରାକୁ ଆଗେଇ ନେଇଥିଲା। ଏହି କାର୍ଯ୍ୟକ୍ରମରେ ଆମ ଦେଶର ସାର୍ବଭୌମତ୍ୱର ସୁରକ୍ଷା ଲାଗି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଥିବା ଯୁଦ୍ଧ ନାୟକମାନଙ୍କୁ ସହୃଦୟତାର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଆମ ସ୍ୱାଧୀନତାକୁ ସୁରକ୍ଷିତ ରଖିବାରେ ଅତୁଳନୀୟ ସାହସ ଓ ସମର୍ପଣ ପ୍ରଦର୍ଶନ କରିଥିବା

ସାହସ ବ୍ୟକ୍ତିମାନଙ୍କୁ ଏହି ଅବସରରେ ଟିପିସିଓଡିଏଲ୍ ସମ୍ମାନିତ କରିଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ୩ ଯୁଦ୍ଧ ନାୟକ ୱିଙ୍ଗ୍ କମାଣ୍ଡର ଜିପିବି ଚୌଧୁରୀ, ଲ୍ୟୁଟ୍‌ନାଣ୍ଟ କଲୋନେଲ ବି.ବି.ଶତପଥୀ ଏବଂ ସେନା ମେଡାଲ୍ ଓ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ ମେଜର ଜେନେରାଲ ଭବାନୀ ଏସ୍.ଦାସ ଉପସ୍ଥିତ ରହି ଯୁଦ୍ଧ ସମୟରେ ସେମାନଙ୍କ ସାହସିକ ସେବା ଓ ବଳିଦାନର ଅଭିଜ୍ଞତା ବାଣ୍ଟିଥିଲେ।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଭାରତର ସ୍ୱାଧୀନତା ପାଇଁ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମେ ଏହି ୭୭ ତମ ସ୍ୱାଧୀନତା ଦିବସରେ ମନେପକାଉଛୁ। ଆମ ମହାନ୍ ଦେଶର ମୂଳଦୁଆ ପକାଇଥିବା ଏହି ଯୁଦ୍ଧ ନାୟକମାନଙ୍କୁ ଆଜିର ଐତିହାସିକ ଦିନରେ ଆମେ ସଲାମ କରୁଛୁ। ବିଶେଷକରି ୨୦୨୨-୨୩ ଶିକ୍ଷା ବର୍ଷର ଦଶମ,ଦ୍ୱାଦଶ ଓ ସ୍ନାତକ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଆମେ ଶିକ୍ଷାରେ ଉତ୍କର୍ଷ ପାଇଁ ସଲାମ କରୁଛୁ। ଏହି ମହାନ୍ ଅବସରରେ ସେ ଯୁଦ୍ଧ ନାୟକ, ଅଭିଭାବକ ଓ ପିଲାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଦେଶାତ୍ମବୋଧକ ବନ୍ଦନା ଓ ପ୍ରେରଣାଦାୟୀ ବକ୍ତୃତା ଆଦି ଆୟୋଜନ କରାଯାଇଥିଲା, ଯାହା ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଏକତାର ଭାବ ଜାଗ୍ରତ କରିଥିଲା।

ଆର୍‌ବିଆଇଏଚ୍ ସହ ଆକ୍ସିସ୍ ବ୍ୟାଙ୍କର ସହଭାଗିତା

ଭୁବନେଶ୍ୱର,୧୭।୮

ରିଜର୍ଭ ବ୍ୟାଙ୍କ ଇନୋଭେସନ ହବ୍ (ଆର୍‌ବିଆଇଏଚ୍) ଏବଂ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏକଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ପବ୍ଲିକ୍ ଟେକ୍ ପ୍ଲାଟ୍‌ଫର୍ମ ଫର୍ ଫ୍ରିକ୍ୱେନ୍‌ସିଲେସ୍ କ୍ରେଡିଟ୍ (ପିଟିପିଏଫ୍‌ସି) ଜରିଆରେ ଦୁଇଟି ଋଣ ଉତ୍ପାଦକୁ ନିକଟରେ ଉନ୍ମୋଚନ କରାଯାଇଛି। ପିଟିପିଏଫ୍‌ସି ହେଉଛି ଭରତୀୟ ରିଜର୍ଭ ବ୍ୟାଙ୍କ ଇନୋଭେସନ ହବ୍ (ଆର୍‌ବିଆଇଏଚ୍) ବିକାଶ କରିଥିବା ଏକ ପ୍ଲାଟ୍‌ଫର୍ମ। ନିକଟରେ ଆର୍‌ବିଆଇ ପକ୍ଷରୁ ଉକ୍ତ ସୁବିଧାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ଉକ୍ତ ପ୍ଲାଟ୍‌ଫର୍ମ ଜରିଆରେ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ କିଷାନ କ୍ରେଡିଟ୍ କାର୍ଡ (କେସିସି) ଓ କ୍ଷୁଦ୍ର ବ୍ୟବସାୟ ଗ୍ରାହକମାନଙ୍କୁ ଅସୁରକ୍ଷିତ ଏମ୍‌ଏସ୍‌ଏମ୍‌ଇ ଋଣ ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ଉଭୟ ଉତ୍ପା

ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ: ନଜରରେ ଯୁବ ଖେଳାଳି

ଡବ୍‌ଲିନ୍, ୧୭।୮ (ପି.ଟି.)

ଭାରତୀୟ ଯୁବ ଦଳ ଏହାର ଆୟର୍ଲାଣ୍ଡ ଗସ୍ତ ଶୁକ୍ରବାର ଆରମ୍ଭ କରିବ। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଯଶପ୍ରୀତ୍ ବୁମ୍‌ରା ଅଧିନାୟକ ରହିଥିବା ବେଳେ ଏକାଧିକ ଯୁବ ଖେଳାଳିଙ୍କ ଉପରେ ନଜର ରହିବ। ବ୍ୟାକ୍ ଷ୍ଟ୍ରେସ୍ ଫ୍ରାକ୍ଚର ସର୍ଜରୀ ପରେ ଦୀର୍ଘ ୧୧ ମାସ ଧରି କ୍ରିକେଟରୁ ଦୂରେଇ ରହିବା ପରେ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଗକୁ ଦିନିକିଆ ବିଶ୍ୱକପ୍ ରହିଥିବା ବେଳେ ବୁମ୍‌ରାଙ୍କ ପାଇଁ ଏହି ସିରିଜ୍‌ଟି ବେଶ ଗୁରୁତ୍ୱପୂର୍ଣ୍ଣ ରହିବ। ବୁମ୍‌ରାଙ୍କ ପେସ୍ ଓ ଫିଟ୍‌ନେସ୍ ଉପରେ ଭାରତୀୟ ମ୍ୟାନେଜମେଣ୍ଟର ନଜର ରହିବ। ଏହା ବ୍ୟତୀତ ଭାରତୀୟ କ୍ରିକେଟର ଭବିଷ୍ୟତ କୁହା ଯାଉଥିବା ରିଙ୍କୁ ସିଂ, ରୁତୁରାଜ ଗାଏକ୍ୱାଡ ଓ ଜିତେଶ ଶର୍ମା ମଧ୍ୟ ଏହି ଦଳରେ ରହିଛନ୍ତି। ଷ୍ଟ୍ରେସ୍ ଫ୍ରାକ୍ଚର କାରଣରୁ ବୁମ୍‌ରା ଏସିଆ କପ୍ ଓ ଟି୨୦ ବିଶ୍ୱକପ ଦଳରୁ ବାଦ ପଡିଥିଲେ। ୫ ଦିନର ଏହି ଟୁରରେ ୩ ମ୍ୟାଚ୍‌ରେ ବୁମ୍‌ରାଙ୍କୁ ୧୨ ଓଭର ବୋଲିଂ କରିବାର ସୁଯୋଗ ମିଳିବ। ଦିନିକିଆରେ ବୋଲିଂ କରିବା ପାଇଁ ସେ ମ୍ୟାଚ୍ ଫିଟ୍ ଅଛନ୍ତି କି ନାହିଁ ଏ ସମ୍ପର୍କରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର, ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡଙ୍କୁ ଏକ ଆଇଡିଆ ମଧ୍ୟ ମିଳିଯିବ। ଟି୨୦ ଅପେକ୍ଷା ଦିନିକିଆରେ ଅଧିକ ଫିଟନେସ୍ ଆବଶ୍ୟକ ରହିଥିବା ବେଳେ ମ୍ୟାନେଜମେଣ୍ଟ ଏହା ଉପରେ ନଜର ରଖିବ। ନିକଟରେ ବିସିସିଆଇ ପକ୍ଷରୁ ବୁମ୍‌ରାଙ୍କ ଏକ ବୋଲିଂ ଭିଡିଓ ଜାରି କରାଯାଇଥିଲା। ଯେଉଁଥିରେ ସେ ୟର୍କର ଓ ଶର୍ଟ ବଲ୍ ପକାଉଥିବା ନଜର ଆସିଥିଲେ।

ସଞ୍ଜୁଙ୍କ ପାଇଁ ଶେଷ ସୁଯୋଗ: ଭାରତୀୟ କ୍ରିକେଟର ଅନ୍ୟତମ ପ୍ରତିଭାବାନ ଖେଳାଳି ସଞ୍ଜୁ ସାମସନ୍ ଅନ୍ତର୍ଜାତୀୟ କ୍ରିକେଟରେ ନିଜ ଦକ୍ଷତା ମୁତାବକ ପ୍ରଦର୍ଶନ କରିପାରି ନାହାନ୍ତି। ଆଗାମୀ ଦିନିକିଆ ବିଶ୍ୱକପରେ ସ୍ଥାନ ସୁରକ୍ଷିତ କରିବା ପାଇଁ ଏହି ସିରିଜରେ ସଞ୍ଜୁଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ କରିବାକୁ ପଡିବ। ସଞ୍ଜୁଙ୍କ ବ୍ୟତିତ ଅନ୍ୟତମ ଉଇକେଟ କିପର ଭାବରେ ଜିତେଶ ଶର୍ମା ଦଳରେ ରହିଛନ୍ତି। ଜିତେଶଙ୍କୁ ମଧ୍ୟ ଭାରତୀୟ ଦଳରେ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି।

ଆଇପିଏଲରେ ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ରିଙ୍କୁ ସିଂ ଓ ଜିତେଶ ପ୍ରଥମ ଟି୨୦ରେ ଭାରତ ପାଇଁ ପଦାର୍ପଣ କରି ପାରନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ତିଳକ୍ ବର୍ମାଙ୍କୁ ୩ ଅଥବା ୪ ନମ୍ବରରେ ଖେଳିବାକୁ ମିଳିପାରେ। ଅନ୍ୟ ପକ୍ଷରେ ବୁମ୍‌ରାଙ୍କ ପରି ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ପ୍ରଦର୍ଶନ ପରେ ଉଭୟ ଖେଳାଳି ଏସିଆ କପ୍ ଦଳରେ ରହିବେ କି ନାହିଁ ତାହା ମଧ୍ୟ ନିର୍ଦ୍ଧାରଣ ହେବ। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିବମ୍ ଦୁବେ ମଧ୍ୟ ଏକ ସୁଯୋଗ ଲକ୍ଷ୍ୟରେ ରହିବେ। ରୁତୁରାଜ ଗାଏକ୍ୱାଡ ଓ ଯଶସ୍ୱୀ ଜୟସ୍ୱାଲ ଓପନର ଭାବରେ ଖେଳିବାକୁ ଥିବା ବେଳେ ସ୍ପିନର ଭୂମିକାରେ ରବି ବିଷ୍ଣୋଇ ଓ ୱାଶିଂଟନ୍ ସୁନ୍ଦର ନଜର ଆସି ପାରନ୍ତି। ଅନ୍ୟ ପକ୍ଷରେ ଆୟର୍ଲାଣ୍ଡ ଆଣ୍ଡ୍ରୁ ବାଲବିରିନ୍‌ଙ୍କ ନେତୃତ୍ୱରେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ। ଏହି ଦଳରେ ହ୍ୟାରୀ ଟେକ୍ଟର, ଲୋର୍କାନ୍ ଟକର, ଜର୍ଜ ଡକରେଲଙ୍କ ପରି ଖେଳାଳି ରହିଛନ୍ତି। ଏହା ବ୍ୟତିତ ଦଳରେ ବାମହାତୀ ଦ୍ରୁତ ବୋଲର ଜୋସୁଆ ଲିଟିଲ ରହିଛନ୍ତି। ଆଇପିଏଲରେ ଏକାଧିକ ଭାରତୀୟ ଖେଳାଳିଙ୍କ ସହିତ ସେ ଖେଳିଥିବାରୁ ଏହା ଆୟର୍ଲାଣ୍ଡ ପାଇଁ ଲାଭଦାୟକ ରହିବ।

ଅଭ୍ୟାସ ସେସନରେ ମନ୍ତ୍ରଣାରତ ଭାରତୀୟ ଦଳର ଖେଳାଳିମାନେ।

ଆଜିଠୁ ଆୟର୍ଲାଣ୍ଡ ସିରିଜ୍
ମ୍ୟାଚ୍ ସ୍ଥାନ: ଦ ଭିଲେଜ୍, ଡବଲିନ୍
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଜିଓ ସିନେମା

ସୁମାରିୱାଲା ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ନିର୍ବାଚିତ

ବୁଦାପେଷ୍ଟ, ୧୭।୮ (ପି.ଟି.)

ଆଦିଲ ସୁମାରିୱାଲା

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ମୁଖ୍ୟ ଆଦିଲ ସୁମାରିୱାଲା ବୁଧବାର ଶକ୍ତିଶାଳୀ ୱାର୍ଲ୍ଡ ଆଥ୍‌ଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଜଣେ ସଦସ୍ୟ ହୋଇପାରିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ନିର୍ବାଚିତ ୪ ଉପସଭାପତିଙ୍କ ମଧ୍ୟରେ ସେ ଅନ୍ୟତମ ରହିଛନ୍ତି। ବିଶ୍ୱ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଗଭର୍ନିଂବଡିରେ ଜଣେ ଭାରତୀୟ ଭାବେ ସେ ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି। ୬୫ ବର୍ଷୀୟ ସୁମାରିୱାଲା ୨୦୧୨ରୁ ଏଏଫ୍‌ଆଇ ସଭାପତି ରହିଆସିଛନ୍ତି। ଏଠାରେ ବିଶ୍ୱ ଚାମ୍ପିୟନଶିପ୍‌ର ଦୁଇ ଦିନ ପୂର୍ବରୁ ୱାର୍ଲ୍ଡଆଥ୍‌ଲେଟିକ୍ସ ନିର୍ବାଚନ ବେଳେ ସେ ତୃତୀୟ ସର୍ବାଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ। ବିଶ୍ୱ ଆଥ୍‌ଲେଟିକ୍ସ କାର୍ଯ୍ୟନିର୍ବାହୀ ବୋର୍ଡର ଉପସଭାପତି ପଦବୀ ପାଇଁ ୮ଜଣ ପ୍ରାର୍ଥୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପାଇଥିବା ୪ଜଣଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଜଣେ ସଭାପତି, ୪ ଉପସଭାପତି, ୩ ନିଯୁକ୍ତ ସଦସ୍ୟ ଏବଂ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ (ବିନା ଭୋଟିଂ)ଙ୍କୁ ନେଇ କାର୍ଯ୍ୟନିର୍ବାହୀ ପରିଷଦ ଗଠିତ।

ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ): ମଞ୍ଚେଶ୍ୱରସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷ ମୀରାରାଣୀ ଦାସ ଇନ୍‌ଡୋର ହଲ୍‌ରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପୃଷ୍ଠପୋଷାକ ଅତୀଶ କୁମାର ରାଉତ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ ଓ ଜିମ୍ନାଷ୍ଟିକ୍ସ ଖେଳାଳି, ଅଭିଭାବକ ଏବଂ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରଭାତ କୁମାର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଫୁଲତୋଡ଼ା, ଉତ୍ତରୀୟ, ମାନପତ୍ର ଆଦି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଜୁନିୟର କୁସ୍ତି: ପ୍ରିୟା ବିଶ୍ୱ ଚାମ୍ପିୟନ

ଅମାନ (ଜୋର୍ଡାନ), ୧୭।୮ (ପି.ଟି.)

ପ୍ରିୟା ଦ୍ୱିତୀୟ ଭାରତୀୟ କୁସ୍ତି ଯୋଦ୍ଧା ଭାବେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଉଦୀୟମାନ କୁସ୍ତିଯୋଦ୍ଧା ଅନ୍ତିମ ପଙ୍ଘାଲ ଫାଇନାଲରେ ପହଞ୍ଚି ଟାଇଟଲଠାରୁ ଆଉ ମାତ୍ର ଗୋଟିଏ ପାଦ ପଛରେ ଅଛନ୍ତି। ସ୍ୱର୍ଣ୍ଣ ପଦକ ମୁକାବିଲାରେ ପ୍ରିୟା ୫-୦ରେ ଜର୍ମାନୀର ଲାଉରା ସେଲିଭ କୁଏନ୍‌ଙ୍କୁ ହରାଇ ଦେଇଛନ୍ତି। ଲଢେଇ ବେଳେ ପ୍ରିୟାଙ୍କ ଆଖିର ଉପରିଭାଗରେ କ୍ଷତ ସୃଷ୍ଟି ହୋଇଥିଲା। ରକ୍ତ ସ୍ରାବ ହେବାରୁ ଲଢେଇକୁ ଦୁଇଥର ରୋକିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ଭାରତୀୟ କୁସ୍ତି ଯୋଦ୍ଧା ମୁକାବିଲାକୁ ସହଜରେ ଜିତିନେଇଥିଲେ। ଜର୍ମନୀ ପ୍ରତିଦ୍ୱନ୍ଦ୍ୱୀ ଏପରିକି ଗୋଟିଏ ହେଲେ ପଏଣ୍ଟ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ଗତବର୍ଷ ପ୍ରଥମ ମହିଳା ଭାବେ ଜୁନିୟର ବିଶ୍ୱ ଚାମ୍ପିୟନ ହୋଇଥିବା ଅନ୍ତିମ ପଙ୍ଘାଲ ଗୁରୁବାର ୫୩ କେଜି ଓଜନ ବର୍ଗରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ୪ଜଣ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଫାଇନାଲକୁ ଉନ୍ନୀତ ହୋଇ ପାରିଛନ୍ତି। ଅନ୍ୟ ଦୁଇଜଣ ହେଲେ ସବିତ (୬୨କେଜି) ଓ ଅନ୍ତିମ କୁଣ୍ଡୁ ୬୫କେଜି)।

ମହିଳା ଚେସ୍‌ରେ ଅଂଶଗ୍ରହଣ କରିପାରିବେନି ଟ୍ରାନ୍ସଜେଣ୍ଡର

ଜେନେଭା, ୧୭।୮ (ପି.ଟି.)

ବିଶ୍ୱ ଚେସ୍ ମହାସଂଘ(ଫିଡେ) ପକ୍ଷରୁ ମହିଳା ଟ୍ରାନ୍ସଜେଣ୍ଡର ପ୍ରତିଯୋଗୀଙ୍କ ଅଂଶଗ୍ରହଣ ଉପରେ ରୋକ୍ ଲଗାଯାଇଛି। ପୂର୍ବରୁ ମହିଳା ଖେଳାଳିଙ୍କ ସହିତ ଟ୍ରାନ୍ସଜେଣ୍ଡରମାନେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ତେବେ ଏହି ନିଷ୍ପତ୍ତି ଉପରେ କଟକଣା ଲାଗୁ କରାଯାଇଛି। ପରବର୍ତ୍ତୀ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ମହିଳା ବର୍ଗରେ ଟ୍ରାନ୍ସଜେଣ୍ଡରଙ୍କୁ ଅଂଶଗ୍ରହଣ କରିବାର ଅନୁମତି ମିଳିବ ନାହିଁ। ସୁଇଜରଲାଣ୍ଡର ଲାଉସାନେସ୍ଥିତ ଫିଡେ ମୁଖ୍ୟାଳୟରେ ସୋମବାର ଏହି ନିଷ୍ପତ୍ତି ନିଆଯିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଇଛି। ଫିଡେ ପକ୍ଷରୁ ଲିଙ୍ଗଗତ ସମାନତା ଉପରେ ଏକ ସର୍ବେକ୍ଷଣ ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହି ସର୍ବେକ୍ଷଣ ପାଇଁ ୨ ବର୍ଷର ସମୟ ଲାଗିବା ନେଇ ଆକଳନ କରାଯାଉଛି।

ଫିଡେ ପକ୍ଷରୁ ଲିଙ୍ଗଗତ ସମାନତା କ୍ରୀଡାରେ ଏକ ବଡ କାରକ ଭାବରେ ଗ୍ରହଣ କରାଯାଇଛି। ଲିଙ୍ଗଗତ ଭିନ୍ନତା ପ୍ରଦର୍ଶନରେ ମଧ୍ୟ ଭିନ୍ନତା ଆଣିଥାଏ। ତେଣୁ ଏ ସମ୍ପର୍କିତ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ବୋଲି କୁହାଯାଇଛି। ଯଦି କୌଣସି ଖେଳାଳି ପୁରୁଷରୁ ଲିଙ୍ଗ ପରିବର୍ତ୍ତନ କରି ମହିଳା ହେଉଛନ୍ତି କିମ୍ବା କୌଣସି ମହିଳା ଖେଳାଳି ଲିଙ୍ଗ ପରିବର୍ତ୍ତନ କରି ପୁରୁଷ ହେଉଛନ୍ତି ତେବେ ସେମାନଙ୍କୁ ଖେଳିବାର ଅନୁମତି ମିଳିବ ନାହିଁ। ବର୍ତ୍ତମାନ ଟ୍ରାନ୍ସଜେଣ୍ଡରମାନଙ୍କ ସମସ୍ୟା ନୂତନ ଭାବରେ ସାମ୍ନାକୁ ଆସୁଛି। ଏଣୁ ଏହା ଉପରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନେବା ଅସମ୍ଭବ ବୋଲି ଫିଡେ ପକ୍ଷରୁ କୁହାଯାଇଛି। ଏହା ଉପରେ ନିର୍ଦ୍ଦିଷ୍ଟ ନୀତି ନିୟମ ନ ଆସିବା ଯାଏ କୌଣସି ମତାମତ ଦେବା ଅନାବଶ୍ୟକ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଅନେକ କ୍ରୀଡାରେ ଟ୍ରାନ୍ସଜେଣ୍ଡରମାନଙ୍କ ଅଂଶଗ୍ରହଣ ଉପରେ ରୋକ ଲଗାଯାଇଛି। ଗତ ସପ୍ତାହରେ ସାଇକେଲ ଚାଳନାରେ ମଧ୍ୟ ମହିଳା ଇଭେଣ୍ଟରେ ଟ୍ରାନ୍ସଜେଣ୍ଡରଙ୍କ ଅଂଶଗ୍ରହଣ ଉପରେ ରୋକ୍ ଲାଗିଥିଲା।

ୱାକୋ ଇଣ୍ଡିଆ କିକ୍‌ବକ୍ସିଂରେ ଓଡ଼ିଶା ଭାଗନେବ

ଓଡ଼ିଶା କିକ୍ ବକ୍ସିଂ ଦଳ।

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ୱାକୋ ଇଣ୍ଡିଆ କିକ୍‌ବକ୍ସିଂ ଚାମ୍ପିୟନଶିପ୍ କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ର ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକ ୨୨ ଜଣିଆ ଦଳ ଭାଗନେବ। ଏଥିରେ ସାମିଲଥିବା ୧୭ ପ୍ରତିଯୋଗୀ, ୪ ଅଫିସିଆଲ ଓ ଜଣେ ପ୍ରଶିକ୍ଷକ ଗୁରୁବାର କୋଲକାତା ଯାତ୍ରା କରିଛନ୍ତି। ଅନ୍ତର୍ଜାତୟ ବିଚାରକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି। ଗଙ୍ଗାଧର ସାହୁ, ନାରାୟଣ ତମାଙ୍ଗ, ନିଖତ ବାନୁ ଓ ପ୍ରକାଶ ବେହେରା ଜାତୀୟ ବିଚାରକ ଦାୟିତ୍ୱ ତୁଲାଇବେ। ମହମ୍ମଦ ସଲିମ ଖାଁ ଦଳର ପ୍ରଶିକ୍ଷକଭାବେ କୋଲକାତା ଯାତ୍ରା କରିଛନ୍ତି। ଓଡ଼ିଶା ଦଳରେ ସାମିଲଥିବା ପ୍ରତିଯୋଗୀମାନେ ହେଲେ ମାଲୋଥ ରାଜଶେଖର, ଅନିକେତ ଚୌରାସିଆ, ସମୀକ୍ଷା କିସାନ, ଚୋଡ଼ଗଙ୍ଗ ଦେବ ରୋହିଦାସ, ତୁଷାର ବେହେରା, ଅର୍ପିତା ଜାଲି, ବାବି ଚାଟାର୍ଜୀ, ଚନ୍ଦନ ନାୟକ, ବିକାଶ ନାୟକ, ପିନୁ ସାହୁ, ଆର୍ଯ୍ୟନ ଶର୍ମା, ୟାଶ୍ ଖାଁ, ଦକ୍ଷ ଖାଁ, ଶ୍ରେୟାଶ୍ରୀ ଦେ, ସୁପ୍ରିୟା ଦାସ ଓ ଅସିତ ସିଂ। ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସଭାପତି ପ୍ରବୋଧ ତିର୍କୀ, ଉପସଭାପତି ଦୀନବନ୍ଧୁ ବେହେରା, ଅନିଲ ରାଉଲ ପ୍ରମୁଖ ରାଜ୍ୟ ଦଳର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଏୟାର ପିସ୍ତଲ ଟିମ୍‌କୁ ବ୍ରୋଞ୍ଜ ପଦକ

ବାକୁ (ଆଜରବୈଜାନ), ୧୭।୮ (ପି.ଟି.)

ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍

ଶିବ ନରୱାଲ, ସରବଜୋତ ସିଂ ଓ ଅର୍ଜୁନ ସିଂ ଚିମାଙ୍କୁ ନେଇ ଭାରତୀୟ ପୁରୁଷ ଦଳ ୧୦ମିଟର ଏୟାର ପିସ୍ତଲ ଟିମ୍ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଦେଶ ପାଇଁ ଏକ ପଦକ ବ୍ରୋଞ୍ଜ ହାସଲ କରିଛି। ଏଗ୍ରିଗେଟ୍ ୧,୭୩୪ ସ୍କୋର ସହ ରୌପ୍ୟ ବିଜେତା ଜର୍ମାନୀଠାରୁ ୯ ପଏଣ୍ଟ ପଛରେ ରହିଥିଲା। ଚାଇନା ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଭାରତର ଏଗ୍ରିଗେଟ୍ ସ୍କୋର ମଧ୍ୟରେ ନରୱାଲ ୫୭୯, ସରବଜୋତ ୫୭୮ ଓ ଚିମା ୫୭୭ ସ୍କୋର କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ବିବେଚନା କରାଯାଉଛି। ଝାଙ୍ଗ୍ ବୋଓେନ, ଲିୟୁ ଜୁନ୍‌ହୁଇ ଓ ଜି ୟୁଙ୍କୁ ନେଇ ଚାଇନିଜ ଟିମ୍ ଏଗ୍ରିଗେଟ୍ ୧୭୪୯ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଅନ୍ୟପକ୍ଷରେ ବ୍ୟକ୍ତିଗତ ପଦକ ବିଭାଗରେ ୩ ଭାରତୀୟ ଶୁଟରମାନଙ୍କ ମଧ୍ୟରୁ ଜଣେ କେହି ୮ଜଣ ଖେଳାଳିଙ୍କୁ ନେଇ ଫାଇନାଲକୁ ଉନ୍ନୀତ ହୋଇପାରିନାହାନ୍ତି। ଗତ ଦୁଇଥର ଚାମ୍ପିୟନ ହୋଇଛି।

ପ୍ରୋ-କବାଡ଼ି ଲିଗ୍

ମୁମ୍ବାଇ, ୧୭। (ପି.ଟି.): ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ୧୦ମ ସଂସ୍କରଣ ଡିସେମ୍ବର ୨ରୁ ଆରମ୍ଭ ହେବ। ଏହା ୧୨ ସହରରେ କାରାଭାନ ଫର୍ମାଟରେ ଖେଳାଯିବ। ଖେଳାଳି ନିଲାମ ମୁମ୍ବାଇରେ ସେପ୍ଟେମ୍ବର ୮-୯ରେ ହେବ। ପିକେଏଲ୍ କମିଶନର ଅନୁପମ ଗୋସ୍ୱାମୀ କହିଛନ୍ତି, ଗତ ୯ ସିଜନ ଧରି ଏହି ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। କବାଡ଼ି ଖେଳ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ପାଇଛି। ଦଶମ ସଂସ୍କରଣ ସ୍ମରଣୀୟ ହେବ ବୋଲି ଆଶା କରାଯାଉଛି। ପାଟନା ପାଇରେଟ୍ସ ସବୁଠାରୁ ସଫଳ ଦଳ ଭାବେ ୩ଥର ଟାଇଟଲ ଜିତିଥିବା ବେଳେ ଜୟପୁର ପିଙ୍କପାନ୍ଥର୍ସ ଗତ ଦୁଇଥର ଚାମ୍ପିୟନ ହୋଇଛି।

ଏରିଗାଇସିଙ୍କୁ ହରାଇ ସେମିରେ ପ୍ରଜ୍ଞାନନ୍ଦ

ବାକୁ (ଆଜରବୈଜାନ), ୧୭।୮ (ପି.ଟି.): ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ସତନ ଡେଥ୍ ଟାଇବ୍ରେକର ଜରିଆରେ ନିଜ ଦେଶର ଅର୍ଜୁନ ଏରିଗାଇସିଙ୍କୁ ୫-୪ରେ ପରାସ୍ତ କରି ଏଠାରେ ଚାଲିଥିବା ଫିଡେ ବିଶ୍ୱକପ୍ ଚେସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୭ ବର୍ଷୀୟ ପ୍ରଜ୍ଞାନନ୍ଦ ସେମିଫାଇନାଲରେ ଆମେରିକାର ଫାବିଆନୋ କାରୁଆନାଙ୍କୁ ଭେଟିବେ। ଗୁରୁବାର ଏହି ବିଜୟ ଦ୍ୱାରା ସେ ଆସନ୍ତା ବର୍ଷର କ୍ୟାଣ୍ଡିଡେଟ୍ସ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଜ୍ଞାନନ୍ଦ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ପରେ ଅନ୍ୟତମ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟ ଖେଳିବାକୁ ଯାଉଛନ୍ତି।

ସୁନ୍ଦରଗଡ଼ରେ ୧୯ ବର୍ଷରୁ କମ୍ ରାଜ୍ୟ ଚେସ୍

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଓ ସୁନ୍ଦରଗଡ଼ ଜିଲା ଚେସ୍ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ୧୯ ବର୍ଷରୁ କମ୍ (ଓପନ୍ ଓ ବାଳିକା) ଚେସ୍ ଶୁକ୍ରବାରଠାରୁ ସୁନ୍ଦରଗଡ଼ରେ ଆରମ୍ଭ ହେବାକୁ ଯାଉଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୦୪ ଜାନୁୟାରୀ ୧ କିମ୍ବା ତା'ପରେ ଜନ୍ମିତ ଖେଳାଳି ଏଥିରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ୪୫ ମିନିଟ୍ + ୩୦ ସେକେଣ୍ଡ ସମୟ ନିୟନ୍ତ୍ରଣରେ ଏହି ପ୍ରତିଯୋଗିତା ଖେଳାଯିବ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ଉଭୟ ଓପନ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଜଣଙ୍କୁ ଛାଡ଼ିଦେଲେ ୭, ୯, ୧୧, ୧୩, ୧୫ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦ

ଫିଫା ମହିଳା ବିଶ୍ୱକପ୍

ରାଇଜିଂ ଷ୍ଟାର୍

ଚଳିତ ମହିଳା ଫିଫା ବିଶ୍ୱକପରେ ଅନେକ ଯୁବ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେମାନଙ୍କୁ ଭବିଷ୍ୟତର ସୁପରଷ୍ଟାର ଭାବରେ ବିବେଚନା କରାଯାଉଛି। ଏପରି କେତେଜଣ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା...

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଜାରି ରହିଛି ମହିଳା ଫୁଟବଲ ବିଶ୍ୱକପ ୨୦୨୩। ଏହି ବିଶ୍ୱକପରୁ ଆମେରିକା ଓ ବ୍ରାଜିଲ ପରି ଶକ୍ତିଶାଳୀ ଦଳ ବିଦା ହୋଇଛନ୍ତି। ଇଂଲଣ୍ଡ ଓ ସ୍ପେନ୍ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ ମଧ୍ୟ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ଭାବରେ ବ୍ରାଜିଲର ମାର୍ଟା, କାନାଡାର କ୍ରିଷ୍ଟିନ୍ ସିନ୍‌କ୍ଲେୟାର ଓ ଆମେରିକାର ମେଗାନ୍ ରାପିନୋ ଖେଳିଛନ୍ତି ନିଜର ଅନ୍ତିମ ବିଶ୍ୱକପ। ତେବେ ଏହି ମହାନ୍ ଖେଳାଳିମାନଙ୍କ କ୍ୟାରିୟରର ସାୟାହ୍ନରେ ଅନେକ ଯୁବ ଖେଳାଳିଙ୍କ ଆବିର୍ଭାବ ଘଟିଛି। ମାତ୍ର ୧୬ ବର୍ଷ ୨୬ ଦିନରେ ଦକ୍ଷିଣ କୋରିଆର କେସି ଫେୟାର ସର୍ବକନିଷ୍ଠ ଖେଳାଳି ଭାବରେ ପଦାର୍ପଣ କରିଛନ୍ତି। ଏହି ଯୁବ ପ୍ରତିଭାମାନଙ୍କ ମଧ୍ୟରୁ ଅନେକଙ୍କୁ ଭବିଷ୍ୟତର ସୁପରଷ୍ଟାର ଭାବରେ ବିବେଚନା କରାଯାଉଛି। ଚଳିତ ସଂସ୍କରଣରେ ପ୍ରଭାବିତ କରିଥିବା ଇଂଲଣ୍ଡର ଲରେନ୍ ଜେମ୍ସ, କଲମ୍ବିଆର ଲିଣ୍ଡା କାଇସେଡୋ, ଅଷ୍ଟ୍ରେଲିଆର ମେରୀ ଫାଓଲର, ଆମେରିକାର ସୋଫିଆ ସ୍ମିଥ୍ ଓ ହାଇତିର ମେଲ୍‌ଚି ଡୁମୋରନେଙ୍କ ପରି ଖେଳାଳିଙ୍କୁ ନେଇ ଏକ ଆଲେଖ୍ୟ...

ଲରେନ୍ ଜେମ୍ସ

ଇଂଲଣ୍ଡ ଦଳ ପକ୍ଷରୁ ଖେଳୁଥିବା ଚେଲ୍‌ସୀ ଷ୍ଟାର ଲରେନ୍ ଜେମ୍ସଙ୍କ ବିଶ୍ୱକପ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିଛି। ୨୧ ବର୍ଷୀୟ ଲରେନ୍ ହାଇତି ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବେଞ୍ଚରେ ବସିଥିଲେ। ଡେନମାର୍କ ବିପକ୍ଷ ପରବର୍ତ୍ତୀ ମ୍ୟାଚରେ ଖେଳିବାକୁ ସୁଯୋଗ ପାଇଥିବା ବେଳେ ମ୍ୟାଚ୍‌ର ୬ଷ୍ଠ ମିନିଟରେ ଏକ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଚାଇନା ବିପକ୍ଷ ମ୍ୟାଚ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୩ଟି ଆସିଷ୍ଟରେ ସାମିଲ ଥିଲେ। ତାଙ୍କର ସାଇଡ୍ ଫୁଟେଡ୍ ଭଲି ଗୋଲ ଅଫ୍ ଟୁର୍ନାମେଣ୍ଟର ଦାବିଦାର ରହିଥିବା ବେଳେ ନାଇଜେରିଆ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମିନିଟରେ ନାଇଜେରିଆ ଡିଫେଣ୍ଡର ମିଚେଲ ଆଲୋଜିଙ୍କୁ ଫାଉଲ ମାରି ରେଡକାର୍ଡ ପାଇଥିଲେ। ଫଳରେ ଲରେନ କ୍ୱାର୍ଟର ଫାଇନାଲ ମ୍ୟାଚରୁ ବାଦ୍‌ପଡିଥିଲେ। ତେବେ ସେମିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେ ଇଂଲଣ୍ଡକୁ ଫାଇନାଲରେ ପହଞ୍ଚାଇଥିଲେ।

ଲିଣ୍ଡା କାଇସେଡୋ

ଜରାୟୁ କର୍କଟରେ ପୀଡ଼ିତ ଥିବା ତଥା ଏଥିରୁ ସୁସ୍ଥ ହୋଇ ଫେରିଥିବା ଲିଣ୍ଡା ଚଳିତ ବିଶ୍ୱକପରେ କଲମ୍ବିଆ ଦଳର ମେରୁଦଣ୍ଡ ରହିଥିଲେ। ୧୮ ବର୍ଷୀୟା ରିୟଲ ମାଡ୍ରିଡ୍ ଫରୱାର୍ଡଙ୍କ ପ୍ରଦର୍ଶନ ବଳରେ କଲମ୍ବିଆ ପ୍ରଥମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଇଂଲଣ୍ଡ ନିକଟରୁ ପରାଜିତ ହୋଇ ବିଦାୟ ନେଇଛି। ଜର୍ମାନୀକୁ ୨-୧ରେ ପରାସ୍ତ କରିବାରେ କାଇସେଡୋଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

ମେରୀ ଫାଓଲର

ଅଷ୍ଟ୍ରେଲିଆର ଅନୁଭବୀ ଷ୍ଟ୍ରାଇକର ସାମ୍ କେର୍ ଆହତ ହୋଇ ଖେଳି ପାରି ନ ଥିଲେ। ତେବେ ୨୦ ବର୍ଷୀୟ ଫାଓଲର ଏହି ସୁଯୋଗର ଫାଇଦା ଉଠାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ସେ ଗୋଟିଏ ଲେଖାଏ ଗୋଲ ଓ ଆସିଷ୍ଟ କରିଥିଲେ। ତେବେ କ୍ୱାର୍ଟର ଫାଇନାଲ ମ୍ୟାଚରେ କେର୍ ଫିଟ୍ ହେବା ପରେ ମଧ୍ୟ ଫାଓଲର ଦ୍ୱିତୀୟ ଷ୍ଟ୍ରାଇକର ଭାବରେ ମ୍ୟାଚ୍ ଖେଳିଥିଲେ।

ସୋଫିଆ ସ୍ମିଥ

ଆମେରିକାର ତାରକା ଖଚିତ ଲାଇନ୍‌ଅପ୍‌ରେ ୨୨ ବର୍ଷୀୟା ସୋଫିଆ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ଆମେରିକାର ଓପନିଂ ଗେମ୍‌ରେ ଦୁଇଟି ଗୋଲ୍ ସ୍କୋର କରିଥିଲେ ସୋଫିଆ। ତେବେ ସ୍ୱିଡେନ୍ ବିପକ୍ଷ ମ୍ୟାଚ୍‌ରେ ଏକ ସ୍ପଟ୍ କିକ୍ ମିସ୍ କରିଥିଲେ ସୋଫିଆ। ଏହି ମ୍ୟାଚରେ ଅତିରିକ୍ତ ସମୟରେ ଆଲେକ୍ସ ମୋର୍ଗାନଙ୍କୁ ସବ୍‌ଷ୍ଟିଚ୍ୟୁଟ କରି କୋର୍ ସୋଫିଆଙ୍କୁ ସାମିଲ କରିଥିଲେ।

ମେଲଚି ଡୁମୋର୍‌ନେ

ହାଇତି ଏହାର ପ୍ରଥମ ବିଶ୍ୱକପ ଖେଳୁଥିବା ବେଳେ ମେଲଚି ଡୁମୋର୍‌ନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ୧୯ ବର୍ଷୀୟ ମେଲ୍‌ଚି ଡୁମୋର୍‌ନେ ଗୋଟିଏ ବି ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ ମଧ୍ୟ ତାଙ୍କୁ ଇଂଲିଶ କ୍ଲବ୍ ଲିଓନ୍‌ରେ ସୁଯୋଗ ମିଳିଛି।

ପ୍ରସ୍ତୁତି: ସରୋଜ କେନା

ଓଡ଼ିଆ

ରୁଷିଆର ଉଚ୍ଚ ମାଉଣ୍ଟ ଏଲବ୍ରସରେ
ସୌଭାଗ୍ୟ କୁମାର ରଥ
ଫାଇଭ୍ ଥାଉଜାଣ୍ଡ ସିକ୍ସ ଫୋର୍‌ଟୁ ମିଟର ଶୃଙ୍ଗରେ ମିତ
ଉଡ଼ାଇ ତ୍ରିରଙ୍ଗା ନେତ
ନୟାଗଡ଼ ଆଇରନମ୍ୟାନ ଭାବେ
ଦେଶରେ ହୋଇଛି ଖ୍ୟାତ।

ବିଶ୍ୱ ପୋଲିସ କରାଟେ
ପ୍ରତିଯୋଗିତାରେ
ଚିନ୍ମୟୀ ଭୂୟାଁ ଜିତି
କାନାଡ଼ାର ଓ୍ୱିନିପେଗ୍‌ଠାରେ ୱାର୍ଲ୍ଡ
ଖେଳାଳିଙ୍କ ସଙ୍ଗେ ମାତି
ଟପର ଓଡ଼ିଆ ଜାତି
ରାଇଜର ଗର୍ବ ଗଉରବ ସିଏ
କୁଣ୍ଢେ ମୋଟ ଆମ ଛାତି।

ହକି ଖାଲି ଏକ ଖେଳ ନୁହେଁ ବରଂ
ଦେଶକୁ ଯୋଡ଼ିବା ଦଳ
କାହାଣୀ ବୋଲିକି କହନ୍ତି ଆମର
କୁଲ୍ ମୁଖ୍ୟମନ୍ତ୍ରୀ ଭୋଳ
ଓଡ଼ିଆ ଖେଳାଳି ଖେଳ
ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଝଲସେ
ସିଏମ୍ ଆମର ମୂଳ।

-ସୁବାସ ଚନ୍ଦ୍ର ପ୍ରଧାନ

ଯୁବ ଖେଳାଳିଙ୍କ ପାଇଁ ପରୀକ୍ଷା

ନିର୍ମଳ କୁମାର ମିଶ୍ର

ଭାରତୀୟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ସମାପ୍ତ ହୋଇଛି। ଏହି ଗସ୍ତରୁ ଭଲ ଶିକ୍ଷାଲାଭ କରିଛି ଟିମ୍ ଇଣ୍ଡିଆ। ଟି୨୦ ସିରିଜ ପରାଜୟ ପାଇଁ ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସୋସିଆଲ ମିଡିଆରେ ବେଶ୍ ଟ୍ରୋଲ ହେବାକୁ ପଡିଛି। କ୍ରମାଗତ ଭାବେ ୧୨ଥର ବିଭିନ୍ନ ଦେଶ ସହ ସିରିଜ ଜିତି ରେକର୍ଡ କରିଥିବା ଭାରତୀୟ ଦଳକୁ ୨-୩ରେ ସିରିଜ ହାରିବାକୁ ପଡିଛି। ଯାହାକି ମୁଖ୍ୟ କୋଚ ଏବଂ ଟି୨୦ କ୍ୟାପଟେନ ହାର୍ଦ୍ଦିକଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ଆସୁଥିବା ବେଳେ ଅକ୍ଟୋବର ୫ରୁ ଆଇସିସି ଏକଦିବସୀୟ ବିଶ୍ୱକପ ଭାରତରେ ଖେଳାଯିବାକୁ ରହିଛି। ଭାରତ ଯୁବ ଖେଳାଳିମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା ଫଳରେ ଦୀର୍ଘ ୭ ବର୍ଷ ପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜ ହାରି ସମାଲୋଚନାର ଶରବ୍ୟ ହୋଇଛି। ଯେଉଁ ଯୁବ ଖେଳାଳିମାନେ ଫ୍ରାଞ୍ଚାଇଜଭିତ୍ତିକ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିଥିଲେ ଏବଂ ଦଳରେ ସାମିଲ ହେବା ପାଇଁ ଦୃଢ଼ ଦାବିଦାର ରହିଥିଲେ ଗତ ୱେଷ୍ଟଇଣ୍ଡିଜ ସିରିଜରେ ସେମାନଙ୍କୁ ପରୀକ୍ଷା କରାଯାଇଥିଲା। କାରଣ ପୂର୍ବତନ ଭାରତୀୟ ଖେଳାଳିମାନେ ସେମାନଙ୍କୁ ଦଳରେ ସାମିଲ କରିବା ପାଇଁ ବାରମ୍ବାର ଦାବିକରି ଆସୁଥିଲେ। ସେମାନଙ୍କ ମଧ୍ୟରେ କପିଲ ଦେବ, ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ, ଦିଲୀପ ଭେଙ୍ଗସରକାର ଏପରିକି ସଚିନ ତେନ୍ଦୁଲକର ମଧ୍ୟ ସେପରି ଖେଳାଳିଙ୍କୁ ବିଭିନ୍ନ ଫର୍ମାଟରେ ସୁଯୋଗ ଦେବା ପାଇଁ କହିଥିଲେ। ଟିମ୍ ଇଣ୍ଡିଆର ଅନେକ ରେଗୁଲାର ଖେଳାଳି ଶ୍ରେୟସ ଆୟାର, ରିଷଭ ପନ୍ତ, ଲୋକେଶ ରାହୁଲ, ଉମେଶ ଯାଦବ, ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତିରେ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ, ରତୁରାଜ ଗାଏକ୍ୱାର୍ଡ, ଶୁଭମନ ଗିଲ, ସଞ୍ଜୁ ସାମସନ, ତିଳକ ବର୍ମା, ମୁକେଶ କୁମାର, ଅର୍ଶଦୀପ ସିଂ, ରବି ବିଷ୍ଣୋଇ, ଉମ୍ରାନ ମଲ୍ଲିକ, ଜୟଦେବ ଉନାଡକଟ୍‌ଙ୍କୁ ସୁଯୋଗ ଦିଆଯାଇଥିଲା। ୱେଷ୍ଟଇଣ୍ଡିଜ ମାଟିରେ ଖେଳାଯାଇଥିବା ୩ ଫର୍ମାଟକଥା ଦେଖିଲେ କିଛି ଯୁବଖେଳାଳି ସଫଳ ହୋଇଥିବା ନଜରକୁ ଆସେ। ସାମସନ, ଗାଏକ୍ୱାର୍ଡ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ ଟି୨୦ର ୨ଟି ମ୍ୟାଚରେ ସଫଳ ହୋଇଥିଲେ। ଶୁଭମନ ଗିଲ ଗୋଟିଏ ମ୍ୟାଚକୁ ଛାଡିଦେଲେ ଅତି ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରିଥିଲେ। ସ୍ପିନରମାନଙ୍କ ମଧ୍ୟରେ କୁଳଦୀପ ଯାଦବଙ୍କ ଚମତ୍କାର ସ୍ପିନ ବୋଲିଂ ଦେଖିବାକୁ ମିଳିଥିବା ବେଳେ ତିଳକ ବର୍ମା ତାଙ୍କର ଆଇପିଏଲ୍ ଫର୍ମ ଯୋଗୁ କେତେଗୁଡିଏ ଭଲ ଇନିଂସ ଖେଳି ନିଜ ଦକ୍ଷତାର ଉପଯୁକ୍ତ ପ୍ରମାଣ ଦେଇଥିଲେ। ଇଶାନ କିଶନ ଏକଦିବସୀୟ ମ୍ୟାଚରେ ଚମକ ଦେଖାଇଥିବାବେଳେ ମୁକେଶ କୁମାର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସବୁଠାରୁ ଚର୍ଚ୍ଚାରେ ରହିଥିଲା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱ। ନିଜେ ନୂଆ ବଲରେ ବୋଲିଂ କରିବା, ବୋଲର ରୋଟେଶନରେ ଅସଫଳ, ଯୁବ ବ୍ୟାଟରମାନଙ୍କୁ ଉପଯୁକ୍ତ ଡାଉନରେ ନ ଖେଳାଇବା, ନିଜର ଖରାପ ଫର୍ମ, ଟସ୍ ଜିତି ବ୍ୟାଟିଂ କିମ୍ବା ବୋଲିଂ ନେବାର ନିଷ୍ପତ୍ତିରେ ଅପରିପକ୍ୱତା ସହିତ ସିରିଜ ହାରିବା ପରେ "ବେଳେ ବେଳେ ହାରିବା ଆବଶ୍ୟକ ଏବଂ ସେଥିରୁ ଅନେକ ଶିକ୍ଷା ମିଳିଥାଏ" ବୋଲି କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଯେଉଁ ଦଳ ବିଶ୍ୱକପ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହିଁ, ଏପରିକି ସ୍କଟ୍‌ଲାଣ୍ଡ, ନେଦରଲାଣ୍ଡ୍ସ ଏବଂ ଜିମ୍ବାୱେଠାରୁ ହାରି ବାଦ୍‌ପଡିଥିବା ସେପରି ଦଳଠାରୁ ସିରିଜ ହାରିବା ନିଶ୍ଚିତ ପରିତାପର ବିଷୟ।

ଟିମ୍ ଇଣ୍ଡିଆର ଷ୍ଟ୍ରାଇକ୍ ପେସ୍ ବୋଲର ଯଶପ୍ରୀତ ବୁମରା ଆଘାତଜନିତ ସମସ୍ୟା ଯୋଗୁ ଗତବର୍ଷ ସେପ୍ଟେମ୍ବରରୁ କୌଣସି ଅନ୍ତର୍ଜାତୀୟ ସିରିଜରେ ଖେଳିପାରି ନାହାନ୍ତି। ତାଙ୍କୁ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜର ୩ ମ୍ୟାଚରେ ଟିମ୍ ଇଣ୍ଡିଆର ଏକ ଭିନ୍ନ ଦଳ ଦେଖିବାକୁ ମିଳିବ। ଦଳରୁ ସମସ୍ତ ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ନୂଆ ଅଧିନାୟକଙ୍କ ନେତୃତ୍ୱରେ ଭାରତୀୟ ଦଳ ପଡ଼ିଆକୁ ଓହ୍ଲାଇବ। ୩ ମ୍ୟାଚବିଶିଷ୍ଟ ଟି୨୦ ସିରିଜର ସମସ୍ତ ମ୍ୟାଚ ଡବଲିନ୍‌ଠାରେ ଖେଳାଯିବ। ଏହା ପରେ ଭାରତୀୟ ଦଳ ଏସିଆ କପ୍ ଖେଳିବ। ତେଣୁ ଭାରତର ଆୟର୍ଲାଣ୍ଡ ସିରିଜ ପରେ ଏସିଆ କପ୍ ପାଇଁ ଖେଳାଳି ମନୋନୟନ ହେବ। ବୁମରାଙ୍କ ସହିତ କୁଳଦୀପ ଯାଦବ ଏବଂ ତିଳକ ବର୍ମାଙ୍କ ପରି ଖେଳାଳି ଏସିଆ କପଦଳରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ଆୟର୍ଲାଣ୍ଡ ବିପକ୍ଷ ସିରିଜ ପାଇଁ ଦଳରେ ରତୁରାଜ ଗାଏକ୍ୱାର୍ଡ, ପ୍ରସିଦ୍ଧ କ୍ରିଷ୍ଣା, ଜିତେଶ ଶର୍ମା, ରିଙ୍କୁ ସିଂ, ଶିବମ ଦୁବେ, ୱାଶିଂଟନ ସୁନ୍ଦରଙ୍କ ପରି ଖେଳାଳି ସ୍ଥାନ ପାଇଛନ୍ତି। ବୁମରାଙ୍କ ଚେହେରାରେ ଏକ ଭିନ୍ନ ଖୁସି ଦେଖିବାକୁ ମିଳିଛି। କାରଣ ସେ ପ୍ରଥମ ଥର ପାଇଁ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ନେତୃତ୍ୱ ନେବାର ସୁଯୋଗ ପାଇଛନ୍ତି। ସଞ୍ଜୁ ସାମସନଙ୍କ ପାଇଁ ଏହି ସିରିଜ ଶେଷ ସୁଯୋଗ ହୋଇପାରେ। କାରଣ ୱେଷ୍ଟଇଣ୍ଡିଜ ଗସ୍ତରେ ସେ ଅତି ଖରାପ ପ୍ରଦର୍ଶନ କରିବା ସହିତ ସୁଯୋଗ ହାତଛଡା କରି ସାରିଛନ୍ତି। ୨୦୧୫ରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ସୁଯୋଗ ପାଇଥିବା ଏହି ଖେଳାଳି ଅଧିକାଂଶ ସମୟ ଦଳରୁ ବାହାରେ ରହିଛନ୍ତି ଏବଂ ଠିକଣା ସମୟରେ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଶାହାବାଦ ଅହମ୍ମଦ ଗତ ଆଇପିଏଲ୍‌ରେ ଭଲ ବୋଲିଂ କରିଥିଲେ। ଅର୍ଶଦୀପ ସିଂ, ମୁକେଶ କୁମାର, ଆଭେଶ ଖାଁ କିପରି ସୁଯୋଗର ସଦ୍‌ବ୍ୟବହାର କରିବେ ତାହା ଦେଖିବାର କଥା।

ରାହୁଲ ଦ୍ରାଭିଡ ଏବଂ ଅନ୍ୟ ସମସ୍ତ କୋଚିଂ ଷ୍ଟାଫ୍‌ଙ୍କୁ ଏହି ସିରିଜରୁ ବାଦ୍ ଦିଆଯାଇଛି। ମାତ୍ର ଦ୍ରାଭିଡ ଏସିଆ କପ୍ ପାଇଁ କୋଚ ଭାବେ ଟିମ୍ ଇଣ୍ଡିଆ ସହିତ ରହିବେ। ଆୟର୍ଲାଣ୍ଡ ଦଳ ମଧ୍ୟ ଟି୨୦ରେ ଏକ ଶକ୍ତିଶାଳୀ ଦଳ। ତେବେ ଏହା ବିପକ୍ଷରେ ଭାରତର ରେକର୍ଡ ବହୁତ ଭଲ। ଉଭୟ ଦଳ ମଧ୍ୟରେ ମୋଟ ୫ଟି ଟି୨୦ ମ୍ୟାଚ ହୋଇଥିବାବେଳେ ଭାରତ ସମସ୍ତ ୫ଟି ଯାକରେ ଜିତିଛି। ୨୦୨୨ରେ ଅନୁଷ୍ଠିତ ଏକ ମ୍ୟାଚ କିନ୍ତୁ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ଭାରତ ମାତ୍ର ୪ ରନରେ ବିଜୟୀ ହୋଇଥିଲା। ଦଳରେ ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା, ସୂର୍ଯ୍ୟକୁମାର ଯାଦବ ଏବଂ ଶୁଭମନ ଗିଲଙ୍କ ପରି ଖେଳାଳି ସ୍ଥାନ ପାଇ ନ ଥିବାବେଳେ ଯୁବଖେଳାଳିମାନେ ସୁଯୋଗର ସଦୁପଯୋଗ କରିବା ଆଶା ରହିଛି। ଏସିଆ କପ୍ ଏବଂ ବିଶ୍ୱକପ୍ ପାଇଁ ଭାରତୀୟ ଦିନିକିଆ ଦଳ ଗଠନଲାଗି ମନୋନୟନକାରୀଙ୍କ ପାଖରେ ପର୍ଯ୍ୟାପ୍ତ ବିକଳ୍ପ ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୮/୨୦୨୩ Bhubaneswar, Friday, August 18/ 2023

ଧୀନିଧି, ଇଶାନଙ୍କ ଜାତୀୟ ରେକର୍ଡ

ଜାତୀୟ ଜୁନିୟର ସନ୍ତରଣ ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସର ଏକ ଇଭେଣ୍ଟ ।

ଭୁବନେଶ୍ୱର,୧୭।୮ (ସରୋଜ କେନା)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ କର୍ନାଟକର ଧୀନିଧି ଦେଶିଙ୍ଘୁ ଓ ଇଶାନ ମେହେରା ୧୦୦ ମିଟର ଫ୍ରିଷ୍ଟାଇଲରେ ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। କର୍ନାଟକର ୧୩ ବର୍ଷୀୟର ଧୀନିଧି ଦେଶିଙ୍ଘୁ ବାଳିକା ୧୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ୫୭.୬୭ ସେକେଣ୍ଡର ଟାଇମିଂ ସହିତ ଅଲିମ୍ପିଆନ ମାନା ପଟେଲଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୧୪ ମସିହାରେ ମାନା ୫୯.୧୨ ସେକେଣ୍ଡର ସମୟ ନେଇଥିଲେ। ଅନ୍ୟ ସନ୍ତରଣକାରଙ୍କ ଅପେକ୍ଷା ୧୦ ମିଟର ଆଗରେ ରହିଥିଲେ ଧୀନିଧି। କର୍ନାଟକର ଶ୍ରୀଚରଣୀ ଟୁମୁ ୧:୦୨.୫୫ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

୧୦୦ ମିଟର ଫ୍ରି ଷ୍ଟାଇଲ ବାଳକ ବର୍ଗରେ ଏକ ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି କର୍ନାଟକର ଇଶାନ୍ ମେହେରା। ଗ୍ରୁପ୍-୨ରେ ରହିଥିବା ଇଶାନ୍ ୧:୦୦.୬୪ ସେକେଣ୍ଡର ସମୟ ନେଇ ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ୨୦୨୨ରେ ସୁହାସ ପ୍ରେଥମଙ୍କ ରେକର୍ଡକୁ ୧:୦୧.୨୯ ସେକେଣ୍ଡକୁ ପଛରେ ପକାଇଥିଲେ। କର୍ନାଟକର ବେଦାନ୍ତ ମାଧ୍ୱର ୧:୦୧.୯୮ ସେକେଣ୍ଡର ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।

ପ୍ରଥମ ଦିନରେ ଜାତୀୟ ରେକର୍ଡ ନିଜ ନାମରେ କରିଥିବା ଆସାମର ଜନଞ୍ଜୟ ଜ୍ୟୋତି ହଜାରିକା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ହଜାରିକା ୨୫.୧୨ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଅନ୍ୟପକ୍ଷରେ ୨୫.୯୪ ସେକେଣ୍ଡର ଟାଇମିଂ ସହ ମହାରାଷ୍ଟ୍ରର ସଲିଲ ପ୍ରଶାନ୍ତ ବାଘପତ ରୌପ୍ୟ ପଦକ ହାସଲ କରିଥିଲେ।

ବାଳକ ୧୫୦୦ ମିଟର ଫ୍ରି ଷ୍ଟାଇଲରେ ମହାରାଷ୍ଟ୍ରର ରୋନକ ନିତିନ ସାଓ୍ୱନ୍ତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଥମ ୯୦୦ ମିଟର ଯାଏ ଆନ୍ଧ୍ର ପ୍ରଦେଶର ଗୋଙ୍ଗେଟି ସମ୍ପତ କୁମାର ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ପରେ ତୃତୀୟ

ଜାତୀୟ ଜୁନିୟର ସନ୍ତରଣ

ସ୍ଥାନକୁ ଖସି ଆସିଥିଲେ। କର୍ନାଟକର ଏସ୍ ଦର୍ଶନ ରୌପ୍ୟ ପଦକ ହାସଲ କରିଥିଲେ। ଶେଷ ଲାପ୍‌ରେ ହିଁ ନିଜ ସ୍ପିଡ୍ ଜରିଆରେ ରୋନକ ସମସ୍ତଙ୍କୁ ପଛରେ ପକାଇଥିଲେ। ରୋନକ ୧୬:୨୭.୯୦ ସେକେଣ୍ଡର ସମୟ ନେଇଥିବା ବେଳେ ଦର୍ଶନ ୧୬:୨୮.୧୮ ଓ ସମ୍ପତ ୧୬:୩୧.୧୭ ସେକେଣ୍ଡର ସମୟ ନେଇଥିଲେ।

ବାଳକ ୪୦୦ ମିଟର ଫ୍ରିଷ୍ଟାଇଲରେ ରାଜସ୍ଥାନର ୟୁଗ ଚେଲାନି ୪:୩୬.୩୧ ସେକେଣ୍ଡର ସମୟ ନେଇ ପ୍ରଥମ ସ୍ଥାନରେ ଥିବା ବେଳେ ଆନ୍ଧ୍ର ପ୍ରଦେଶର ମୋଙ୍ଗାମ ଥିର୍ଥୁ ୪:୪୦.୬୫ ସେକେଣ୍ଡ ସହ ରୌପ୍ୟ ଓ ବେଙ୍ଗଲର ଶାଶ୍ୱତ ରୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

କିଟ୍‌ର ବିଜୟ ସହ ଅଭିଯାନ

ଭୁବନେଶ୍ୱର, ୧୭।୮ (ବିଜୟ ରଣା): ଭୁବନେଶ୍ୱର ଆଥଲେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ କିଟ୍ ଦଳ ୧-୦ ଗୋଲ୍‌ରେ ଝାରପଡ଼ା ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେ,ର ୩୦ତମ ମିନିଟ୍‌ରେ କୁନାଲ କୁମାର ସିଂ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ କିଟ୍‌ର ଥିଲା ଏହାଥିଲା ପ୍ରଥମ ମ୍ୟାଚ। ବିଜୟ ସହ କିଟ୍ ୨ ପଏଣ୍ଟ ଅର୍ଜନ କରିଛି। ଅନ୍ୟପକ୍ଷରେ ଝାରପଡ଼ା ଦଳ ୪ଟି ମ୍ୟାଚ ଖେଳି ସେଥିରୁ ମାତ୍ର ୧ ପଏଣ୍ଟ ଅର୍ଜନ କରି ପ୍ରତିଯୋଗିତାରୁ ବିଦାୟ ନେଇଛି। ଗୋଲ ସ୍କୋରର କୁନାଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ଭାରତୀୟ ତୀରନ୍ଦାଜଙ୍କୁ ୨ ବ୍ରୋଞ୍ଜ ପଦକ

ପ୍ୟାରିସ,୧୭।୮ (ପି.ଟି.)

ଭାରତୀୟ ରିକର୍ଭ ତୀରନ୍ଦାଜମାନେ ଏଠାରେ ଚାଲିଥିବା ବିଶ୍ୱକପ୍ ଷ୍ଟେଜ୍-୪ ପୁରୁଷ ଓ ମହିଳା ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଧୀରଜ ବୋମ୍ମାଦେଭରା, ଅତନୁ ଦାସ ଓ ତୁଷାର ସେଲ୍‌କେଙ୍କୁ ନେଇ ଭାରତୀୟ ପୁରୁଷ ରିକର୍ଭ ଦଳ ୬-୨ରେ ସ୍ପେନର ଆନ୍ଦ୍ରେସ ଟେମିନୋ, ୟୁନ୍ ସାଞ୍ଚେଜ ଓ ପାବ୍‌ଲୋ ଆଚାଙ୍କୁ ହରାଇ ଦେଇଛନ୍ତି। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଭାରତୀୟ ମହିଳା ଦଳ ୫-୪ରେ ମେକ୍ସିକୋ ଦଳକୁ ହରାଇ ଦେଇଥିଲା।

ନୀରଜଙ୍କ ଟୁଇଟ୍ ପରେ ଆଶା ବଢ଼ିଲା

ନୂଆଦିଲ୍ଲୀ,୧୭।୮ (ପି.ଟି.)

ଓଡ଼ିଆ ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କ ଭିଜା ବାତିଲ ପ୍ରସଙ୍ଗରେ ଟୁଇଟ୍ କରିଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା। ନୀରଜଙ୍କ ଟୁଇଟ ପରେ କିଶୋରଙ୍କୁ ଶୁକ୍ରବାର ସକାଳ ୯.୦୦ ସମୟରେ ଭିଜା ଆପଏଣ୍ଟମେଣ୍ଟ ପାଇଁ ସମୟ ପ୍ରଦାନ କରିଛି ହଙ୍ଗେରୀ ଦୂତାବାସ। ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଏହା ଟୁଇଟ୍ କରି ସୂଚନା ଦିଆଯାଇଛି। ବୁଧବାର ହଙ୍ଗେରୀ ଦୂତାବାସ ପକ୍ଷରୁ କିଶୋରଙ୍କ ଭିଜା ବାତିଲ କରି ଦିଆଯାଇଥିଲା। ବୁଦାପେଷ୍ଟରେ

କିଶୋର ଜେନାଙ୍କ ଭିଜା ବାତିଲ ପ୍ରସଙ୍ଗ

ଅଗଷ୍ଟ ୧୯ରୁ ୨୭ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ନିମନ୍ତେ କିଶୋର ଅଗଷ୍ଟ ୨୦ ତାରିଖରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଭିଜା ବାତିଲ ହେବା ପରେ ବର୍ତ୍ତମାନ ଏହାକୁ ନେଇ ଆଶଙ୍କା ଦେଖାଦେଇଛି। ଏହି ମାମଲାରେ ବୈଦେଶିକ ମନ୍ତ୍ରଣାଳୟ ହସ୍ତକ୍ଷେପ କରିବା ସହ ତୁରନ୍ତ ଏହାର ସମାଧାନ କରିବା ପାଇଁ ନୀରଜ ଅନୁରୋଧ କରିଛନ୍ତି। ସେ ବୈଦେଶିକ ମନ୍ତ୍ରଣାଳୟକୁ ଟ୍ୟାଗ୍ କରିବା ସହିତ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ତୁରନ୍ତ ଏହି ମାମଲାର କୌଣସି ସମାଧାନ ବାହାର କରିବା ପାଇଁ ନୀରଜ ଅନୁରୋଧ କରିଛନ୍ତି। ଏହା କିଶୋରଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, ତେଣୁ ଆମ ପକ୍ଷରୁ ଶ୍ରେଷ୍ଠ ପ୍ରୟାସ କରାଯିବା ଉଚିତ ବୋଲି ନୀରଜ କହିଥିଲେ।

ଜୁଲାଇ ୩୦ରେ ଶ୍ରୀଲଙ୍କାର ଜାତୀୟ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ କିଶୋର ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ